


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-26 ◆SUNDAY ◆20 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୬ ◆ରବିବାର ◆୨୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)



DADLS-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR - 15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଉଡ଼ି ଭୂୟାଁ ସମାଜର ବୈଠକ

ପାଲଲହଡ଼ା,୧୯ ।୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳ ନଗିରା ପଞ୍ଚାୟତରେ ଶୁକ୍ରବାର ପାଉଡ଼ି ଭୂୟାଁ ସମାଜର ବୈଠକ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବ୍ଲକର ବରଡିହ, ବନ୍ଧାଭୂଇଁ, ସିଗଡ଼, ପେଚାମୁଣ୍ଡି, ସଇଡ଼ା, ନମପଶି ଓ ଝାରବେଡ଼ା ଆଦି ୮ ପଞ୍ଚାୟତରେ ବାସ କରୁଥିବା ପାଉଡ଼ି ଭୂୟାଁ ଜନଜାତିଙ୍କ ପକ୍ଷରୁ ୪୨ ଗ୍ରାମର କମ୍ୟୁନିଟି ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ହୋ ସମାଜ ସଭାପତି ଲଛମନ ହେମ୍ରମ ଓ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଭୂୟାଁ ସମାଜର ବିକାଶ ଦିଗରେ ଆଲୋଚନା ହୋଇଥିଲା। ପାଉଡ଼ି ଭୂୟାଁ ଜନଜାତିର ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ଆଗାମୀ ଦିନରେ ପାଉଡ଼ି ଭୂୟାଁଙ୍କ ବିକାଶ ଦିଗରେ ଏହି କମିଟି ସରକାରଙ୍କ ସହ ଆଲୋଚନା କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ନିଷ୍ପତ୍ତି ହୋଇଛି।

## ଏବିଭିପି ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି




ପାଲଲହଡ଼ା,୧୯ ।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲ୍ଲା ପାଲଲହଡ଼ା ନଗର ଶାଖା ତରଫରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦଗତି ନିମନ୍ତେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା ସହ ସଂଯୋଜକ ଓ ନଗର ସମ୍ପାଦକ ସାଇ ବିଘ୍ନେଶ ସାହୁ, ନଗର ସହ ସମ୍ପାଦକ ପ୍ରିୟାଂଶୁ ପ୍ରିୟଦର୍ଶନ ସାହୁ, କ୍ୟାମ୍ପସ ୟୁନିଟ କାର୍ଯ୍ୟକର୍ତ୍ତା ରୁଦ୍ରପ୍ରକାଶ ମଝି, ତୁଳସୀ ପ୍ରଧାନ, ବିକାଶ ସାହୁ, ସୁନୀଲ ସେଠୀ, ସରସ୍ୱତୀ ସାହୁ, ଲକ୍ଷ୍ମୀପ୍ରିୟା ବିଶି, ପୂର୍ଣ୍ଣିମା ବେହେରା, ଆକାଶ ଦଣ୍ଡପାଟ, ଗୀତାଞ୍ଜଳି ନାଏକ, ସଂଗ୍ରାମ ସାହୁ, କବିତା ନାଏକ, ପ୍ରୀତିସ୍ମିତା ବେହେରା, ସନ୍ତୋଷିନୀ ବେହେରା, ସ୍ମୃତି ସିଂହ, ସୋନାଲି ସାହୁ, ଶ୍ରାବଣୀ ବେହେରା, ମୋନାଲିସା ସାହୁ, ଗୋପିନାଥ ବେହେରା, କରିସ୍ମା କୁମାରୀ ଧଳ, ପାୟଲ ମହାନ୍ତି, ପୂଜାଲକ୍ଷ୍ମୀ ପାଣି, ତପସ୍ୱିନୀ ସାହୁ, ରୂପାଲି ତ୍ରିପାଠୀ, ମୋନାଲିସା ସାହୁ, ପୂର୍ଣ୍ଣିମା ବେହେରା, ସ୍ମୃତି ସାହୁ, ହରପ୍ରିୟା ସାହୁ, ନିରୁପମା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦେଢ଼ ବର୍ଷରେ ହାତୀ ଆକ୍ରମଣରେ ୭ ମୃତ

ଅନୁଗୋଳ,୧୯ ।୭ (ସମିସ)

କେଉଁ ଦୁର୍ଗମ ଅଞ୍ଚଳ ଅବା ଜଙ୍ଗଲ ଅଧ୍ୟୁଷିତ ଗାଁ ନୁହେଁ, ଅନୁଗୋଳ ଜିଲ୍ଲା ସଦର ମହକୁମଠାରୁ ୮/୧୦ କିମି ଦୂର ବଁଅରପାଳ ବ୍ଲକ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ପାଚେରି ପାଶ୍ୱର୍ ତୁଳସୀପାଳ ଓ ସନ୍ତ୍ରୀ ପଞ୍ଚାୟତରେ ଗତ ଦେଢ଼ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ତାଳଚେର ବନାଞ୍ଚଳ ଗଣ୍ଡିଗାଡ଼ିଆ ବିଟ୍ ହାଉସ ଅଧୀନରେ ଥିବା ଉକ୍ତ ଦୁଇ ପଞ୍ଚାୟତରେ ଦୀର୍ଘ ୫/୭ ବର୍ଷ ହେଲା ହାତୀ ଆତଙ୍କ ଲାଗିରହିଛି। ଫସଲହାନି ସହ ଜୀବନ ନଷ୍ଟ କରୁଛନ୍ତି ହାତୀପଲ। ହାତୀ ବିଚାରଣ କରିବା ଭଳି ଆଖ ପାଖରେ ଘଞ୍ଚ ଜଙ୍ଗଲ ନ ଥିବାରୁ ଫସଲ ଅମଳ ସମୟ ବେଳକୁ କାହିଁ କେଉଁଆଡୁ ହାତୀପଲ ଉକ୍ତ ଅଞ୍ଚଳରେ ପହଞ୍ଚି ଯାଉଛନ୍ତି। ବ୍ୟାପକ ଫସଲ ନଷ୍ଟ କରିବା ସହ ଜନବସତି ଆଡ଼କୁ ପଶି



ଆସୁଛନ୍ତି। ଏ ଅଞ୍ଚଳର ଲୋକମାନେ ଟାଟା ଷ୍ଟିଲ, ନାଲକୋ, ଜିନ୍ଦଲ ଏବଂ ଅନୁଗୋଳ ସହରକୁ ନିଜ କାମଧନ୍ଦାରେ ଦିନ ଅବା ରାତିରେ ଯା'ଆସ କରିବା ବେଳେ ହାତୀ ସମ୍ମୁଖରେ ପଡ଼ିଥାନ୍ତି। ଇତିମଧ୍ୟରେ ଗତ ଦେଢ଼ ବର୍ଷ ମଧ୍ୟରେ ତୁଳସୀପାଳ ଗ୍ରାମର ପବିତ୍ର ସାହୁଙ୍କ ଘର ପାଖରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି ମାରିଦେଇଥିଲା। ତାଙ୍କ ଶୁଦ୍ଧିକ୍ରିୟା ଦିନ ସେହି ଦନ୍ତା ଗ୍ରାମର ପିରୁ ଗୋଛାୟତଙ୍କୁ ଦଳିଚକଟି ମାରିଥିଲା।

### ଆତଙ୍କିତ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ

ଏହି ଘଟଣାର ବର୍ଷେ ବେଳକୁ ଚଳିତ ମାସରେ ବ୍ରଜବନ୍ଧୁ ସାହୁଙ୍କୁ ଗାଁ ମୁଣ୍ଡରେ ହାତୀ କଚାଡ଼ି ମାରିଥିଲା। ବ୍ରଜବନ୍ଧୁ ଗାଁ ତାସିରି ମଠ ମନ୍ଦିରରେ ସନ୍ଧ୍ୟାଦୀପ ଦେଇ ଘରକୁ ଫେରିଲା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ସେହିପରି ସନ୍ତ୍ରୀ ଗାଁର ଧନେଶ୍ୱର ଭୁକ୍ତା, ପ୍ରଫୁଲ ସାହୁ, ଅଜୟ ସାମଲ, ପ୍ରଫୁଲ୍ଲ ଭୋଇ ପ୍ରମୁଖଙ୍କ ଜୀବନ ହାତୀ ଆକ୍ରମଣରେ ଯାଇଛି। ଗ୍ରାମର ମୁନା ଡାକୁଆ, ନଗେନ୍ଦ୍ର ବେହେରା, ଜଗନ୍ନାଥ ଭୋଇ ଓ ତାଙ୍କ ସ୍ତ୍ରୀ ହାତୀ ଆକ୍ରମଣରେ ପଙ୍ଗୁ ହୋଇ ଜୀବନ ଅତିବାହିତ କରୁଛନ୍ତି। ହାତୀ ଆକ୍ରମଣରେ ପ୍ରତ୍ୟେକ ଘଟଣାରେ ବନ ବିଭାଗ ଚତୁରତାର ସହ ଲୋକଙ୍କୁ ଆଶ୍ୱାସନା ଦେଇ ଖସିଯାଉଛି। ହାତୀ ଉପଦ୍ରବ ଅବା ଆକ୍ରମଣରୁ ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ବନ ବିଭାଗ ବିଫଳ ହୋଇଛି। କ୍ରମାଗତ ଭାବେ ହାତୀ ପାଇଁ ଏ ଅଞ୍ଚଳର ଧନଜୀବନ ନଷ୍ଟ ହେଉଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହାର ସ୍ଥାୟୀ ପ୍ରକାର ପାଇଁ ବନ ବିଭାଗ ଏବଂ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହାତୀ ଉପଦ୍ରବରୁ ଗ୍ରାମବାସୀଙ୍କ ସୁରକ୍ଷା ଦିଗରେ ସ୍ଥାନୀୟ ପ୍ରଶାସନ, ବନବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ କ୍ଷତିଗ୍ରସ୍ତ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବନବିଭାଗ ଦ୍ୱାରା ବିଦ୍ୟୁତ ଚାଳିତ ସିଲେଇ ପ୍ରଶିକ୍ଷଣ ଶିବିର




କିଶୋରନଗର,୧୯ ।୭ (ସମିସ): ଆଠମଲ୍ଲିକ ବନଖଣ୍ଡ ବାମୁର ବନାଞ୍ଚଳ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ମାଧ୍ୟମରେ ଓ ଖଦି ଗ୍ରାମୋଦ୍ୟୋଗ ଆୟୋଗ ଭୁବନେଶ୍ୱର ସହାୟତାରେ ଆୟୋଜିତ ୧୫ ଦିନିଆ ବିଦ୍ୟୁତ ଚାଳିତ ସିଲେଇ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଯାପିତ ହୋଇଛି। ଏଥିରେ ବାମୁର ବନାଞ୍ଚଳର ସହଯୋଗୀ ସଂସ୍ଥା ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର, ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ, ଆଠମଲ୍ଲିକ ବନଖଣ୍ଡର ବୈଷୟିକ ବିଶେଷଜ୍ଞ ଗିରିଜାଶଙ୍କର ଦାଶ, ସଂଯୋଜକ ତାପସ ରଞ୍ଜନ କର, ଉନ୍ନୟନ ଅଧିକାରୀ ବୀନିତା ତିର୍କୀ, ଦଳପତି ସୁମିତ ବଳିଆରସିଂ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୭ଟି ବନସୁରକ୍ଷା ସମିତିରୁ ୨୦ ମହିଳା ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ର ଏହା ଏକ ଅଭିନବ ପ୍ରୟାସ ବୋଲି ବାମୁର ବନାଞ୍ଚଳ ଅଧିକାରୀ ସାମଲ ପ୍ରକାଶ କରିଥିଲେ।

## 'ଚିକିତ୍ସା ଦ୍ୱାରା ସାପକାମୁଡ଼ା ମୃତ୍ୟୁକୁ ରୋକାଯାଇ ପାରିବ'




କଣିହାଁ,୧୯ ।୭ (ସମିସ): ବିଶ୍ୱ ସର୍ପ ଦିବସ ଅବସରରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଇକୋ କ୍ଲବ ଦ୍ୱାରା ସାପକାମୁଡ଼ା ମୃତ୍ୟୁ ରୋକିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସର୍ପମିତ୍ର ଆଦିତ୍ୟ ବେହେରା, ସହଯୋଗୀ ପିଣ୍ଟୁ ବେହେରା (ସାପ ଉଦ୍ଧାରକାରୀ), କଣିହାଁର ସୌରଭ ପ୍ରଧାନ, ରାଜେଶ ରଞ୍ଜନ ସାହୁ, ବିଜୁ ଭୋଇ ପ୍ରମୁଖ ଯୋଗଦେଇଥିଲେ। ସର୍ପ ଦଂଶନ ସମ୍ପର୍କରେ ପୂର୍ବରୁ ପ୍ରଚଳିତ ଅନ୍ଧବିଶ୍ୱାସ ଓ ଲୋକକଥାରେ ବିଶ୍ୱାସ ନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କୌଣସି ବ୍ୟକ୍ତିଙ୍କୁ ସାପ କାମୁଡ଼ିଲେ କ'ଣ କରିବା ଓ କ'ଣ ନ କରିବା ସେ ବିଷୟରେ ଆଲୋଚନା କରିଥିଲେ। ଗୁଣିଗାରେଡ଼ିକୁ ବିଶ୍ୱାସ ନ କରି ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ସିଧାସଳଖ ଡାକ୍ତରଖାନା ନେଇ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଜ୍ଞାନକୁ ବିଶ୍ୱାସ କଲେ ସାପକାମୁଡ଼ା ଜନିତ ମୃତ୍ୟୁ ହ୍ରାସ ପାଇବ ବୋଲି ସଚେତନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଗ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ଗଣମାଧ୍ୟମ 'ଏକ୍ସ'କୁ ଗୁରୁତ୍ୱ ଦିଅନ୍ତୁ ସରକାର




କିଶୋରନଗର,୧୯ ।୭ (ସମିସ): ସମଗ୍ର ଦେଶରେ ଡିଜିଟାଲ ଇଣ୍ଡିଆକୁ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। କିନ୍ତୁ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଅନେକ ସରକାରୀ କାର୍ଯ୍ୟକ୍ରମ ସଫଳ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ସରକାର ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଯୋଡ଼ିହେବା ସହ ନାନା ସମସ୍ୟାର ସମାଧାନ ହୋଇପାରିବ। ସାମାଜିକ ଗଣମାଧ୍ୟମ ମଧ୍ୟରେ "ଏକ୍ସ" ପ୍ରମୁଖ ମାଧ୍ୟମ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ୟକ୍ତିବିଶେଷ, ସାମ୍ବାଦିକ ଏବଂ ଜନସାଧାରଣ ଏହାକୁ ବ୍ୟବହାର କରିଥାନ୍ତି। ଯେକୌଣସି ପଦସ୍ଥ ଅଧିକାରୀ, ବ୍ୟକ୍ତିବିଶେଷ କିଛି ପୋଷ୍ଟ କଲେ ତାହା ଗଣମାଧ୍ୟମର ମୁଖ୍ୟ ଖବର ଭାବେ ସ୍ଥାନ ପାଇଥାଏ। ନିକଟ ଅତୀତରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମଧ୍ୟ ଜୁଲାଇ ୧ରେ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାର, ଉଚ୍ଚଶିକ୍ଷା ବିଭାଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ ଆଦି ସମସ୍ତଙ୍କୁ ଟ୍ୱିଟ୍ କରି ତାଙ୍କ ଅଭିଯୋଗ ଜଣାଇଥିଲେ। ତାଙ୍କ ଟ୍ୱିଟକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଅବହେଳାର ଶିକାର ହୋଇ ସେ ଆତ୍ମାହୁତି ଦେଇଛନ୍ତି। 'ଏକ୍ସ'ରେ ସେ କରିଥିବା ଅଭିଯୋଗ ସମାଧାନ ହୋଇଥିଲେ ଆଜି ସାରା ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ତେଣୁ 'ଏକ୍ସ'ରେ ହେଉଥିବା ଅଭିଯୋଗକୁ ଅଗ୍ରାଧିକାର ଦେବାକୁ ଦାବିକରି ରାଜ୍ୟସ୍ତରୀୟ ସଂଗଠନ "ଆସୋସିଏସନ ଅଫ ଟ୍ୱିଟର ଆକ୍ଟିଭିଷ୍ଟସ' (ଆଟା)ର ଆଠମଲ୍ଲିକ ବ୍ଲକ୍ ଶାଖା ପକ୍ଷରୁ ଜିଲ୍ଲା ସଂଯୋଜକ ଚିନ୍ମୟ କର୍ଣ୍ଣ ଓ ଆଠମଲ୍ଲିକ ବ୍ଲକ୍ ସଂଯୋଜକ ଇଂ ଆଲୋକ ବେହେରାମାଳୀଙ୍କ ତତ୍ତ୍ୱାବଧାନରେ ଆଠମଲ୍ଲିକ ଟୁଇଟର ବୟ ରାଜନ୍ ସାହୁ, ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶନିବାର ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଟୁଇଟର ଆକ୍ଟିଭିଷ୍ଟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲୋକଙ୍କ ଗୁହାରି ଶୁଣନ୍ତୁ ବିଭାଗୀୟ ଅଧିକାରୀ ଏବଂ ଏହାକୁ ନେଇ ମାସକୁ ଥରେ ସମୀକ୍ଷା ବୈଠକ ବସୁ। ଟୁଇଟର ତଥା 'ଏକ୍ସ'କୁ ସରକାରୀ ବିଭାଗ ଗୁରୁତ୍ୱ ଦିଅନ୍ତୁ। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନିଶ୍ଚିନ୍ତ କରନ୍ତୁ ଏବଂ ଯେକୌଣସି ସମସ୍ୟା ସମାଧାନର ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ନୂତନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ୱାଗତ

କିଶୋରନଗର,୧୯ ।୭ (ସମିସ): କିଶୋରନଗର ବ୍ଲକରେ ଯୋଗଦେଇଥିବା ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିମୟୀ ପ୍ରଧାନଙ୍କୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ତପନ ପ୍ରଧାନ, ଧଉରାପାଲ୍ଲୀ ସରପଞ୍ଚ ସଞ୍ଜିତ କୁମାର ସାହୁ, ବ୍ଲକ ଜେଡିୟୁର କାର୍ଯ୍ୟକର୍ତ୍ତା ଲିଟୁ ପ୍ରଧାନ, ଜଗବନ୍ଧୁ ପ୍ରଧାନ, କୁନା ପ୍ରଧାନ, ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ସହକାରୀ ଯନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।



# ତାଳଚେର ବସ୍‌ଷ୍ଟାଣ୍ଡ ସାଜିଛି ଟ୍ରକ୍ ଟର୍ମିନାଲ

ତାଳଚେରସଦର,୧୯ ।୭ (ସମିସ): ତାଳଚେରର ସମସ୍ତ କୋଇଲା ଖଣିଗୁଡ଼ିକରୁ ଟ୍ରକ ଯୋଗେ ବିଭିନ୍ନ ରାଜ୍ୟ ତଥା ବିଭିନ୍ନ ଅଞ୍ଚଳକୁ କୋଇଲା ପରିବହନ କରାଯାଇଥାଏ। ଦୀର୍ଘବର୍ଷରୁ ତାଳଚେରରେ ଏକ ଟ୍ରକ ଟର୍ମିନାଲ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରଣା କରାଯାଉଥିବା ଅଞ୍ଚଳବାସୀ କ୍ଷୋଭର ସହ



ପ୍ରକାଶ କରିଛନ୍ତି। ପ୍ରଚୁର ଧୂଳିଧୂଆଁ ସହ ମାଳମାଳ ଟ୍ରକ ଜାତୀୟ ରାଜପଥକୁ ଜାମ୍ କରିବା ଏପରିକି ଲୋକଙ୍କ ପାଇଁ ନିର୍ମିତ ବସଷ୍ଟାଣ୍ଡ ଏବଂ ତା'ର ପାର୍ଶ୍ୱବର୍ତ୍ତୀ ରାସ୍ତାରେ ଟ୍ରକଗୁଡ଼ିକ ଦୀର୍ଘ ସମୟ ଠିଆକରି ରଖୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତାଳଚେର କଲେଜ ଓ ବିଭିନ୍ନ ସ୍କୁଲକୁ ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ଯାତାୟାତ କରନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ସ୍ଥାନୀୟ ପ୍ରଶାସନ କିମ୍ବା ଏମସିଏଲ ପକ୍ଷରୁ ଟ୍ରକ ଟର୍ମିନାଲ ନିର୍ମାଣ କରାଯାଉ ନ ଥିବାରୁ ଓ କିଛି ମୁଷ୍ଟିମେୟ ବ୍ୟକ୍ତି ଜୋରଜବରଦସ୍ତ କାହାକୁ ଖାତିର ନ କରି ବସଷ୍ଟାଣ୍ଡ ନିଟରେ ଟ୍ରକଗୁଡ଼ିକ ପାର୍କିଂ କରୁଥିବାରୁ ଜନସାଧାରଣ ସମେତ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବସଷ୍ଟାଣ୍ଡରୁ ପୌରପରିଷଦକୁ ଟିକସ ଯାଉଥିବା ବେଳେ ବସଷ୍ଟାଣ୍ଡ ସମ୍ମୁଖରେ ଯେଉଁ ଟ୍ରକଗୁଡ଼ିକ ଅହରହ ଠିଆ ହୋଇ ରହୁଛନ୍ତି ତାହାର ଟିକସ ଅର୍ଥ କାହା ପକେଟକୁ ଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତାଳଚେର ନଗରପାଳ ପବିତ୍ର ଭୂତିଆଙ୍କୁ ପଚାରିବାରୁ ସେଠାରେ ପାର୍କିଂ କରୁଥିବା ଟ୍ରକଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ରାଜ୍ୟ ବାହାରକୁ ଚାଲାଣ

ବଇଣ୍ଡା,୧୯ ।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମର ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଇଥିବା ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସଂଯୋଜିକା ପୂଜା ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳିକାଙ୍କ ବିବାହ କରାଇବା ପାଇଁ ଯୋଜନା କରି ତାଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଇଛି। ଝିଅକୁ ବୁଲାଇବା ପାଇଁ କହି ନିଆଯାଇଥିବା ବେଳେ ସେଠାରେ ତାଙ୍କ ବିବାହ କରିବା ପାଇଁ ଯୋଜନା କରାଯାଉଥିବା ପୂଜା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

- ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣା

## ଅପରାଧୀଙ୍କୁ ତୁରନ୍ତ ଗିରଫ ଦାବି

ଅନୁଗୋଳ,୧୯ ।୭ (ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ବାଇଆବର ଅଞ୍ଚଳର ଜଣେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନଦୀପଠାକୁ ଟେକିନେଇ ପୋଡ଼ି ମାରିଦେବାକୁ ଉଦ୍ୟମ ଘଟଣା ଅତ୍ୟନ୍ତ ବେଦନାଦାୟକ ଓ ଚିନ୍ତାଜନକ। ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦାୟକ ମୃତ୍ୟୁ ଘଟଣାର ଦିନ କେଇଟା ନ ପୂରୁଣୁ ବିଭିନ୍ନ ସ୍ଥାନରେ ଛାତ୍ରୀମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଅମଳରେ ଏହି ଘଟଣା ପ୍ରତିଦିନ ବଢ଼ି ଚାଲିବା ଅତ୍ୟନ୍ତ ଉଦବେଗଜନକ। ଛାତ୍ରୀମାନଙ୍କ ନିରାପତ୍ତା ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତୁରନ୍ତ ବାଇଆବର ଅଞ୍ଚଳର ଛାତ୍ରୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅପରାଧୀମାନଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ରାଜ୍ୟରେ ଘଟି ଚାଲିଥିବା ଏଭଳି ସମସ୍ତ ଘଟଣାରେ ତ୍ୱରିତ ବିଚାର କରି କଠୋର ଦଣ୍ଡ ଦେବା, ଛାତ୍ରୀ ଓ ମହିଳାମାନଙ୍କର ସର୍ବତ୍ର ନିରାପତ୍ତା ପାଇଁ ଏଆଇଡିଏସଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଓ ସମ୍ପାଦକ ନାରାୟଣ ନାୟକ ଦାବି କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଅନୁଗୋଳ ବ୍ଲକ,୧୯ ।୭ (ସମିସ)

ବର୍ତ୍ତମାନର ଅନୁଗୋଳ ଜିଲ୍ଲା ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବେଶ୍ ଜଣାଶୁଣା ଅଞ୍ଚଳ। ଇଂରେଜ ଶାସନ କାଳ ପୂର୍ବରୁ ଅନୁଗୋଳ ଏକ ରାଜ୍ୟ ଥିଲା ଓ ପୁରୁଣଗଡ଼ ଏହାର ରାଜଧାନୀ। ତେବେ ଦେଶ ସ୍ୱାଧୀନ ହେବା ସମୟରେ ପୁରୁଣାଗଡ଼ରେ ହୋଇଥିଲା ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ମାଟିକାନ୍ଥ ଘରେ ଆରମ୍ଭ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ଅତ୍ୟାଧୁନିକ କଂକ୍ରିଟ କୋଠା ଘରେ ପରିଚାଳିତ ହେଉଛି। ପ୍ରାୟ ୭୦/୭୫ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ ପଞ୍ଚାୟତର ଲୋକ ନିର୍ଭର କରୁଥିଲେ। ଭଲ ଡାକ୍ତର




ଏଠାରେ ନିଯୁକ୍ତ ହୋଇଥିଲେ। ତେବେ ସମୟ ସ୍ରୋତରେ ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ବି ବଦଳିଛି। ଏବେ ବି ପ୍ରାୟ ୫/୭ଟି ପଞ୍ଚାୟତର ୪୦ରୁ ୫୦ ହଜାର ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ହେଲେ ପରିତାପର ବିଷୟ ଯେ ଏଠାରେ ଡାକ୍ତର ନାହାନ୍ତି। ପ୍ରାୟ ଏକ ଦଶନ୍ଧି ହେଲା ଠିକ୍‌ରେ ଡାକ୍ତର ଉପଲବ୍ଧ ହେଉନାହାନ୍ତି। ପୂର୍ବରୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ସରକାରୀ ବାସଭବନ ଉପଲବ୍ଧ ଥିବା ବେଳେ ସେ ସୁବିଧା ଆଜି ଆଉ ନାହିଁ ଏଠାରେ। କେବଳ ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ କିଛି ତଳିଆ କର୍ମଚାରୀଙ୍କୁ ନେଇ ଭଗବାନଙ୍କ ଭରସାରେ ଚାଲିଛି ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର। ଗୁରୁବାର ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ସାପ କାମୁଡ଼ିବାରୁ ସେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। କିନ୍ତୁ ଡାକ୍ତର ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା ଓ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ଥିବା ସତ୍ତ୍ୱେ ଡାକ୍ତର ଅଭାବରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

ପୁରୁଣାଗଡ଼ର ବହୁ ପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସରକାରଙ୍କ ଅବହେଳା ପାଇଁ ଜିଲ୍ଲା ସଦର ମହକୁମାଠାରୁ ଅତି ନିକଟରେ ଥାଇ ମଧ୍ୟ ଲୋକେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ। ରାଜ୍ୟ ସରକାର ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ



ବଇଣ୍ଡା,୧୯ ।୭ (ସମିସ): ଆଠମଲ୍ଲିକ ବ୍ଲକ କୁତୁଲିସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଭାକର ପ୍ରଧାନ ଯୋଗଦେଇ ଚାରାରୋପଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ନିଜ ବଗିଚାରେ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଅଖିଳ ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଛବିନାରାୟଣ ସିଠ, ଜ୍ଞାନରଞ୍ଜନ ଜେନା, ସୁରେଖା ମେହେର, ଅଞ୍ଜନା ବେହେରା ଯୋଗଦେଇଥିଲେ।

### ହିନ୍ଦୋଳ ଉପଖଣ୍ଡରେ ନକଲି ମଦ କାରବାର

# ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦେଶୀ ମଦ ଜବତ




**ମାଫିଆ ଫେରାର, ୨ କର୍ମଚାରୀଙ୍କୁ ଧରିଛି ଅବକାରୀ ବିଭାଗ**

ହିନ୍ଦୋଳ,୧୯ ।୭ (ସମିସ):

ହିନ୍ଦୋଳ ଉପଖଣ୍ଡ ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହାକୁ ଅବକାରୀ ବିଭାଗ ବିଭିନ୍ନ ଆଳ ଦେଖାଇ ମଦପିଇ ମୃତ୍ୟୁ ହୋଇ ନ ଥିବା ଦର୍ଶାଯାଇଥିଲା। ଏହାର କିଛିଦିନ ପରେ ସ୍ଥାନୀୟ ଏକ ଫାର୍ମ ହାଉସରେ ନକଲି ମଦ କାରଖାନା ଠାବ ହେବା ଓ ସେଠାରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହିନ୍ଦୋଳ ବ୍ଲକ୍ କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର ଗ୍ରାମ ପାଖ ଜଙ୍ଗଲରେ କିଛିଦିନ ହେବ ଏକ ଫାର୍ମହାଉସ ଗଢ଼ି ଉଠିଛି। ଲୋକେ ଜାଣିବା ପାଇଁ ତାହା ଫାର୍ମହାଉସ ହୋଇଥିବା ବେଳେ ଭିତରେ ଚାଲିଥିଲା ମଦ କାରଖାନା। ତେବେ ଏ ସମ୍ପର୍କରେ ହିନ୍ଦୋଳ ଅବକାରୀ ବିଭାଗ ଟିକେ ବି ସୁରାକ ପାଇ ନ ଥିବା ବେଳେ ଶୁକ୍ରବାର ରାତି ୧୨ଟାରେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଖବର ପାଇ ସିଧା ସେହି ଫାର୍ମହାଉସରେ ଚଢ଼ଉ କରିଥିଲା। ଫାର୍ମ ହାଉସରୁ ୫୫୦ ପେଟି ବିଦେଶୀ ମଦ ଜବତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଏହି ମଦର ମୂଲ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କଟକ ଅବକାରୀ ବିଭାଗ ପ୍ରଥମେ ଆଠଗଡ଼ ଅଞ୍ଚଳରୁ ବିପୁଳ ମଦ ଧରିବା ପରେ ସେମାନେ ହିନ୍ଦୋଳରେ ଆହୁରି ଗଚ୍ଛିତ ରଖିଥିବା ଅଧିକାରୀଙ୍କୁ କହିଥିଲେ।

ପ୍ରକାଶ ଥାଉ କି ଦୁଇ ବର୍ଷ ପୂର୍ବେ ଗୋଟିଏ ଟ୍ରକରେ ଚୋରା ନକଲି ବିଦେଶୀ ମଦ ଚାଲାଣ ହେଉଥିବା ବେଳେ ଏହି କଣ୍ଟାମିଲା ରାସ୍ତାରେ ଧରାପଡ଼ିଥିଲା। ୨ ମାସ ହେବ ଏହି ମାଫିଆମାନେ ପୁଣି ସକ୍ରିୟ ହୋଇପଡ଼ିଛନ୍ତି। ଗ୍ରାମର ନିରୀହ ଲୋକଙ୍କୁ ଅଧିକ ଅର୍ଥ ଦେଇ ଏହି ଫାର୍ମହାଉସରେ ନିଯୁକ୍ତି ଦିଆଯାଉଛି। ଶୁକ୍ରବାର ରାତିରେ ଚଢ଼ଉ ବେଳେ ଅବକାରୀ ବିଭାଗ ସମ୍ପୃକ୍ତ ଫାର୍ମହାଉସରୁ ୨ କର୍ମଚାରୀଙ୍କୁ ଗିରଫ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ମୁଖ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଗତକାଲି ଚଢ଼ଉ ପରେ ଶନିବାର ଦିନତମାମ ହିନ୍ଦୋଳ ଅବକାରୀ ବିଭାଗ ବିଭିନ୍ନ ଛୋଟ ବଡ଼ ଦୋକାନରେ ଚଢ଼ଉ କରିଛି। ମୁଖ୍ୟ ଘଟଣାରେ ହିନ୍ଦୋଳ ଅବକାରୀ କିଛି ବି ସୁରାକ ପାଇପାରି ନ ଥିବା ବେଳେ ଶନିବାର କେବଳ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପ୍ରଳାପ କରୁଥିବା ଲୋକେ କହୁଛନ୍ତି। ଏ ବିଷୟରେ ହିନ୍ଦୋଳ ଅବକାରୀ ବିଭାଗ ଅଧିକାରୀଙ୍କୁ ପଚାରିବାରୁ କହିଲେ, ଚଢ଼ଉ ସମ୍ପର୍କରେ ଆମେ ଶୁଣିଛୁ। କିନ୍ତୁ କିଏ ଆଉ କେଉଁଠି ଚଢ଼ଉ କଲା ସେ ସମ୍ପର୍କରେ ଆମ ପାଖରେ ଖବର ନାହିଁ। ତଥାପି ଘଟଣା ଉପରେ ନଜର ରଖାଯାଇଥିବା ଅଧିକାରୀ ପ୍ରକାଶ କରିଛନ୍ତି।

# ରାସ୍ତାର ଉନ୍ନତୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ



ପରଜଙ୍ଗ,୧୯ ।୭ (ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସିଆରିମାଳିଆ ଛକରୁ ଜୟପୁରାକାଟେଣି ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ଉନ୍ନତୀକରଣ ଲାଗି ଶନିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ସ୍ଥାନୀୟ ସରପଞ୍ଚ ମିତାରାଣୀ ସାହୁ, ସମିତି ସଭ୍ୟା ପିପିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ଓ ସଠିକ ଭାବେ କାର୍ଯ୍ୟ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଜେପି କର୍ମୀ ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ କରିଥିଲେ।

# ବିନା ସୂଚନା ଫଳକରେ କାର୍ଯ୍ୟ




କଙ୍କଡ଼ାହାଡ଼,୧୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନା ସୂଚନା ଫଳକରେ ଟାଇଲ, ପ୍ଲାଷ୍ଟର, ୱାଲ, କଲର, ବୈଦ୍ୟୁତିକ, ବେସିନ କାମ ସହ ଫ୍ରିଜର ଓ ୨ଟି ଏସି ଲାଗିଥିବା ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାରଙ୍କ ଟଙ୍କା ବିଭାଗୀୟ ଅଧିକାରୀଙ୍କ ଅଫିସରେ ଖର୍ଚ୍ଚ ହୋଇଛି ତେବେ କେତେ ଟଙ୍କା ମଞ୍ଜୁର ହୋଇ ଏ ସବୁ କାମ ହୋଇଛି ତାହାର ସୂଚନା ଫଳକ କାହିଁକି ଲଗାଯାଇ ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଯଦି ସରକାରଙ୍କ ଟଙ୍କା ନୁହେଁ ତେବେ ଏତେ ଟଙ୍କା ଆସିଲା କେଉଁଠୁ ଓ କାମ ହେଲା କେମିତି ସେ ନେଇ ମଧ୍ୟ ଲୋକଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଆରସିସି ବିଶ୍ୱେଶ୍ୱର ମିଶ୍ର କହିଛନ୍ତି ଯେ ସମ୍ପୂର୍ଣ୍ଣ ଟଙ୍କା ମୁଁ ବହନ କରିଛି। ଯଦି ବିଆରସିସି ମିଶ୍ର ସମ୍ପୂର୍ଣ୍ଣ ଟଙ୍କା ବହନ କରିଛନ୍ତି ତେବେ ଏତେଗୁଡ଼ିଏ ଟଙ୍କା କେଉଁ ଉଦ୍ଦେଶ୍ୟରେ ପ୍ରଦାନ କଲେ ସେ ବାବଦରେ କିଛି ଲିଖିତ ଆକାରରେ ଅଛି କି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ। କାର୍ଯ୍ୟାଳୟରେ ଆନୁମାନିକ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବିଦ୍ୟାଳୟ ପରିଚାଳନା କମିଟି ପୁନର୍ଗଠନ ଦାବି



ଢେଙ୍କାନାଳ,୧୯ ।୭ (ସମିସ): ଓଡ଼ାପଡ଼ା ବ୍ଲକ ଶିବପୁର ଗ୍ରାମର ମା' ଲଙ୍ଗବାଉତି ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ପୁନର୍ଗଠନ ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି। ଏହି ବିଦ୍ୟାଳୟ ୧୯ ୯୭ରେ ଗ୍ରାମବାସୀଙ୍କ ସହଯୋଗରେ ନିର୍ମାଣ ହୋଇଥିଲା। ଜାଗା ନ ଥିବାରୁ ସରକାରଙ୍କ ପାଖରୁ ଜିଆଇ ପାଇପାରି ନ ଥିଲା। ୨୦୨୨ରେ ବାକିଥିବା ୨ ଏକର ୧୦ ଡିସିମିଲ ଜାଗା ପଟ୍ଟା କରାଗଲା। ୨୦୨୪ ଜାନୁଆରୀ ୧୪ରେ ଜିଆଇ ମିଳିଥିଲା। ତେବେ ପ୍ରଧାନଶିକ୍ଷକ ବିଭିନ୍ନ ବେଆଇନ କାର୍ଯ୍ୟ କରୁଥିଲେ। ୧୦ ବର୍ଷ ଅନୁପସ୍ଥିତ ଥିବା ଶିକ୍ଷକଙ୍କୁ ଉପସ୍ଥାନ ଦେବା, ୨୦୨୪ ଏପ୍ରିଲ ୭ରେ ସଭାପତି ଓ ସମ୍ପାଦକଙ୍କ ଇସ୍ତଫା, ୮ରେ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତିରେ ସହକାରୀ ଶିକ୍ଷକଙ୍କୁ ସଭାପତି ଓ ସମ୍ପାଦକ ବହିଷ୍କାର କରିବା, ୨୦୨୪ ୨୩, ୨୪ ଓ ୨୫ ତାରିଖ ୩ ଦିନ ନୂତନ ପରିଚାଳନା କମିଟି ଗଠନ ପାଇଁ ନୋଟିସ କରାଯାଇଥିଲା। ୨୬ରେ ନୂତନ ଏସଏମଡିସି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୩୦ ତାରିଖ ପ୍ରଧାନଶିକ୍ଷକ ସଭାପତି ଓ ସମ୍ପାଦକଙ୍କ ନକଲି ଦସ୍ତଖତରେ ୮ଟି ପୋଷ୍ଟ ଡିଇଓଙ୍କ ଦ୍ୱାରା ଆପ୍ରୁଭ କରାଯାଇଥିଲା। ମେ ୨୮ରେ ଆପ୍ରୁଭ୍ ହେଲା ପରେ ବିଇଓଙ୍କୁ ସଭାପତି ଓ ସମ୍ପାଦକ ଇସ୍ତଫା ଦେଇଥିବାରୁ ତଦାରଖ ପାଇଁ ନୋଟିସ କରାଗଲା। ୨୦୨୪ ମେ ୧ରେ ଡିଇଓଙ୍କୁ ଜଣାଇବା ପରେ ଦୀର୍ଘ ୬ରୁ ୮ ମାସ ବିତିଯାଇଥିଲେ ମଧ୍ୟ କମିଟି ନ ଥାଇ ପୁଣି ୨ଟି ପୋଷ୍ଟ ନକଲି ଦସ୍ତଖତରେ ଆପ୍ରୁଭ କରାଯାଇଥିଲା। ୨୦୨୪ ଅଗଷ୍ଟ ୨୭ରେ ଏଡିଇଓ ଓ ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥ୍ୟକୁ ଅନୁଧ୍ୟାନ କରି ଏହା ପ୍ରଧାନଶିକ୍ଷକ ଜାଣିଶୁଣି ଭୁଲ୍ କରିଛନ୍ତି ବୋଲି ୨୦୨୪ ନଭେମ୍ବର ୨୯ ରେ କହିଥିଲେ। ଇତିମଧ୍ୟରେ ଦୀର୍ଘ ଦେଢ଼ବର୍ଷ ବିତିଯାଇଥିବା ବେଳେ ଜିଲ୍ଲାପାଳ ଓ ଡିଇଓଙ୍କୁ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ବିଚାର କରାଯାଇ ନାହିଁ ବା ନୂତନ କମିଟି ଗଠନ କରାଯାଇନାହିଁ। ଆଗାମୀ ୧୫ ଦିନ ଭିତରେ ଏହାର ସୁବିଚାର କରା ନ ଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ଯୁଗଳ କିଶୋର ସାହୁ, ସଞ୍ଜୟ କୁମାର ଭୋଇ, କନ୍ଦର୍ପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କେଶବ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିସଭା, ଗ୍ରନ୍ଥାବଳୀ ଉନ୍ମୋଚିତ



ଢେଙ୍କାନାଳ,୧୯ ।୭ (ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲରେ ଭୁବନରେ ୧୮୮୦ରେ ଜନ୍ମିତ କେଶବ ଚନ୍ଦ୍ର ମିଶ୍ରଙ୍କ ରଚିତ ଗ୍ରନ୍ଥାବଳୀ ଉନ୍ମୋଚିତ ହୋଇଛି। ହାଇକୋର୍ଟର ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କ ଅଜା ସାହିତ୍ୟିକ, ଗାଳ୍ପିକ, କଥାକାର, ନାଟ୍ୟକାର, ଜ୍ୟୋତିଷ ଶାସ୍ତ୍ରଜ୍ଞ ସ୍ୱର୍ଗତ କେଶବ ଚନ୍ଦ୍ର ମିଶ୍ରଙ୍କ ଫଟୋଚିତ୍ରରେ ମୁଖ୍ୟଅତିଥି ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ହାଇକୋର୍ଟ ଜଷ୍ଟିସ ଶିଶିକାନ୍ତ ମିଶ୍ର, ରାଜା କାମାକ୍ଷାପ୍ରସାଦ ସିଂଦେଓ, ଶରତ ଚନ୍ଦ୍ର ମିଶ୍ର ଭାରଦ୍ୱାଜ, ଗ୍ରନ୍ଥାବଳୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁଖ୍ୟଅତିଥି ପଦ୍ମଶ୍ରୀ ମିଶ୍ର କେଶବ ଚନ୍ଦ୍ର ମିଶ୍ରଙ୍କ ଅନ୍ୟାନ୍ୟ ରଚନା ଓ ମହାନ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

### ■ ଦ୍ରୁତଗତିରେ ଲକ୍ଷ୍ମୀ ବସ୍ ଚଳାଚଳ

# ବିପଦରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଜୀବନ

ଖଜୁରିଆକଟା,୧୯ ।୭ (ସମିସ): ପ୍ରତ୍ୟେକ ଅଞ୍ଚଳ ସହ ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଯୋଡ଼ିବା ତଥା ଗରିବ ଜନସାଧାରଣ ଓ ମହିଳାମାନଙ୍କ ଗମନାଗମନ ସୁବିଧା ପାଇଁ ପୂର୍ବ ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଲକ୍ଷ୍ମୀବସ ସେବା ଆରମ୍ଭ କରିଥିଲେ। ଲୋକେ ଏଥିରେ ବହୁଳମାତ୍ରାରେ ଉପକୃତ ହେଉଛନ୍ତି।



ମାତ୍ର ଏହି ଲକ୍ଷ୍ମୀବସଗୁଡ଼ିକୁ ଅନଭିଜ୍ଞ ତଥା କମ୍ ବୟସ୍କ ଚାଳକମାନେ ଦ୍ରୁତଗତିରେ ଚଳାଉଥିବାରୁ ଅନ୍ୟ ଗାଡ଼ିମଟର, ପଥଚାରୀ, ବିଶେଷକରି ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍କୁଲ, କଲେଜ, ଟିଉସନ ଯାଉଥିବା ହଜାର ହଜାର କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନକୁ ବିପଦରେ ପକାଉଛି। କେତେବେଳେ ଯେ କିଛି ଅଘଟଣ ଘଟିବ ତାହା କହିହେବନି ବୋଲି ଆଲୋଚନା ହେଉଛି। ଗ୍ରାମାଞ୍ଚଳର ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ବସ୍ ଚଳାଚଳ କରୁଥିବାରୁ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ପ୍ରତିଦିନ ଘରେ ଆସି ଅଭିଯୋଗ କରୁଛନ୍ତି। ଫଳରେ ଅଭିଭାବକମାନେ ଚିନ୍ତାରେ ପଡ଼ୁଛନ୍ତି। କିଛିଦିନ ତଳେ ଏହିପରି ବେପରୁଆ ଚାଳନା ଯୋଗୁଁ ଲକ୍ଷ୍ମୀ ବସ ଧକ୍କାରେ ଭୁବନ ଅଞ୍ଚଳରେ ଜଣଙ୍କ ଜୀବନ ଯାଇଥିଲା। ଏହା ସତ୍ତ୍ୱେ ଚାଳକମାନେ ସତର୍କତା ଅବଲମ୍ବନ କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଦ୍ରୁତ ଗାଡ଼ିଚାଳନା ଉପରେ ଅଙ୍କୁଶ ଲଗାଇବା ସହ ଅଭିଜ୍ଞ ଚାଳକ ନିଯୁକ୍ତି, ସଡ଼କ ସୁରକ୍ଷା ନିୟମ ମାନି ଚଳାଇବା, ଚାଳକମାନେ ସତର୍କତା ଅବଲମ୍ବନ କରିବା ପାଇଁ ଦାବି ହେଉଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ




ଗଁଦିଆ,୧୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ଅଞ୍ଜୁ ସାହୁ ମୁଖ୍ୟଅତିଥି, କ୍ୟାଡର ଏପିପି ଶାଶ୍ୱତ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନାବାଳକ ନ୍ୟାୟ ଓ ନୀତି ଆଇନ ଓ ଶିକ୍ଷା ଅଧିକାର ଆଇନ-୨୦୦୯ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହା ସହ ଅନେକ ଆଇନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନୀତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗଣିତ ଶିକ୍ଷକ ମନୋଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପୁଲସ୍ତ୍ୟ ଶବର, ଅଭିମନ୍ୟୁ ମଲ୍ଲିକ, ସଞ୍ଜୟ କୁମାର ଜେନା, ଶିକ୍ଷୟିତ୍ରୀ ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ହେମନ୍ତ କୁମାର ନାୟକ, ଡମ୍ବରୁଧର ସ୍ୱାଇଁ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ଅଭିଷେକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ତାଲୁକ ଆଇନ ସେବା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାଜପଥ ମରାମତି ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି

ଢେଙ୍କାନାଳ,୧୯ ।୭ (ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ହୋଇଥିଲେ ମଧ୍ୟ ତାହାର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ଘଟୁଛି। ଏଣୁ ଏହାର ତୁରନ୍ତ ଉନ୍ନତୀକରଣ ଓ ମରାମତି ଆବଶ୍ୟକ ହୋଇପଡ଼ିଛି। ଏହି ରାସ୍ତା ଦେଇ ହଜାର ହଜାର ଭାରୀଯାନ, ବସ ଓ ହାଲୁକା ଯାନ ଯାତାୟାତ କରୁଥିଲା ବେଳେ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ରାସ୍ତାର ମରାମତି ବା ନର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରିବା ସହ ହିନ୍ଦୋଳ ଓ ଓଡ଼ାପଡ଼ାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସାମାଜିକ ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେଉଁ କେଉଁ ଯୋଜନାଗୁଡ଼ିକ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଓ ନୋଟିସ୍ ବୋର୍ଡରେ ତାହା ଲଗାଇବାକୁ ପ୍ରାକ୍ତନ ସାଂସଦ ମହେଶ ସାହୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଲିଖିତ ଦାବି କରିଛନ୍ତି।

# ରକ୍ତହୀନତାମୁକ୍ତ ପଞ୍ଚାୟତ ଉପରେ ତାଲିମ



କିଶୋରନଗର,୧୯ ।୭ (ସମିସ): ରକ୍ତହୀନତାମୁକ୍ତ ପଞ୍ଚାୟତ ଉପରେ ଏକଦିବସୀୟ କର୍ମଶାଳା କିଶୋରନଗର ପଞ୍ଚାୟତ ସମିତି ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ୨୩ ପଞ୍ଚାୟତର ୫୫ଜଣ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନଏମ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ପ୍ରମୁଖ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଗୋବିନ୍ଦ ଶଙ୍ଖାରୀ ଓ ସ୍ନେହଲତା ବିଶ୍ୱାଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିପିଡିଓ ସତ୍ୟପ୍ରିୟ ସାହୁ, ସିପି ଧନେଶ୍ୱର ପ୍ରଧାନ ଓ ବିଏଲସି ବିନୋଦ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫାଇଲେରିଆ ନିରାକରଣ ସମନ୍ୱୟ ବୈଠକ



ଢେଙ୍କାନାଳ,୧୯ ।୭ (ସମିସ): ଫାଇଲେରିଆ ନିରାକରଣ ନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୨ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୪ ବ୍ଲକ ଓ ୨ ଏନ୍ଏସି ଓ ଗୋଟିଏ ପୌର ପରିଷଦରେ ଅନୁଷ୍ଠିତ ହେବ। ଲୋକେ କିପରି ଏହାର ଲାଭ ଉଠାଇ ପାରିବେ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତ୍ୟେକ ବ୍ୟକ୍ତି ଯେପରି ଏହାର ଲାଭ ଉଠାଇବେ ସେ ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଡ. ସଞ୍ଜୟ କୁମାର ମହାପାତ୍ର, ଡ. ହିମାଂଶୁ ଶେଖର ହେମ୍ବ୍ରମ, ଜିଲ୍ଲାଶିକ୍ଷା ଅଧିକାରୀ, ଡିଏସଏସଓ, ଡିସିପିଓ, ସିଡିଓ-କମ୍-ଇଓ, ଜେପି ପ୍ରମୁଖ ଉପସ୍ଥିତ ଥିଲେ।

# ଏକାଧିକ ଗ୍ରୁପରେ ରହୁଛନ୍ତି ଜଣେ ମହିଳା, ଲୁଟୁଛନ୍ତି ସରକାରୀ ଟଙ୍କା

### ବିନା ସୁଧରେ ଋଣ ନେଇ ଚାଲିଛି ସୁଧ କାରବାର

ଢେଙ୍କାନାଳ,୧୯ ।୭ (ସମିସ):

ଢେଙ୍କାନାଳ ଜିଲ୍ଲାରେ ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ମହିଳାମାନେ ରହି ସରକାରୀ ଟଙ୍କା ଲୁଟିବା ସହ ସରକାର ପ୍ରଦାନ କରୁଥିବା ସୁବିଧା ସୁଯୋଗକୁ ହାସଲ କରି ଫାଇଦା ଉଠାଉଛନ୍ତି। ଏପରିକି ବିନା ସୁଧରେ ବ୍ୟାଙ୍କରୁ ଟଙ୍କା ନେଇ ଗ୍ରାମରେ ଚଢ଼ା ଦରରେ ସୁଧ କାରବାର କରୁଥିବା ଅଭିଯୋଗ ହେଉଛି।

ଢେଙ୍କାନାଳ ଜିଲ୍ଲାରେ ୧୮ ହଜାର ୧୧୬ ସ୍ୱୟଂସହାୟକ ଗୋଷ୍ଠୀ ରହିଛି। ଭୁବନ ବ୍ଲକରେ ୨୦୨୭, ଢେଙ୍କାନାଳ ସଦର ବ୍ଲକରେ ୨୬୧୯, ଗଁଦିଆରେ ୧୮୬୯, ହିନ୍ଦୋଳରେ ୨୯୯୪, କାମାକ୍ଷାନଗରରେ ୧୯୯୬, କଙ୍କଡ଼ାହାଡ଼ ବ୍ଲକରେ ୧୬୨୧, ଓଡ଼ାପଡ଼ା ବ୍ଲକରେ ୨୭୩୮ ଓ ପରଜଙ୍ଗ ବ୍ଲକରେ ୨୨୫୨ ଗୋଷ୍ଠୀ ଗଠନ ହୋଇଛି। ମିଶନଶକ୍ତି ଜରିଆରେ ଏହି ଗ୍ରୁପଗୁଡ଼ିକୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ଥ ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି। ମହିଳାମାନେ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବାକୁ ସରକାର ଏସଏସଜି ଗଠନ କରିଥିବା ବେଳେ କେତେକ ମହିଳା ଏକାଧିକ ଗ୍ରୁପରେ ରହିଥିବା ବେଳେ ଅନ୍ୟମାନେ ସ୍ଥାନ ପାଉ ନ ଥିବା ଦେଖାଯାଇଛି। ମହିଳାମାନେ ଗୋଷ୍ଠୀ ଗଠନ କରି ପ୍ରତି ଗ୍ରୁପରେ ୧୦ ଜଣ ରହୁଥିବା ବେଳେ ଜିଲ୍ଲାରେ ଥିବା ୧୮,୧୧୬ ଗ୍ରୁପରେ ମାତ୍ର ୧ଲକ୍ଷ ୮୧ ହଜାର ୧୬୦ ମହିଳା ଉପକୃତ ହେଉଛନ୍ତି। ପ୍ରାୟ ୩ ଲକ୍ଷ ୯ ୯ ମହିଳା କୌଣସି ଗ୍ରୁପରେ ନ ଥିବାର ଜଣାପଡ଼ିଛି। ଅନେକ ମହିଳା ଏକାଧିକ ଗ୍ରୁପରେ ରହି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ହାସଲ କରୁଛନ୍ତି। ଏପରିକି କେତେକ ମହିଳା ଗ୍ରୁପ ଜରିଆରେ ବ୍ୟାଙ୍କରୁ ଋଣ ଉଠାଇ ସୁଧରେ ଟଙ୍କା ଲଗାଉଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ଗଠନ ସମୟରେ ଆଧାର ଲିଙ୍କ କିମ୍ବା ବ୍ୟାଙ୍କ ଜମାଖାତା ଲିଙ୍କ ରହୁ ନ ଥିବାରୁ ଜଣେ ମହିଳା ଏକାଧିକ ଗ୍ରୁପରେ ରହିଲେ ମଧ୍ୟ ଜଣାପଡୁନାହିଁ। ଜଣେ ମହିଳା କିପରି ଏକାଧିକ ଗ୍ରୁପରେ ରହୁଛନ୍ତି ଏବଂ ସରକାରଙ୍କ ମିଶନ ଶକ୍ତି ଯୋଜନାକୁ କେତେକ ମୁଷ୍ଟିମେୟ ମହିଳାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି ତାହାର ତଦନ୍ତ ଆବଶ୍ୟକ ପଡୁଛି। ସରକାରଙ୍କ ଯୋଜନାକୁ ଏହି ମୁଷ୍ଟିମେୟ ମହିଳାମାନେ ବିଫଳ କରୁଥିବା ବେଳେ ଋଣ କାରବାର କରିବା ଦ୍ୱାରା ଅନ୍ୟ ମହିଳାମାନେ ଶୋଷଣ ଶିକାର ହେଉଛନ୍ତି। ବ୍ୟାଙ୍କଗୁଡ଼ିକ ମଧ୍ୟ କୌଣସି ତଥ୍ୟ ରଖୁ ନ ଥିବା ବେଳେ ମହିଳା ଗ୍ରୁପକୁ ଅଧିକ ଋଣ ଦେଇ ସରକାରଙ୍କ ପ୍ରିୟଭାଜନ ହେଉଛନ୍ତି। ଏପରିସ୍ଥଳେ ଯେଉଁମାନେ ଏକାଧିକ ଗ୍ରୁପରେ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବାକୁ ଦାବି ହୋଇଛି। ସେହିପରି ଯେଉଁ ଗୋଷ୍ଠୀ ସରକାରଙ୍କଠାରୁ ବିନା ସୁଧରେ ଋଣ ନେଇ ସୁଧ କାରବାର କରୁଛନ୍ତି ତାକୁ ଚିହ୍ନଟ କରି କଳା ତାଲିକାଭୁକ୍ତ କରିବାକୁ ଦାବି ହୋଇଛି।

# ଛାତ୍ରୀଙ୍କୁ ଅସଦାଚରଣ; ଶିକ୍ଷକ ଗିରଫ

ବଇଣ୍ଡା,୧୯ ।୭ (ସମିସ): କିଶୋରନଗର ବ୍ଲକର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଶନିବାର ହଣ୍ଡପା ଥାନା ପୁଲିସ କିଶୋରନଗର ବ୍ଲକରେ ଶିକ୍ଷକତା କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ମୁଣ୍ଡିଲୋ ଗ୍ରାମର ସୁକାନ୍ତ ଜେନା (୪୫)ଙ୍କୁ ଗିରଫ କରିଛି। ସୁକାନ୍ତ ସମ୍ପୃକ୍ତ ଛାତ୍ରୀଙ୍କୁ ଅସଦାଚରଣ ଓ ବଳାତ୍କାର ଉଦ୍ୟମ କରିଥିବା ତାଙ୍କ ପରିବାର ପକ୍ଷରୁ ଥାନା ଅଭିଯୋଗ ହୋଇଥିଲା। ପରେ ସେ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାଙ୍କୁ ଅନୁଗୋଳରୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

**ଏଫ୍ ଏମ୍ କଲେଜରେ ଅଘଟଣ ପରେ ସୁରକ୍ଷା ଚିନ୍ତା**

# ଆଶଙ୍କାରେ ଅଭିଭାବକ, ନେଇଗଲେଣି ପିଲାଙ୍କ ସିଏଲ୍‌ସି !

ବାଲେଶ୍ୱର,୧୯।୭ (ସମିସ)



ଚଳିତମାସ ୧୨ ତାରିଖରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଘଟିଯାଇଛି ଏକ ଲୋମଟାଙ୍କୁରା ଘଟଣା। ଫଳରେ କଲେଜ ପରିସରରେ ଛାତ୍ରୀମାନଙ୍କ ସୁରକ୍ଷା ନେଇ ଉଠିଛି ବଡ଼ ପ୍ରଶ୍ନ। କାରଣ କଲେଜରେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବା ଏବଂ ନିଜକୁ ଆତ୍ମାହୁତି ଦେଇ ଛାତ୍ରୀ ମୃତ୍ୟୁବରଣ କରିବା ଘଟଣାରେ ଏବେ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଅଭିଭାବକଙ୍କ ମନରେ ଭୟ ବାତାବରଣ ସୃଷ୍ଟି ହୋଇଛି। ପାଠ ପଢ଼ିବାକୁ ଛାଡୁଥିବା ଝିଅଙ୍କ ସୁରକ୍ଷା ନେଇ ଚିନ୍ତିତ ରହିଛନ୍ତି। ଯୁକ୍ତ ତିନି ଏବଂ ଯୁକ୍ତ ତିନି ପରେ ଏଠାରେ ପିଜି ପଢ଼ାଇବେ କି ନାହିଁ ଆଶଙ୍କାରେ ରହିଛନ୍ତି ଅଭିଭାବକ। ଯୁକ୍ତ ତିନି ଶେଷ ପରେ ଅନେକ ଅଭିଭାବକ କଲେଜରୁ ସିଏଲସି ନେଇଗଲେଣି। ସୂଚନାଯୋଗ୍ୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ସୁନାମ ଏବଂ ପ୍ରତିଷ୍ଠିତ କଲେଜ। ହେଲେ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ କଲେଜ ଇତିହାସରେ କଳଙ୍କିତ ଅଧ୍ୟାୟ ଯୋଡିଥିବା ଆଲୋଚନା ବି ହେଉଛି। ଏହି କଲେଜରେ ଯୁକ୍ତ ଦୁଇ, ଯୁକ୍ତ ତିନି, ପିଜି ସମେତ ଇଣ୍ଟିଗ୍ରେଟେଡ୍ ବିଏଡ୍, ବିବିଏ, ପିପିପି ମୋଡ୍ କୋର୍ସ ଆଦି ରହିଛି। ଅର୍ଥାତ୍ ଯୁଜି, ପିଜି, ସେଲଫ୍ ଫାଇନାନ୍ସିଇଙ୍ଗ୍, ପିପିପି କୋର୍ସ ରହିଛି। ଏହାବ୍ୟତୀତ ପିଜିରେ ବିଜ୍ଞାନ, କଳା ଏବଂ ବାଣିଜ୍ୟ ବିଭାଗର ବିଭିନ୍ନ ବିଷୟବସ୍ତୁ ରହିଛି। ଏହି କଲେଜରେ ପଢ଼ିବା ପାଇଁ ସମସ୍ତଙ୍କର ଇଚ୍ଛା ଓ ସ୍ୱପ୍ନ ଥାଏ। ହେଲେ ଏବେ ଏହି ସ୍ୱପ୍ନ ମଉଳିବାରେ ଲାଗୁଛି। କଲେଜକୁ ନେଇ ଗର୍ବ କରୁଥିବା ପୁରାତନ ଛାତ୍ରଛାତ୍ରୀ ବି ଏହି ଘଟଣା ପରେ ଲଜ୍ଜିତ ମନେ କରୁଥିବା ପ୍ରକାଶ କରିଛନ୍ତି। ତେବେ ଏହାରି ଭିତରେ ଯୁକ୍ତ ତିନି ନାମ ଲେଖା ହୋଇଥିବା ବେଳେ ଯୁକ୍ତ ତିନି ଶେଷ ହୋଇଛି। ଏହାରି ଭିତରେ କିଛି ପିଲାମାନଙ୍କର ଅଭିଭାବକ କଲେଜରୁ ସିଏଲ୍‌ସି ନେଉଛନ୍ତି। ଏହି କଲେଜରେ ପୁଣି ପିଜି ପଢ଼ାଇବାକୁ ଅଭିଭାବକ ଇଚ୍ଛା ପ୍ରକାଶ କରୁନଥିବା ବେଳେ କିଛି ଅଭିଭାବକ ଆଶଙ୍କାରେ ପଡିଛନ୍ତି। ଆଜି କଲେଜ ପରିସରରେ ଜଣେ ଅଭିଭାବକ ନିଜ ପିଲାର ସିଏଲ୍‌ସି ନେବାକୁ ଆସିଥିବା ବେଳେ କହିଥିଲେ, ମୋ ପିଲାର ଯୁକ୍ତ ତିନି ଶେଷ ହେଲା। ସେ ସଂସ୍କୃତ ବିଷୟବସ୍ତୁରେ ପଢୁଥିଲା। ଏବେ ଏଠାରେ ସଂସ୍କୃତ ବିଭାଗରେ ପିଜି ନାହିଁ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଠ ପଢାଇବି। ଯଦିବି ଏଠାରେ ସଂସ୍କୃତରେ ପିଜି କରିବାର ବ୍ୟବସ୍ଥା ଥାଆନ୍ତି ତାହେଲେ ମଧ୍ୟ ଆମକୁ ଅନେକ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡ଼ିଥାନ୍ତା। ପରିବାର, ବନ୍ଧୁବାନ୍ଧବଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନେଇଥାନ୍ତୁ। କାରଣ ଆମକୁ ଏବେ ଭୟ ଲାଗୁଛି। ଝିଅମାନେ କଲେଜରେ ସୁରକ୍ଷିତ ରହିବେ କି ନାହିଁ। ତେଣୁ ବର୍ତ୍ତମାନ ଯାହା ଘଟିଯାଇଛି ତାକୁ ଛାଡ଼ି ବାକି ଆଗକୁ କେମିତି ପଦକ୍ଷେପ ନେଇ ହେବ ସେଦିନରେ ଚିନ୍ତା କରିବା ଦରକାର ବୋଲି ମତବ୍ୟକ୍ତ କରିଛନ୍ତି। ତେବେ ବିଶେଷ ସୂତ୍ରରୁ ଜଣାପଡିଛି ଯେ, କଲେଜରୁ ବର୍ତ୍ତମାନ ୨/୩ ଜଣ ସିଏଲ୍‌ସି କାଢିଛନ୍ତି। ହେଲେ ଏହା ପ୍ରକୃତରେ ଏହି ଘଟଣାର ପ୍ରଭାବ କି ଆଉ କ'ଣ କାରଣ ତାହା ଜାଣିବାକୁ ବାକି ରହିଛି। କଲେଜ ଅନେକ ପ୍ରତିଷ୍ଠିତ। ତେଣୁ ଏହି ଘଟଣା କଲେଜର ସୁନାମ ଉପରେ ପ୍ରଭାବ ପକାଇବ ନାହିଁ। ଏମିତିକି କଲେଜ ପ୍ରତି ପିଲାମାନଙ୍କର ମନୋଭାବ ବଦଳିବ ନାହିଁ। ପିଲାମାନେ ଏଠାରେ ପୂର୍ବଭଳି ନାମ ଲେଖାଇବେ ଏବଂ ପଢିବେ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢୀ କହିଛନ୍ତି।

## କଲେଜରେ ହାଜର ହେଲେନି ଆଇସିସି ଷ୍ଟୁଡେଣ୍ଟ ମେମ୍ବର

**ବାହାନା ଦେଖାଇ ଅନୁପସ୍ଥିତ ରହିଲେ**

ବାଲେଶ୍ୱର,୧୯।୭ (ସମିସ): ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ପାଇଁ ତଦନ୍ତକାରୀ ଟିମ୍ କଲେଜର ଆଇସିସି କମିଟିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇ ଦିନ ଧରି କଲେଜରେ କ୍ରାଇମବ୍ରାଞ୍ଚ, ଉଚ୍ଚଶିକ୍ଷା ବିଭାଗ ଏବଂ ୟୁଜିସି ପକ୍ଷରୁ ପଚରାଉଚୁରା ଚାଲିଛି। ହେଲେ ସବୁଠୁ ବଡ଼ କଥା ହେଲା ଆଇସିସିର ତିନି ଜଣ ଷ୍ଟୁଡେଣ୍ଟ ମେମ୍ବର କଲେଜରେ ହାଜର ହୋଇନଥିବା ସୂଚନା ମିଳିଛି। ବିଭିନ୍ନ ବାହାନା ଦେଖାଇ ତିନି ଜଣ ଅନୁପସ୍ଥିତ ରହିଛନ୍ତି। ସୂଚନାଯୋଗ୍ୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଅଧ୍ୟାପକ ସମୀର ସାହୁଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ପରେ କଲେଜରେ ଆଇସିସି ( ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଥିଲା। ଯାହା ଏହି ଅଭିଯୋଗର ରିପୋର୍ଟ ପ୍ରସ୍ତୁତ କରିଥିଲା। ୬ ଜଣ ଏବଂ ତିନି ଜଣ ଛାତ୍ରୀଙ୍କୁ ନେଇ କମିଟି ଗଠିତ ହୋଇଥିଲା। ଏହି କମିଟି ଅଭିଯୋଗ ବାବଦରେ ଆଲୋଚନା କରି ଏକ ରିପୋର୍ଟ ପୂର୍ବତନ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ଛାତ୍ରୀ ଜଣକ କଲେଜ ପରିସରରେ ଆତ୍ମାହୁତି ଦେଇଥିଲେ। ଯାହା ଦ୍ୱାରା କଲେଜରେ ବିଭିନ୍ନ ତଦନ୍ତକାରୀ ଟିମ୍ ତଦନ୍ତ କରୁଛି। ତଦନ୍ତ ସମୟରେ ଆଇସିସି କମିଟିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଡକାଯାଇ ଅଧିକ ପଚରାଉଚରା କରାଯାଉଛି। ହେଲେ ଏହି ତଦନ୍ତ ଏବଂ ପଚରାଉଚୁରାରେ କମିଟିର ତିନି ଷ୍ଟୁଡେଣ୍ଟ ମେମ୍ବର ଅନୁପସ୍ଥିତ ରହିଛନ୍ତି। ପ୍ରଥମ ଦିନ ଅନୁପସ୍ଥିତ ରହିଥିବା ବେଳେ କଲେଜ ତରଫରୁ ବାରମ୍ବାର କଲ୍ କରାଯାଇ ଡକାଯାଇଥିଲା। ହେଲେ କେହି ବି ଆସିନଥିଲେ। ଆଜି ମଧ୍ୟ ସମାନ ଘଟଣା।

## ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ସାଧାରଣ ସଭା



ବାଲେଶ୍ୱର,୧୯।୭ (ସମିସ): ନୃତ୍ୟ ସଙ୍ଗୀତ କଳା ମନ୍ଦିରର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ବାର୍ଷିକ ବିବରଣୀ ଓ ଆୟବ୍ୟୟ ବିବରଣୀ ଉପସ୍ଥାପିତ କରିବାପରେ ତାହାକୁ ଅନୁମୋଦନ କରାଯାଇଥିଲା। ଆସନ୍ତାବର୍ଷ ପାଇଁ ପ୍ରାୟ ୧୭ଲକ୍ଷ ଟଙ୍କାର ବଜେଟକୁ ଅନୁମୋଦନ କରାଯାଇଛି। ଅନୁଷ୍ଠାନର ଉପର ମହଲା ଗୃହନିର୍ମାଣ କାର୍ଯ୍ୟ ଶେଷ କରିବା, ପରିଚାଳନାରେ ସହଯୋଗ କରିବା ଓ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କଳାପ୍ରଦର୍ଶନ ଓ ପ୍ରତିଯୋଗିତା ପାଇଁ ଯାଉଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ କଳାମନ୍ଦିରର ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ୩ଟି ସବକମିଟି ଗଠନ ହୋଇଛି। ସେହିପରି ଅନୁଷ୍ଠାନ ପକ୍ଷରୁ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସାଧାରଣ ସଭାରେ ବରିଷ୍ଠ ସଦସ୍ୟ ସଦସ୍ୟମାନଙ୍କୁ ନେଇ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରୁ ଆର୍ଥିକ ସହାୟତା ପାଇବା ପାଇଁ ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅନୁରୋଧ କରାଯାଇଥିବା ସମ୍ପର୍କରେ ସମ୍ପାଦକ ଶ୍ରୀ ଘୋଷ ସମସ୍ତଙ୍କୁ ଅବଗତ କରାଇଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ସମ୍ପର୍କରେ ସେ ସୂଚନା ଦେଇଥିଲେ। ବୈଠକରେ ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ,ଉପସଭାପତି ସୁଜିତ ଦେବ ଓ ଉତ୍ପଳ ମହାନ୍ତି,କୋଷାଧ୍ୟକ୍ଷ ହରେନ ଚନ୍ଦ୍ର ରଣାଙ୍କ ସମେତ ଶରତ କୁମାର ମହାପାତ୍ର,ଅର୍ଚ୍ଚନା ନନ୍ଦୀ,ଡ କାଳିପଦ ପଣ୍ଡା,ଗୌରାଙ୍ଗ ପାଣିଗ୍ରାହୀ,ହେମେନ୍ଦ୍ର ମହାପାତ୍ର,କମଳାକାନ୍ତ ଆଚାର୍ଯ୍ୟ, ସୁଦିପ୍ତା ମହାନ୍ତି ଓ ଗୀତାଞ୍ଜଳି ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଓ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଏହି ସଭାରେ ବିନାୟକ ପ୍ରସାଦ ସାହୁ, ସତ୍ୟସିଂହ ଦାସ,ବନ୍ଦିତା ସାହୁ, ଶୈଳବାଳା ମହାପାତ୍ର, ସୁକାନ୍ତ ନାୟକ, ମଦନ କୁମାର ବର୍ଦ୍ଧନ, ବିରେନ୍ଦ୍ର ସ୍ୱାଇଁ, ସ୍ମୃତି ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଜୟନ୍ତୀ ନାୟକ, ସୌରଭ କୁମାର ବେହେରା ଓ ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମନାଥ ରଥ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ କଲେଜରେ ଲାଗିଲା ୧୨ ନୂଆ ସିସିଟିଭି




ବାଲେଶ୍ୱର,୧୯।୭ (ସମିସ): ଫକୀରମୋହନ କଲେଜରେ ତିନି ଦିନ ଧରି ତିନୋଟି ତଦନ୍ତକାରୀ ଟିମ୍ ତନାଘନା କରୁଛି। ଏହାରି ଭିତରେ କଲେଜ ପରିସରରେ ଥିବା ସିସିଟିଭି କ୍ୟାମେରାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଏକ ଟିମ୍ କଲେଜରେ ପହଞ୍ଚି ଅନୁଧ୍ୟାନ କରି ଗତକାଲି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସିସିଟିଭି କ୍ୟାମେରା ଲଗାଇଛନ୍ତି। କଲେଜରେ ପୂର୍ବରୁ ଲାଗିଥିବା ସିସିଟିଭିକୁ ଛାଡି ଏବେ ନୂଆ ସିସିଟିଭି ଲଗାଇଛି ଜିଲ୍ଲା ପ୍ରଶାସନ। ପୁରା କଲେଜ କ୍ୟାମ୍ପସ କିପରି କ୍ୟାମେରା ନଜରରେ ରହିବ ସେନେଇ ସିସିଟିଭି ଲଗାଯାଇଛି। ଗତକାଲି ଉପଜିଲ୍ଲାପାଳ ଓ ସଦର ତହସିଲଦାର କଲେଜରେ ପହଞ୍ଚି ଅନୁଧ୍ୟାନ କରିବା ପରେ ସଙ୍ଗେ ସଙ୍ଗେ ସିସିଟିଭି କ୍ୟାମେରା ଲାଗିଥିବା ଆଜି ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି, ପୂର୍ବରୁ ସମ୍ପୂର୍ଣ୍ଣ କଲେଜରେ ସିସିଟିଭି କ୍ୟାମେରା କଭରେଜ୍ ନଥିଲା। ଯାହା ବି ସିସିଟିଭି କ୍ୟାମେରା ରହିଛି ତାହା ମଧ୍ୟରୁ କିଛି ଅଚଳ ବି ରହିଛି। ହେଲେ ଦୁର୍ଭାଗ୍ୟ ଯେ ୧୨ ତାରିଖ ଦିନ ମୃତ ସୌମ୍ୟାଶ୍ରୀ ଯେଉଁଠି ଛିଡ଼ା ହୋଇ ନିଜ ଦେହରେ ନିଆଁ ଲଗାଇଥିଲେ ସେଠାରେ ହିଁ ସିସିଟିଭି କ୍ୟାମେରା ନାହିଁ। କିଛି ଦିନ ତଳେ ସିସିଟିଭି କ୍ୟାମେରାର ମୁହଁ ସେହି ଦିଗକୁ ଥିଲା ଯେଉଁଠି ଘଟଣା ଘଟିଥିଲା। ହେଲେ ଅନ୍ୟପଟେ ଯେଉଁ କଲେଜ ପିଲାମାନେ ବ୍ୟାଗ୍ ରଖନ୍ତି ସେଠାରେ ଚୋରି ବଢିବାରୁ ସିସିଟିଭି କ୍ୟାମେରାର ମୁହଁ ଅନ୍ୟ ଦିଗକୁ ବୁଲାଇ ଦିଆଯାଇଥିଲା। ଫଳରେ ଯେଉଁଦିନ ଘଟଣା ଘଟିଥିଲା ସେଇ ଘଟଣା କ୍ରମ କ୍ୟାମେରାରେ କଏଦ ହୋଇପାରିଲା ନାହିଁ। ଯାହା ଦ୍ୱାରା ତଦନ୍ତ ସମୟରେ ସିସିଟିଭି କଥା ସାମ୍ନାକୁ ଆସିଛି। ଖାଲି ଏତିକି ନୁହେଁ ସୌମ୍ୟାଶ୍ରୀ ଦେହରେ ନିଆଁ ଲାଗିବା ପରେ ସେ ଯେଉଁ ବାଟ ଦେଇ ଭିତରକୁ ଗଲେ ସେଠାରେ ମଧ୍ୟ ଦୁଇଟି ସିସିଟିଭି କ୍ୟାମେରା ଲାଗିଛି ହେଲେ ତାହା କିଛି କାମକୁ ନୁହେଁ। ଏହାବ୍ୟତୀତ ଆଜି ୟୁଜିସି ଟିମ୍ ମଧ୍ୟ ଘଟଣା ସ୍ଥଳରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥିସହିତ ଜିଲ୍ଲା ପ୍ରଶାସନ ମଧ୍ୟ ଏହାକୁ ଗୁରୁତ୍ୱ ଯଦି କଲେଜ ପରିସରରେ ସିସିଟିଭି କ୍ୟାମେରା ଲଗାଇଛି। 'ଫକୀରମୋହନ କଲେଜରେ ଚିହ୍ନଟ ହେଲା ୧୨ଟି ଗ୍ରେ ଏରିଆ ଏବଂ ସେହି ଗ୍ରେ ଏରିଆ ବା ସିସିଟିଭି ସର୍ଭେଲାନ୍ସ ନଥିବା ସ୍ଥାନରେ ଏହି ସବୁ ସିସିଟିଭି ଲଗାଯାଇଛି। କଲେଜରେ ଲାଗିଥିବା ୭ଟି ସିସିଟିଭିକୁ ଛାଡି ଏବେ ନୂଆକରି ଏହି ୧୨ଟି ସ୍ଥାନରେ ସିସିଟିଭି ଲଗାଇଛି ଜିଲ୍ଲା ପ୍ରଶାସନ। ସିସିଟିଭିର କଭରେଜ ରହିବ ପୁରା କଲେଜ କ୍ୟାମ୍ପସ। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ପୁରା କଲେଜ କ୍ୟାମ୍ପସକୁ ଅନୁଧ୍ୟାନ କରିବା ପରେ ଏହି ସୂଚନା ଦେଇଛନ୍ତି ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ। ସଦର ତହସିଲଦାରଙ୍କ ସହ ପୁରା କ୍ୟାମ୍ପସକୁ ଯାଞ୍ଚ କରି ୧୨ ଟି ଗ୍ରେ ଏରିଆ ଚିହ୍ନଟ କରିଛନ୍ତି ଉପଜିଲ୍ଲାପାଳ। ବଡ଼ କଥା ହେଉଛି ଯେଉଁ ସ୍ଥାନରେ ପୀଡିତାଙ୍କ ଦେହରେ ନିଆଁ ଲାଗିଥିଲା, ସେହି ସ୍ଥାନରେ ସ୍ୱତନ୍ତ୍ର ଭାବେ ଏକ ସିସିଟିଭି ଲଗାଯାଇଛି ବୋଲି ଉପଜିଲ୍ଲାପାଳ ଡ. ସାମନ୍ତରାୟ କହିଛନ୍ତି। ବାକି ରହିଲା ଜିଲ୍ଲାର ଅନ୍ୟ କଲେଜ ଗୁଡିକରେ କେବେ ସମ୍ପୂର୍ଣ୍ଣ କଭରେଜ୍ ହେବ ସିସିଟିଭି କ୍ୟାମେରା ଦେଖିବାକୁ ବାକି ରହିଲା।

## ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣାରେ ମୁହଁ ଖୋଲିଲେ ସାଂସଦ



- **ଭୋଗରାଇ ବିଧାୟକଙ୍କ ପ୍ରତି ଉଠାଇଲେ ଅଙ୍ଗୁଳି**
- **ବିଚାର ବିଭାଗୀୟ ତଦନ୍ତ ନାଁ ଶୁଣି ଡରୁଛନ୍ତି ସାଂସଦ: ଭୋଗରାଇ ବିଧାୟକ**

ବାଲେଶ୍ୱର,୧୯।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମଦାହ ଘଟଣାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁହଁ ଖୋଲିଛନ୍ତି। ଜୁଲାଇ ୨ରୁ ୧୨ତାରିଖ ମଧ୍ୟରେ ତାଙ୍କୁ କେହି ଘଟଣା ବିଷୟରେ ଅବଗତ କରାଇ ନ ଥଲେ। ହେଲେ ସେ ଏକାଧିକବାର ବାଲେଶ୍ୱର ଏସ୍‌ପିଙ୍କ ସହ ଏ ଘଟଣା ସମ୍ପର୍କରେ କଥା ହୋଇଥିଲେ। ଏପରିକି ଏସ୍‌ପି ତାଙ୍କୁ କହିଥିଲେ ଯେ, ପୁଲିସ କହିବା ସତ୍ତ୍ୱେ ସୌମ୍ୟାଶ୍ରୀ କୌଣସି ଅଭିଯୋଗ କରୁନାହାନ୍ତି ଏବଂ ସେ ଆଇସିସି ରିପୋର୍ଟକୁ ଅପେକ୍ଷା କରିଛନ୍ତି । ହେଲେ ଗତ୧୨ତାରିଖ ଘଟଣା ବିଷୟରେ ଜାଣିବା ପରେ ତୁରନ୍ତ ଛାତ୍ରୀଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲି ବୋଲି ସାଂସଦ କହିଛନ୍ତି। ପରେ ସେ ଫକୀରମୋହନ ମହାବିଦ୍ୟାଳୟରେ ଏସପି, ଅତିରିକ୍ତ ଏସପି ଓ ଅନ୍ୟାନ୍ୟ ପୁଲିସ ଅଧିକାରୀଙ୍କ ସହିତ ଅଧ୍ୟକ୍ଷ ଓ ତଦନ୍ତ କମିଟିର ସଦସ୍ୟମାନଙ୍କ ସହ ପ୍ରାୟ ୪ଘଣ୍ଟା କାଳ ବସି ସମସ୍ତ କାଗଜପତ୍ର ଯଥା ସୌମ୍ୟାଶ୍ରୀ ଓ ତା ବାପାଙ୍କର ଲିଖିତ ବକ୍ତବ୍ୟ, ଆଇସିସିର ରିପୋର୍ଟ, ଆଇସିସିର ତଦନ୍ତ କାଳୀନ ପ୍ରୋସିଡ଼ିଂ ଖାତା ଆଦି କାଗଜପତ୍ର ଭଲଭାବରେ ପଢିବା ପରେ ସେଥିରେ ଥିବା ତ୍ରୁଟି ବିଚ୍ୟୁତି ଓ ଉଦ୍ଦେଶ୍ୟ ପ୍ରଣୋଦିତ ମନ୍ତବ୍ୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲି ବୋଲି ସାଂସଦ କହିଛନ୍ତି। ଏହାସହ ସମସ୍ତ ରେକର୍ଡ ପତ୍ର ଏସପିଙ୍କ ଦ୍ୱାରା ସଙ୍ଗେ ସଙ୍ଗେ ସିଜ୍ କରାଇଥିଲେ । ଅଧ୍ୟକ୍ଷ ଯେପରି ଭାବରେ ଝିଅଟିକୁ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଧମକ ଦେଇଥିଲେ ତାହା ଅତ୍ୟନ୍ତ ଜଘନ୍ୟ ଓ ନିନ୍ଦନୀୟ। ଏପରିକି ଆଇସିସି ସଦସ୍ୟମାନେ ଅନେକ ପରିମାଣରେ ଦାୟୀ କିନ୍ତୁ ପ୍ରିନ୍ସପାଲ୍ ସମ୍ପୂର୍ଣ୍ଣମାତ୍ରାରେ ଦାୟୀ। କାରଣ ଝିଅଟି ଆସିଥିବା ବେଳେ ସେ ତାକୁ ଜଣାଇଥିଲେ ଯେ ତଦନ୍ତ କମିଟି ରିପୋର୍ଟ ତା ବିରୋଧରେ ଯାଇଛି। ଏଣୁ ସେ ଏକ ମିଛ ରିପୋର୍ଟ କରିଥିବାରୁ ସେ କ୍ଷମା ମାଗି ଦରଖାସ୍ତ କରିଦେଲେ ସମାଧାନ ହୋଇଯିବ, ନ ହେଲେ କଲେଜ କର୍ତ୍ତୃପକ୍ଷ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ପାରନ୍ତି ବୋଲି ମୃତ ଛାତ୍ରୀ ଜଣଙ୍କ ଜାଣିଥିଲେ। ଏଥିରେ ଝିଅଟି ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା ଉଦ୍ୟମ କଲେ । ଏହାଛଡା ଅଭିଯୁକ୍ତ ସମୀର ସାହୁଙ୍କ ଦୋଷ ଘୋଡାଇବା ପାଇଁ ପ୍ରିନ୍ସପାଲ ପ୍ରୟାସ କରୁଥିଲେ ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି । ଏପରିକି ସମୀର ପୂର୍ବରୁ ଅଧ୍ୟକ୍ଷଙ୍କୁ ଏକ ମାସ ପାଇଁ ଛୁଟିରେ ଯିବାକୁ ଅଧ୍ୟକ୍ଷଙ୍କୁ କହିଥିଲେ ହେଲେ ଅଧ୍ୟକ୍ଷ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ବରଂ ୧୨ତାରିଖ ଦିନ ସମୀର ସାହୁ ଓ ସୌମ୍ୟାଶ୍ରୀଙ୍କୁ ଅଧ୍ୟକ୍ଷ ସାକ୍ଷାତ କରାଇଥିଲେ। ପରେ ସେମାନେ ସୌମ୍ୟାଶ୍ରୀଙ୍କୁ ଧମକ ଦେବା ପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ସାଂସଦ କହିଛନ୍ତି। ଅନ୍ୟପଟେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସଦ୍ୟ ଦେଇଥିବା ମନ୍ତବ୍ୟକୁ ସାଂସଦ କଡା ସମାଲୋଚନା ସହ ସତ୍ୟତା ପୂର୍ବକ ସମସ୍ତ ଆରୋପର ପ୍ରମାଣ ରଖିବା ନେଇ ଚ୍ୟାଲେଞ୍ଜ ଦେଇଛନ୍ତି। ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀ ଜଣକ ସାଂସଦ, ସ୍ଥାନୀୟ ବିଧାୟକ ଓ ଏସପିଙ୍କ ନିକଟରେ ଅଭିଯୋଗ ଦେଇଥିଲେ ବି ନ୍ୟାୟ ପାଇବାରୁ ବଂଚିତ ହୋଇ ଶେଷରେ ଆତ୍ମାହୁତି ଭଳି ଚରମ ପଦକ୍ଷେପକୁ ବାଛି ନେଇଥିବା ବିଧାୟକ ଶ୍ରୀ ଦାସ ମନ୍ତବ୍ୟ ଦେଇଛନ୍ତି। ଛାତ୍ରୀ ମୃତ୍ୟୁ ପାଇଁ ସାଂସଦ,ସଦର ବିଧାୟକ ଓ ଏସପି ମଧ୍ୟ ଅଭିଯୁକ୍ତ ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ସେ କରିଥିବା ଅଭିଯୋଗ ଉପରେ ଯଦି କୌଣସି ପ୍ରମାଣ ରହିଛି ତାହା ପ୍ରଦାନ କରିବାକୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଆହ୍ୱାନ ଦେଇଛନ୍ତି।

ଏ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସେ ଯାହା କହିବା କଥା ସାମ୍ବାଦିକ ସମ୍ମିଳନୀରେ କହିସାରିଛନ୍ତି। ଯଦି ସାଂସଦଙ୍କର ସତ୍‌ସାହସ ଅଛି ସେ ନିଜକୁ ନିଜେ ନିର୍ଦ୍ଦୋଷ ବୋଲି ପ୍ରମାଣ କରନ୍ତୁ। ଏପରିକି ସାଂସଦ ଗୋଟେ କଥା ମିଛ କହିଛନ୍ତି। ମୃତ୍ୟୁ ବରଣ କରିଥିବା ସୌମ୍ୟାଶ୍ରୀ ନିଜେ ପୁଲିସକୁ ଅଭିଯୋଗ କରିବା ପାଇଁ କହିଥିଲେ। ହେଲେ ସେ ଚାପ ପକାଇ ଏହା କରିନଥିଲେ। ଯଦି ସାଂସଦ ଏହି ଘଟଣାରେ ବିଚଳିତ ହୋଇପଡିଛନ୍ତି। ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ସେ ଦାବି କରିଥିଲେ। ଏହି ବିଚାର ବିଭାଗୀୟ ତଦନ୍ତ ହେଲେ ତାଙ୍କ ଉପରେ ଅସୁବିଧା ପଡିବାର ସମ୍ଭାବନା ରହିଛି। ଫଳରେ ସେ ଡରିଯାଇଛନ୍ତି। କ୍ରାଇମବ୍ରାଂଚ ଉପରେ ଆଦୌ ଭରସା ନାହିଁ। ପୁଲିସ କେବେ ବି ପୁଲିସକୁ ଅସୁବିଧାରେ ପକାଇବେ ନାହିଁ। ଯଦି ସାଂସଦ ସବୁ କାର୍ଯ୍ୟ ଠିକ କରିଛନ୍ତି ତେବେ ସେ ନିଜ ଆଡୁ ଜୁଡିସିଆଲ ତଦନ୍ତ କରାଯାଉ ବୋଲି ସରକାରଙ୍କୁ କୁହନ୍ତୁ ଏବଂ ତଦନ୍ତ ଆରମ୍ଭ କରାନ୍ତୁ ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି।

**● ପେଟ୍ରୋଲ ପମ୍ପରେ ଲାଗିଲା ସୂଚନା ଫଳକ**

## ଏଣିକି ବୋତଲରେ ମିଳିବନି ତେଲ

ବାଲେଶ୍ୱର, ୧୯।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାରେ କ୍ରାଇମବ୍ରାଂଚ ପ୍ରାଥମିକତା ଭିତ୍ତିରେ ତଦନ୍ତ କରୁଥିବା ବେଳେ ଏବେ ସମସ୍ତ ପେଟ୍ରୋଲ ପମ୍ପରେ ଛନକା ପସିଛି। ପଡୁଆଁପଦା ଛକ ଠାରେ ଥିବା ଶ୍ରୀଜଗନ୍ନାଥ ପେଟ୍ରୋଲ ପମ୍ପରେ ଏକ ସୂଚନା ଫଳକ ଲଗାଯାଇଥିବା ଦେଖିବାକୁ ମିଳିଛି। ଯେଉଁଥିରେ ଲେଖା ହୋଇଛି ଏଣିକି ପ୍ଲାଷ୍ଟିକ ବୋତଲରେ ଆଉ ପେଟ୍ରୋଲ ଦିଆଯିବ ନାହିଁ। ଏପରିକି ପେଟ୍ରୋଲ ପମ୍ପକୁ ପ୍ଲାଷ୍ଟିକ ବୋତଲ ଧରି ଆସୁଥିବା ବ୍ୟକ୍ତିମାନଙ୍କୁ ପେଟ୍ରୋଲ ନ ଦେଇ ଫେରାଇ ଦେଉଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ପରମିଟ ଘାଟ ଅଞ୍ଚଳର ରାଧାକୃଷ୍ଣ ପ୍ରଧାନ କହିଛନ୍ତି ଯେ, ସେ ଆଜି ପ୍ଲାଷ୍ଟିକ ଜାର ନେଇ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ନେବାକୁ ଆସିଥିଲି। ହେଲେ ଛାତ୍ରୀ ଆତ୍ମଦାହ ଘଟଣା ପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ ସେମାନେ କିପରି ଖୁଚୁରା ପେଟ୍ରୋଲ ବିକ୍ରି କରିବେ ତାହା ଏବେ ଚିନ୍ତାରେ ରହିଛନ୍ତି।




## କଲେଜକୁ ପ୍ରବେଶବେଳେ ଛାତ୍ରଛାତ୍ରୀଙ୍କ କଡ଼ା ଯାଞ୍ଚ



ବାଲେଶ୍ୱର,୧୯।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ଏବେ ମହାବିଦ୍ୟାଳୟ ଆକ୍ସନ ମୋଡକୁ ଆସିଛି। ମହାବିଦ୍ୟାଳୟ ଗୋଟିଏ ପ୍ରକାର ବଦନାମ ହୋଇଥିବା ବେଳେ ଏହାକୁ ସୁଧାରିବା ପ୍ରୟାସ ଆରମ୍ଭ କରାଯାଇଛି। କଲେଜକୁ ଆସୁଥିବା ସମସ୍ତ ପିଲାମାନଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଉଥିବା ବେଳେ ସେମାନଙ୍କ ପରିଚୟ ପତ୍ର ଦେଖାଇ ଭିତରକୁ ପ୍ରବେଶ କରାଯାଉଛି। ଏପରିକି ଯେଉଁ ପିଲାମାନେ ସାଙ୍ଗରେ ବ୍ୟାଗ ନେଇ ଆସୁଛନ୍ତି ସେମାନଙ୍କର ବ୍ୟାଗ ମଧ୍ୟ ଯାଞ୍ଚ କରାଯାଉଛି।

## ଘର ଭିତରେ ବିଦ୍ୟୁତ୍ ଖୁଣ୍ଟ, ଅଘଟଣକୁ ଆମନ୍ତ୍ରଣ

**ପଦାରେ ପଡ଼ିଲା ବିଜୁଳି ବିଭାଗର ଅବହେଳାର ଅସଲ ଚିତ୍ର**



ବାହାନଗା,୧୯।୭ (ସମିସ) : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ବିଜୁଳି ବିଭାଗ ଅବହେଳାର ଅସଲ ଚିତ୍ର ସାମ୍ନାକୁ ଆସିଛି। ଲୋକଙ୍କ ଘର ଭିତରେ ବିଜୁଳି ଖୁଣ୍ଟ ରଖି ବିଜୁଳି ଯୋଗାଉଛି ବିଦ୍ୟୁତ ବିଭାଗ। ବାରମ୍ବାର ବିଜୁଳି ବିଭାଗର ଅବହେଳା ପାଇଁ ଜୀବନ ଯାଉଥିବା ବେଳେ ବେପରୁଆ ପାଲଟିଛି ଗୋପାଳପୁର ବିଜୁଳି କାର୍ଯ୍ୟାଳୟ। ସବୁ ସୀମାକୁ ଅତିକ୍ରମ କରି ଲୋକଙ୍କ ଘର ଭିତରେ ବିଜୁଳି ଖୁଣ୍ଟ ରଖି ଲୋକଙ୍କୁ ବିଜୁଳି ଯୋଗାଉଥିବା ବେଳେ ଅଘଟଣକୁ ଆମନ୍ତ୍ରଣ କରୁଛି ବିଜୁଳି ବିଭାଗ। ଗୋପାଳପୁର ବିଦ୍ୟୁତ ସେକ୍ସନ ଅଧୀନ ଗୋପାଳପୁର କଲେଜ, ବ୍ୟାଙ୍କ ଏବଂ ସ୍କୁଲ ଥିବା ଜନଗହଳି ସ୍ଥାନରେ ରାସ୍ତା ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘର ମଝିରେ ବିଜୁଳି ଖୁଣ୍ଟି ଥିବାର ଦେଖିବାକୁ ମିଳିଛି। କେବଳ ସେତିକି ନୁହଁ ବିଜୁଳି ଖୁଣ୍ଟକୁ କାନ୍ଥ ଭିତରେ ରଖି କାନ୍ଥ ସହ ପ୍ଲାଷ୍ଟର ମଧ୍ୟ କରାଯାଇଥିବା ବେଳେ ବିଜୁଳି ସଂଯୋଗ ହୋଇଥିବା ତାର ସ୍ଥାନରେ ଏକ ଗର୍ତ୍ତ ରଖା ଯାଇ ବିଭିନ୍ନ ମିଟରକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଏହା କୌଣସି ଉପାନ୍ତ ଅଞ୍ଚଳ ନୁହଁ ବରଂ ଗୋପାଳପୁର ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟଠାରୁ ମାତ୍ର ୪୦୦ ମିଟର ଦୂର ଗୋପାଳପୁର କଲେଜ ନିକଟରେ ଗଢି ଉଠିଥିବା ଏକ ବିଲ୍ଡିଂର ଦୃଶ୍ୟ। ମାତ୍ର କିଛି ଦିନ ତଳେ ବିଜୁଳି ବିଭାଗର ଅବହେଳା ପାଇଁ ବାହାନଗାରେ ଜଣେ ମହିଳାଙ୍କ ଜୀବନ ଯାଇଥିବା ବେଳେ ଗତ ୨ ଦିନ ତଳେ ଗିଳିଦା ହାଇସ୍କୁଲ ନିକଟରେ ବିଜୁଳି ଖୁଣ୍ଟିର ଷ୍ଟେ ତାର ଚାର୍ଜ ହୋଇ ଏକ ଗାଈର ଜୀବନ ଯାଇଛି। ବାରମ୍ବାର ବିଜୁଳି ବିଭାଗର ଅବହେଳା ଏବଂ ବେପରୁଆ କାର୍ଯ୍ୟ ପାଇଁ ମଣିଷ ଏବଂ ପଶୁଙ୍କର ଜୀବନ ଯାଉଥିଲେ ବି ବିଜୁଳି ବିଭାଗର କର୍ତ୍ତୃପକ୍ଷ ଚେତିବାରେ ନାଁ ଧରୁନି। ଏପରିସ୍ଥଳେ ଗୋପାଳପୁରରେ ଘର ମଝିରେ ବିଜୁଳି ଖୁଣ୍ଟ ରଖିବା ଏବଂ ଖୁଣ୍ଟକୁ କାନ୍ଥରେ ରଖି ପ୍ଲାଷ୍ଟର କରାଯାଇଥିବା ସ୍ଥଳେ ସେଠାରୁ ବିପଦପୂର୍ଣ୍ଣ ଭାବେ ବିଜୁଳି ସଂଯୋଗ ଦିଆଯିବା ବିଭାଗୀୟ ଯନ୍ତ୍ରୀ ଏବଂ ଏସଡିଓଙ୍କ କାର୍ଯ୍ୟ ଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କ ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କ ନିଘା ନଥିବା ବେଳେ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗର ଗୋପାଳପୁର ସେକ୍ସନର ଯନ୍ତ୍ରୀ ପରେଶ ବେହେରାଙ୍କୁ ପଚାରିବାରୁ ସେ ଏବିଷୟରେ ଅବଗତ ନ ଥିବା କହିବା ସହ ଆସନ୍ତାକାଲି ଏହାକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ



ଜଳେଶ୍ୱର ବ୍ଲକ, ୧୯।୭ (ସମିସ) : ଆଜି ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ଭତ୍ତା ବଣ୍ଟନ କରାଯାଇଥିଲା। ଜଳେଶ୍ୱର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କ ପ୍ରଚେଷ୍ଟା ବଳରେ ଜଳେଶ୍ୱର ପଞ୍ଚାୟତ ସମିତିର ସମସ୍ତ ଗ୍ରାମ ପଞ୍ଚାୟତ ମାନଙ୍କରେ ୮୦ ବର୍ଷରୁ ଉର୍ଦ୍ଧ ବୟସ୍କ ଏବଂ ୮୦ ପ୍ରତିଶତ ବିକଳାଙ୍ଗ ବ୍ୟକ୍ତି ମାନଙ୍କୁ ୩୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି ସେଥିରେ ଜଳେଶ୍ୱର ବ୍ଲକରୁ ୮୦ ବର୍ଷରୁ ବୟସ୍କ ୧୨୮୪ ଜଣ ପାଉଥିବା ବେଳେ ଆଜି ଆଉ ୮୪ ଜଣଙ୍କୁ ପ୍ରଦାନ କରାଯାଇଛି ଠିକ୍ ସେହିପରି ୮୦ ପ୍ରତିଶତ ବିକଳାଙ୍ଗ ୨୦୫ ଜଣ ପାଉଥିବା ବେଳେ ଆଜି ଆଉ ନୂତନ ୧୪୭ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ଥିଲା। ଜଳେଶ୍ୱର ପଞ୍ଚାୟତ ସମିତି ଅଧନୀରେ ମଧୁବାବୁ ପେନସନ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ମୋଟ ୨୭୪୨୯ ଜଣ ଭତ୍ତା ପାଉଛନ୍ତି ଆଜି ସାମାଜିକ ସୁରକ୍ଷା ଅଧିକାରିଣୀ ଖୁଲୁଡ଼ା ଓ ପଶ୍ଚିମବାଡ ଗ୍ରାମ ପଞ୍ଚାୟତରେ ପହଞ୍ଚି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଖୁଲୁଡ଼ା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା ଓ ପିଇଓ ଦେବି ଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସୁନା ଋଣ ନାଁରେ ଗ୍ରାହକଙ୍କୁ ଠକେଇ ଘଟଣା

# ଗହଣା ଫେରସ୍ତ ଦାବିରେ ଗ୍ରାହକଙ୍କ ହଙ୍ଗାମା

ବାହାନଗା,୧୯।୭ (ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଗୋପାଳପୁର ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସରେ ସୁନା ବନ୍ଧକ ଋଣ ନେଇ ଗ୍ରାହକ ଠକେଇରେ ଶିକାର ହେବାପରେ ସଂସ୍ଥାକୁ ବିଶ୍ୱାସ କରି ପାରୁନାହାନ୍ତି ଗ୍ରାହକ। ଋଣ ସୁଝି ନିଜ ନିଜର ଗହଣାକୁ ଫେରାଇ ନେବା ପାଇଁ ଆସିଥିବା ବେଳେ ଗ୍ରହକଙ୍କ ସୁନାକୁ ଅନ୍ୟ ବ୍ୟକ୍ତିଙ୍କ ନାମରେ ପକାଯାଇ ଆର୍ଥିକ ଠକେଇ ଜଣାପଡ଼ିବା ପରେ ଗ୍ରାହକ ନିଜ ଗହଣା ଫେରସ୍ତ ଦାବି କରି ଶୁକ୍ରବାର ଗ୍ରାହକମାନେ ଗୋପାଳପୁର ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ ଶାଖାରେ ତାଲା ପକାଇ ହଙ୍ଗାମା କରିଥିଲେ। ଠକେଇ ଖବର ପ୍ରଚାରିତ ହେବାପରେ ସୁନା ବନ୍ଧକ ରଖି ଋଣ ନେଇଥିବା ଲୋକଙ୍କ ମନରେ ଛନକା ପଶିଛି, ନିଜ ନିଜ ସୁନା ଗହଣା ଶାଖାରେ ସୁରକ୍ଷିତ ଅବସ୍ଥାରେ ଅଛି ନା ଆଉ କାହା



ନାମରେ ତାଙ୍କ ଗହଣା ବନ୍ଧାପଡି ଋଣ ଉଠିଛି ବୋଲି ଭୟ ଦେଖାଦେଇଛି। ଫଳରେ ନିଜ ନିଜ ଗହଣା ସୁରକ୍ଷିତ ଅଛିକି ନାହିଁ ଦେଖିବାକୁ ଗ୍ରାହକ ଆସିଥିବା ବେଳେ ନିଜ ଗହଣାକୁ ଅସୁରକ୍ଷିତ ମଣି ଧାର ଉଧାର କରି ଋଣଟଙ୍କା ସୁଝି ନିଜ ନିଜ ଗହଣାକୁ ଫେରାଇ ନେବା ପାଇଁ ଶାଖାରେ ଗ୍ରହକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି।

ଖବର ଅନୁସାରେ ମଣିପୁରମ ଫାଇନାନ୍ସର ଉପ କମ୍ପାନୀ ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସର ଶାଖା ୨୦୨୨ ମସିହାରେ ଗୋପାଳପୁରଠାରେ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ପରେ ଅଞ୍ଚଳବାସୀ ନିଜ ନିଜ ସୁନାକୁ ଏଠାରେ ବନ୍ଧକ ରଖି ଗ୍ରାହକମାନେ ଆବଶ୍ୟକ ମୁତାବକ ଋଣ ନେଇଥିଲେ। ହେଲେ ଲୋକଙ୍କ ବିଶ୍ୱାସ ସହ ଖେଳି ଗ୍ରାହକଙ୍କ ଅଜାଣତରେ ୧୦ରୁ ଉର୍ଦ୍ଧ ଗ୍ରାହକଙ୍କ ବନ୍ଧକ ସୁନାକୁ ଶାଖାର କର୍ତ୍ତୃପକ୍ଷ ଅନ୍ୟ ବ୍ୟକ୍ତିଙ୍କ ନାମରେ ପକାଇ ଋଣ ଉଠାଇ ଠକିନେଇଥିବା ଜଣାପଡ଼ିଛି। ଗ୍ରାହକ ନିଜର ଋଣକୁ ସୁଝି ଗହଣା ଫେରାଇ ନେବାକୁ ଆସିଥିବା ବେଳେ କର୍ତ୍ତୃପକ୍ଷ ତୁମ ନାମରେ ଥିବା ସୁନା ଋଣ କ୍ଲୋଜ ହୋଇଥିବା ବେଳେ ତୁମ ନାମରେ ଗହଣା ଏଠାରେ ନାହିଁ ବୋଲି କହିଥିଲେ। ପରେ ଖୋଳତାଡ଼ ପରେ ୨୦୨୩ ମସିହାରେ ତତ୍କାଳୀନ ଶାଖା ପରିଚାଳକ ଗ୍ରାହକଙ୍କ ବନ୍ଧକ ସୁନାକୁ ଅନ୍ୟ ବ୍ୟକ୍ତିଙ୍କ ନାମରେ ପକାଇ ଲକ୍ଷ ଲକ୍ଷ ଟଙ୍କାର ଋଣ ଉଠାଇଥିବାର ଅଭିଯୋଗ ହୋଇଛି। ଦୀର୍ଘ ଦେଢବର୍ଷ ଧରି ଠକାମୀରେ ଶିକାର ଗ୍ରାହକ ନିଜ ନିଜର ଗହଣା ଫେରସ୍ତ ପାଇବା ପାଇଁ ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସର ଗୋପାଳପୁର ଶାଖାକୁ ଦୌଡିଦୌଡି ନୟାନ୍ତ ହେଉଥିବା ବେଳେ ସମସ୍ତ ଗ୍ରାହକଙ୍କୁ ଗହଣା ମିଳିନଥିବା ବେଳେ କେବଳ ପ୍ରତିଶ୍ରୁତିର ତାରିଖ ପରେ ତାରିଖ ଦେଇଚାଲିଛନ୍ତି କର୍ତ୍ତୃପକ୍ଷ। ଗତ ୧୭ ତାରିଖ ପ୍ରତିଶ୍ରୁତି ମୁତାବକ ଠକେଇରେ ଶିକାର ଗ୍ରାହକ ନିଜ ଗହଣା ଫେରସ୍ତ ନ ପାଇବାରୁ ଶାଖାରେ ଉତ୍ତେଜନା ଦେଖା ଦେଇଥିଲା। ଏମିତି କି ଉତ୍ତେଜନା ଉଗ୍ରରୂପ ଧାରଣ କରିଥିବା ବେଳେ ଶୁକ୍ରବାର ଠକେଇରେ ଶିକାର ଗ୍ରାହକ ଦିନ ତମାମ ଶାଖାର ସମସ୍ତ କର୍ମଚାରୀଙ୍କୁ ତାଲା ପକାଇ ଅଟକ ରଖିବା ସହ ହୋହାଲ୍ଲା କରିଥିଲେ। ଗୋପାଳପୁର ଥାନା ପୁଲିସ ଶାଖାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଶାଖାର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଆସନ୍ତା ସୋମବାର ଗ୍ରାହକ ମାନେ ନିଜ ନିଜର ଗହଣା ଫେରିପାଇବାର ପ୍ରତିଶ୍ରୁତି ପରେ ଲୋକେ ଅଟକ ରଖିଥିବା କର୍ମଚାରୀଙ୍କୁ ଛାଡିବା ସହ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ପୁଣି ସାହାସପୁରାରେ ସକ୍ରିୟ ଗୋରୁ ମାଫିଆ

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୮ ଗୋରୁ ଉଦ୍ଧାର

ବାହାନଗା,୧୯।୭ (ସମିସ) : କିଛି ଦିନର ବ୍ୟବଧାନ ପରେ ପୁଣି ଗୋପାଳପୁର ଥାନା ସାହାସପୁରାରେ ସକ୍ରିୟ ଗୋରୁ ମାଫିଆ। ଶୁକ୍ରବାର ବିଳମ୍ବିତ ରାତିରେ ସାହାସପୁରାରୁ ଅମାନୁଷିକ ଭାବେ ପିକଅପ ଭ୍ୟାନ ଯୋଗେ ପଶ୍ଚିମବଙ୍ଗକୁ ଗୋ ଚାଲାଣ ବେଳେ ଗୋପାଳପୁର ଥାନା ପୋଲିସ କୌଣସି ସୂତ୍ରରୁ ଖବରପାଇ ପିଛା କରିବା ସହ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିବାରେ ପୋଲିସ ସଫଳ ହୋଇଥିବାର ଜଣାପଡିଛି। ବାସୁଦେବପୁର-ବାଲେଶ୍ୱର ନିମିକି ରାସ୍ତା ଗୋ' ଚାଲାଣକାରୀଙ୍କ ଚରାଭୂଇଁ ପାଲଟିଥିବା ବେଳେ ଗୋପାଳପୁର ଥାନା ସାହାସପୁରା ଗୋରୁ ଚାଲାଣର ହବ ପାଲଟିଥିଲା। ଗୋପାଳପୁର ଥାନା ପୋଲିସ ଏବଂ ଜିଲ୍ଲା ପୋଲିସର ବାରମ୍ବାର ଚଢାଉ ତଥା କାର୍ଯ୍ୟାନୁଷ୍ଠାନ ଯୋଗୁଁ ସାହାସପୁରାରୁ ଗୋ' ଚାଲାଣରେ ରୋକ ଲାଗିଥିଲା। କିଛିଦିନ ବ୍ୟବଧାନରେ ପୁଣି ସାହାସପୁରାରୁ ଗୋ' ଚାଲାଣ ବୃଦ୍ଧି ପାଇଥିବା ବେଳେ ପୁଣି ପୂର୍ବପରି ହବ ହେବାକୁ ଯାଉଛି। ପ୍ରତିଦିନ ୮ ରୁ ୧୦ଟି ଗାଡିରେ ଅମାନୁଷିକ ଭାବେ ଗୋରୁ ବୋଝେଇ କରାଯାଇ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୋପାଳପୁର ଥାନା ପୋଲିସ ସାହାସପୁରାରୁ ଗୋରୁ ଚାଲାଣର ଖବରପାଇ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ପିଛା କରିବା ସହ ସାହାସପୁରା ଛକ ନିକଟରୁ ଗାଡ଼ିକୁ ଜବତ କରିବା ସହ ୮ଟି ଗୋରୁକୁ ଉଦ୍ଧାର କରି ବାମପଦା ସ୍ଥିତ ମା" ଭାରତୀ ଗୋଶାଳାରେ ଛାଡିଥିବା ଜଣାପଡ଼ିଛି। ଏ ନେଇ ଗୋପାଳପୁର ଥାନା ପୁଲିସ ଏକ ମାମଲା ରୁଜୁ ତଦନ୍ତ ଜାରି ରଖିଛି। ଅନ୍ୟପଟେ ସାହାସପୁରା ଅଞ୍ଚଳରୁ ପ୍ରତିଦିନ ଗୋଚାଲାଣ ହେଉଥିବା ବେଳେ ପୁଲିସ ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।




## ବିସ୍ଫୋରକ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

ସୋର, ୧୯।୭ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଗତକାଲି ବିଳମ୍ବିତ ରାତିରେ ବିସ୍ଫୋରକ ଭର୍ତ୍ତି ପିକଅପ ଭ୍ୟାନ ଦୁର୍ଘଟଣା ହୋଇଥିବା ବେଳେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ବିସ୍ଫୋରକ ସାମଗ୍ରୀ (ଜିଲୋଟିନ) ଭର୍ତିଥିବା ଏକ ପିକଅପ ଭ୍ୟାନଟି ଭୁବନେଶ୍ୱରରୁ ସୋର ଅଭିମୁଖେ ଆସୁଥିଲା। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଜାତୀୟରାଜପଥ ପାଟ୍ରୋଲିଂ ପୁଲିସ ଗାଡିଟିକୁ ଜବତ କରି ସୋର ଥାନାକୁ ନେଇଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିଲା। ଉକ୍ତ ବିସ୍ଫୋରକ ଗାଡିଟି ବାଗୁଡି ପଥର ଖଦାନକୁ ଯାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବାରୁ ଏହି ବିସ୍ଫୋରକ ବ୍ୟବହାର କରି ମାଫିଆ ମାନେ ବାଗୁଡ଼ିରେ ବନ୍ଦ ଥିବା ଖଦାନରୁ କୋଟି କୋଟି ଟଙ୍କାର ପଥର ଲୁଟ କରୁଥିବା ଅଭିଯୋଗ ହୋଇଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ବାତିଲ ଦାବି




ବାଲିଆପାଳ, ୧୯।୭ (ସମିସ): ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରତିବାଦରେ ଆଜି ବାଲିଆପାଳ ବ୍ଲକ ପାରୁଳିଆ ଛକ ନିକଟସ୍ଥ ଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ଅସ୍ତି ପଞ୍ଚାୟତ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଘଟଣାରୁ ପ୍ରକାଶ ଅସ୍ତି ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କରୁଣାକର ଜେନା ପାଞ୍ଚ ମାସ ଧରି କାର୍ଯ୍ୟ କରି ଆସୁଛନ୍ତି। ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ବାରମ୍ବାର ବନ୍ୟା ଆସି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଛି। ବନ୍ୟା ପୀଡ଼ିତ ମାନଙ୍କ ପାଇଁ ଆସିଥିବା ରିଲିଫ ବଣ୍ଟନ ଠିକ ଭାବରେ କରି ନ ଥିବା ଯୋଗୁଁ ଅସ୍ତି ପଞ୍ଚାୟତର ଜୈନକ ବ୍ୟକ୍ତି ସାମାଜିକ ଗଣମାଧମ ଏକ୍ସ ଜରିଆରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ ଜିଲ୍ଲାପାଳ ଏହି ଅଭିଯୋଗର କୌଣସି ତଦନ୍ତ ନକରି ତରବରିଆ ଭାବରେ ୧୮ ଜୁଲାଇ ଶୁକ୍ରବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକରୁ ରେମୁଣା ବ୍ଲକକୁ ବଦଳି କରିଥିଲେ ଏବଂ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଯଥାଶୀଘ୍ର ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରିଲିଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସନ୍ଧ୍ୟାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରିଲିଭ କରିଦେଇଥିଲେ। ଆଜି ସକାଳେ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଦଳମତ ନିର୍ବିଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରତିବାଦରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ବିଜେପି ନେତା କମଳାକାନ୍ତ ପାତ୍ର, ସନ୍ତୋଷ ପରିଡା, ସଞ୍ଜୟ ପରିଡା,ଭୁବନ ଜେନା, ପଞ୍ଚାନନ ଜେନା,ମାନସ ଦାସ, ଓ୍ୱାର୍ଡସଦସ୍ୟ ତପନ ଜେନା, ସୁଜିତ ବେହେରା, ସୁଶାନ୍ତ ଦଳାଇ, ପ୍ରଶାନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ପରେ ପଞ୍ଚାୟତର ସମସ୍ତ ରାଜନୈତିକ ଦଳର ନେତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ସମସ୍ତ ରାଜନୈତିକ ଦଳର ନେତା ଉପସ୍ଥିତ ହୋଇ ସାମ୍ବାଦିକ ସମ୍ମିଳନୀ କରିବା ସମସ୍ତଙ୍କୁ ଚକିତ କରିଛି। ସାମ୍ବାଦିକ ସମ୍ମିଳନୀ ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଞ୍ଚାୟତ ପକ୍ଷରୁ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଜଦି ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କର ସହଯୋଗରେ ପଞ୍ଚାୟତର ଉନ୍ନୟନ ମୁଳକ କାର୍ଯ୍ୟ କରିଆସୁଛନ୍ତି ତେବେ ତାଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ କାହିଁକି ଦେଲେ ନାହିଁ ଜିଲ୍ଲାପାଳ। ବିନା ତଦନ୍ତରେ ତରବରିଆ ଭାବରେ ବଦଳି ନିର୍ଦ୍ଦେଶ କାହା ଚାପରେ ଦେଲେ। ଅସ୍ତି ପଞ୍ଚାୟତ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରିଲିଫ ବଣ୍ଟନ ହୋଇ ନାହିଁ। ଆଜି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦୁଇ ଶହରୁ ଅଧିକ ବୃଦ୍ଧ ଓ ବୃଦ୍ଧା ପଞ୍ଚାୟତ ଅଫିସ ଆସି ନିରାଶ ହୋଇ ଫେରିଯାଇଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଅସ୍ତି ପଞ୍ଚାୟତରେ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କ ପରାମର୍ଶରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହୋଇଥାଏ। ସାମାଜିକ ଗଣମାଧମ ଏକ୍ସ ଜରିଆରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବାରମ୍ବାର ମିଥ୍ୟା ଅଭିଯୋଗ ଆଣୁଥିବା ଅଧିକାରୀ ଶ୍ରୀ ଜେନା କହିଛନ୍ତି। ଏହି ଭଳି ଅଚଳାବସ୍ଥା ଭିତରେ ରିଲିଫ ଚାଉଳ ବଣ୍ଟନ ହୋଇ ନ ପାରି ପଞ୍ଚାୟତ କାର୍ଯ୍ୟାଳୟରେ ପଡ଼ିରହିଛି। ଏ ସମ୍ପର୍କରେ ବିଡିଓ ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନାଙ୍କୁ ଶୁକ୍ରବାର ଜିଲ୍ଲାପାଳ ବଦଳି କରିଥିଲେ। ଆଜି ଅସ୍ତି ପଞ୍ଚାୟତର ଶତାଧିକ ଲୋକ ବଦଳି ବାତିଲ ପାଇଁ ଅନୁରୋଧ କରି ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ମୁଁ ଜିଲ୍ଲାପାଳଙ୍କୁ ଅବଗତ କରେଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଆସିଲେ ଯାହାକିଛି ହୋଇ ପାରିବ।

## ପଞ୍ଚଲିଙ୍ଗେଶ୍ୱର ପୀଠରେ ବିଭିନ୍ନ ଦୋକାନ ଯାଞ୍ଚ

ନୀଳଗିରି, ୧୯।୭ (ସମିସ): ପୁଣ୍ୟ ଶ୍ରାବଣମାସରେ ଓଡିଶାର ବିଭିନ୍ନ ଶୈବପୀଠ ମାନଙ୍କରେ କାଉଡ଼ିଆ ମାନଙ୍କର ଜଳାଭିଷେକ ଚାଲିଥିବା ବେଳେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରରେ ଆସନ୍ତା ସୋମବାର ୨ୟ ପାଳି ଅବସରରେ ଭକ୍ତଙ୍କର ଅହେତୁକ ଭିଡ଼ ରହିବାର ସୂଚନା ଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଖାଦ୍ୟ ନିରାପତ୍ତା ଅଧିକାରୀ ଶଶୀକାନ୍ତ ବେହେରା, ଏମଟିଏସ ଗଣେଶ କିଙ୍କରଦାସ ଏବଂ ଅନ୍ୟ ସହଯୋଗୀମାନେ ପଞ୍ଚଲିଙ୍ଗେଶ୍ୱର ପୀଠରେ ପହଞ୍ଚି ପ୍ରାୟ ୨ଶହରୁ ଉର୍ଦ୍ଧ ଦୋକାନରେ ଖାଦ୍ୟ, ଭୋଗ, ପାଣି, ଚା, ବିସ୍କୁଟ ସମେତ ଚାଟ, ଗୁପଚୁପ, ଟିଫିନ, ଦହିବରା ଆଦି ବିଭିନ୍ନ ପ୍ରକାରର ଖାଦ୍ୟସାମଗ୍ରୀର ମାନ ଯାଞ୍ଚ କରିବା ସହିତ ସମସ୍ତ ଦୋକାନୀମାନଙ୍କୁ ଆସନ୍ତା ୭ଦିନ ମଧ୍ୟରେ ଖାଦ୍ୟ ନିରାପତ୍ତା ସାର୍ଟିଫିକେଟ ପଞ୍ଜିକୃତ କରିବା ପାଇଁ ସମୟ ସୀମା ଦେଇଛନ୍ତି। ଏହାକୁ ଉଲ୍ଲଘଂନ କଲେ ଆଗାମୀ ସମୟରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାବାଦ ଦୀର୍ଘ ୩ ବର୍ଷଧରି ପୀଠ ନିକଟରେ ମିଶନଶକ୍ତି କାଫେ ଖୋଲାଯାଇଥିବା ବେଳେ କାଫେ ମଧ ଖାଦ୍ୟ ନିରାପତ୍ତା ସାର୍ଟିଫିକେଟପ୍ରାପ୍ତ କରିନଥିବାରୁ ତୁରନ୍ତ ସାର୍ଟିଫିକେଟ କରାଇନେବା ପାଇଁ କାଫେର ପରିଚାଳିକାମାନଙ୍କୁ ତାଗିଦ କରିଥିଲେ। ଏ ନେଇ ଖାଦ୍ୟସୁରକ୍ଷା ଅଧିକାରୀ ଶ୍ରୀ ବେହେରା ଯାତ୍ରୀ ସୁରକ୍ଷା ଏବଂ ଦୋକାନୀ ସଙ୍ଘର ସଭାପତି ସୁରେନ୍ଦ୍ର ଦାସଙ୍କ ସହିତ ଆଲୋଚନା କରିଥିଲେ। ସଭାପତି ଶ୍ରୀ ଦାସ ପୀଠରେ ବହୁଦିନ ଧରି ପାନୀୟଜଳ ସମସ୍ୟା ସହିତ ଶୌଚାଳୟର ସମସ୍ୟା ରହିଥିବାରୁ ଜିଲ୍ଲାପାଳଙ୍କୁ ଅବଗତି କରିବାକୁ ଅଧିକାରୀଙ୍କୁ ନିବେଦନ କରିଥିଲେ।



## ଅସହାୟଙ୍କୁ ଭୋଲା ଭଣ୍ଡାରି ଅନ୍ନଦାତା ପରିବାରର ସହାୟତା

ଜଳେଶ୍ୱର ବ୍ଲକ, ୧୯।୭ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ୫ ନଂ ଓ୍ୱାର୍ଡ ଓ୍ୱାର୍ଡ ସ୍ଥିତ ବେଲପଦା ସାହିର କୁଷ୍ଠରୋଗରେ ପୀଡିତ ଥିବା ପରିବାର ଗୃହ ମରାମତି କଲେ ସ୍ୱେଚ୍ଛାସେବୀ ସଂଗଠନ ଭୋଲାଭଣ୍ଡାରୀ ଅନ୍ନଦାତା ପରିବାର। ୩୫ ବର୍ଷଧରି ଶ୍ୟାମ ବାସ୍କେ (୫୮) ତାଙ୍କ ରୋଗିଣା ପୁଅ (୧୮) ସହ ସହର ତଳି ସରକାରୀ ସ୍ଥାନରେ କୁଡ଼ିଆ ଘର କରି କାଳାତିପାତ କରିଆସୁଛନ୍ତି। ବର୍ଷା ଋତୁରେ ଜୀବନ ଧାରଣ ଦୁର୍ବିସହ ହୋଇ ପଡିଥିବାରୁ ସ୍ୱେଚ୍ଛାସେବୀ ହରିଶଙ୍କର ପଣ୍ଡା ଓ ସାଥୀ ମାନେ ମିଶି ଘର ମରାମତି ପାଇଁ ଅଣ୍ଟା ଭିଡ଼ି ଥିଲେ। ଗତ ସୋମବାର ଠାରୁ ଆରମ୍ଭକରି ଗୁରୁବାର ପର୍ଯ୍ୟନ୍ତ ୪ ଦିନ ଧରି ଆକ୍ଲାନ୍ତ ପରିଶ୍ରମ କରି ଘର ମରାମତିକରି ନୂଆରୂପ ଦେଇଛନ୍ତି। ଏହି ମହତ୍ କାର୍ଯ୍ୟରେ ସମବାରୀ ବିନ୍ଧାଣି, ବଳରାମ ପାଳ ପ୍ରମୁଖ ସହାୟତା କରିଥିଲେ।



## ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ସ୍ମାରକ ପତ୍ର

ଭୋଗରାଇ, ୧୯।୭ (ସମିସ): ଭୋଗରାଇ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର କର୍ମକର୍ତ୍ତାଙ୍କ ପକ୍ଷରୁ ୯ ଦଫା ଦାବୀରେ ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସୂଚନା ଏହି କି ଯେ ଭୋଗରାଇ ଅବସରପ୍ରାପ୍ତ କଲ୍ୟାଣ ସମିତିର ସଭାପତି ଗୋପବନ୍ଧୁ ମହାପାତ୍ର ଓ ସାଧାରଣ ସମ୍ପାଦକ ଡ. ନବକୃଷ୍ଣ ଦେ ଏବଂ ଅନ୍ୟ କର୍ମକର୍ତ୍ତା ମାନେ ୯ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଅବସର ପ୍ରାପ୍ତ କଲ୍ୟାଣ ସମିତିର ସମିତିର ଉପଦେଷ୍ଟା ରଘୁନାଥ ମହାନ୍ତି, ପରିମଳ ମହାନ୍ତି, ନଟରଞ୍ଜନ ଘରାଇ, ସୀତାରାମ ପ୍ରଧାନ, ଦୀପେଶ ରାୟ, ଜୟକୃଷ୍ଣ ରଣା, ଅତୁଳ ଜେନା, ସପନ ଦେ, ହରେନ୍ଦ୍ର ନାଥ ଭୋଳ, ଅସିତ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ନାଭଡ଼େଶ୍ୱର ପୀଠ

କାଳିପଦା, ୧୯।୭ (ସମିସ)

ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ନାଭଡ଼େଶ୍ୱର ଗାଁରେ ରହିଛି ପୁରାତନ ଶୈବପୀଠ ନାଭଡ଼େଶ୍ୱର। ରକ୍ଷଣା ବେକ୍ଷଣା ଅଭାବରୁ ଏହି ପୀଠଟି ଏବେ ଅବହେଳିତ। ଲୋକ ପ୍ରତିନିଧି ଓ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଭକ୍ତ ଓ ସ୍ଥାନୀୟ ଲୋକ ମାନେ ଦାବି କରିଛନ୍ତି। ପୁରାତନ ମନ୍ଦିର, ନାଟ ମନ୍ଦିର ମରାମତି ଅଭାବରୁ ଭାଙ୍ଗି ରୁଜି ଗଲାଣି। ମନ୍ଦିର ଚତୁଃପାଶ୍ୱର୍ରେ କୌଣସି ପାଚେରୀ ନ ଥିବାରୁ ବୁଲା ଗାଇ ଗୋରୁଙ୍କ ଏହା ଚରାଭୂମି ଓ ଆଶ୍ରୟ ସ୍ଥଳ ପାଲଟିଛି। ପୂର୍ବରୁ ଦେବୋତ୍ତର ବିଭାଗ ଅଧୀନରେ ମହାଦେବଙ୍କ ଅନେକ ସମ୍ପତ୍ତି ରହିଥିବା ବେଳେ ଅଧିକାଂଶ ସମ୍ପତ୍ତି ଏବେ ମୁଷ୍ଟିମେୟ ଲୋକଙ୍କ ଜବର ଦଖଲରେ ରହିଛି। ଜବର ଦଖଲ ଉଚ୍ଛେଦ ନେଇ କୌଣସି ସ୍ତରରେ ଉଦ୍ୟମ ନାହିଁ। ମହାଦେବଙ୍କ ଆବିର୍ଭାବ ସମ୍ପର୍କରେ ସେମିତି କିଛି ପ୍ରାମାଣିକ ତଥ୍ୟ ନାହିଁ। କିମ୍ବଦନ୍ତୀ କହେ ବହୁ ବର୍ଷ ପୂର୍ବେ ଏବେର ମନ୍ଦିର ସ୍ଥାନରେ ଏକ ବଡ଼ ବାଲିଅଡିଆ ଥିଲା। ଜଣେ ଗାଈ ଆଳ ପିଲା ଗାଈ ଚରାଉଥିବା ବେଳେ ଏକ ବଡ଼ ଗାଡ଼ ମଧ୍ୟରେ ମହାଦେବ ଲିଙ୍ଗ ଦେଖି ସେ ଗାଁ ଲୋକଙ୍କୁ କହିଥିଲେ। ପରେ ଗ୍ରାମବାସୀ ସେଠାରେ ଏକ ଚଉପାଢ଼ି ନିର୍ମାଣ କରି ଜ୍ୟୋର୍ତିଲିଙ୍ଗଙ୍କୁ ପୂଜାର୍ଚ୍ଚନା କଲେ। ଏହାର ପ୍ରଥମ ପୂଜକ କିଏ ତାହା ମଧ ଜଣା ଯାଇ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗ୍ରାମର କ୍ଷେତ୍ର ମୋହନ ପଣ୍ଡା ହେଉଛନ୍ତି ଏହାର ପ୍ରଥମ ପୂଜକ। ଏବେ ତାଙ୍କ ବଂଶଧରମାନେ ମହାଦେବଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ଗ୍ରାମର ପରୀକ୍ଷିତ ବେବର୍ତ୍ତାଙ୍କ କନ୍ୟା ଲକ୍ଷ୍ମୀ ପ୍ରିୟାଙ୍କୁ ମହାଦେବଙ୍କ ସ୍ୱପ୍ନାଦେଶ ହେବାରୁ ସେ ମହାଦେବଙ୍କ ମନ୍ଦିର ତୋଳାଇ ଥିଲେ। ଗ୍ରାମର ଶୈବ ଭକ୍ତ ଚନ୍ଦ୍ର ମୋହନ ଦତ୍ତ, ଗଙ୍ଗାଧର ଦେ ପ୍ରମୁଖ ମନ୍ଦିର ନିର୍ମାଣ ପାଇଁ ମଧ୍ୟ ସହାୟତା ଦେଇଥିଲେ। ୨୦୦୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମହଦେବଙ୍କ ଚଡକ ଓ ଜାଗର ଯାତ୍ରା ଖୁବ ପ୍ରସିଦ୍ଧ। ଏଥିପାଇଁ ଭକ୍ତଙ୍କ ଅଧିକ ସମାବେଶ ହୋଇ ଥାଏ। ନାଭଡ଼େଶ୍ୱରଙ୍କ ମହିମା ଅତି ଚମତ୍କାର। ତାଙ୍କ କୃପା କରୁଣାରୁ ମଣିଷ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇବାର ବିଶ୍ୱାସ ରହିଛି। ସେଥିପାଇଁ ବର୍ଷର ଅନେକ ସମୟରେ ଭକ୍ତମାନେ ପୀଠରେ ଅଧିଆ ପଡ଼ିଥାନ୍ତି। ବାଲିଆପାଳ ବ୍ଲକ ଛକରୁ କାଳିପଦା ବଜାର ପ୍ରାୟ ୬ କିଲୋମିଟର ରାସ୍ତା ଅତିକ୍ରମ କଲା ପରେ ସେଠୁ ପୂର୍ବକୁ କାଳିପଦା କଟୁଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଦେଢ଼ କିଲୋମିଟର ଗଲେ ପଡେ ଏହି ପୀଠ। ସରକାର ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ର କଲେ ଏହି ପୀଠର ଅଧିକ ଉନ୍ନତି ହୋଇ ପାରନ୍ତା। ଏହି ପୀଠରୁ ଦକ୍ଷିଣକୁ ଆଉ ୬ କିଲୋମିଟର ଗଲେ ଡଗରା ଚୌମୁଖ ମନୋରମ ପର୍ଯ୍ୟଟନ କେନ୍ଦ୍ର ରହିଛି। ବାଲିଆପାଳ ଡଗରା ରାସ୍ତାର କାଳିପଦା ନିକଟରେ ଏହି ଶୈବ ପୀଠ ଥିବାରୁ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



ଦୈନିକ ଖବରକାଗଜ 'ସକାଳ' ଜୟପୁର ପ୍ରେସର
ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ



ଆପଣ ସମାଜରେ ଲୋକଙ୍କ ସେବା ପାଇଁ
ସାରା ଜୀବନ ସମର୍ପିତ କରିଛନ୍ତି।
ତେଣୁ ଆପଣଙ୍କ ସ୍ୱାସ୍ଥ୍ୟ ସଦା ସର୍ବଦା ସୁସ୍ଥ ରହିବା ନେଇ
ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ
ଶ୍ରୀଯୁକ୍ତ ସହଦେବ କୁଅଁର
ଗ୍ରାମ- ଅଲଣ, ପୋ-କୁରାଢ (ଜିଲ୍ଲା -ଜଗତସିଂହପୁର )





# ଭଡ଼ାରେ ଚାର୍ଜସିଟ୍ ଲେଖାଉଛି ପୁଲିସ

■ ଖସି ଯାଉଛି ଦୋଷୀ, ଫସୁଛନ୍ତି ନିର୍ଦ୍ଦୋଷ
■ ନିଲମ୍ବନ ଭୟ; ଗଳାବାଟ ଖୋଜୁଛନ୍ତି ଅଧିକାରୀ
■ ପ୍ରତି ଚାର୍ଜସିଟ୍ ଦୁଇ ହଜାର; ତଥାପି ତ୍ରୁଟି

ଭୁବନେଶ୍ୱର, ୧୯ ।୭ (ସମିସ): ଅଭିଯୋଗକାରୀ କୋର୍ଟରେ ନ୍ୟାୟ ପାଇବା ପାଇଁ ମୁଖ୍ୟତଃ ପୁଲିସର ଚାର୍ଜସିଟ୍ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। କାରଣ ଚାର୍ଜସିଟ୍‌ରେ ତ୍ରୁଟିଥିଲେ ଜଣେ ନିର୍ଦ୍ଦୋଷ ଫସିପାରେ ଆଉ ଦୋଷୀ ଖସିଯାଇପାରେ। କିନ୍ତୁ ଏଭଳି ଏକ ସମ୍ବେଦନଶୀଳ କାମ ପାଇଁ ପୁଲିସ ପାଖରେ ସମୟ ନାହିଁ। ଫଳରେ ପୁଲିସ ଭଡ଼ାରେ ଚାର୍ଜସିଟ୍ ଲେଖାଉଛି। ଦୁଇ ହଜାର ଟଙ୍କା ଲେଖାଏଁ ଦେଇ ଚାର୍ଜସିଟ୍, ସିଡି ଲେଖାଉଛନ୍ତି ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀ। କିନ୍ତୁ ଅପରାଧ ଘଟିଥିବା ଘଟଣା ସ୍ଥଳକୁ ଯାଉ ନ ଥିବାରୁ ଚାର୍ଜସିଟ୍‌ରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି। ଯେଉଁଥିପାଇଁ କେତେକ କ୍ଷେତ୍ରରେ ଅଭିଯୁକ୍ତ ସହଜରେ ଜାମିନ ପାଇ ଯାଉଛନ୍ତି ତ ପୁଣି ଅନେକ ମାମଲାରେ ନିର୍ଦ୍ଦୋଷ ଫସି ଯାଉଥିବା ନଜିର୍ ରହିଛି।

**ମାସିକିଆ ଚାପରେ ତଦନ୍ତ ଅଧିକାରୀ ଚେପା**

ଡିସିପି ସବୁ ଥାନାକୁ ମାସିକିଆ ଟାର୍ଗେଟ ଦେଉଛନ୍ତି। ଯେକୌଣି ହାଲତରେ ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯିଏ ଚାର୍ଜସିଟ୍ ସଠିକ୍ ସମୟରେ ନଦେବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେପରି ଖଣ୍ଡଗିରି ଥାନାର ଏସ୍‌ଆଇ ଦେବୀ ରଞ୍ଜନ ଜାମ୍‌ସେଦ ନିଲମ୍ବିତ ହୋଇଥିଲେ। ସେ ଏନ୍‌ଡିପିଏସ୍ ମାମଲାରେ ଚାର୍ଜସିଟ୍ ଦେବାରେ ବିଳମ୍ବ କରିଥିବାରୁ ନିଲମ୍ବିତ କରିଛନ୍ତି ସିପି। ଏଭଳି କାର୍ଯ୍ୟାନୁଷ୍ଠାନ ଦେଇ ଭୟରେ ଅନ୍ୟ ତଦନ୍ତ ଅଧିକାରୀମାନେ। ସେମାନେ ଭଡ଼ାଟିଆ ରଖି ନିଜର ଚାକିରି ବଞ୍ଚାଇ ରଖୁଛନ୍ତି। ତେଣୁ ଏକାଧିକ ତଦନ୍ତ ଅଧିକାରୀ କହୁଛନ୍ତି ମାମଲା କୋର୍ଟରେ ଯାହା ହେଉ ଭଡ଼ାଟିଆ ଲୋକ ଆଣି ଚାର୍ଜସିଟ୍ ଲେଖି କୋର୍ଟକୁ ଦେବା ନିହାତି ଦରକାର। ଡିସିପି ନିଜେ ମଧ୍ୟ ପ୍ରତି ମାସରେ କେତେ ମାମଲା ଶେଷ ହେଲା ସେନେଇ ଅନୁଧ୍ୟାନ କରୁଛନ୍ତି। ତେଣୁ ଥାନା ଅଧିକାରୀ ମାସିକିଆ ଟାର୍ଗେଟକୁ ଆଖି ଆଗରେ ରଖି ଥାନାର ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କୁ ମାମଲା ଶେଷ କରିବାକୁ କହିଛନ୍ତି।

**ସିପିଙ୍କ ଡରରେ ଦିଗହରା ମାମଲା**

ସଠିକ୍ ସମୟରେ ଚାର୍ଜସିଟ୍ ଏବଂ ସିଡ଼ି ଦାଖଲ କରୁ ନ ଥିବା ଅଧିକାରୀଙ୍କୁ ନିଲମ୍ବିତ କରୁଛନ୍ତି। ତେଣୁ ଏକାଧିକ ତଦନ୍ତ ଅଧିକାରୀ ସଠିକ୍ ସମୟରେ ଚାର୍ଜସିଟ୍ ଦେବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ତେଣୁ ସିପିଙ୍କ ଡରରେ ଏକାଧିକ ତଦନ୍ତ ଅଧିକାରୀ ତର ବରିଆ ଭାବେ ମାମଲା ଲେଖି କୋର୍ଟକୁ ଦେଉଛନ୍ତି। ଯାହାଫଳରେ ସେଥିରେ ଏକାଧିକ ତ୍ରୁଟି ରହିବା ସହ ଅଭିଯୁକ୍ତକୁ ସଜା ଦେବା ପାଇଁ କିଛିବି ତଥ୍ୟ ରହୁନି। ତେଣୁ ଡିସିପିଙ୍କ ଡରରେ ମାମଲା ଦିଗହରା ହେଉଛି।

**କେଉଁ ଥାନାରେ ପଡ଼ିଛି କେତେ ମାମଲା**

ରାଜଧାନୀରେ ବର୍ତ୍ତମାନ ସୁଦ୍ଧା ୧୬ ହଜାରରୁ ଅଧିକ ମାମଲା ଗଡୁଛି। ମାମଲା ସଂଖ୍ୟାକୁ ଦେଖି ଡିସିପି ପ୍ରତି ଥାନା ଅଧିକାରୀଙ୍କୁ ଟାର୍ଗେଟ ଦେଇଛନ୍ତି। ନୂଆପଲ୍ଲୀ ଥାନାକୁ ୧୦୦ ମାମଲା, ସହିନଗର ଥାନାକୁ ୧୦୫ ମାମଲା, ମଞ୍ଚେଶ୍ୱର ୮୯, ଲକ୍ଷ୍ମୀସାଗର ୮୦, ଖାରବେଳନଗର ୭୦, କ୍ୟାପିଟାଲ ୧୨୦, ମହିଳା ୩୦, ଖଣ୍ଡଗିରି ୧୧୫, ବଡ଼ଗଡ଼ ୫୯, ଏୟାରପୋର୍ଟରେ ୭୦, ଏୟାରଫିଲ୍ଡ ଥାନାକୁ ୯୦, ଧଉଳି ୭୦, ଜଟଣୀ ୧୨୬, ଚନ୍ଦ୍ରଶେଖରପୁର ୯୦, ଇନ୍‌ଫୋସିଟି ୮୮ ଆଦି ମାମଲା ଦିଆଯାଇଛି। ଯଦି କେହି ମାମଲା ଶେଷ କରୁନାହାନ୍ତି ସେମାନଙ୍କୁ ଛୁଟି ଦିଆଯାଉଛି। ତେଣୁ ମାମଲା ବାଧ୍ୟ ହୋଇ ମାମଲା ଶେଷ କରୁଛନ୍ତି।

**ରାତି ଅନିଦ୍ରା ପୁଲିସ ବାବୁ**

ଡିସିପିଙ୍କ ତାଗିଦ ପାଇଁ ମାମଲା ଶେଷ କରିବାକୁ ଲାଗି ପଡ଼ିଛନ୍ତି ତଦନ୍ତ ଅଧିକାରୀମାନେ। ହେଲେ ଦିନରେ ଥାନା କାର୍ଯ୍ୟ ଏବଂ ଲ ଆଣ୍ଡ ଅର୍ଡର ପାଇଁ ମାମଲା ଶେଷ କରି ପାରୁ ନାହାନ୍ତି। ତେଣୁ ସେମାନେ ପରୀକ୍ଷା ଦେବାଭଳି ରାତି ଅନିଦ୍ରା ହୋଇ ଚାର୍ଜସିଟ୍ ଲେଖୁଛନ୍ତି। ନହେଲେ ଭଡ଼ାଟିଆ ମାଧ୍ୟମରେ ଲେଖୁଛନ୍ତି। ଏପରିକି ଅନେକ ପୁଲିସ ବାବୁ ଘରକୁ ନଯାଇ ମଧ୍ୟ ଥାନାରେ ରହି ମାମଲା ଲେଖି ତାହାକୁ ଶେଷ କରୁଛନ୍ତି। ମାମଲା ଶେଷ ଚକ୍କରରେ ପୁଲିସ ବୁବୁମାନେ ମଧ୍ୟ ତଦନ୍ତ କରିବାକୁ ଯାଉନଥିବା ଦେଖିବାକୁ ମିଳୁଛି। ପଚାରିଥିଲେ ଡିସିପି ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ଆମେ ଥାନାରେ ଅଛୁ ଯାଇ ପାରିବୁ ନାହିଁ ବୋଲି କହୁଛନ୍ତି।

---

**ଆମେ ଗାଁରୁ ଆସିଛୁ**

## ଝୁରୁଥାଏ; ହେଲେ ଫେରି ହୁଏନା



ଗାଁ କେବଳ ଏକ ସ୍ଥାନ ନୁହଁ ବରଂ ସେହି ସ୍ଥାନ ମଣିଷ ଗଢି ତୋଳିଛି। କେତେ ନୂଆ ପୁରୁଣା ସ୍ମୃତ ଠିକଣା ହେଉଛି ଗାଁ। କେତେ ଯେ ସମ୍ପର୍କ, ପିଲାବେଳ ଅଳି ଅଝଟ, ସାଙ୍ଗ ସାଥୀଙ୍କ ମେଳ ଆଉ ବଉଳ ମୂଳ ସବୁ ସେଇ ପଛରେ ରହିଯାଇଛି। ଆଜି ବି ସେଇ ଗାଁ ପରିବେଶକୁ ମନ ଝୁରୁଥାଏ ଆଉ ଖୋଜୁ ଥାଏ ହେଲେ ଫେରି ହୁଏନି।

ନିଜ ଗାଁ ମାଟିକୁ ଝୁରି ହେଉଥିବା ଏପରି ଜଣେ ଗାଁ ମନସ୍କ ମହିଳା ହେଲେ ୪୨ ବିଷ୍ଣୁପ୍ରିୟା ମହାନ୍ତି। ପାଠପଢ଼ା ଏବଂ କର୍ମମୟ ଜୀବନ ତାଙ୍କୁ ରାଜଧାନୀକୁ ଟାଣି ଆଣିଥିଲା। ତାଙ୍କ ପ୍ରକୃତ ଗାଁ ହେଉଛି ଜଗତସିଂପୁରର ସାତପୁରା ଗ୍ରାମରେ। ରାଜଧାନୀରେ ୧୩ ବର୍ଷ ହେଲାଣି ରହିଲେଣି। ବର୍ତ୍ତମାନ ତାଙ୍କ ଠିକଣା ପାଲଟିଛି ରାଜଧାନୀର ଆଇଆରସି ଭିଲେଜ। ପଢ଼ା ସାରିବା ପରେ କର୍ମମୟ ଜୀବନର ବ୍ୟସ୍ତତା ଭିତରେ ବି ସମୟ ମିଳିଲେ ଛୁଟିରେ ସେ ଗାଁକୁ ଯାଇ ବୁଲି ଆସନ୍ତି ବୋଲି କୁହନ୍ତି। ବିବାହ ପରେ ତାଙ୍କ ସ୍ୱାମୀଙ୍କ ସହ ଏଇ ରାଜଧାନୀରେ ହିଁ ବସବାସ କଲେ। ବର୍ତ୍ତମାନ ଏକ ଘରୋଇ ସଂସ୍ଥାରେ ସେ ସୁପରଭାଇଜର ଭାବେ କାମ କରୁଛନ୍ତି। ହେଲେ ଗାଁ ପରିବେଶ ମନକୁ ସବୁବେଳେ ଟାଣୁଥାଏ। ପିଲାବେଳୁ ଗାଁ ରେ ବଢ଼ିବାର ଖୁସି ସମୟ ସହ କେତେବେଳେ ଯେ ସ୍ୱପ୍ନ ପାଲଟିଗଲା ଜଣା ନଥିଲା। ଗାଁ ର କେତେ ଯେ ପର୍ବପର୍ବାଣୀ, ସମ୍ପର୍କର ପେଡ଼ି ସେଇ ଗାଁ ଦାଣ୍ଡରେ ରହିଯାଇଛି। ଯୋଉଠି ଶୁଭେ ଦାଦା, ବାପା, ଭାଇ, ଜେଜେ ଡାକ। ପର୍ବପର୍ବାଣୀ ସମୟରେ ବାଜା, ଗୀତ ଓ କୋଳାହଳରେ ଝୁମି ଉଠେ ଆମ ଗାଁ। ବିଶେଷ କରି ରଜ ଓ ଦୋଳକୁ ସମସ୍ତେ ଅପେକ୍ଷା କରି ବସିଥାନ୍ତି। କାନ୍ଧରେ ଦୋଳକୁ ଧରି ବିଲରେ ପସି ଗାଁ ଗାଁ ବୁଲିବା ମଜା ଏ ସହର କୋଉ ଜାଣେ। ସେଠାରେ ମିଳୁଥିବା ପନିପରିବାର ସ୍ୱାଦ କୋଉଠୁ ଆଣିବ ଏ କଂକ୍ରିଟ ଜଙ୍ଗଲ। ଗାଁ ଲୋକଙ୍କ ସ୍ନେହ ଆଦର ଆଜି ବି ସେହିଭଳି ଅଛି। ସେଠାକୁ ଫେରିଲେ ଫେରି ଆସେ ସ୍ନେହଭରା ଡାକ ଏବଂ ମୁଣ୍ଡ ଉପରେ ଧୀରେ କରି ଅନୁଭବ ହୁଏ ଆଶୀର୍ବାଦ ଭରା ହାତ। କେତେ ମୂଲ୍ୟବାନ କଥା ସବୁ ଯାହା କର୍ମମୟ ବ୍ୟସ୍ତତା ଭିତରେ ପଛରେ କୋଉଠି ହଜିଗଲା ପରି ଲାଗେ।

---

## ବଜ୍ରକାପ୍ତା ମୂଲଚାଲ ବେଳେ ଦୁଇ ଶିକାରୀ ଗିରଫ



ଭୁବନେଶ୍ୱର, ୧୯ ।୭ (ସମିସ): ରାଜଧାନୀ ଉପକଣ୍ଠ ପିତାପଲ୍ଲୀ-ଚନ୍ଦକା ରାସ୍ତା ଲତା ଭୂଆଶୁଣି ମନ୍ଦିର ନିକଟରେ ବଜ୍ରକାପ୍ତା ଡିଲ ବେଳେ ୨ ଜଣଙ୍କୁ ମାଡ଼ି ବସିଲା ଏସ୍‌ଟିଏଫ। ସେମାନଙ୍କ ନିକଟରୁ ଏକ ଜୀବନ୍ତ ବଜ୍ରକାପ୍ତାକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ର ଗୋକୁଲ ଗୁପ୍ତା ଏବଂ ତେଜରାମ ମେହେର। ସେମାନଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଦୁଇ ଶିକାରୀ ସୁନ୍ଦରଗଡ଼ ଜିଲ୍ଲା ଜଙ୍ଗଲରୁ ଜୀବନ୍ତ ବଜ୍ରକାପ୍ତା ଧରି ଭୁବନେଶ୍ୱରକୁ ଆଣିଥିଲେ ବିକ୍ରି ପାଇଁ। ହେଲେ ଏସ୍‌ଟିଏଫର ଅଧିକାରୀ ସୂଚନା ପାଇଁ ନିଜେ ଗ୍ରାହକ ସାଜି ଯାଇଥିଲେ। ଦୁଇ ଶିକାରୀ ଗତକାଲି ସନ୍ଧ୍ୟାରେ ପିତାପଲି-ଚନ୍ଦକା ରାସ୍ତା ଲତା ଭୂଆଶୁଣି ମନ୍ଦିର ନିକଟରେ ଡିଲ କରୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ ଟିମ୍ ସେମାନଙ୍କୁ ଗିରଫ କରିଥିଲା।

## ୨୧ରୁ ଏନଏଚ୍‌ଆରସିଙ୍କ ୨ ଦିନଆ ଶୁଣାଣି ଶିବିର

ଭୁବନେଶ୍ୱର, ୧୯।୭ (ସମିସ): ମାନବାଧିକାର ଉଲ୍ଲଂଘନ ଅଭିଯୋଗ ମାମଲାର ଶୁଣାଣି ପାଇଁ ଭାରତର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ପକ୍ଷରୁ ୨୧-୨୨ ଜୁଲାଇ ୨୦୨୫ରେ ଭୁବନେଶ୍ୱରରେ ଏକ ଦୁଇ ଦିନିଆ ଶିବିର ଆୟୋଜନ କରାଯାଉଛି। ଏନଏଚଆରସିର ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ସଦସ୍ୟ ଜଷ୍ଟିସ୍ (ଡ.) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଜୟା ଭାରତୀ ସାୟାନି ଏବଂ ପ୍ରିୟଙ୍କ କାନୁନଗୋ ଜୁଲାଇ ୨୧ ସକାଳ ୧୦ଟାରୁ ରାଜ୍ୟ ଅତିଥି ଭବନରେ ମାମଲାଗୁଡ଼ିକର ଶୁଣାଣି କରିବେ। ଏନ୍‌ଏଚ୍‌ଆରସିର ମହାସଚିବ ଭାରତ ଲାଲ, ରେଜିଷ୍ଟ୍ରାର (ଆଇନ) ଜୋଗିନ୍ଦର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଶିବିର ବୈଠକ ଏବଂ ଖୋଲା ଶୁଣାଣିରେ ଯୋଗଦେବେ।

---

## ପୁନର୍ବାର ବିଏମ୍‌ସି ହିତାଧିକାରୀଙ୍କୁ ମିଳିବ ରାସନ କାର୍ଡ

ଭୁବନେଶ୍ୱର, ୧୯।୭ (ସମିସ)

● ୨୧ରୁ ରାସନ୍ କାର୍ଡ ପାଇଁ ଇ-କେୱାଇସି
● ୨୦୨୨ରୁ ବନ୍ଦ ଥିଲା ନୂଆ ରାସନ କାର୍ଡ ବଣ୍ଟନ

ଭୁବନେଶ୍ୱରରେ ରାସନ୍ କାର୍ଡ ସମ୍ପର୍କିତ ଏକ ବୈଠକ ଶନିବାର ସନ୍ଧ୍ୟାରେ ବିଏମ୍‌ସି ପରିସରେରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାନଗର ନିଗମର ସମସ୍ତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଏବଂ କର୍ପୋରେଟର ଉପସ୍ଥିତ ଥିଲେ। ଆସନ୍ତା ୨୧ ତାରିଖରୁ ବିଏମ୍‌ସିର ତିନୋଟିଯାକ ଜୋନ୍ କାର୍ଯ୍ୟାଳୟରେ ଇ-କେୱାଇସି କରାଯିବ। ବିଏମ୍‌ସି ଅଞ୍ଚଳରେ ଲକ୍ଷେ ୩ ହଜାର ପରିବାରଙ୍କର ରେସନ୍ କାର୍ଡ ରହିଛି। ତେବେ ନୂଆ କାର୍ଡ କରିବାପାଇଁ ଏପର୍ଯ୍ୟନ୍ତ ୧୫୦୮୭ ପରିବାର ଆବେଦନ କରିଛନ୍ତି। ଏଥିମଧ୍ୟରୁ ୩, ୨୫୫ ପରିବାରକୁ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ କରାଯାଇଛି। ୪୦୭୭ ପରିବାରଙ୍କ ଆବେଦନ ନାକଚ ହୋଇ ଅଯୋଗ୍ୟ ବିବେଚିତ ଘୋଷଣ କରାଯାଇଛି। ଅବଶିଷ୍ଟ ୭୭୫୫ ଆବେଦନର ଘୋଷଣା ଖୁବ୍ ଶୀଘ୍ର ହେବ। ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାରୁ ରାସନ୍ କାର୍ଡ଼ କରିବା ବନ୍ଦ ଥିଲା। ସରକାରଙ୍କ ନିର୍ଦ୍ଦେଶ ପରେ ପୋର୍ଟାଲ୍‌ରେ ଆବେଦନ କରିବା ପ୍ରକ୍ରିୟା ଚାଲୁ ରହିଥିଲା। ନାଗରିକମାନେ କିପରି ଏହି ସୁବିଧା ପାଇବେ, ସେଥିପାଇଁ ଇ-କେୱାସିରେ ଯୋଗ୍ୟ ପରିବାରଙ୍କୁ ସହଯୋଗ କରିବାକୁ କର୍ପୋରେଟରମାନଙ୍କୁ ମେୟର ଅନୁରୋଧ କରିଛନ୍ତି। ନାଗରିକମାନେ ଏହି ସୁବିଧା ପାଇଥିବାରୁ ମେୟର ଖୁସି ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଆୟୁକ୍ତ ଶୁଭେନ୍ଦୁ କୁମାର ସାହୁ, ଉପ ଆୟୁକ୍ତ ପ୍ରିୟଙ୍କା ମଲ୍ଲିକ ଏବଂ ଏନ୍ ଗଣେଶ ବାବୁ ବୈଠକ ପରିଚାଳନା କରିଥିଲେ।

## ଉପନିର୍ବାଚନ ଦାବି: ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା

ଭୁବନେଶ୍ୱର, ୧୯ ।୭ (ସମିସ): ଲିଙ୍ଗିପୁର ଗ୍ରାମପଞ୍ଚାୟତର ୯ ନମ୍ବର ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଗତ ଜୁନ୍ ୧୧ ତାରିଖରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ନିର୍ବାଚନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଉପ ଜିଲ୍ଲାପାଳ ତାରିଖ

**ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରାଯାଇଥିବା ଅଭିଯୋଗ**

**ତାରିଖ ଘୋଷଣା ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ**

ଘୋଷଣା ନ କରିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇ ଜାଣିଶୁଣି ନିର୍ବାଚନ କରାଯାଉ ନ ଥିବା ଅଭିଯୋଗ ଆଣି ଉପ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ବସିଥିଲେ ୱାର୍ଡମେମ୍ବର ଏବଂ ଗ୍ରାମବାସୀ। ଏପରିକି ନିର୍ବାଚନ ପାଇଁ ଶୀଘ୍ର ତାରିଖ ଘୋଷଣା କରିବାକୁ ସେମାନେ ଦାବି କରି ଏକ ଦାବିପତ୍ର ଉପ ଜିଲ୍ଲାପାଳଙ୍କୁ ଦେଇଛନ୍ତି। ଆଗାମି ଦିନରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରାନଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ନିର୍ବାଚନ ହେଉନଥିବାରୁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ କୌଣସି ବିକାଶ କାମ ହେଉନଥିବା ବେଳେ କୌଣସି କାଗଜ ଦସ୍ତଖତ ପାଇଁ ସେମାନେ କାହା ପାଖକୁ ଯିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ତେଣୁ ଖୁବ୍ ଶୀଘ୍ର ନିର୍ବାଚନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।



ସୂଚନା ଯୋଗ୍ୟ, ଲିଙ୍ଗିପୁର ପଞ୍ଚାୟତର ଏକ ତୃତୀୟାଂଶ ୱାର୍ଡସଭ୍ୟ ଲିଙ୍ଗିପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗତ ଜୁନ୍ ୧୮ ରିଖରେ ମାନ୍ୟବର ଉପଜିଲ୍ଲାପାଳଙ୍କ ନିକଟରେ ବିଧି ପୂର୍ବକ ଆଗତ କରିଥିଲେ। କିନ୍ତୁ ଏହାଭିତରେ ଏକମାସ ସମୟ ବିତି ଯାଇଥିଲେ ମଧ୍ୟ ଉପଜିଲ୍ଲାପାଳ ଗ୍ରାମ ପଞ୍ଚାୟତ ବିଧି ମୁତାବକ କାର୍ଯ୍ୟ ନକରି ଉଦେଶ୍ୟ ମୂଳକ ଭାବେ ଉପ ନିର୍ବାଚନକୁ ବିଳମ୍ବ କରି ଚାଲିଛନ୍ତି। ଉପଜିଲ୍ଲାପାଳଙ୍କ ଏତାଦୃଶ କାଳକ୍ଷେପଣ ନୀତି ତଥା ପ୍ରିୟା ପ୍ରୀତି ତୋଷଣକୁ ବିରୋଧ କରି ସଭ୍ୟ ୱାର୍ଡ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଉପଜିଲ୍ଲାପାଳଙ୍କ କାଳକ୍ଷେପଣ ନୀତିରେ କ୍ଷୁବ୍ଧ ହୋଇ ଅବିଳମ୍ବେ ପଞ୍ଚାୟତ ବିଧି ଅନୁଯାୟୀ ତୁରନ୍ତ ତାରିଖ ଧାର୍ଯ୍ୟ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କୁ ୮ ତାରିଖରେ ଆଦେଶ ଦେଇଥିଲେ। କିନ୍ତୁ ଉପଜିଲ୍ଲାପାଳ ଉକ୍ତ ଆଦେଶ ନାମାକୁ ଖାତିର ନକରି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ କୁହନ୍ତ ତାରିଖ ଦେଇଦେବେ ବୋଲି କହୁଛନ୍ତି ଉପ ଜିଲ୍ଲାପାଳ। ଯାହାକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉପ-ଜିଲ୍ଲାପାଳ ଅବମାନନା କରିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ଏହା ବରୋଧରେ ଶାନ୍ତିପୂର୍ଣ୍ଣ ଭାବେ ଗ୍ରାମବାସୀ ଧାରଣା ଦେଇଥିଲେ। ଧାରଣା ପରେ ଉପ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ।

---

● ନାବାଳିକାଙ୍କୁ ପୋଡ଼ି ଘଟଣା

## ଫରୱାର୍ଡ ବ୍ଲକ ପକ୍ଷରୁ ଏମ୍‌ସ ଆଗରେ ଧରଣା

ଭୁବନେଶ୍ୱର, ୧୯।୭ (ସମିସ): ଫକୀର ମୋହନ କଲେଜ ଛାତ୍ରୀ ମୃତ୍ୟୁ ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟ ପଡୁଥିବା ଉଠୁଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ମୁସ୍କାନ ଖାତୁନ ନାମ୍ନୀ ଜଣେ ନାବାଳିକାକୁ ପୋଡି ହତ୍ୟା କରିବା ଉଦ୍ୟମ ରାଜ୍ୟରେ ଆଇନ ଶୃଙ୍ଖଳା ଅଧୋଗତିର ନଗ୍ନ ନମୁନା ବୋଲି ନେତାଜୀ ସୁଭାଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲଇଣ୍ଡିଆ ଫରୱାର୍ଡ ବ୍ଲକ' ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ଓ ସରକାରୀ ଦାୟିତ୍ୱ ହୀନତା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ ବୋଲି ଫରୱାର୍ଡ ବ୍ଲକ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି। ଏଥିପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରିଛନ୍ତି ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର। ଆଜି ଘଟଣା ଘଟିବା ପରେ ଫରୱାର୍ଡ ବ୍ଲକର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ସୁଶିଲ ଥାନପତି, ଆଜାଦ ହିନ୍ଦ୍ ବାହିନର ରାଜ୍ୟ ସମ୍ପାଦିକା ସୁବତୀ ଦଳେଇ, ଛାତ୍ରୀନେତ୍ରୀ ରିଙ୍କି ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏମ୍ସ ହସ୍ପିଟାଲକୁ ଯାଇ ପୀଡିତାଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିବା ସହ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏମ୍ସ ବର୍ଣ୍ଣ ୟୁନିଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ।

## ଗୁଣ୍ଡାରାଜର ସୀମା ଲଂଘିଛି ବଳଙ୍ଗା ଛାତ୍ରୀ ପୋଡ଼ି: ସିପିଆଇଏମ୍

ଭୁବନେଶ୍ୱର,୧୯।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀଙ୍କୁ ବ୍ୟବସ୍ଥାକୃତ ହତ୍ୟାକାଣ୍ଡର ପ୍ରତିବାଦ କରି ଓଡ଼ିଶା ବନ୍ଦ ଡ଼ାକରାର ୪୮ ଘଣ୍ଟା ନପୁରୁଣୁ ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀ ବଳଙ୍ଗା ଥାନା ଅଞ୍ଚଳରେ ଆଉ ଜଣେ ଛାତ୍ରୀଙ୍କୁ ଗୁଣ୍ଡାମାନେ ଅତ୍ୟନ୍ତ ବୀଭତ୍ସ ଭାବେ ତାଙ୍କୁ ନିଆଁରେ ପୋଡ଼ି ମାରି ଦେବାକୁ ହୀନ ଚକ୍ରାନ୍ତ କରିଛନ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ଓ ମହିଳା ବିକାଶ ମନ୍ତ୍ରୀଙ୍କ ଏହା ନିର୍ବାଚନ ମଣ୍ଡଳୀ। ଏଭଳି ଜଘନ୍ୟ କାଣ୍ଡ ସେଠାରେ ଘଟିବା ପରେ ଓଡ଼ିଶାରେ ଆଇନର ଶାସନ ପରିବର୍ତ୍ତେ ଜଙ୍ଗଲରାଜ ଏବଂ ଏଥିରେ ଗୁଣ୍ଡା ଓ ଅସାମାଜିକ ଲୋକଙ୍କ ଶାସନ ଚାଲିବା ଭଳି ପ୍ରତୀୟମାନ ହେଉଛି। ବିଜେପିର ଡ଼ବଲ ଇଞ୍ଜିନ୍ ସରକାର ଏଥିପାଇଁ ଶାସନ କ୍ଷମତାରେ ରହିବାର ନିଜର ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିଜେପି ସରକାରର ଅପାରଗ ପଣିଆ ଯୋଗୁଁ ରାଜ୍ୟରେ ପୋଲିସ୍ ବ୍ୟବସ୍ଥା ସ୍ଥାଣୁ, ଅଥର୍ବ ଏବଂ ପଙ୍ଗୁ ହୋଇପଡ଼ିଛି। ଗୁଣ୍ଡା ଏବଂ ମାଫିଆମାନଙ୍କର ରାଜ୍ ଚାଲିଛି। ଓଡ଼ିଶାରେ ମହିଳା ଏବଂ ଛାତ୍ରୀ ସୁରକ୍ଷିତ ନୁହଁନ୍ତି ବୋଲି ବଳଙ୍ଗା ଘଟଣା ପୁଣି ଥରେ ପ୍ରମାଣିତ କରିଛି। ଛାତ୍ରୀ ଜଣକ ତାଙ୍କର ଜୀବନ ପାଇଁ ବର୍ତ୍ତମାନ ଭୁବନେଶ୍ୱରସ୍ଥ ଏମ୍ସ ଡାକ୍ତରଖାନାରେ ସଂଗ୍ରାମ କରୁଛନ୍ତି। ମହିଳାମାନଙ୍କ ଉପରେ ବଢ଼ି ଚାଲିଥିବା ନିର୍ଯ୍ୟାତନା, ଆକ୍ରମଣ ଓ ଶୋଷଣ ଆଦିର ବିଚାର ପାଇଁ ଏବଂ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଜଣେ "ମହିଳା ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ କମିଶନ" ଗଠନ କରିବାକୁ ସିପିଆଇ(ଏମ୍) ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

---

# ବସ୍ତିରେ ମାତିଛନ୍ତି ନିଶା ମାଫିଆ

■ ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ହେଲେ ଘରେ ପଶୁଛନ୍ତି ଚୋର
■ ହେଉନି ପିସିଆର ପାଟ୍ରୋଲିଂ; ଅସୁରକ୍ଷିତ ଅଞ୍ଚଳବାସୀ

ଭୁବନେଶ୍ୱର, ୧୯ ।୭ (ସମିସ)

ଲକ୍ଷ୍ମୀସାଗର ଥାନା ହଳଦୀ ପଡ଼ିଆ ବସ୍ତିରେ ମାତିଛନ୍ତି ନିଶା ମାଫିଆ। ସେମାନେ ଘରେ ଘରେ ଡ୍ରଗ୍ସ ଏବଂ ଗଞ୍ଜେଇ ଆଣି ବେପାର କରୁଛନ୍ତି। ଛୋଟ ପିଲାଠୁ ବଡ଼ ପର୍ଯ୍ୟନ୍ତ ଡ୍ରଗ୍ସ ଏବଂ ଗଞ୍ଜେଇ ପଞ୍ଝାରେ କବଳିତ ହେଲେଣି। ଯେଉଁଥି ପାଇଁ ବସ୍ତିରେ ଅପରାଧ ବଢୁଛି। ବିଶେଷ ଡ୍ରଗ୍ସ ଖାଇବା ପାଇଁ ଟଙ୍କା ନମିଳିଲେ ସେମାନେ ଜୟଦୁର୍ଗା ନଗରରେ ଏକାଧିକ ଲୋକଙ୍କ ଘରେ ପଶି ଚୋରି କରୁଛନ୍ତି। ଯାହାକି ୱାର୍ଡ-୩୩ର ଅଞ୍ଚଳବାସୀ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। କାରଣ ଚୋରି ସମୟରେ କେହି ସେମାନଙ୍କ ହାବୁଡ଼ରେ ପଡ଼ିଲେ ଏହି ଡ୍ରଗ୍ସ ଖିଆ ଅପରାଧୀ ଆକ୍ରମଣ କରିବାକୁ ଭୟ କଲେଣି। ବିଶେଷ କରି ନିଶା ମାଫିଆଙ୍କ ପୁଲିସ ସହିତ ମଧୁଚନ୍ଦ୍ରିକା ଥିବାରୁ ସେମେନେ ହଳଦୀପଡ଼ିଆ ବସ୍ତିରେ ବ୍ୟବସାୟ କରୁଛନ୍ତି। କମିସନରେଟ୍ ପୁଲିସ ପକ୍ଷରୁ ଗତ କିଛି ବର୍ଷ ହେଲେ ସ୍ପେଶାଲ ଡ୍ରାଇଭ୍ ଚାଲିଥିଲା। ହେଲେ ଏବେ ୩ମାସ ହେବ ପୁଲିସ ଏହି ନିଶା ମାଫିଆଙ୍କୁ ଖୁଲା ଛାଡ଼ି ଦେଇଛି। ସେମାନେ ଏବେ ବସ୍ତିରେ ଖୁଲମଖୁଲା ଡ୍ରଗ୍ସ କାରବାର କରୁଛନ୍ତି। ନା ପୁଲିସ ଚଢଉ କରୁଛି ନା ରହିଛି ଅବକାରୀ ବିଭାଗର ଭୟ। ଆହୁରି ମଧ୍ୟ ଏହି ନିଶା ମାଫିଆ ପ୍ରତି ସପ୍ତାହରେ ବାଲେଶ୍ୱରକୁ ଯାଇ ରାଜଧାନୀକୁ ଡ୍ରଗ୍ସ ଆଣୁଛନ୍ତି। ସେମାନେ ବହୁ ପରିମାଣର ଡ୍ରଗ୍ସ ହଳଦୀ ପଡ଼ିଆ ବସ୍ତିକୁ ନଆଣି ଅଧ କେଜି ଭଳି ଡ୍ରଗ୍ସ ଆଣୁଛନ୍ତି। ଜଣେ ଆଣିବା ପରେ ବସ୍ତିର ୩ରୁ ୪ଜଣଙ୍କୁ ବିକ୍ରି ପାଇଁ ଦିଆଯାଉଛି। ସମସ୍ତେ ବିକ୍ରି କରିବା ପରେ ଏହାର ମାଷ୍ଟରମାଇଣ୍ଡ ଟଙ୍କା ସେମାନଙ୍କ ଠାରୁ ସଂଗ୍ରହ କରୁଛି। ଯାହାଫଳରେ ନିଶା ମାଫିଆ ମାଲେମାଲ ହେଉଥିବା ବେଳେ ଅଞ୍ଚଳର ଯୁବପିଢୀ ଏହାର ଶିକାର ହୋଇ ଚୋରି ଏବଂ ବିଭିନ୍ନ ଅପରାଧ ଘଟାଉଛନ୍ତି। ନିକଟରେ ହଳଦୀପଡ଼ିଆ ବସ୍ତି ନିକଟରେ ଥିବା ଏକ ଅଫିସରୁ ଚୋରି ହୋଇଥିଲା। ଏହି ଅଫିସ ତାଲା ଭାଙ୍ଗି ୩ ଲକ୍ଷ ଟଙ୍କା ଏବଂ ଅନ୍ୟାନ ସାମଗ୍ରୀ ଚୋରି କରି ନେଇଥିଲେ। ପୁଲିସି ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ପରେ ସେମାନଙ୍କ କଥା ଶୁଣି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। କାରଣ ନିଶା ଖାଇବା ପାଇଁ ସେମାନଙ୍କ ନିକଟରେ ଟଙ୍କା ନଥିବାରୁ ସେମାନେ ଏଭଳି ଚୋରି



କରିଥିବା କହିଥିଲେ। ବଡ଼ କଥା ହେଲା ଉକ୍ତ ଅଞ୍ଚଳରେ ଲାଗିଥିବା ବିଏମ୍‌ସିର ଷ୍ଟ୍ରିଲ ଲାଇନ୍ ଅଧା ଦିନ ଜଳୁଥିଲେ ବାକି ଦିନ ବନ୍ଦ ରହୁଛି। ବନ୍ଦ ରହୁଥିବା ଦିନ ଏହି ପାଉଡର ଖିଆ ନିଶାଡ଼ିଙ୍କ ଆତଙ୍କରାଜ ବଢ଼ିଥାଏ। ସେମାନେ ଅନ୍ଧାରର ସୁଯୋଗ ନେଇ ଲୋକଙ୍କ ଘର ତାଲା କିମ୍ବା ଝରକା ତାଡ଼ି କଳାକନା ବୁଲାଉଛନ୍ତି। ଏଭଳି ବାରମ୍ବାର ଚୋରି ହେଉଥିବା ଲୋକ ଘର ଛାଡ଼ି ଯାଉନାହାନ୍ତି। ବିଶେଷ କରି ବସ୍ତିରେ ପୁଲିସ ପାଟ୍ରୋଲିଂ ନାହିଁ। ଯେଉଁଥି ପାଇଁ ନିଶା ମାଫିଆ ଏବଂ ଚୋର ମାତୁଛନ୍ତି। ପୁଲିସ ଜାଣିଶୁଣି ହାତଗୁଞ୍ଜା ନେଇ ସେଠାକୁ ପାଟ୍ରୋଲିଂ କରିବାକୁ ଯାଉ ନାହାନ୍ତି। ସେଠାକୁ ପାଟ୍ରୋଲିଂ କରିବାକୁ ଗଲେ ନିଶା ବେପାର ହେବନାହିଁ। ଯେଉଁଥି ପାଇଁ ପୁଲିସ ସେଠାକୁ ପାଟ୍ରୋଲିଂ କରିବାକୁ ଯାଉ ନାହାନ୍ତି। ଯାହାଫଳରେ ନିଶା ମାଫିଆ ଏବଂ ଚୋରଙ୍କ ପାଇଁ ମଉକା ହେଉଛି। ତେଣୁ ଉକ୍ତ ଅଞ୍ଚଳରେ ନିଶା କାରବାର ଏବଂ ପାଟ୍ରୋଲିଂ କରାନଗଲେ ଆଗାମି ଦିନରେ ଅଞ୍ଚଳବାସୀ ସିପିଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି ଲୋକ।


ଦୈନିକ ଖବରକାଗଜ 'ସକାଳ' ଜୟପୁର ପ୍ରେସର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ



ଆପଣ ସମାଜରେ ଲୋକଙ୍କ ସେବା ପାଇଁ ସାରା ଜୀବନ ସମର୍ପିତ କରିଛନ୍ତି। ତେଣୁ ଆପଣଙ୍କ ସ୍ୱାସ୍ଥ୍ୟ ସଦା ସର୍ବଦା ସୁସ୍ଥ ରହିବା ନେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ

ଶ୍ରୀଯୁକ୍ତ ସହଦେବ କୁଅଁର
ଗ୍ରାମ- ଅଲଣ, ପୋ-କୁରାଢ଼ (ଜିଲ୍ଲା -ଜଗତସିଂହପୁର)



### ଜରାଜୀର୍ଣ୍ଣ ଅବସ୍ଥାରେ ରସୁଲଗଡ଼-କଳ୍ପନା ରାସ୍ତା

# ଯେତିକି ଖାଲ, ସେତିକି ଭିଡ଼

ଭୁବନେଶ୍ୱର, ୧୯ ।୭ (ସମିସ): ରାସ୍ତା ସାରା ଖାଲକୁ କେଉଁଠି ପିଚୁ, ଗୋଡ଼ି ଉଠି ଯାଇଛି ତ ଆଉ କୋଉଠି ଗାଡ଼ି ସବୁ ଭିଡ଼ରେ ପ୍ରାୟ ୧୫ ମିନିଟିରୁ ୨୦ ମିନିଟ୍ ଫସିବାକୁ ପଡୁଛି। ଏଥସହିତ ଗାଡ଼ି ଚଳେଇବା ବେଳେ ଯଦି କିଏ ରଙ୍ଗ୍ ସାଇଡ୍‌ରେ ଆସିଗଲା ତ ଦୁର୍ଘଟଣାର ଶିକାର ହେବାକୁ ପଡୁଛି।

ରାଜଧାନୀର ରବି ଟକିଜ୍ ଛକରୁ ରସୁଲଗଡ଼ ପର୍ଯ୍ୟନ୍ତ ରାସ୍ତାରେ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି ସଞ୍ଜ ହେଲେ ଏଥିସହିତ କଳ୍ପନାରୁ ରସୁଲଗଡ଼ ରାସ୍ତାରେ ଥିବା ଅନେକ ଛକରେ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। କେଉଁଠି ଖାଲ ରହିଛି ତ ଆଉ କେଉଁଠି ପିଚୁ, ଗୋଡ଼ି ଉଠି ଗଲାଣି। ତତ୍ ସହିତ ରାସ୍ତାରେ ଅସୁଥିବା ଗାଡ଼ି ଭିଡ଼ରେ ଦୀର୍ଘ ସମୟଧରି ଫସି ରହୁଛି।

ଏହି ରାସ୍ତାରେ ଅଧିକାଂଶ ଗାଡ଼ି ମୋଟର ପାର୍ଟ୍ସ ଦୋକାନ ରହିଥିବା ବେଳେ ସନ୍‌ସାଇନ୍ ହସ୍ପିଟାଲ ସହିତ ପୁରୀରୁ କଟକ ବା ବରମୁଣ୍ଡା ଯିବା ବସ୍ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରୁଛି। ଏଥିସହିତ ବିଭିନ୍ନ ହାଟ, ରସୁଲଗଡ଼ ଆଶ୍ରମ ସ୍କୁଲ୍ ଓ



ବମିଖାଲ, ଲକ୍ଷ୍ମୀସାଗର, ଝାରପଡ଼ା, ରସୁଲଗଡ଼ ପାଲା ମଣ୍ଡପ ଅଞ୍ଚଳର ଲୋକାମାନେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହି ରାସ୍ତାରେ ଭିଡ଼ କମାଇବା ପାଇଁ ପୁରୀ କଟକ ବାଇପାସ୍ ରାସ୍ତା ହୋଇଥିଲେ ମଧ୍ୟ ସବୁ ବଡ଼ ଗାଡ଼ି ସହର ଭିତର ଦେଇ ଯିବା ଆସିବା କରୁଛନ୍ତି। କିନ୍ତୁ ପ୍ରତିଦିନ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ସହର ରାସ୍ତା ଦେଇ ଯିବା ଆସିବା କରୁଛି। ଯେଉଁଥିପାଇଁ ରାସ୍ତାର ଅବସ୍ଥା ଖରାପ ହେବାରେ ଲାଗିଛି। ରାସ୍ତାରେ ଭୀଡ଼ ବଢ଼ିବା ସହିତ ରାସ୍ତାରେ ଖାଲ ହେବା ସହିତ ର। ।ସ୍ତାରୁ ବଜୁରୀ ଉଠି ମଧ୍ୟ ସାରିଛି। ଯେଉଁଥିପାଇଁ ସ୍ଥାନୀୟ ବାସିନ୍ଦାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଏହି ପ୍ରମୁଖ ରାସ୍ତା ସବୁ ପୂର୍ତ୍ତ ବିଭାଗ ଓ ବିଏମ୍‌ସି ଅଧିନରେ ରହିଛି। ଏଥିସହିତ ପାର୍ବଣ ସମୟ ଆସିଲେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ମରାମତି କରାଯାଉଛି କିନ୍ତୁ କିଛିଟା ମାସ ପରେ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ ସ୍ଥିତି ହେଇ ଯାଉଛି। ଏନେଇ ବିଏମ୍‌ସି ଓ ପୂର୍ତ୍ତ ବିଭାଗ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।

## ବିରଳ ଅସ୍ତ୍ରୋପଚାର; ଫୁସଫୁସ୍‌ରୁ ବାହାରିଲା ଟ୍ୟୁମର୍

ଭୁବନେଶ୍ୱର, ୧୯।୭ (ସମିସ): କିମ୍‌ସର ଡାକ୍ତରମାନେ ଏକ ଅଭିନବ ପ୍ରଣାଳୀରେ ଜଣେ ୪୦ବର୍ଷିୟ ମହିଳାଙ୍କ ଫୁସ୍‌ଫୁସ୍‌ରୁ ଏକ ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ଫୁସଫୁସ ଟ୍ୟୁମର ଚିହ୍ନଟ ହୋଥିଲା। କାର୍ଡିଓଥୋରାସିକ୍ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ୍ ପ୍ରବେଶ କରାଇଥିଲେ। ପରେ ହିଟ୍ ଆଣ୍ଡ କୋଲ୍ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା। କିମ୍‌ସ ଇଣ୍ଟରଭେନସନାଲ ପଲମୋନୋଲୋଜି ବିଭାଗର ଡ. ଦେବାଶିଷ ବେହେରା, ଡ. ସ୍ୱଦୀପ ମିଶ୍ର ଏବଂ ଡ. ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବା ବେଳେ ଡ. ଅଶୋକ କୁମାର ବଡ଼ମାଳି, ଡ. ଜ୍ଞାନ ରଞ୍ଜନ ମିଶ୍ରଙ୍କ କାର୍ଡିଆକ୍ ଆନାସ୍ଥେସିଆ ଦଳ ସହଯୋଗ କରିଥିଲେ।

## ପାହାଳ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଦାବିପତ୍ର

କଟକ/ଭୁବନେଶ୍ୱର, ୧୯।୭ (ସମିସ): ପାହାଳ ବଜାର ଠାରେ ଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀ ମାନଙ୍କ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଜାତୀୟ ରାଜପଥ ପ୍ରାଧିକରଣ ସ୍ଥାୟୀ ବ୍ୟାରିକେଟ ନିର୍ମାଣ କରି ପ୍ରବେଶ ଓ ପ୍ରସ୍ଥାନ ପଥ ନ ରଖିବା ପ୍ରସ୍ତାବକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦୃଢ଼ ଭାବରେ ବିରୋଧ କରାଯାଇଛି। ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ବିହିତ ଦୃଷ୍ଟି ଦେବାକୁ ଅନୁରୋଧ କରି ଦାବିପତ୍ର ଦିଆଯାଇଛି। ଏଥିରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟାଳୟ ସମ୍ପାଦକ ବୁଲେଇ ବେହେରା, କଟକ ଜିଲ୍ଲା ଦୁଗ୍ଧ ଜାତ ଦ୍ରବ୍ୟ ସଂଘର ସମ୍ପାଦକ ତୀର୍ଥବାସୀ ବେହେରା, ଯୁଗ୍ମ ସମ୍ପାଦକ ପ୍ରସନ୍ନ ବେହେରା, ପ୍ରିତିରଞ୍ଜନ କାଠୁଆ, ସାଗର ବେହେରା, ଭୁବନେଶ୍ୱର ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିମ୍ବାଧର ବେହେରା, ପାହାଳ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ପାହାଳ ମଦନ ମୋହନ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ସମ୍ପାଦକ ବିପ୍ଳବ ଯାଦବ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ପଞ୍ଚାୟତ ପାଇଁ ସଚେତନତା ବୈଠକ

ନନ୍ଦନକାନନ, ୧୯।୭ (ସମିସ): ଶନିବାର ଅପରାହ୍ଣ ୪ଟାରେ ଗୋଡିସାହି ପଞ୍ଚାୟତ ରାମଦାସପୁର ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ଆନୁକୂଲ୍ୟରେ ନିଶାମୁକ୍ତ ପରିବାରରୁ ନିଶାମୁକ୍ତ ଗ୍ରାମ ଗଠନ ଆଭିମୁଖ୍ୟ ନେଇ ମହିଳାମାନଙ୍କର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋନାର ମହିଳା ଶାଖା ପ୍ରମୁଖ ଅପର୍ଣ୍ଣା ନାୟକ ଓ କନକଲତା ଭଞ୍ଜ ଯୋଗ ଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ମହିଳା ଜୟନ୍ତୀ ବେହେରା, ପ୍ରମୋଦିନୀ ସାହୁ, ସ୍ନେହପ୍ରଭା ସାହୁ, ଶାନ୍ତିଲତା ବେହେରା, ସୁଷମା ସାହୁ, କଳ୍ପନା ସାହୁ ଆଦି ବହୁ ମହିଳା ଯୋଗ ଦେଇଥିଲେ।

## ଅଗ୍ନିଶମ ସେବା ଅବସରପ୍ରାପ୍ତ ଅଫିସର୍ ସଂଘ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୧୯।୭ (ସମିସ): ଓଡ଼ିଶା ଅଗ୍ନିଶମ ସେବା ଅବସରପ୍ରାପ୍ତ ଅଫିସର ସଂଘ ପକ୍ଷରୁ ନରାଜସ୍ଥିତ ଅଗ୍ନିଶମ ଓ ବିପତ୍ତି ନିସ୍ତାର ଅନୁଷ୍ଠାନ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ବ୍ରଜେନ୍ଦୁ ଭୂଷଣ ଦାସ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସ୍ୱାଇଁ, ଉପଦେଷ୍ଟା ରାମଚନ୍ଦ୍ର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ନବକୃଷ୍ଣ ମିଶ୍ର, ଅରୁଣ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ୮୫ ଗୋଟି ବିଭିନ୍ନ ପ୍ରଜାତିର ଫଳ ବୃକ୍ଷ ରୋପଣ କରିଥିଲେ।

## ନୃତ୍ୟପ୍ରଜ୍ଞା ଉତ୍ସବରେ 'ଓଡ଼ିଶୀ' ଆକର୍ଷଣ



ଭୁବନେଶ୍ୱର, ୧୯।୭ (ସମିସ): ନୃତ୍ୟ ପ୍ରଜ୍ଞା ପବ୍ଲିକ ଚାରି ଟେବୁଲ ଟ୍ରଷ୍ଟ ଦ୍ୱାରା 'ନୃତ୍ୟ ପ୍ରଜ୍ଞା ଉତ୍ସବ' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ବରିଷ୍ଠ ସମ୍ବାଦିକ ଶ୍ରୀରାମ ଦାସ, ଅବସରପ୍ରାପ୍ତ ଲେଫ୍ଟନେଣ୍ଟ କର୍ଣ୍ଣେଲ ସୋନାଲୀ ରଥ ଏବଂ କମ୍ପାନୀ ସେକ୍ରେଟାରୀ ଜିତେନ୍ଦ୍ରୀୟ ମହାନ୍ତି ଯୋଗ ଦେଇଥିଲେ। ଏହି ନୃତ୍ୟ ଉତ୍ସବରେ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତିଙ୍କ ନୃତ୍ୟ ବିଶେଷ ଆକର୍ଷଣୀୟ ହୋଇଥିଲା। ସେ ଓଡିଶୀର ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସୁହାଗ ନଳିନୀ ଦାସ, ବିପାଞ୍ଚୀ ଦାସ, ପ୍ରୀତିସା ମହାପାତ୍ରଙ୍କ ଏକକ ନୃତ୍ୟ ପରିବେଷଣ ହୋଇଥିଲା। ପରେ ପରେ ନୃତ୍ୟ ପ୍ରଜ୍ଞା ଅନୁଷ୍ଠାନର ଛାତ୍ରୀମାନେ ମଙ୍ଗଳାଚରଣ ଏବଂ 'ଆହେ ନୀଳ ଶଇଳ' ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବିଦ୍ୟା ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ ଶିଳ୍ପୀମାନେ 'ନାଗେନ୍ଦ୍ର ହାରାୟ' ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମରେ ନୃତ୍ୟ ପ୍ରଜ୍ଞା ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଏବଂ ସେକ୍ରେଟାରୀ ସସ୍ମିତା ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଦୁଇଦିନିଆ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯ ।୭ (ସମିସ): କଳିଙ୍ଗାୟନ ତୌର୍ଯ୍ୟ ତ୍ରିକମ ଦ୍ୱାରା ଆୟୋଜିତ ଦୁଇଦିନିଆ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ନିମ୍ବସ୍ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଉଦଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଉଦ୍‌ଘାଟନ କରିଥିବା ବେଳେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ରହି ପ୍ରାୟ ୬୦ ଜଣ କଳାକାରଙ୍କୁ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରାୟ ୧୫୦ ଜଣ ନୃତ୍ୟଶିଳ୍ପୀ ନୃତ୍ୟ ଶିଳ୍ପୀ ଏଥିରେ ଅଂଶ ଗ୍ରହଣ କରିଛନ୍ତି। କଳିଙ୍ଗାୟନ ତୌର୍ଯ୍ୟ ତ୍ରିକମ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୀତ ଗୋବିନ୍ଦ, ଦେଖ ଗୋ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ବୀଣା ପାଣି କଳା ପୀଠ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୀତ ଗୋବିନ୍ଦ ନୃତ୍ୟ ପରିବେଷଣ କରାଯାଇଥିଲା। ଏହିପରି କଳା ବିକାଶ କେନ୍ଦ୍ର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବସନ୍ତ ପଲ୍ଲବୀ, ରାଜା ଡ୍ୟାନ୍ସ ଷ୍ଟୁଡିଓ ଗ୍ରୁପ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ମନୱା ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ଉତ୍ସବରେ କର୍ପୋରେଟର ମାନସୀ ରାଉତରାୟ, ଟ୍ରଷ୍ଟିର ଅଧକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ସେୟାଶ୍ରୀ ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦ୍ୟାଶା ମିଶ୍ର ସଂଯୋଜନା କରିଥିଲେ।



## ସରସ୍ୱତୀ ଶିକ୍ଷା ମନ୍ଦିରରେ 'ମାଆ ପାଇଁ ଗଛଟିଏ'




ହଂସପାଳ, ୧୯।୭ (ସମିସ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ପାଳନ କରାଯାଇଅଛି। ବିଜେପି ରାଜ୍ୟ ଉପ-ସଭାପତି ଗୋଲେଖ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷା ମନ୍ଦିରର ପ୍ରତିଷ୍ଠାତା ଓ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ସଭାଟିକୁ ପରିଚାଳନା କରିଥିଲାବେଳେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଘରୋଇ ବିଦ୍ୟାଳୟର ରାଜ୍ୟ ସମ୍ପାଦକ ଅବନ୍ତି ସୁତାର, ସହ ସମ୍ପାଦକ ସୁରେଶ ସାମନ୍ତରାୟ, ସହ-ସଭାପତି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବିଶ୍ୱଭୂଷଣ ବାରିକ ଓ ସମାଜସେବୀ ସ୍ୱାକ୍ଷର ରଞ୍ଜନ ମହାନ୍ତି ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତି ଥିଲେ। ଶେଷରେ ଶିଶୁ ଭାଇଭଉଣୀମାନଙ୍କୁ ପିଜୁଳି, ପଣସ, ହରିଡା, ବାଇଡା, ଅଁଳା, ନିମ୍ବ, କରଞ୍ଜ, ଚନ୍ଦନ, ଆତ, ଅର୍ଜୁନ ଇତ୍ୟାଦି ଚାରା ବଣ୍ଟନ କରାଯାଇଥିଲା।

## ସୁଦର୍ଶନ ଦାରୁପୀଠରେ 'ମାଆ ପାଇଁ ଗଛଟିଏ'



ବାଲିଅନ୍ତା, ୧୯ ।୭ (ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ହୀରାପୁର ଗଡ଼କଣ୍ଟୁ ନୁଣିଆ ନିକଟରେ ଥିବ ସୁଦର୍ଶନ ଦାରୁ ନିକଟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ, ନ୍ୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ମା ପାଇଁ ଗଛ ଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧୦ ଗୋଟି ନଡିଆ ଚାରା ରୋପଣ କରାଯାଇଥିଲା। ପ୍ରଥମେ ଅତିଥିମାନେ ବାଲକାଟି ବଜାର ଅଟୋଷ୍ଟାଣ୍ଡ ନିକଟରେ ଥିବା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ବାହାରି ସୁଦର୍ଶନ ଦାରୁ ନିକଟରେ ଉତ୍କଳ ଜୟଦେବ ଅଧକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଭୁବନେଶ୍ୱର ଜିଲ୍ଲାର ସଭାପତି ରାୟ, ଯୁବ ସମାଜସେବୀ ସୁବ୍ରତ ମହାନ୍ତି, ନିଉ ଭାର୍ଗବୀ ଫାଉଣ୍ଡେସନର ଅଧକ୍ଷ ଜଗମୋହନ ସେଠୀ, ଉମାଦେଇ ବ୍ରହ୍ମପୁର ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ମହାପାତ୍ର, ଝିଲି ସାମନ୍ତରାୟ, ଜଗନ୍ନାଥ ବେହେରା, ପ୍ରଶାନ୍ତ ଆଦିତ୍ୟ ପାତ୍ର, ସଞ୍ଜୟ ତ୍ରିପାଠୀ, ପ୍ରିୟବ୍ରତ ପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, କେଳୁ ଚରଣ ସାହୁ, ସହଦେବ ସ୍ୱାଇଁ ଓ ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଦକ୍ଷିଣାର ବାର୍ଷିକ ଉତ୍ସବରେ ନୃତ୍ୟ ସମ୍ଭାର

ଭୁବନେଶ୍ୱର, ୧୯।୭ (ସମିସ): ପ୍ରଦକ୍ଷିଣା ସ୍କୁଲ ଅଫ ଓଡିଶୀ ଡ୍ୟାନ୍ସ ଅନୁଷ୍ଠାନର ୬ତମ ବାର୍ଷିକ ଉତ୍ସବ ୨୦୨୫ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବର ପ୍ରାରମ୍ଭରେ ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଆର୍ଟ ଭିଜନର ପ୍ରତିଷ୍ଠାତା ଡ. ଇଲିଆନା ସିତାରିଷ୍ଟି, ଓଡ଼ିଶୀ ନୃତ୍ୟ ବିଶାରଦ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡ. ଅରୁଣା ମହାନ୍ତି, ଏବିଆଇଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ. ସତ୍ୟଦର୍ଶୀ ମିଶ୍ର, ଏବିଆଇଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ. ପାୟଲ ମହାପାତ୍ର, ପ୍ରଦକ୍ଷିଣାର ପରାମର୍ଶଦାତା ଗୁରୁ ରତିକାନ୍ତ ମହାପାତ୍ର ଏବଂ ନିର୍ଦ୍ଦେଶକ ଅଂଶୁମାନ ମିଶ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗଜାନନ ସ୍ତୁତି, ରାଗ ଆରବି ଓ ତାଳ ଜତିରେ ସୁଯୋଜିତ ଆହେ ନୀଳଶୈଳ ପରିବେଷଣ କରାଯାଇଥିଲା। ଶେଷରେ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଶିଷ୍ୟ ସୌରଭ ମହାନ୍ତି ଓ ରୋହିଣୀ ସାମଲଙ୍କ ଦ୍ୱାରା ଓଡିଶୀ ଦ୍ୱୈତ୍ୟ ନୃତ୍ୟ ଶିବାଷ୍ଟକ ପରିବେଷିତ ହୋଇଥିଲା।

## ରାଷ୍ଟ୍ରପତି ଭବନରେ ଶ୍ରୀଜଗନ୍ନାଥଙ୍କ 'ନବକଳେବର'



ଭୁବନେଶ୍ୱର, ୧୯।୭ (ସମିସ): ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦରେ ପବିତ୍ର ବାହୁଡା ଯାତ୍ରାରେ, ଓଡ଼ିଶାର ପ୍ରମୁଖ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହୋଇଛି। ଏଥିପାଇଁ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସୋ'ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସିନେମା ଦେଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ, ଚଳଚ୍ଚିତ୍ରର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର, ମେଜର ଜେନେରାଲ ଭୁଦେବ ପରିଡ଼ା, ରାଷ୍ଟ୍ରପତିଙ୍କ ଭିଏସଏମ୍ ସାମରିକ ସଚିବ ବିଜୟ ନାୟକ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ସଚିବ ଜ୍ଞାନ ରଞ୍ଜନ ନନ୍ଦ, ରାଷ୍ଟ୍ରପତିଙ୍କ ସଚିବ ଦୀପ୍ତି ଉମାଶଙ୍କରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଫିଲ୍ମର ଟିମ୍ ସଦସ୍ୟମାନେ ଉପସ୍ଥିତ ରହି ଫିଲ୍ମ ଦେଖିଥିଲେ।

## ଲକ୍ଷ୍ମୀଧର ବେହେରାଙ୍କ ବିୟୋଗ



ନନ୍ଦନକାନନ, ୧୯।୭ (ସମିସ): ସାମ୍ବାଦିକ ତୁଷାରକାନ୍ତ ବେହେରାଙ୍କ ପିତା ଲକ୍ଷ୍ମୀଧର ବେହେରାଙ୍କର ୭୧ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଦୁଇ ଦିନ ହେଲା ଅସୁସ୍ଥ ହୋଇ ନାରାଜସ୍ଥିତ ବାସଭବନରେ ଚିକିତ୍ସାଧିନ ଥିଲେ। ମୃତ ଶରୀରକୁ ନରାଜ ସ୍ଥିତ ପୈତୃକ ଗ୍ରାମକୁ ଆଣି ପରିକ୍ରମା କରିବା ପରେ ପୁରି ସ୍ୱର୍ଗଦ୍ୱାରକୁ ନେଇ ସଂସ୍କାର କରାଯାଇଛି।

# ଧାନ ବିହନ ପାଇଁ ଚାଷୀ ବୁଲୁଛନ୍ତି ବାରଦୁଆର

ଯାଁଳା, ୧୯।୭ (ସମିସ)

ମୌସୁମୀ ବର୍ଷା ଲାଗି ରହିଲାଣି। ରୁଆ ବେଉଷଣ ପାଇଁ ଚାଷୀ ତରତର ହେଲାଣି। ମାତ୍ର ପରିତାପର କଥା ରାଜଧାନୀ ଉପକଣ୍ଠ ଯାଁଳା ଅଞ୍ଚଳରେ ଚାଷୀଙ୍କୁ ବିହନ ମିଳୁନାହିଁ। ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ବିଭାଗୀୟ ବିହନ ବିକ୍ରୟ କେନ୍ଦ୍ର ନଥିବାରୁ ଚାଷୀମାନଙ୍କୁ ବାରଦୁଆର ବୁଲିବାକୁ ପଡୁଛି। ଯାଁଳାରେ ସେବା ସମବାୟ ସମିତି ଓ କୃଷି

### ■ ମେଣ୍ଟାଶାଳ ଦୌଡୁଛନ୍ତି ମଦନପୁର ଧାନଚାଷୀ

ବିଭାଗର କାର୍ଯ୍ୟାଳୟ ଥାଇ ମଧ୍ୟ ବିହନ ମିଳୁନାହିଁ। ତେଣୁ ଚାଷୀମାନେ ବିହନ ପାଇଁ ବଡ଼ ସମସ୍ୟାରେ ପଡୁଛନ୍ତି।

ଗତ କିଛିବର୍ଷ ହେଲା ଯାଁଳା କୃଷି କାର୍ଯ୍ୟାଳୟ ବିହନ ଆସୁନାହିଁ। ସମବାୟ ସମିତିରେ ବିହନ ବିକ୍ରୟ ହେବାପାଇଁ ନିୟମ ଲାଗୁ ହେଲାଠାରୁ କୃଷି କାର୍ଯ୍ୟାଳୟରେ ବିହନ ବିକ୍ରି ବନ୍ଦ ହୋଇଯାଇଛି। କିନ୍ତୁ ଏବେ ଯାଁଳା ସେବା ସମବାୟ ସମିତି ମଧ୍ୟ ବିହନ ଆସୁନାହିଁ। ଫଳରେ ଯାଁଳା ପଞ୍ଚାୟତର ଯାଁଳା, ଉତ୍ତର ମୁଣ୍ଡମୁହାଣ, ରାଧାଚରଣପୁର, ଓଗାଳପଡ଼ା ଓ ମଦନପୁର ପଞ୍ଚାୟତର ମଦନପୁର, ବଡରଘୁନାଥପୁର, କାଇମାଟିଆ, ଜାଗସରାପଟଣା, ଦେଉଳିଆପାଟଣା



ଆଦି ଗ୍ରାମର ଚାଷୀମାନେ ଧାନ ବିହନ ପାଇଁ ହନ୍ତସନ୍ତ ହେଉଛନ୍ତି। ମଦନପୁର ପଞ୍ଚାୟତର ଚାଷୀମାନେ ମେଣ୍ଟାଶାଳ ଓ ଅରିଶଳ ସେବା ସମବାୟ ସମିତିକୁ ଧାଉଁଛନ୍ତି। ସେହିଭଳି ଯାଁଳା ପଞ୍ଚାୟତର ଚାଷୀମାନେ ଜଟଣୀ କିମ୍ବା ପିପିଲି ପର୍ଯ୍ୟନ୍ତ ଦୌଡୁଛନ୍ତି। ବିହନ ପାଇଁ ଦୂରକୁ ଦୌଡିବା ଯେତିକି ବାଧୁଛି ବେଳେବେଳେ ବିହନ ନପାଇ ଫେରିବା ତାଠାରୁ କଷ୍ଟଦାୟକ ହେଉଛି। ସେହିଭଳି ଚାଷୀ ତାର ଜମି ପାଇଁ ଅନୁକୂଳ ବା ପସନ୍ଦର ବିହନ ପାଇପାରୁନାହିଁ। ବିକ୍ରୟ କେନ୍ଦ୍ରରେ ଯାହା ମହଜୁଦ ଅଛି ସେହି ବିହନ ନେବା ପାଇଁ ବାଧ ହେଉଛନ୍ତି। ଯାଁଳା ଅଞ୍ଚଳର ଚାଷି ରତ୍ନାକର ଭୁୟାଁଙ୍କ କହିବା ଅନୁସାରେ ଚଳିତ ବର୍ଷ ଠିକ ସମୟରେ ବର୍ଷା ଆରମ୍ଭ ହୋଇଥିଲା। ତେଣୁ ରଜ ପରେ ତଳି ପଡ଼ିବା କଥା। ଏତେବେଳକୁ ତଳି ଉପାଡି ବିଲରେ ରୁଆ କାମ ଆରମ୍ଭ ହୁଅନ୍ତା ବା ଯେଉଁ କିଆରିରେ ଧାନ ବୁଣା ଯାଇଥିଲା ତାହା ବେଉଷଣ ହେବା କଥା। କିନ୍ତୁ ବିହନ ବିକ୍ରୟ କେନ୍ଦ୍ର ନଥିବାରୁ ବିହନ ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଛି। ସେଠିବି ସବୁବେଳେ ସବୁ ପ୍ରକାରର ବିହନ ମିଳିବା କଷ୍ଟକର ହୋଇପଡୁଛି। ତେଣୁ ଏଣିକି ଧାନ ଚାଷ ବଞ୍ଚାଇ ରଖିବା ସମ୍ଭବ ହେବ ନାହିଁ। ବିଲ୍ଡରଙ୍କ ଆଁ ରେ ଅଧା ଗହିର ଗଲାଣି। ଯେତିକି ଅଛି, ତାକୁ ଚାଷ କରିବା ପାଇଁ ସରକାରୀ ସୁବିଧା କିଛି ନାହିଁ। ଯେଉଁଠି ବିହନ ମୁଠାଏ ମିଳୁ ନାହିଁ ସେଠି ସାର କଥା କାହାକୁ ଗୁହାରି କରିବା।

ଏନେଇ ଯାଁଳା ସେବା ସମବାୟ ବ୍ୟାଙ୍କର ଜଣେ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ ଗୋଦାମ ଘର ଅଭାବରୁ ବିହନ ଆଣିହେଉ ନାହିଁ। ଯେଉଁ ଗୋଦାମ ଘର ଅଛି ତାହା ବହୁବର୍ଷ ଧରି ମରାମତି ହୋଇନଥିବାରୁ ସେଥିରେ ବିହନ ରଖିବା ସମ୍ଭବ ନୁହେଁ। ଗୋଟିଏ ବର୍ଷର ହିସାବ ଦେଇ କସିଲେଯେ ସେ ବର୍ଷ ଯେତିକି ବିହନ ବିକ୍ରି ହେଲା ତାଠାରୁ ଅଧିକ ବିହନ ମୂଷା ଖାଇଗଲେ। ତେଣୁ ସେହି ବର୍ଷ ଠାରୁ ବିହନ ବିକ୍ରୟ ବ୍ୟବସ୍ଥା ବନ୍ଦ କରାଯାଇଛି। ଘର ମରାମତି କରିବା ପରେ ବିହନ ଅଣାଯିବ।

# ୩ ବର୍ଷ ପରେ ମା'କୁ ଫେରି ପାଇଲେ ଦିବ୍ୟାଙ୍ଗ ପୁଅ-ଝିଅ

ଆସିକା,୧୯ ।୭ (ସମିସ):

ଅସହ୍ୟ ହେଲା ସ୍ୱାମୀଙ୍କ ନିର୍ଯାତନା। ତେଣୁ ଘରେ ଦୁଇ ଦିବ୍ୟାଙ୍ଗ ପୁଅ ଝିଅକୁ ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ତେବେ କେରଳରୁ ଏକ ସ୍ୱେଚ୍ଛାସେବୀ ସଂଗଠନ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ତାଙ୍କ ଘରେ ଆଣି ଛାଡିଛି। ଆସ୍କା ଥାନା ଗଣ୍ଡପଲ୍ଲିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୁଣ୍ଡପଲ୍ଲୀରେ ରହୁଥିଲେ ଏସ.ମଞ୍ଜୁ। ସ୍ୱାମୀ ଡି.ଆଶୋକ ଓ ଦୁଇ ଦିବ୍ୟାଙ୍ଗ ପୁଅ ଝିଅକୁ ନେଇ ତାଙ୍କର ସୁନାର ସଂସାର ଚାଲିଥିଲା। ହେଲେ ୨୦୨୧ରେ ହଠାତ ତାଙ୍କ ସୁଖର ସଂସାରରେ ଲାଗିଥିଲା ନିଆଁ। ସ୍ୱାମୀ ଅନ୍ୟ ସ୍ତ୍ରୀ ସହ ସମ୍ପର୍କ ରଖି ଦିବ୍ୟାଙ୍ଗ ପୁଅ ଝିଅ ଓ ସ୍ତ୍ରୀ ମଞ୍ଜୁକୁ ମାରଧର କରିଥିଲେ। ଶେଷରେ ସ୍ୱାମୀଙ୍କ କଥା ଚିନ୍ତା କରି କରି ମଞ୍ଜୁ ମାନସିକ ଭାରସାମ୍ୟ ହରାଇ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହା ପରେ ମଞ୍ଜୁଙ୍କ ସ୍ୱାମୀ ବି ଦିବ୍ୟାଙ୍ଗ ପୁଅ-ଝିଅକୁ ଛାଡି ଅନ୍ୟ ମହିଳାଙ୍କ ସହ ଚାଲି ଯାଇଥିଲେ। ଫଳରେ ବାପା ମା'ହରା ଦୁଇ ଦିବ୍ୟାଙ୍ଗ ପୁଅ-ଝିଅକୁ ଗାଁର ସାହି ଭାଇ ଖାଇବାକୁ ଦେଇ ରଖିଥିଲେ। ଗାଁର ସାହି ଲୋକ ବି ନିଖୋଜ ମଞ୍ଜୁକୁ ବହୁ ଖୋଜା ଖୋଜି କରି ପାଇନଥିଲେ। ଅପରପକ୍ଷେ ମଞ୍ଜୁ ମାନସିକ ସନ୍ତୁଳନ ହରାଇ ପ୍ରଥମେ ପୁରୀ ଓ ପରେ ଭୁଲବଶତଃ କେରଳ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର କରି ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସା କରିବା ପରେ ମଞ୍ଜୁ ଭଲ ହୋଇଥିଲେ। ପରେ ମଞ୍ଜୁଙ୍କ ଠାରୁ ତାଙ୍କ ଠିକଣା ଜାଣିବା ପରେ ମଞ୍ଜୁଙ୍କ ଘରେ ତାଙ୍କୁ ଛାଡି ଯାଇଛନ୍ତି। ଦୀର୍ଘ ୩ ବର୍ଷ ପରେ ନିଜ ହଜିଲା ମା'କୁ ଦେଖି ଖୁସିରେ ଭାବବିହ୍ୱଳ ହୋଇ ଯାଇଛନ୍ତି ଦୁଇ ଦିବ୍ୟାଙ୍ଗ ପୁଅ-ଝିଅ। ଏବେ ବି ମଞ୍ଜୁଙ୍କ ମାନସିକ ସନ୍ତୁଳନ ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ତେଣୁ ବିଦ୍ୟାଙ୍ଗ ପୁଅ ଝିଅ ସହ ଫେରିବା ମାନସିକ ବିକାରଗ୍ରସ୍ତ ମା'କୁ ସହଯୋଗ କରିବା ପାଇଁ ତାଙ୍କ କୁଳ ସମାଜ ଅଣ୍ଟା ଭିଡିଥିବା ବେଳେ ସରକାରୀ ସହଯୋଗ ପାଇଁ ଗାଁ ଲୋକ ଅନୁରୋଧ କରିଛନ୍ତି।


ଦ୍ୱିତୀୟ ବିବାହ କରି ଛାଡ଼ି ଯାଇଛନ୍ତି ବାପା

# ଶିକ୍ଷାବିତ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଞ୍ଜାମ,୧୯ ।୭ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ କ୍ଲଷ୍ଟର ତରଫରୁ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପୋଡ଼ମପେଟା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ନିରଞ୍ଜନ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ ତ୍ରିପାଠୀ, ଦୁର୍ଗା ପଟ୍ଟନାୟକ, ସୁକାନ୍ତ ଚୌଧୁରୀ ମଞ୍ଚାସୀନ ରହି ନିରଞ୍ଜନ ସାରଙ୍କ ଶିକ୍ଷକତା ସମୟର ସ୍ମୃତିଚାରଣ କରିଥିଲେ। କ୍ଲଷ୍ଟରର ମହେନ୍ଦ୍ର ସେଠୀ, ବିପିନ ପଟ୍ଟନାୟକ, ପର୍ଶୁରାମ ବେହେରା, ଅଭି ସାର, ଲକ୍ଷ୍ମୀ ସାର ପ୍ରମୁଖଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ପ୍ରେମ ବ୍ୟାପାରକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

ଖଲ୍ଲିକୋଟ,୧୯ ।୭ (ସମିସ): ଖଲ୍ଲିକୋଟ ଥାନା କହ୍ନେଇପୁର ରାହଣଦେବୀ ଛକରେ ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଲାଗି ରହିଥିବା ଶତ୍ରୁତାରୁ ଏଭଳି କାଣ୍ଡ ଘଟିଛି। ଆହତ ଛାତ୍ରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ମାଣିକପୁର ଗ୍ରାମର ଶମ୍ଭୁ ସିଂ(୧୭) ଶନିବାର ମଧ୍ୟାହ୍ନରେ କହ୍ନେଇପୁର ରାହାଣଦେବୀ ଛକକୁ ଆସିଥିଲେ। ଏତିକିବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା କନ୍ଦିଗାଁର ବାଲ୍ମୀକୀ ସେଠୀ(୨୦) ତାଙ୍କୁ ଛୁରାମାଡ଼ କରିଥିଲେ। ପ୍ରତିରୋଧ କରିବାବେଳେ ବାଲ୍ମୀକୀଙ୍କ ମୁହଁରେ ମଧ୍ୟ ଛୁରୀ ବାଜି ସେ ସାମାନ୍ୟ ଆହତ ହୋଇଥିଲେ। ଶମ୍ଭୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ବାଲ୍ମୀକୀ ସେଠୀ ଜଣେ ଡିପ୍ଲୋମା ଛାତ୍ର ହୋଇଥିବାବେଳେ ଗୁରୁତର ଆହତ ଶମ୍ଭୁ ସିଂ ଚଳିତ ବର୍ଷ ମାଟ୍ରିକ ପାସ୍ କରିଛନ୍ତି। ପୁଲିସ ମେଡିକାଲରେ ପହଞ୍ଚି ଆହତ ଶମ୍ଭୁଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଶମ୍ଭୁଙ୍କ ବଡ଼ ଭାଇ ଦେବାଶିଷ ସିଂ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ପ୍ରେମ ବ୍ୟାପାରକୁ ନେଇ ଲାଗି ରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିସହ ପୁଲିସ ଅଭିଯୁକ୍ତ ବାଲ୍ମୀକୀକୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।



# ମଦ ଜବତ; ୨ ଗିରଫ

ହୁମ୍ମା,୧୯ ।୭ (ସମିସ): ରମ୍ଭା ଥାନା କୁମୁଣ୍ଡ ଛକ ନିକଟରେ ୧୪୦ ଲିଟର ମଦ ଜବତ କରିବା ସହ ୨ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି ରମ୍ଭା ପୁଲିସ। ସେମାନେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ଏନ.ସୌରାପଲ୍ଲୀ ଗ୍ରାମର ବିକ୍ରମ ଶବର ଓ ଜିତୁ ଜାନୀ। ଗତ ଶୁକ୍ରବାର ସନ୍ଧ୍ୟାରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲିଙ୍କ ନେତୃତ୍ୱରେ ଏଏସଆଇ ଛବିରାଣୀ ନାୟକ, ଏଏସଆଇ ପ୍ରଭାତ ବାଲିକାନା ସଦଳବଳ ବେଆଇନ ମହୁଲି ମଦ ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧୪୦ ଲିଟର ମଦ, ଏକ ନମ୍ବର ବିହୀନ ବାଇକକୁ ଜବତ କରିବା ସହ ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ପ୍ରଭାତ କୁମାର ବାଲିକାନା ତଦନ୍ତ ଜାରି ରଖିଛନ୍ତି।

# ୪୦ ହଜାର ଟଙ୍କାର ବିଦ୍ୟୁତ୍ ତାର ଚୋରି

ହୁମ୍ମା,୧୯ ।୭ (ସମିସ): ଗଂଜାମ ବିଦ୍ୟୁତ୍ ଡିଭିଜନ୍ ଅଧୀନସ୍ଥ ଖଣ୍ଡିଦେଉଳି ଫିଡର ପଏଣ୍ଟ ଅଧିନ କାଳଚୁଆଗୌରୀ ନିକଟରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ୧୧କେଭି ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରମ୍ଭା ଥାନାରେ ଗଞ୍ଜାମ ବିଦ୍ୟୁତ ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସାଗର ପରିଡ଼ା ଲିଖିତ ଅଭିଯୋଗ କରିଛନ୍ତି। କାଳଚୁଆଗୌରୀ ଗ୍ରାମର ସୁବାଷ ନାହାକ ଏହି ତାର ଚୋରି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ରମ୍ଭା ପୁଲିସ ନଂ.୫୬୪/୨୫ରେ ମାମଲା ରୁଜୁ କରିବା ସହ ରମ୍ଭା ଥାନା ଏସ୍ଆଇ ଅମରକାନ୍ତ ଷଡଙ୍ଗୀ ତଦନ୍ତ ଆରମ୍ଭ କରିଛନ୍ତି।

# ଜିଲ୍ଲାପାଳଙ୍କୁ ସିଆର୍‌ପି ସଂଘର ଦାବିପତ୍ର

ଛତ୍ରପୁର,୧୯ ।୭ (ସମିସ): ସିଆରପି ସିଏମ୍‌ମାନଙ୍କ ବିଭିନ୍ନ ଦାବି ନେଇ ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା ସିଆରପି. ସିଏମ ଆସୋସିଏସନ ପକ୍ଷରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିଆରପି.ସିଏମ. ମାନଙ୍କ ପାଇଁ ଇନସେନଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା ପ୍ରଦାନ କରାଯାଉ, ଅନଲାଇନ କାର୍ଯ୍ୟ ପାଇଁ ଟାବଲେଟ ମେସିନ ପ୍ରଦାନ କରାଯାଉ, ସିଆରପି. ସିଏମ. ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ କରାଯାଉ ଭଳି ବିଭିନ୍ନ ଦାବିରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ନେତ୍ରୀ ପି. ଗାୟତ୍ରୀ, ସମ୍ପାଦିକା ଗାୟିତ୍ରୀ ପ୍ରଧାନ, ବିଏମସିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଉମା ଶଙ୍କର ସାହୁଙ୍କ ସମେତ ୨୨ଟି ବ୍ଲକର ସିଆରପି. ସିଏମ ଏବଂ ଲିଡର୍‌ମାନେ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ



ଛତ୍ରପୁର,୧୯ ।୭ (ସମିସ): ମତ୍ସ୍ୟ ବିଭାଗ ଓ ସିଫ୍ ନେଟ୍‌ର ମିଳିତ ଆନୁକୂଲ୍ୟରେ ଟାକିରିଆ ବ୍ରହ୍ମପୁର ଠାରେ ତିନିଦିନ ଧରି ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ମାଛଧରା ପୋତ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିସହ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବିଜେ ସାହୁ ଯୋଗଦେଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ସୁବ୍ରତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହ ସହକାରୀ ମତ୍ସ୍ୟ ଅଧିକାରୀ ପୂଜା ରାଣୀ ସାହୁ, କୁଞ୍ଜ ବିହାରୀ ଦାଶ, ବିଶ୍ୱଭୂଷଣ ଜେନା, ଜେଏଫଟିଏ ଗୀତାରାଣୀ ନାୟକଙ୍କ ସମେତ ସାଗରମିତ୍ରମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ୨.୫୫ ଲକ୍ଷ ଠକେଇ

ବ୍ରହ୍ମପୁର,୧୯।୭ (ସମିସ): ଅନ୍‌ଲାଇନ ଟ୍ରେଡିଂ ନାଁରେ ଜଣେ ଯୁବକଙ୍କଠାରୁ ୨ଲକ୍ଷ ୫୫ହଜାର ଠକେଇ ହୋଇଛି। ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ସେବି) ରେ ପଞ୍ଜିକୃତ ହୋଇଥିବା ଏକ ସଂସ୍ଥାର ସହଯୋଗୀ ସଂସ୍ଥା ପକ୍ଷରୁ ଏହି ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ବ୍ରହ୍ମପୁର ସିଦ୍ଧାର୍ଥନଗର ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ନିକଟକୁ କିଛି ମାସ ତଳେ ହ୍ୱାଟ୍ସଆପ୍ ଜରିଆରେ ଅନଲାଇନ ଟ୍ରେଡିଂ ପାଇଁ ମେସେଜ ଆସିଥିଲା। ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ୍ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରୁ ଏହି ମେସେଜ ଆସିଥିବା ବେଳେ ଯୁବକ ଜଣଙ୍କ ଉକ୍ତ ମେସେଜ ଦେଖିବା ପରେ ସଂପୃକ୍ତ କମ୍ପାନୀ ବିଷୟରେ ଯାଞ୍ଚ କରିଥିଲେ। ଏହି ପିଭିଲେଜଡ୍ ଟ୍ରେଡିଂ ଗ୍ରୁପଟି ସେବି ଦ୍ୱାରା ପଞ୍ଜିକୃତ ଇଣ୍ଡିଆ ମନି ପ୍ରାଇଭେଟ ଲିମଟେଡ ନାମକ ଏକ କମ୍ପାନୀର ସହଯୋଗୀ ସଂସ୍ଥା ବୋଲି ସେ ଜାଣିବା ପରେ ସେଥିରେ ଇନଭେଷ୍ଟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତେବେ ଗ୍ରୁପ୍ ଆଡମିନ୍ ଥିବା ଶୈଳଜା ପାଇକ ନାମକ ଜଣେ ମହିଳା ଅଭିଯୋଗକାରୀ ଯୁବକଙ୍କ ସହ ବ୍ୟକ୍ତିଗତ ଚାଟିଂ କରି ଅନ୍‌ଲାଇନ୍‌ରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ହାସଲ କରିବାକୁ ପ୍ରବର୍ତ୍ତାଇଥିଲେ। ତାଙ୍କ କଥାରେ ପଡି ଯୁବକ ଜଣଙ୍କ ଏକ ପ୍ରିଭିଲେଜଡ୍ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ଏହି ଟ୍ରେଡିଂ ଗ୍ରୁପର ଆକାଉଣ୍ଟସ ମ୍ୟାନେଜର ରାଘବ ଶର୍ମା ତାଙ୍କୁ ମହିଳା ଜଣଙ୍କ ବିଭିନ୍ନ କମ୍ପାନୀର ଆଇପିଓ, ଯୁସି ଷ୍ଟକ୍ ଓ ବ୍ଲକ୍ ଷ୍ଟକ୍ ବିଷୟରେ ବୁଝାଇଥିଲେ। କମ୍ପାନୀର ସମସ୍ତ ଦିଗକୁ ଯାଞ୍ଚ କରିବା ପରେ ଏହା ବିଧିବଦ୍ଧ ଅନଲାଇନ ଟ୍ରେଡିଂ ସଂସ୍ଥା ଓ ସେବି ଦ୍ୱାରା ପଞ୍ଜିକୃତ ବୋଲି ଯୁବକ ଜଣଙ୍କ ହୃଦବୋଧ କରି ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଜମା କରିଥିଲେ। ଏହି ୪୦ ହଜାର ଟଙ୍କା ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟରେ ପ୍ରଦର୍ଶିତ ହୋଇଥିଲା। ସେ ଯେଉଁ କମ୍ପାନୀର ଷ୍ଟକ କିଣିଥିଲେ ଉକ୍ତ ଷ୍ଟକ ମୂଲ୍ୟ କମ ବେଶୀ ହେଲେ ଯୁବକ ଜଣଙ୍କ ଇନଭେଷ୍ଟ କରିଥିବା ଟଙ୍କା ମଧ୍ୟ କମ ବେଶୀ ହେଉଥିଲା। ପରେ ଏକାଧିକ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୫୫ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ସେ ମାସାଧିକ କାଳ ଟ୍ରେଡିଂ ମଧ୍ୟ କରିଥିଲେ। ଏହା ଭିତରେ ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ୍ ଗ୍ରୁପର ନାଁ ବଦଳି ଯାଇ ଟି-ଭିଆଇପି-୧ ଆଇଏନ୍ ଇନଣ୍ଟରନାଲ ଟ୍ରେଡିଂ ହୋଇଯାଇଥିଲା। ତେବେ କିଛି ଦିନ ଟ୍ରେଡିଂ କରିବା ପରେ ଯୁବକ ଜଣଙ୍କ ଯେତେବେଳେ ନିଜ ଷ୍ଟକ ବିକ୍ରି କରି ଟଙ୍କା ଉଠାଇବାକୁ ଚାହିଁଥିଲେ ତାହା ସମ୍ଭବ ହୋଇନଥିଲା। ଏପରିକି ତାଙ୍କୁ ଅଧିକରୁ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ କୁହାଯାଇଥିଲା। ଏହାପରେ ଯୁବକ ଜଣଙ୍କ କମ୍ପାନୀର କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ତାହା ସମ୍ଭବ ହୋଇନଥିଲା। ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟ ମଧ୍ୟ ଅଚଳ ହୋଇଯାଇଥିଲା। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିବା ଜଣାପଡିଛି।

# ଶିଶୁ ମନ୍ଦିରରେ ୧୦୮ ହନୁମାନ ଚାଳିଶା

ଛତ୍ରପୁର,୧୯ ।୭ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାରାୟଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶଙ୍କ ପୌରହିତରେ ସଂସ୍କୃତ ପଣ୍ଡିତ ମନୋରଞ୍ଜନ ଦାଶ ଓ କୈଳାଶ ଚନ୍ଦ୍ର ଶତପଥି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସନା ଅନୁରାଗ ଚୈତନ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଆଡଭୋକେଟ ପ୍ରଦୀପ କୁମାର ପାଢ଼ୀ, ଗଙ୍ଗାଧର ପଣ୍ଡା, ଉମାକାନ୍ତ ତ୍ରିପାଠୀ, ଡଃ ଅଜୟ ତ୍ରିପାଠୀ, ବୁଦ୍ଧିଜୀବୀ, ଶୁଭେଚ୍ଛୁ, ସାମ୍ବାଦିକ, ଅଭିଭାବକ ମାନେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସଦସ୍ୟ ରାମପ୍ରସାଦ ରାଓ ଓ ମାତୃଭାରତୀର ସଦସ୍ୟମାନେ ସହଯୋଗ କରିଥିଲେ।

# ମାସିକ କ୍ଲଷ୍ଟର୍‌ସ୍ତରୀୟ ବୈଠକ



ବେଲଗୁଣ୍ଠା,୧୯ ।୭ (ସମିସ): ବେଲଗୁଣ୍ଠା ବ୍ଲକ୍‌ର ସମସ୍ତ ୧୧ଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆରସିସି ମାନଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ଏଫ୍. ଏଲ୍.ଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରଥମ ମାସିକ କ୍ଲଷ୍ଟର୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଶିବରାମ ବେହେରା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ଗୌଡ଼, ଶାନ୍ତିଲତା ବେହେରା, ପ୍ରଧାନ ଶିକ୍ଷକ ଶିବରାମ ବେହେରା, ଗଙ୍ଗାଧର ସ୍ୱାଇଁ, ଲିଙ୍ଗରାଜ ସେଠୀ, ଶିଶିର କୁମାର ସ୍ୱାଇଁ, ଏଫ୍‌ଏଲ୍‌ଏନ୍ ଶିକ୍ଷକ ପରମାନନ୍ଦ ନାୟକ, ଦାଶରଥି ସେଠୀ, କାର୍ତ୍ତିକ ସେଠୀ, ଶିକ୍ଷୟିତ୍ରୀ ତୁଳସୀ ସ୍ୱାଇଁ, ସାନୁଜା ନାୟକ, ସିପ୍ରାସିନ୍ଧୁ ସ୍ୱାଇଁ, ଶୁଭଶ୍ରୀ ପଣ୍ଡା, ମିନି ସେଠୀ, ସ୍ମିତା ନାୟକ, ଦୀପା ପ୍ରଧାନ, କାଜଲ୍ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକା, ବିଦ୍ୟା ପ୍ରବେଶ, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର୍, ବିଦ୍ୟାଳୟର ସମୟ ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା ରଥ ପ୍ରମୁଖ ବିଭିନ୍ନ କ୍ଲଷ୍ଟର୍ ପରିଦର୍ଶନ କରି ବୈଠକର ତଦାରଖ କରିଥିଲେ।

ବ୍ରହ୍ମପୁର ପୁଲିସ ଜିଲ୍ଲାର ଅପରାଧ ସମୀକ୍ଷା

# ପୁରୁଣା ମାମଲା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୯।୭ (ସମିସ): ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ବହୁଦିନ ଧରି ପଡ଼ି ରହିଥିବା ପୁରୁଣା ମାମଲା ଗୁଡିକର ସ୍ଥିତି ବିଷୟରେ ଉପସ୍ଥିତ ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପେଣ୍ଡିଂ ମାମଲା ଗୁଡ଼ିକର ତଦନ୍ତ ଶେଷ କରିବାକୁ ଏସ୍‌ପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନିଖୋଜ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ମାମଲା ଆସିଲେ ଗୁରୁତର ସହ ଗ୍ରହଣ କରିବାକୁ ସେ ଆଦେଶ ଦେଇଥିଲେ। ବିଶେଷ କରି ନିଖୋଜଙ୍କୁ ଖୋଜିବା ଦିଗରେ ପୁଲିସ ଅଧିକ ତତ୍ପରତା ପ୍ରକାଶ କରିବା ସହ ଟ୍ରାକିଂ କରୁଥିବା ଟିମ୍ ଅଧିକ କ୍ରିୟାଶୀଳ ହେବାକୁ ଏସପି ଗୁରୁତ୍ୱ ଦେଇଥିଲେ। କିଛି ମାସ ହେବ ବ୍ରହ୍ମପୁର ସହର ଓ ଉପକଣ୍ଠରେ ଉପରୋକ୍ତ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଏଣୁ ସମସ୍ତ ଥାନା ଇଲାକାରେ କଡ଼ାକଡ଼ି ପାଟ୍ରୋଲିଂ ସହ ଅପରାଧିକ କାର୍ଯ୍ୟକଳାପ ଗୁଡ଼ିକ ପୁଲିସ ନଜର ରଖି ଏଗୁଡ଼ିକ ବନ୍ଦ କରିବା ଦିଗରେ ଯତ୍ନବାନ ହେବାକୁ ବୈଠକରେ ଜୋର ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସୀମା ସ୍ୱାଇଁ, କୈଳାସଚନ୍ଦ୍ର ବୁରୁଦାଙ୍କ ସମେତ ସମସ୍ତ ଏସଡ଼ିପିଓ, ଡ଼ିଏସପି ଓ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ କଲେଜ ଦ୍ୱାରା ଏମ୍‌ଓୟୁ ସ୍ୱାକ୍ଷରିତ



ଗଞ୍ଜାମ,୧୯ ।୭ (ସମିସ): ଶିଳ୍ପ-ଅନୁଷ୍ଠାନର ମିଳିତ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା ବିଓପିଟି (ପୂର୍ବାଞ୍ଚଳ) କୋଲକାତା ସହିତ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ କରିଛି ଗଞ୍ଜାମ ମହାବିଦ୍ୟାଳୟ। ଗଞ୍ଜାମ କଲେଜ ଅଧ୍ୟକ୍ଷା ଡ଼ଃ ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନ ସହ ବାଣିଜ୍ୟ ବିଭାଗ ମୁଖ୍ୟ ପୁରୁଷୋତ୍ତମ ପାତ୍ର, ସୁମନ ସେଠୀ ଓ ଜଗଦୀଶ ପାଢ଼ୀଙ୍କ ସହଯୋଗରେ ସଫଳ ହୋଇଛି। ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନବିଶ ସମୟର ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବା ଭାରତ ସରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଯାହାର ଫଳସ୍ୱରୂପ ଗଞ୍ଜାମ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷର ବାଣିଜ୍ୟ ଶିକ୍ଷାର୍ଥୀଙ୍କ ଠାରୁ ଆରମ୍ଭ ହୋଇଛି। ବାଣିଜ୍ୟରେ ସ୍ନାତକର ତୃତୀୟ ବର୍ଷରେ ଉପରୋକ୍ତ ଶିକ୍ଷାନବିସ ପ୍ରଶିକ୍ଷଣ ପାଇଁ ସରକାରଙ୍କ ତରଫରୁ ମାସିକ ସର୍ବନିମ୍ନ ନଅ ହଜାର ଟଙ୍କା ବିଦ୍ୟାର୍ଥୀ ପାଇବେ। ବ୍ରହ୍ମପୁର ବିଶ୍ୱବଦ୍ୟାଳୟ ଅଧିନରେ ଥିବା ମାତ୍ର ୫ଟି ମହାବିଦ୍ୟାଳୟ ମଧ୍ୟରେ ଗଞ୍ଜାମ ମହାବିଦ୍ୟାଳୟ ସ୍ଥାନିତ। ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ କାଳୀପ୍ରସନ୍ନ ମହାପାତ୍ର ମଧ୍ୟ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି।

ବିଳମ୍ବିତ ରାତିରେ ମଇଁଷି କିଣିବାକୁ ବୁଲୁଥିଲେ

# ବଟି ମାଗି ବିଫଳ ପରେ ଆକ୍ରମଣ; ୩ ବେପାରୀ ଗୁରୁତର

ହୁମ୍ମା,୧୯ ।୭ (ସମିସ):

ନୂତନ ପୋଡ଼ମପେଟା ଗ୍ରାମରେ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳ ବଡ଼ଅଁଳ ଗ୍ରାମର ବିଦେଶୀ ବିଶ୍ୱାଳ(୪୦), ମନୋଜ ପାହାନ ଓ ଗୋପବନ୍ଧୁ ପାହାନ। ସେମାନେ ମଇଁଷି କିଣିବାକୁ ଆସିଥିବାବେଳେ ଦୁର୍ବୃତ୍ତମାନେ ବଟି ମାଗି ବିଫଳ ହେବାରୁ ଏପରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ଗୁରୁବାର ରାତି ପ୍ରାୟ ୨ଟା ବେଳେ ବିଦେଶୀ ଓ ତାଙ୍କ ବନ୍ଧୁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦଗଡ଼ର ଅର୍ଜୁନ ପାହାନ, ମନୋଜ ପାହାନ, ଗୋପବନ୍ଧୁ ପାହାନ, ଗୋଳନ୍ଥରା ଥାନା ଅଞ୍ଚଳ ମଦନମୋହନପୁର ଗ୍ରାମର ଡ଼ି. ରାଜୁ, ଟି.ନାରାସୁମ୍ମଲୁ, ଜି.ଭାଗିରଥିଙ୍କ ପାଇଁ ମଇଁଷି କିଣିବାକୁ ହୁମ୍ମା ଅଞ୍ଚଳ ନୂଆ ପୋଡ଼ମପେଟା ଗ୍ରାମରେ ବୁଲୁଥିଲେ। ରାତି ଦୁଇଟା ହୋଇଥିବାରୁ ସେମାନଙ୍କୁ ଚୋର ଭାବି ନୂତନ ପୋଡ଼ମପେଟା ଗ୍ରାମର ୮ ଜଣ ବ୍ୟକ୍ତି ଅଟକାଇ ଦେଢ଼ ଲକ୍ଷ ଟଙ୍କା ବଟି ମାଗିଥିଲେ। କିନ୍ତୁ ଟଙ୍କା ଦେବାକୁ ଅଭିଯୋଗକାରୀ ମନା କରିବାରୁ ହଠାତ୍ ସେମାନଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ମନୋଜ, ଗୋପବନ୍ଧୁ, ବିଦେଶୀ ଗୁରୁତର ଆହତ ହୋଇଛନ୍ତି। ଜୀବନ ବଞ୍ଚାଇବାକୁ ଉଦ୍ୟମ କରିବାକୁ ଯାଇ ଚିତ୍କାର କରିବାରୁ ଘଟଣାସ୍ଥଳରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଚିକିତ୍ସା ପରେ ବିଦେଶୀ ବିଶ୍ୱାଳ ରମ୍ଭା ଥାନା ହୁମ୍ମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ନଂ.୫୬୩/୨୫ରେ ମାମଲା ରୁଜୁ କରିଛି। ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରମ୍ଭା,୧୯ ।୭ (ସମିସ): କନକା କ୍ଲଷ୍ଟର ଅଧୀନସ୍ଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା କୁମାରୀ ପାଟ୍ଟଶାଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିବାବେଳେ ପିତାଗାଡିଆ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି, କନକା କ୍ଲଷ୍ଟରର ସିଆର୍‌ସିସି ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟବକ୍ତା, କଞ୍ଚଣା କ୍ଲଷ୍ଟରର ସିଆର୍‌ସିସି ପବିତ୍ର କୁମାର ବେହେରା, କୈରାଶି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟରାମ ପ୍ରଧାନ, ଦଳିବାଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା, ପାନନୂଆ ଗାଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଡିମିରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଶବର, ପିତାଗାଡିଆ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରଥ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ କୁମାର ପାଢ଼ୀ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା କୁମାରୀ ପାଟ୍ଟଶାଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଲେଇ, ତ୍ରିନାଥ ସ୍ୱାଇଁ, ନିରଞ୍ଜନ ଜାଲି, ତପନ କୁମାର ଗୌଡ଼, ବୁଲୁ ପ୍ରଧାନ, ଦୀପକ କୁମାର ସେଠୀ, ସହକାରୀ ଶିକ୍ଷୟିତ୍ରୀ ସୋନାଲି ପାହାନ୍ତା ସିଂ, ଆରାଧନା ସାହୁ, କିରାଣୀ ଶର୍ମିଷ୍ଠା ପ୍ରଧାନଙ୍କ ସହିତ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ ମାନେ ଉପସ୍ଥିତ ଥିଲେ।

ଦୈନିକ ଖବରକାଗଜ 'ସକାଳ' ଜୟପୁର ପ୍ରେସର
ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ



ଆପଣ ସମାଜରେ ଲୋକଙ୍କ ସେବା ପାଇଁ
ସାରା ଜୀବନ ସମର୍ପିତ କରିଛନ୍ତି।
ତେଣୁ ଆପଣଙ୍କ ସ୍ୱାସ୍ଥ୍ୟ ସଦା ସର୍ବଦା ସୁସ୍ଥ ରହିବା ନେଇ
ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ
ଶ୍ରୀଯୁକ୍ତ ସହଦେବ କୁଅଁର
ଗ୍ରାମ- ଅଲଣ, ପୋ-କୁରାଡ (ଜିଲ୍ଲା -ଜଗତସିଂହପୁର)

● ଏମ୍‌କେସିଜିରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଘଟଣା

# କମିଟିର ତଦନ୍ତ ଶେଷ; ମତ ରଖିଲେ ମୃତକଙ୍କ ପରିବାର ଓ ଡାକ୍ତର



ବ୍ରହ୍ମପୁର,୧୯।୭(ସମିସ): ଏମ୍‌କେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରେ ଚିକିତ୍ସିତ ବାଘଲଟି ଗ୍ରାମର ବଳରାମ ଗୌଡ ଗୁରୁତର ରୋଗୀଙ୍କୁ ବିନାୟକ ହସ୍ପିଟାଲକୁ ଡ଼ାକ୍ତର ରୋଗୀଚାଲାଣ ଘଟଣାର ୫ଜଣିଆ ତଦନ୍ତ କମିଟି ତଦନ୍ତ ଶେଷ ହୋଇଛି।

ଶନିବାର ମେଡ଼ିକାଲ ଅଧୀକ୍ଷଙ୍କ ଚ୍ୟାମ୍ବରରେ ତଦନ୍ତ କମିଟିର ଏକ ବୈଠକ ରହିଥିଲା। ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଟିମ୍‌ରେ ଥିବା ଅସ୍ଥଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର, ନିଶ୍ଚେତକ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଖଗେଶ୍ୱର ରାଉତ, ମେଡ଼ିକାଲ ଆକ୍ତୁଆଲଟି ଅଫିସର ଡ଼ା. ସୁବ୍ରତ ଦାଶ ଓ ହସ୍ପିଟାଲ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନଙ୍କ ସମ୍ମୁଖରେ ମେଡ଼ିକାଲର ଦୁଇ ଡ଼ାକ୍ତରଙ୍କ ସମେତ ମୃତ ବଳରାମ ଗୌଡଙ୍କ ପରିବାର ୪ଜଣ ସଦସ୍ୟ ହାଜର ହୋଇଥିଲେ। କମିଟି ପକ୍ଷରୁ ସମସ୍ତଙ୍କୁ ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନ କରିଥିଲେ। ଏ ସମସ୍ତ ପ୍ରକ୍ରିୟା ଭିଡ଼ିଓ ଗ୍ରାଫିକ କରାଯାଇଥିଲା। କମିଟି ପକ୍ଷରୁ ଘଟଣାର ତଦନ୍ତ ଶେଷ କରାଯାଇ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟରେ ନାରୀ ନିର୍ଯାତିତ; ବିଶ୍ୱରେ ଓଡ଼ିଶା କଳଙ୍କିତ



● ୨୧ରେ ଆର୍‌ଡିସି ଅଫିସ ସମ୍ମୁଖରେ ବିଜେଡିର ଆନ୍ଦୋଳନ
● ଖଲ୍ଲିକୋଟ ବିଶ୍ୱବିଦ୍ୟାଳରୁ ଆରମ୍ଭ ହେବ ବିଶାଳ ଶୋଭାଯାତ୍ରା
● ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଓ ବିଚାର ବିଭାଗୀୟ ତଦନ୍ତ ଦାବି
● ଏକ ବର୍ଷରେ ମହିଳା ନିର୍ଯାତନା ବଢ଼ିଛି; ସୁରକ୍ଷା ଡେସ୍କ ବନ୍ଦ

ବ୍ରହ୍ମପୁର,୧୯।୭(ସମିସ): ଏକ ବର୍ଷ ଭିତରେ ଓଡ଼ିଶାର ୭୮ ବର୍ଷର ଗୌରବମୟ ଇତିହାସ ମଳିନ ପଡ଼ିଛି। ସରକାରଙ୍କ ଦାୟିତ୍ୱହୀନତା ଓ ପ୍ରଶାସନର ଅପାରଗତା ଯୋଗୁଁ ଓଡ଼ିଶା ଅପଯଶ ଓ ଅପବାଦ ମୁଣ୍ଡାଇଛି। ଆମେରିକା ଭଳି ରାଷ୍ଟ୍ର ମଧ୍ୟ ପର୍ଯ୍ୟଟକଙ୍କ ଲାଗି ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କହିଲାଣି। କାରଣ ନାରୀ ନିର୍ଯାତନା, ଗଣଦୁଷ୍କର୍ମ, ନାବାଳିକା ଦୁଷ୍କର୍ମ ଭଳି ଘଟଣା ରାଜ୍ୟରେ ବଢ଼ିଚାଲିଛି। ରାଜ୍ୟ ସରକାରଙ୍କ ଚରମ ବିଫଳତା ଓ ସମ୍ବେଦହୀନତା ଯୋଗୁଁ ଶାନ୍ତ ଓଡ଼ିଶା କଳଙ୍କିତ ହେବାରେ ଲାଗିଛି ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସର୍କିଟ ହାଉସ ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ଓ ରାଜ୍ୟରେ ବଢି ଚାଲିଥିବା ମହିଳା ଦୁଷ୍କର୍ମ ସମେତ ଆଇନ ଶୃଙ୍ଖଳା ଆଦି ସମସ୍ତ ପ୍ରସଙ୍ଗକୁ ନେଇ ଦଳ ପକ୍ଷରୁ ଆସନ୍ତା ୨୧ତାରିଖ ଦିନ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି)ଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ସଂଗଠିତ ହେବ ବୋଲି କୁହାଯାଇଛି। ବିଜୁ ଜନତା ଦଳର ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରୁ ବାହାରି ଆରଡ଼ିସି ଅଫିସ ସମ୍ମୁଖରେ ପହଞ୍ଚିବ। ଏଠାରେ ଆରଡ଼ିସିଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବିଜେଡ଼ିର ରାଜ୍ୟ ଉପସଭାପତି ସଞ୍ଜୟ ଦାଶବର୍ମା ଏଠାରେ କହିଛନ୍ତି। ସେ କହିଛନ୍ତି ଯେ, ଗୋପାଳପୁର ବେଳାଭୂମିରେ ହୋଇଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି, ଗଞ୍ଜାମର ଖଲିଙ୍ଗି ଓ ସାନଖେମୁଣ୍ଡି ଇଲାକାରେ ନାବଳିକା ଦୁଷ୍କର୍ମ ଆଦି ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ସୌମ୍ୟାଶ୍ରୀ ପୂର୍ବରୁ ଅଭିଯୋଗ କରିଥିଲେ ହେଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ଓ ବିଧାୟକ ଏ ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ନନେଇ ନୀରବ ରହିବା ହାସ୍ୟାସ୍ପଦ ହୋଇଛି। ସରକାରଙ୍କ ତଥ୍ୟ ଅନୁସାରେ ରାଜ୍ୟରେ ଏକବର୍ଷ ଭିତରେ ୩ହଜାର ୫୪ଟି ଦୁଷ୍କର୍ମ ମାମଲା ହୋଇଛି। ନାରୀମାନଙ୍କ ପ୍ରତି ଅତ୍ୟାଚାର ଓ ନିର୍ଯାତନା ବଢ଼ିଚାଲିଛି। ଏହି ସବୁ ଘଟଣା ସରକାରଙ୍କ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ ହୋଇଛି। ସଦ୍ୟ ପୁରୀ ଜିଲ୍ଲାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜାଳିବା ଘଟଣା ମଧ୍ୟ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ଦାଶବର୍ମା କହିଛନ୍ତି।

ସେ ଆହୁରି କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନାରୀ ଓ ଶିଶୁଙ୍କ ସୁରକ୍ଷା ଲାଗି ଡ଼େସ୍କ ଖୋଲିଥିଲେ। ତାହା ସମ୍ପ୍ରତି ବନ୍ଦ ହୋଇଯାଇଛି। ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ଓ ସଭ୍ୟପଦ ଖାଲି ପଡ଼ିଛି। ମହିଳା କମିଶନ ଅବସ୍ଥା ମଧ୍ୟ ସମାନ ସ୍ଥିତିରେ ରହିଛି। ଥାନା ଗୁଡ଼ିକ ଭାରତୀୟ ଜନତା ପାର୍ଟିର କାର୍ଯ୍ୟାଳୟ ଭଳି କାମ କରୁଛି। ଏଣୁ ନାରୀଙ୍କ ସୁରକ୍ଷା ଅଧିକାର ଲାଗି ବିଜୁ ଜନତା ଦଳ ସବୁବେଳେ ଯତ୍ନବାନ ରହିଛି। ଏହି ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଆସନ୍ତା ୨୧ରେ ହେବାକୁ ଥିବା ଆନ୍ଦୋଳନରେ ଦକ୍ଷିଣ ଓଡ଼ିଶାର ସବୁ ଅଞ୍ଚଳର ବହୁ ଯୁବାବର୍ଗ ଓ ବିଜୁପ୍ରେମୀ ଯୋଗଦେବେ ବୋଲି ଦଳର ଉପସଭାପତି ସଞ୍ଜୟ ଦାଶବର୍ମା ସୂଚନା ଦେଇଛନ୍ତି। ଏଥିସହ ରଥଯାତ୍ରା ସମୟରେ ସରକାରୀ ଅପରାଗତା ଯୋଗୁଁ ତିନିଜଣଙ୍କ ଜୀବନ ଯାଇଥିବା ବେଳେ ବହୁ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ସରକାର ଏଥିପ୍ରତି ଯତ୍ନବାନ ନ ହୋଇ କେବଳ ନିଜର ପ୍ରଚାର ପ୍ରସାରରେ ବ୍ୟସ୍ତ ରହିଥିବା ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳ ପକ୍ଷରୁ ଏଠାରେ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ଜିଲ୍ଲା ବିଜେଡି ସଭାପତି ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୂର୍ବତନ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଖଲ୍ଲିକୋଟର ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ଆସିକା ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ବିଜେଡି ନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ବିପ୍ଳବ ପାତ୍ର, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧକ୍ଷା ଏସ ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ, ବରିଷ୍ଠ ନେତା ଭଗବାନ ଗନ୍ତାୟତ, ସୁବାସ ମହାରଣା, ଅଜୟ ମହରଣା, ଯୁବ ବିଜେଡ଼ି ଜୋନ ସଭାପତି ନଚିକେତା ସ୍ୱାଇଁ, ଛାତ୍ର ବିଜେଡି ସଭପତି ପ୍ରଶାନ୍ତ ପଣ୍ଡା, ଯୁବ ବିଜେଡି ମହାନଗର ସଭାପତି ଅଜିତ ପଣ୍ଡା, ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ମମତା ବିଷୋୟୀ, ମହାନଗର ବିଜେଡି ସଭାପତି ବିଜୟ ସାମଲ, ଉମା ନାୟକ, ଜ୍ୟୋତ୍ସ୍ନା ନାୟକଙ୍କ ସମେତ ବହୁ କର୍ପୋରେଟର ଓ ବିଜେଡି ନେତା ଉପସ୍ଥିତ ଥିଲେ।

## ଦୋକାନୀକୁ ଖଣ୍ଡାରେ ହାଣିବା ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୯।୭(ସମିସ): ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ତଳ ସାହି ନିକଟ ଶଙ୍ଖଠାରେ ଦୋକାନୀ ଗଙ୍ଗାଧର ପଣ୍ଡାକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଲାଠି ପାଢ଼ୀ ସାହିର ସୀମାଞ୍ଚଳ ବିଷୋୟୀ ଓରଫ ଜଡ଼ା(୩୯)। ତାଙ୍କ ନିକଟରୁ ଏକ ଖଣ୍ଡା ଜବତ କରିଛି ପୁଲିସ।

ସୂଚନାଯୋଗ୍ୟ ଯେ, ଗଙ୍ଗାଧର ଲାଠି ଗ୍ରାମରେ କୀଟନାସକ ଔଷଧ ଦୋକାନ କରିଛନ୍ତି। ଗତ ୨ମାସ ପୂର୍ବେ ଅଭିଯୁକ୍ତ ସୀମାଞ୍ଚଳ ଗଙ୍ଗାଙ୍କ ଦୋକାନ ନିକଟକୁ ଆସି କହିଥିଲେ କି ତାଙ୍କ ଭାଇ ମେହଙ୍କାଲ ବିଷୋୟୀ ମାନସିକ ଚିନ୍ତାରେ ରହୁଛି। କେତେବେଳେ ଆତ୍ମହତ୍ୟା କରିଦେବ। ଭାଇ ଯଦି ଦୋକାନକୁ ଆସିବ ତେବେ କିଛି କୀଟନାଶକ ଔଷଧ ଦେବ ନାହିଁ। ମାତ୍ର ତାଙ୍କ ଭାଇ ବାରମ୍ବାର ଆସିବାରୁ ଗଙ୍ଗାଧର କୀଟନାଶକ ଔଷଧ ଦେଇଥିଲେ ଯାହାକୁ ଖାଇ ସେ ଆତ୍ମହତ୍ୟା କରିଥିଲେ। ଭାଇର ଆତ୍ମହତ୍ୟା ପରଠାରୁ ସୀମାଞ୍ଚଳ ଗଙ୍ଗାକୁ ମାରିବାକୁ ଯୋଜନା କରୁଥିଲେ। ଶନିବାର ରାତିରେ ଗଙ୍ଗା ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ସୀମାଞ୍ଚଳ ପଛପଟୁ ଖଣ୍ଡାରେ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଓ ଗଙ୍ଗାଙ୍କ ପରିବାର ଲୋକେ ଉଦ୍ଧାର ତାଙ୍କୁ କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରିବା ସହ ମେଡ଼ିକାଲରେ ଆହତ ଗଙ୍ଗାଙ୍କ ବୟାନ ରେକର୍ଡ କରିଥିଲା। ଘଟଣାକୁ ନେଇ ଗଙ୍ଗାଙ୍କ ପୁଅ ଅଂଶୁମାନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସୀମାଞ୍ଚଳ ବିଷୋୟୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

## ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର,୧୯।୭(ସମିସ): ସ୍କୁଟି ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ଗୋଷାଣୀନୂଆଗାଁ ଥାନା ପୁଲିସ। ଗିରଫ ଜଣକ ସେହି ଇଲାକାର ଡ଼ି ବବୁଲ ପାତ୍ର(୨୧)। ପୁଲିସ ବବୁଲଙ୍କ ଠାରୁ ଚୋରି ସ୍କୁଟି ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ରହୁଥିବା ସୀମାଞ୍ଚଳ ବେହେରାଙ୍କ ଘର ସମ୍ମୁଖରୁ ତାଙ୍କ ସ୍କୁଟି ଚୋରି ହୋଇଥିବା ନେଇ ମେ ୨୮ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର ପୁଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଶନିବାର ବବୁଲକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏଏସଆଇ ରଞ୍ଜିତ କୁମାର ରାଉଳ ସୂଚନା ଦେଇଛନ୍ତି।

ଏମ୍‌କେସିଜି ଆଶୁ ଚିକିତ୍ସା ବିଭାଗରୁ ରୋଗୀଚାଲାଣ ରୋକିବାକୁ ପଦକ୍ଷେପ

## ବିଭାଗୀୟ ଓ ୟୁନିଟ୍ ମୁଖ୍ୟଙ୍କ ଅନୁମତି ପରେ ହେବ ସ୍ଥାନାନ୍ତର

ବ୍ରହ୍ମପୁର,୧୯।୭(ସମିସ): ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରୁ ବିଭିନ୍ନ ଘରୋଇ ନର୍ସିଂହୋମକୁ ରୋଗୀଚାଲାଣ ହେଉଥିବା ନଜିର ରହିଛି। ଏହାକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମେଡିକାଲ ଆଶୁ ଚିକିତ୍ସା ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଡ଼ାକ୍ତର ସମ୍ପୂର୍ଣ୍ଣ ୟୁନିର୍ଫରେ ରହିବାକୁ ଅଧୀକ୍ଷକ ପ୍ରଫେସର ଡ଼ା. ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଚିକିତ୍ସିତ ରୋଗୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଯଦି ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ପଡ଼େ ତେବେ ଏଭଳି କ୍ଷେତ୍ର ଯେଉଁ ବିଭାଗ ଅଧିନରେ ରୋଗୀ ଚିକିତ୍ସା ହେଉଛନ୍ତି, ଉକ୍ତ ବିଭାଗର ମୁଖ୍ୟ କିମ୍ବା ୟୁନିଟର ମୁଖ୍ୟଙ୍କ ଅନୁମୋତି ନେବାକୁ ନିର୍ଦ୍ଦେଶ ରହିଛି। ସେହିପରି ଉକ୍ତ ରୋଗୀ ଜଣଙ୍କ ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରୁ କେଉଁ ଘରୋଇ ହସ୍ପିଟାଲକୁ ଚିକିତ୍ସିତ ପାଇଁ ଯାଉଛନ୍ତି। ସେ ସମ୍ପର୍କରେ ମେଡ଼ିକାଲ ନିକଟରେ ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା ଶତପଥୀ କାଜୁଆଲଟି ମେଡ଼ିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବଳଙ୍ଗା ଅଞ୍ଚଳର ଛାତ୍ରୀଙ୍କୁ ପୋଡ଼ିଦେବା ଘଟଣା

## ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ ଦାବିକଲା ଏଆଇଡିଏସ୍‌ଓ




ବ୍ରହ୍ମପୁର,୧୯।୭(ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଜନୈକା ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ମାରି ଦେବାକୁ ଉଦ୍ୟମ ଘଟଣାର ପ୍ରତିବାଦରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ବିକ୍ଷୋଭ କରାଯାଇଛି। ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅପରାଧୀଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଦାବି କରାଯାଇଛି।

ରାଜ୍ୟରେ ଘଟି ଚାଲିଥିବା ଏ ସମସ୍ତ ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ତ୍ୱରିତ ବିଚାର କରି କଠୋର ଦଣ୍ଡ ଦେବା ଓ ଛାତ୍ରୀ ଓ ମହିଳା ମାନଙ୍କର ସର୍ବତ୍ର ନିରାପତ୍ତା ପାଇଁ ଏଆଡିଏସଓ ପକ୍ଷରୁ ଦୃଢ଼ ଦାବି କରାଯାଇଛି। କାର୍ଯ୍ୟକ୍ରମ ଏଆଡିଏସଓ ଜିଲ୍ଲା ସମ୍ପାଦକ ନିମାଇଁ ଚରଣ ସାହୁ, ଜିଲ୍ଲା କମିଟି ସଭ୍ୟା ସୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରିଣୀ ବୈଠକ



ବ୍ରହ୍ମପୁର,୧୯।୭(ସମିସ): ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା କକ୍ଷରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସମାଜସେବୀ କେ. ରାଜ କୁମାର ସେନାପତି ଯୋଗ ଦେଇଥିଲେ। ସେହିପରି ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ, ବରିଷ୍ଠ ଶିକ୍ଷାବିତ୍ ତଥା ଅଭିନେତା ଶଙ୍କର୍ଷଣ ସାବତ, କୈଳାସ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ହରିଶ୍ଚନ୍ଦ୍ର ବରଡ଼, ଅଭିରାମ ରାଉଳ, ନାଟ୍ୟ ସୂର୍ଯ୍ୟ ଦେବେନ୍ଦ୍ର ନାଥ ଶର୍ମା, ପାଣ୍ଡବ ପ୍ରଧାନ, ମୃତ୍ୟୁଞ୍ଜୟ ତ୍ରିପାଠୀ, ସୁଦାମ ପଟ୍ଟନାୟକ, ସନ୍ତୋଷ କୁମାର ସ୍ୱାଇଁ, ଛବିରାଣୀ ମହାନ୍ତି ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜୟ ପଲେଇ, ଚିତ୍ତ ରଞ୍ଜନ ଦଳାଇ, ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଦିନିକିଆ ଗସ୍ତରେ ରାଜ୍ୟ ନିପୁଣ ସେଲ୍ ସଦସ୍ୟ




ବ୍ରହ୍ମପୁର,୧୯।୭(ସମିସ): ଉକ୍ରଳମଣି କ୍ଲଷ୍ଟର ଅନ୍ତର୍ଗତ ରେଳବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏମ୍‌ସିସି ବୈଠକରେ ରାଜ୍ୟ ନିପୁଣ ସେଲ ସଦସ୍ୟ ଅମରଜିତ୍ ଜେନା ଯୋଗ ଦେଇଛନ୍ତି। ପ୍ରାଥମିକ ଶିକ୍ଷାର ମାନଦଣ୍ଡ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ ନେଇ ଦିନିକିଆ ଗସ୍ତରେ ଆସିଥିବା ଶ୍ରୀ ଜେନା କହିଛନ୍ତି।

ବୈଠକରେ ଯୋଗ ଦେଇଥିବା ଦିଲ୍ଲୀ ସ୍ଥିତ ସେଣ୍ଟ୍ରାଲ ସ୍କ୍ୱାର ଫାଉଣ୍ଡସେଟନ ସଦସ୍ୟ ସାଲେଟ୍ ଯୋଷ ନିପୁଣ ଓଡ଼ିଶା ସମେତ ମୌଳିକ ଭାଷା ଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ମାସିକ କ୍ଲଷ୍ଟର ବୈଠକରେ ଶିଶୁ ବାଟିକରେ ନାମ ଲେଖାଇଥିବା, ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ସହ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା, ବିକାଶ ଯୋଜନା ଓ ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ଯୋଜନା ସମ୍ବନ୍ଧରେ ସିଆର୍‌ସିସି ମଧୁସ୍ମିତା ଦେବୀ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରେଳବାଇ ବିଦ୍ୟାଳୟରର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ, ଗୀତାଞ୍ଜଳୀ ପାଣିଗ୍ରାହୀଙ୍କ ସମେତ ଉକ୍ରଳମଣି କ୍ଲଷ୍ଟର ଅଧିନସ୍ଥ ୮ଟି ବିଦ୍ୟାଳୟରୁ ପ୍ରଧାନଶିକ୍ଷକଶିକ୍ଷୟତ୍ରୀ ଓ ବହୁ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ବ୍ରହ୍ମପୁର,୧୯।୭(ସମିସ): ଚିକିଟି ବ୍ଲକ କଳବାଡ କ୍ଲଷ୍ଟରର ମାସିକ ବୈଠକ ଖରଖରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ସୁଜିତ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଶିଶୁବାଟିକା ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଶିକ୍ଷକ ମାର୍ଗଦର୍ଶିକା, ଏଫଏଲଏନ ଶ୍ରେଣୀ ପରିଚାଳନା, ଶିକ୍ଷଣ ଫଳାଫଳ ଆଧାରିତ ପାଠ୍ୟକ୍ରମ, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ଯୋଜନା, ବିଦ୍ୟାଳୟ ବିକାଶ ଯୋଜନା ଆଦି ବିଭିନ୍ନ ପ୍ରସଙ୍ଗରେ ଏଠାରେ ଆଲୋଚନା କରାଯାଇଛି। ୧୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଏଫଏଲଏନ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ ପରିଦର୍ଶନ କରି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ।




୬୪ତମ 'ସାହାଣୀ କପ୍' ଫୁଟବଲ୍ ଚାମ୍ପିଅନ୍‌ସିପ୍

# ୪ର୍ଥ ଦିବସରେ କୋରାପୁଟ ଓ ମୟୂରଭଞ୍ଜ ବିଜୟୀ



ବ୍ରହ୍ମପୁର,୧୯।୭(ସମିସ): ଗଞ୍ଜାମ ଜିଲ୍ଲା ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ ସାହାଣୀ କପ୍‌ର ଶନିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଜୋନର ୪ର୍ଥ ଦିବସରେ ପ୍ରଥମ ମ୍ୟାଚ କୋରାପୁଟ ଓ ମାଲକାନଗିରି ମଧ୍ୟରେ ହୋଇଥିଲା। ଏଥିରେ ଅଭିଜ୍ଞ କୋରାପୁଟ ଦଳ ମାଲକାନଗିରି ଦଳକୁ ୨-୦ରେ ପରାସ୍ତ କରିଥିଲା।

ଖେଳର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ କରିବାରେ ସକ୍ଷମ ହୋଇନଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୫ମିନିଟରେ କୋରାପୁଟ ଦଳର କିଷାନ ମାଝୀ ପ୍ରଥମ ଓ ୮୧ମିନିଟରେ ଜିତୁ ମୁଦୁଲି ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଏହି ମ୍ୟାଚରେ ରେଫେରୀ ଭାବେ ଶିବଶଙ୍କର ପଣ୍ଡା, ଶିବ ପ୍ରସାଦ ସାମନ୍ତରା, ଶିବ ଦେହୁରୀ ଓ ଦିଗବିଜୟ ଦାସ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ରାୟଗଡା ଓ ମୟୁରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୁରଭଞ୍ଜ ଦଳ ପ୍ରତିପକ୍ଷ ରାୟଗଡାକୁ ଏକତରଫା ଭାବେ (୯-୦)ଗୋଲରେ ପରାସ୍ତ କରିଥିଲା। ବିଜୟୀ ମୟୁରଭଞ୍ଜ ଦଳ ପକ୍ଷରୁ ବୀରସିଂ ନାୟକ, ଠାକୁର ମୁର୍ମୁ ଏବଂ ରାଇସେନ ଟୁଡୁ ପ୍ରତ୍ୟେକେ ବ୍ୟକ୍ତିଗତ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚରେ ରେଫେରୀ ଭାବେ ପରେଶ ଭୋଇ, ବଳରାମ ସାଏ, ଅମିତ ସିଂ ଓ ଜଗନ୍ନାଥ ମାଝୀ ମ୍ୟାଚ ପରିଚାଳନା କରିଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଉଭୟ ମ୍ୟାଚରେ ଅତିଥିଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଫୁଟବଲ ଖେଳାଳି ଡମ୍ବୁରୁଧର ଗନ୍ତାୟତ, ନବକିଶୋର ପ୍ରଧାନଙ୍କ ସମେତ ଏଲ.କେ.ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଜି.ଏମ. ବାବୁ ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ଉପସ୍ଥିତ ଥିଲେ। ୨୦ତାରିଖ ରବିବାର ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ଦୁଇଟି ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ଗଞ୍ଜାମ ବନାମ ନବରଙ୍ଗପୁର ଏବଂ ଦ୍ୱିତୀୟ ମ୍ୟାଚ ଗଜପତି ବନାମ ଭୁବନେଶ୍ୱର ମଧ୍ୟରେ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

**କୋରାପୁଟ-ମାଲକାନଗିରି, ରାୟଗଡ଼ା-ମୟୁରଭଞ୍ଜ ମ୍ୟାଚ୍ ଆଜି**

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୧୯।୭(ସମିସ): ଜଣେ ୯ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଦଣ୍ଡସହ ୫ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ରୋହିତ ନାୟକ(୩୦)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କା ସହାୟତା ଦେବାକୁ କୋର୍ଟ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୩ ଜାନୁଆରୀ ୧୩ ରାତିରେ ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ୯ବର୍ଷର ନାବାଳିକା ଘରେ ଏକା ଥିବାବେଳେ ତାଙ୍କ ପରିବାର ଲୋକେ ଘର ସମ୍ମୁଖରେ ଚାଲିଥିବା ନାଟକ ଦେଖୁଥିଲେ। ଅଭିଯୁକ୍ତ ରୋହିତ ଘରେ ପଶି ନାବାଳିକାକୁ ବାରିପଟକୁ ଟେକି ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ରକ୍ତ ଜୁଡୁବୁଡୁ ହୋଇ ଘରକୁ ଫେରିବାବେଳେ ପରିବାର ଲୋକେ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ ମେଡ଼ିକାଲକୁ ନେଇଥିଲେ। ମେଡ଼ିକାଲରେ ନାବାଳିକା ଜଣକ ଘଟଣା ବିଷୟରେ ପରିବାର ଲୋକଙ୍କୁ କହିବା ପରେ ଘଟଣାକୁ ନେଇ ୧୪ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା।

୧୫ତାରିଖରେ ପୁଲିସ ଅଭିଯୁକ୍ତ ରୋହିତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ରୋହିତ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହୁଥିଲେ। ଏହି ମାମଲାର ବିଚାରଣ ବେଳେ ମୋଟ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି କୋର୍ଟ ଶନିବାର ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

ବନ୍ତ/ଆଗରପଡ଼ା, ୧୯।୭(ସମିସ): ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଜିରିଣା ଗ୍ରାମର ଚନ୍ଦ୍ରଶେଖର ଯେନାଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଥିବାର ଜଣାପଡ଼ିଛି। ସେ ଚାଷଜମିରେ କାର୍ଯ୍ୟ କରୁଥିବାବେଳେ ହଠାତ ବର୍ଷା ସହ ବଜ୍ରପାତ ଆରମ୍ଭ ହୋଇଥିଲା। ଏହାଦେଖି ଚନ୍ଦ୍ରଶେଖର ଘରମୁହାଁ ହେଉଥିବାବେଳେ ହଠାତ ତାଙ୍କ ଉପରେ ବଜ୍ରାଘାତ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ବନ୍ତ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଖବର ପାଇ ପ୍ରାକ୍ତନ ସରପଞ୍ଚ ବିଜୟ ଜେନା ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଗୋଟିଏ ପୁଅ ଓ ୩ଟି ଝିଅ ଅଛନ୍ତି।

## ଜିପିଇଓଙ୍କ ବଦଳି

ବାରିକପୁର, ୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନର ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଚିସ୍ମିତା ନାୟକଙ୍କ ପଦୋନ୍ନତି ଭିତ୍ତିରେ ବଦଳି ହୋଇଛନ୍ତି। ସେ ଏବିଡିଓ ଭାବେ ସିମୁଳିଆ ବ୍ଲକକୁ ବଦଳି ହୋଇଛନ୍ତି। ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବେ ପିଇଓ ବିକ୍ରମ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାଛଡ଼ା ଏଠାରେ ଜିପିଓ ଭାବେ ପୂର୍ବରୁ କାର୍ଯ୍ୟ କରିଥିବା ଶର୍ମିଷ୍ଠା ମଲ୍ଲିକ ଏବେ ଏବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାପଡ଼ିଛି।

## ବସ୍ ଓ ପିକ୍ଅପ୍ ମୁହାଁମୁହିଁ ଧକ୍କା



ଧାମନଗର, ୧୯।୭(ସମିସ): ଧାମନଗର-ଭଦ୍ରକ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଉପରେ ତଥା ଏନଏସି ଅଧୀନ ସାବଣୀ ହୋଟେଲ ନିକଟରେ ମାତୃଦେବୀ ବସ୍ ଏବଂ ପିକପପ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। କେହି ଆହତ ହୋଇନଥିବା ବେଳେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟ ଧରି ଗାଡ଼ି ଭଙ୍ଗାରୁଜାକୁ ନେଇ ଉଭୟ ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ଫଳରେ ସ୍ଥାନୀୟ ଲୋକେ ଆସି ଭିଡ଼ ଜମାଇଥିଲେ। ଖବର ପାଇ ଧାମନଗର ପୁଲିସ ଟ୍ରାଫିକ ପରିଚାଳନା ନିୟନ୍ତ୍ରଣକୁ ଆଣିଥିଲା। ସୂଚନା ମୁତାବକ, ମାତୃଦେବୀ ବସ୍ (ଓଡି୨୨ଡବ୍ଲୁ ୩୩୮୧) ଭଦ୍ରକ ଧାମନଗର ଛକ ଆଡୁ ଆସୁଥିଲା। ଏପଟେ ଧାମନଗର ବଜାର ଆଡୁ ଓଆରଓଏଫ୍ ୬୮୨୫ ଏକ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ଥାନା ଆଗରେ ମାତୃ ଦେବୀ ବସ୍ ଅଟକି ରହିଥିବା ଦେଖାଦେଇଛି।

## କରତକଳରେ ଚଢ଼ଉ; କାଠ, ଯନ୍ତ୍ରାଂଶ ଜବତ



ଭଦ୍ରକ, ୧୯।୭(ସମିସ): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ ମୁଲଣାସାହିଠାରେ ଚାଲିଥିବା ଏକ ବେଆଇନ କରତକଳ ଉପରେ ଭିଜିଲାନ୍ସ ଓ ବନବିଭାଗ ପକ୍ଷରୁ ଆଜି ମିଳିତ ଚଢ଼ଉ କରାଯାଇଛି। ଏହି ଚଢ଼ଉ ଫଳରେ ୭୬.୨୫ ସିଏଫ୍‌ଟି ବିଭିନ୍ନ ମୂଲ୍ୟବାନ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୧୨ଲକ୍ଷ ୩ହଜାର ୬୫୫ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବେଆଇନ୍ କରତକଳର ଯନ୍ତ୍ରାଂଶଗୁଡିକୁ ମଧ୍ୟ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ପୂର୍ବତଟ ରେଳବାଇ ଶ୍ରମିକ ସଂଘ କର୍ମକର୍ତ୍ତା ନିର୍ବାଚନ




ଭଦ୍ରକ, ୧୯।୭(ସମିସ): ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ସଂଘ ଭଦ୍ରକ ଶାଖାର ଏକାଦଶ ଦ୍ୱିବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଭୁବନେଶ୍ୱର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଉପସଭାପତି ଶ୍ରୀଧର ପୁହାଣ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ମହେଶ୍ୱର ଖିଲାର, ସମ୍ପାଦକ ଭାବେ ଅଶୋକ କୁମାର ମହାନ୍ତି ନିର୍ବାଚିତ ହୋଇଥିଲେ। ସେହିଭଳି ଉପସଭାପତି ଭାବେ ଡି. ସାନ୍ତରା, ଆର.କେ. ସାହାଣି, କାର୍ଯ୍ୟକାରୀ ସଭାପତି ହେମନ୍ତ ଦାସ, କୋଷାଧ୍ୟକ୍ଷ ଜି.ସି. ଦାସ, ସଙ୍ଗଠନ ସମ୍ପାଦକ ଅଭିମନ୍ୟୁ କୁମାର, ଏ.କେ. ସିଂହ ଓ ସହସମ୍ପାଦକ ଭାବେ ରାଜୁ ସାହୁ, ରଜନୀକାନ୍ତ ସାହୁ, କୁନ୍ଦନ ଧଡା, କମଳାକାନ୍ତ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ୩ ସ୍କୁଲରେ ଯୁକ୍ତ ଦୁଇ ଖୋଲିବାକୁ ଗଣଶିକ୍ଷା ବିଭାଗର ଅନୁମତି

ଧାମନଗର/ଦୋବଲ, ୧୯।୭(ସମିସ)

ଧାମନଗର ବ୍ଲକର ୩ଟି ଉଚ୍ଚବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଞ୍ଜୁରୀ ଦେଇଛି। ଫଳରେ ଏହି ତିନିଟି ହାଇସ୍କୁଲରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବ। ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ପାଖକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠିରୁ ଏହି ସୂଚନା ମିଳିଛି। ଏହି ଚିଠି ଅନୁସାରେ, ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲ, ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ହାଇସ୍କୁଲ ଓ ସୋହଡ଼ା ପଞ୍ଚାୟତର ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବ। ଏହି ୩ଟି ଯାକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ରହିବ ବୋଲି ଏହି ଚିଠିରୁ ଜଣାପଡ଼ିଛି।

ଚିଠିରେ ଦର୍ଶାଯାଇଛି ଯେ ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ଯୁକ୍ତ ଦୁଇ ପାଠ ପଢ଼ାଯିବ। ହେଲେ ତିନି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହାକୁ ଅସ୍ୱୀକାର କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ଲାଗି କୌଣସି ପ୍ରକାର ଭିତ୍ତିଭୂମି ବିକାଶ ହୋଇନାହିଁ। ଏଥିଲାଗି ଆବଶ୍ୟକ ତଥା



ଉପଯୁକ୍ତ ଶ୍ରେଣୀଗୃହ ନାହିଁ। ବିଜ୍ଞାନାଗାର ମଧ୍ୟ ନାହିଁ। ପିଜି ଶିକ୍ଷକ କି ଅଧ୍ୟାପକ ମଧ୍ୟ ନାହାନ୍ତି। ଏଣୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମରେ ପାଠ ପଢ଼ାଯିବା ସମ୍ଭବ ନୁହଁ। ଆସନ୍ତାବର୍ଷ ଯୁକ୍ତ ଦୁଇ ପାଠ ପଢ଼ାଯିବ ବୋଲି ଜଗନ୍ନାଥ ନୋଡାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ମହାନ୍ତି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପାଠ ପଢ଼ାଯିବା ପୂର୍ବରୁ ସ୍କୁଲରେ ପ୍ରିନ୍ସିପାଲଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବ। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଆଧାରରେ ଗୋଟିଏ କ୍ୟାମ୍ପସରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ରଖିବା ଉଦ୍ଦେଶ୍ୟ ନେଇ ଗଣଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଛି। ଗୋଟିଏ କ୍ୟାମ୍ପସରେ ପ୍ରଥମରୁ ଦ୍ୱାଦଶ ଯାଏ ଶ୍ରେଣୀ ରହିଲେ ଏହା ଏକୀକୃତ ପରିଚାଳନାରେ ରହିବ। ଜଣେ ପ୍ରଧାନଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ଅଧିନରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ କାମ କରିବେ। ଏହାସହ ଶିକ୍ଷକ ମାନଙ୍କୁ ତାଲିମ ଦେବାରେ ସୁବିଧା ହେବ। କ୍ୟାମ୍ପସରେ ଶୃଙ୍ଖଳା ରହିବ। ପିଲାଙ୍କ ଦକ୍ଷତା ବିକାଶ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଅପଗ୍ରେଡ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ। ମାନଦଣ୍ଡକୁ ନଜରରେ ରଖି ଜିଲ୍ଲା ଶିକ୍ଷା ବିଭାଗ ଧାମନଗରର ୮ଟି ସ୍କୁଲର ନାଁ ଗତବର୍ଷ ସୁପାରିସ କରିଥିଲେ। ଅପଗ୍ରେଡ କରିବା ଲାଗି ନିର୍ଦ୍ଧାରିତ କେତେକ ବିନ୍ଦୁକୁ ଜୋର ଦିଆଯାଇଥିଲା। ଯେଉଁ ସ୍କୁଲ ଅପଗ୍ରେଡ ହେବ, ସେହି ସ୍କୁଲରେ କେଉଁ ଶ୍ରେଣୀରୁ କେଉଁ ଶ୍ରେଣୀ ଯାଏ ରହିଛି। ମୋଟ୍ କେତେ ପିଲା ପାଠ ପଢ଼ୁଛନ୍ତି। ଦଶମ ଶ୍ରେଣୀରେ ଗତ ଶିକ୍ଷା ବର୍ଷରେ କେତେ ଜଣ ନାଁ ଲେଖାଇଥିଲେ। ସ୍କୁଲର ଜମି କେତେ ରହିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ ଖୋଲିଲେ କେତୋଟି ଗାଁର ପିଲା ଆସି ପଢ଼ିବେ। ଯୁକ୍ତ ଦୁଇର କେତୋଟି ଷ୍ଟ୍ରିମ ଖୋଲାଯିବ ଓ ମୋଟ୍ କେତେ ଜଣ ପିଲା ନାଁ ଲେଖାଇବା ସମ୍ଭାବନା ରହିଛି, ସେନେଇ ସୂଚନା ଦିଆଯିବାକୁ କୁହାଯାଇଥିଲା। ତା'ଛଡ଼ା ଅପଗ୍ରେଡ ହେବାକୁ ଥିବା ସ୍କୁଲଠାରୁ କେତେ ଦୂରରେ ରହିଛି ନିକଟତମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଏସବୁ ସୂଚନା ସହ ଜିଲ୍ଲା ଶିକ୍ଷା ବିଭାଗ ୮ଟି ସ୍କୁଲର ନାଁ ସୁପାରିସ କରିଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା କରିଥିଲେ। ଏହାପରେ ଗଣଶିକ୍ଷା ବିଭାଗ ବ୍ଲକର ୩ଟି ସ୍କୁଲରେ ଯୁକ୍ତ ୨ ଖୋଲିବାକୁ ମଞ୍ଜୁରୀ ଦେଇଛନ୍ତି।

## ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ କାଉଡ଼ିଆଙ୍କ ଯାତ୍ରା



ବାରିକପୁର, ୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ଘାଟରୁ ମାନସିକଧାରୀ କାଉଡ଼ିଆ ଭକ୍ତମାନେ ପାଣି ଉଠାଇ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମକୁ ଯାତ୍ରା କରିଛନ୍ତି। ଏହାଛଡା କିଛି ଭକ୍ତ ବାଲେଶ୍ୱର ଜିଲ୍ଲାର ପଞ୍ଚଲିଙ୍ଗେଶ୍ୱର ଓ ଅନ୍ୟାନ୍ୟ ଗ୍ରାମାଞ୍ଚଳଗୁଡ଼ିକରେ ଥିବା ଶିବ ମନ୍ଦିରରେ ଜଳ ଦାନ ପାଇଁ ନଦୀ ଘାଟରୁ ପାଣି ଉଠାଇଛନ୍ତି। ଚଳିତ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ମହାଦେବଙ୍କୁ ନଦୀର ଆଖୁଆପଦା ଆନିକଟ, ନେରଡା ସୁବର୍ଣ୍ଣମୁଖୀ ଘାଟ, ମଣୀନାଥପୁର ଘାଟ, ଦଶ୍ୱାସନୀ ଘାଟରେ ପୂଜାର୍ଚ୍ଚନା କରିବା ପରେ କାନ୍ଧରେ ପାଣି ଭାର ଧରି କାଉଡିଆଙ୍କ ଶୈବ କ୍ଷେତ୍ର ଯାତ୍ରା ଏକପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ବ୍ଲକର ଛତାବର ବଳିଘାଇ ରାସ୍ତା ସହିତ ମାଳଦା ମଣୀନାଥପୁର, ଦାଣ୍ଡକୂଳ ଆନନ୍ଦପୁର, ରହଣିଆ ଦୋବଲ, ପଟା ପୋଲ ଧାମନଗର ପ୍ରମୁଖ ରାସ୍ତାରେ ଆଜିଠାରୁ ପାଣି ଭାର ଧରି ଯାଉଥିବା ଭକ୍ତ ମାନଙ୍କ ଯାତ୍ରା ଦେଖିବାକୁ ମିଳିଛି। ରବିବାର ଦିନତମାମ ଯାତ୍ରା ପରେ ସୋମବାର ଭୋର ସମୟଠାରୁ କାଉଡ଼ିଆ ଭକ୍ତମାନେ ମହେଦବଙ୍କୁ ଜଳାଭିଷେକ କରି ମନସ୍କାମନା ପୂର୍ଣ୍ଣ କରିବେ। ବୈତରଣୀ ନଦୀ ବ୍ୟତୀତ ସାଳନ୍ଦୀ, ରେବ ଓ କପାଳୀ ନଦୀରୁ ମଧ୍ୟ ଭକ୍ତମାନେ ପାଣି ଉଠାଇଛନ୍ତି।

## କୁଲଣା ଓ ଯଶୋଟିକିରି ହାଇସ୍କୁଲରେ ଖୋଲିବ +୨ ପାଠ୍ୟକ୍ରମ

ଭଣ୍ଡାରିପୋଖରୀ, ୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ଓ ଯଶୋଟିକିରି



ସୁବର୍ଣ୍ଣମୁଖୀ ଉଚ୍ଚବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ (+୨ ପାଠ୍ୟକ୍ରମ) ଶିକ୍ଷାଦାନ ହେବ। ଏଥିପାଇଁ ଏହି ଦୁଇ ଉଚ୍ଚବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଛି। ବିଶୋଳ-କୁଲଣା ମୈତ୍ରୀ ଉଚ୍ଚବିଦ୍ୟାପୀଠରେ କଳା(ଷ୍ଟ୍ରିମ)ରେ ଶିକ୍ଷାଦାନ କରାଯିବା ପାଇଁ ତାଲିକାଭୁକ୍ତ ହୋଇଥିବା ବେଳେ ଯଶୋଟିକିରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ(ଷ୍ଟ୍ରିମ)ରେ ଶିକ୍ଷାଦାନ କରାଯିବ। ଭଦ୍ରକ ଜିଲ୍ଲାର ମୋଟ ୯ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକରେ ଏହି ଦୁଇଟି ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏଥିପୂର୍ବରୁ ବ୍ଲକର ମଣିନାଥପୁର ନରେନ୍ଦ୍ର ପରିଡ଼ା ଉଚ୍ଚ ବିଦ୍ୟାପୀଠକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇ କଳାରେ ଶିକ୍ଷାଦାନ କରାଯାଉଛି। ଏହି ଦୁଇ ନୂତନ ଭାବେ ଉନ୍ନିତ ହେବା ପରେ ଏହି ଧରଣର ୩ଟି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭଣ୍ଡାରିପୋଖରୀ ବ୍ଲକକୁ ମିଳିଛି।

## ଆପାତକାଳୀନ ନିରାପତ୍ତା କୌଶଳ ଶିକ୍ଷା

ଭଣ୍ଡାରିପୋଖରୀ/ବାରିକପୁର, ୧୯।୭(ସମିସ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଆପାତକାଳୀନ ଆତ୍ମ ନିରାପତ୍ତା କୌଶଳ ଶିକ୍ଷା ଶନିବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ଅନୁରୋଧକ୍ରମେ ଅଗ୍ନିଶମ ଅଧିକାରୀ ସୌରଭ ରାଉତଙ୍କ ନେତୃତ୍ୱରେ ଆଗ୍ନିକ ମୈତ୍ରେୟ ରଞ୍ଜନ ପଣ୍ଡା, ସରୋଜ ନାୟକ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅଗ୍ନିକାଣ୍ଡ, ସର୍ପଦଂଶନ, ବନ୍ୟା, ବାତ୍ୟା, ବଜ୍ରପାତ, ଜଳରେ ବୁଡିଯିବା ଭଳି ଆପାଦକାଳୀନ ପରିସ୍ଥିତିରେ ଆଶୁ ସୁରକ୍ଷା କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା ସହ ପ୍ରତ୍ୟକ୍ଷରେ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ତପଜା ସାହୁ, ବିଷ୍ଣୁପ୍ରିୟା ଜେନା, ରୂପାଲି ଅପରାଜିତା ପଟ୍ଟନାୟକ, ବର୍ଷାରାଣୀ ପଲକ, ଗଙ୍ଗାଧର ଦଳେଇ, ମାସନ କୁମାର ସାହୁ, ନରେନ୍ଦ୍ର ନାୟକ, ଉର୍ମିଳା ନାୟକ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ସାହୁ, ମନ୍ଦୋଦରୀ ସାହୁ, ସୁଜାତା ଦାସ, ଚନ୍ଦ୍ରଶେଖର ପାତ୍ର, ଲମ୍ବୋଦର ଜେନାଙ୍କ ସହ ଛାତ୍ରଛାତ୍ରୀମାନେ କୌଶଳ ଶିକ୍ଷା କରିଥିଲେ।



## ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାର୍ ଜବତ; ୫ ଅଟକ






ଅସୁରାଳି, ୧୯।୭(ସମିସ): ଧୂଷୁରୀ ପୁଲିସ ଦ୍ରୁତ ପଦକ୍ଷେପ ନେଇ ଘଟଣାସ୍ଥଳକୁ ରାତି ୨:୩୦ ମିନିଟ୍‌ରେ ପହଞ୍ଚି ଏକ ଚୋର ଗ୍ୟାଙ୍ଗକୁ ଧରିଛି। ଏଥିରେ ୫ ଜଣ ଆନ୍ତଃରାଜ୍ୟ ଲୁଟେରା ରହିଥିବା ଜଣାପଡ଼ିଛି। ଏକ କାର (ଓଡି୦୨ସି ୨ଏକ୍ସ ୭୨୮୪) ସହ ଟ୍ରାନ୍ସଫର୍ମର ଯନ୍ତ୍ରାଂଶକୁ ଜବତ କରିଛି ପୁଲିସ। ଦୁଇ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ ହୋଇଛି।

ପନ୍ଦର ବାଟିଆ ନିକଟରେ ଏହି ଚୋରି ଘଟଣା ଘଟିଥିବା ବେଳେ, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅଶିଷ କୁମାର ଦେ, ବୈଷ୍ଣବ କୁମାର ତ୍ରିପାଠୀ, ହାବିଲଦାର ଶ୍ରୀଧର ଦାସ, କନେଷ୍ଟବଳ ବ୍ରଜମୋହନ ସାହୁ ଓ ଡ୍ରାଇଭର ରାଜୀବ ପୋହି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେଇଥିଲେ।

## ଯୋଗାଣ ମନ୍ତ୍ରୀ ବାଣ୍ଟିଲେ ରାସନ୍ କାର୍ଡ



ବାସୁଦେବପୁର, ୧୯।୭(ସମିସ): ବାସୁଦେବପୁର ନୀଳମଣି ଟାଉନହଲରେ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବାସୁଦେବପୁର ପଞ୍ଚାୟତସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ବିଡିଓ ତନ୍ମିତା କର ସ୍ୱାଗତ ଭାଷଣ ଦେଇଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ସାଂସଦଙ୍କ ପ୍ରତିନିଧି ଭଗବାନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇଥିଲେ। ବାସୁଦେବପୁର ବ୍ଲକର ଜାତୀୟ ଖାଦ୍ୟ ସୁରକ୍ଷା ସହାୟତା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ସହାୟତାରେ ହିତାଧିକାରୀଙ୍କୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାସନ କାର୍ଡ ବଣ୍ଟନ କରିଥିଲେ। ଜଣେ ହେଲେ ଗରିବ ଲୋକ ରାସନ କାର୍ଡରୁ ବଞ୍ଚିତ ହେବ ନାହିଁ ବୋଲି କହିଥିଲେ।

# ଶିକ୍ଷାନୁଷ୍ଠାନରେ ଅବ୍ୟବହୃତ ପଡ଼ିଛି, ଖତ ଖାଉଛି କମ୍ପ୍ୟୁଟର

ବନ୍ତ/ଆଗରପଡ଼ା, ୧୯।୭(ସମିସ)

ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଚେଷ୍ଟିତ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହା ସଫଳ ହେବା



ପରିବର୍ତ୍ତେ ବିଫଳ ହେବାରେ ଲାଗିଛି। ଯେପରିକି କମ୍ପ୍ୟୁଟର ଯୁଗରେ ପିଲାଙ୍କୁ ଯୁଗ ସହିତ ତାଳ ଦେଇ ଚାଲିବା ପାଇଁ କଲେଜ, ହାଇସ୍କୁଲ, ପ୍ରାଇମେରୀ, ଅପର ପ୍ରାଇମେରୀ ସ୍କୁଲକୁ ପ୍ରାକ୍ତନ ରାଜ୍ୟସଭା ସାଂସଦ ନିଜସ୍ୱ ପାଣ୍ଠି ଅନୁଦାନରେ କମ୍ପ୍ୟୁଟର ଯୋଗାଇ ଦେଇଥିଲେ କିନ୍ତୁ ଏହାକୁ ଚଳାଇବା ପାଇଁ ଶିକ୍ଷକ ନିଯୁକ୍ତି ହୋଇ ନଥିବା ଓ ଏଥିପାଇଁ ଅଲଗା ଶ୍ରେଣୀ ଗୃହ ମଧ୍ୟ ନଥିବାରୁ କମ୍ପ୍ୟୁଟରଗୁଡ଼ିକ ଖତ ଖାଉଛି। ଅନେକ ଶିକ୍ଷାନୁଷ୍ଠାନରେ ଏହା ଖୋଲା ଯାଇ ନାହିଁ। ପୁଣି କେଉଁଠି କେବଳ ଶୋଭାବର୍ଦ୍ଧନ ପାଇଁ ରଖାଯିବା ପରି ମନେ ହେଉଛି ତ ଆଉ କେଉଁଠି ଏହା ପଡ଼ିପଡ଼ି ନଷ୍ଟ ହେଇଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ସ୍ପୃହାଶକ୍ତି ଅଭାବରୁ ଏହା ବ୍ୟବହାର ହୋଇ ନ ପାରି ଖେଳଣା ସଦୃଶ ପଡ଼ିରହିଛି। ଯଦ୍ୱାରା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ସାର ହୋଇଛି। ଶ୍ରେଣୀ ଗୃହ ଅଭାବରୁ ପିଲାମାନଙ୍କୁ ଠିକ୍‌ଭାବେ ଶିକ୍ଷାଦାନ କରାଯାଇ ପାରୁ ନାହିଁ। କମ୍ପ୍ୟୁଟର ଶିକ୍ଷା ହାସଲ କରିବୁ କେତେବେଳେ ବୋଲି କିଛି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଓଲଟି ପ୍ରଶ୍ନ କରିଛନ୍ତି। ଦୂରଦୃଷ୍ଟି ତଥା କେତେ ଆଶା ଆକାଂକ୍ଷା ରଖି ସାଂସଦମାନେ କମ୍ପ୍ୟୁଟର ଦେଇଥିଲେ ମାତ୍ର ସେମାନଙ୍କ ସ୍ୱପ୍ନ କିଛି ସଫଳ ହୋଇପାରି ନାହିଁ। ବର୍ତ୍ତମାନ କମ୍ପ୍ୟୁଟର ଯୁଗ ଚାଲିଛି। ଏହାର ବହୁଳ କାର୍ଯ୍ୟକାରିତା ସମସ୍ତେ ଉପଲବ୍ଧି କରୁଛନ୍ତି। ବ୍ୟାଙ୍କ ହେଉ ବା ଶିକ୍ଷାନୁଷ୍ଠାନ ସବୁ ସ୍ଥାନରେ କମ୍ପ୍ୟୁଟର ବ୍ୟବହୃତ ହେଉଛି। ଏଥିପାଇଁ ପ୍ରତି ସ୍ଥାନରେ ଶିକ୍ଷାଦାନ ପାଇଁ ଛତୁ ଫୁଟିଲା ପରି କମ୍ପ୍ୟୁଟରର ବ୍ୟବହାର ହେଉଛି। ଏହି ସବୁକୁ ଲକ୍ଷ୍ୟ କରି କିଛି ରାଜ୍ୟସଭା ସାଂସଦ ସେମାନଙ୍କ ହାତପାଣ୍ଠିରୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ କମ୍ପ୍ୟୁଟର ଯୋଗାଇ ଦେଇଥିଲେ ମାତ୍ର ସେମାନଙ୍କ ସ୍ୱପ୍ନ ସଫଳ ହୋଇ ନପାରିବା ସାମ୍ନାକୁ ଆସିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ବିଭିନ୍ନ ସାଧନକେନ୍ଦ୍ରସ୍ତରୀୟ ବୈଠକ

ଭଣ୍ଡାରିପୋଖରୀ, ୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ମହୁରା ଉନ୍ନିତ ଉଚ୍ଚବିଦ୍ୟାଳୟରେ ସାଧନକେନ୍ଦ୍ରସ୍ତରୀୟ ବୈଠକ ଶିକ୍ଷାସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଦ୍ୟୁତଲତା ଜେନା ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ସମ୍ମାନିତ ଅତଥି ଭାବେ





ଯୋଗ ଦେଇଥିଲେ। ଶିକ୍ଷା ସଂଯୋଜକ ଶ୍ରୀ ସ୍ୱାଇଁ ଏହି ବୈଠକରେ ଶିଶୁବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟପୁସ୍ତିକା, ଚଳିତ ମାସ ଶିକ୍ଷା କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ, ସୁରକ୍ଷା ଓ ନିରାପତ୍ତା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନା, କାଳନ୍ଦୀ ଚରଣ ବେହେରା, ଅନ୍ନପୂର୍ଣ୍ଣା ଦଳେଇ, ସଙ୍ଗୀତା ବେହେରା, ଅବନ୍ତି ନାୟକ, ପ୍ରଣତୀ ରାଉତ, ଦୁଃଶାସନ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ବୈଠକରେ ଆଲୋଚନା କରିଥିଲେ। ରମେଶଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ସେହିପରି ବ୍ଲକର ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ସାଧନକେନ୍ଦ୍ରସ୍ତରୀୟ ପ୍ରଥମ ଅଂଶୀଦାର ବୈଠକ ଶନିବାର ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଯୋଜକ ବିପିନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଶିଶୁବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟପୁସ୍ତିକା, ଚଳିତ ମାସ ଶିକ୍ଷା କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ, ସୁରକ୍ଷା ଓ ନିରାପତ୍ତା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧନ କେନ୍ଦ୍ର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ବେଢ଼ଠକରେ ଯୋଗ ଦେଇଥିଲେ।

# ଚତୁର୍ଥୀ ଦିନ ନାବାଳିକା କନ୍ୟା ଉଦ୍ଧାର

ଯାଜପୁର, ୧୯।୭(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ପ୍ରଶାସନର ପ୍ରଚାର ପ୍ରସାର ସତ୍ତ୍ୱେ ବାଲ୍ୟ ବିବାହକୁ ରୋକାଯାଇପାରୁନାହିଁ। କୋରେଇ ଥାନା ଅଞ୍ଚଳରେ ଜଣେ ନାବାଳିକାର ବିବାହ ହୋଇଥିବା ବେଳେ ଆଜି ଚତୁର୍ଥୀ ଆଗରୁ ସେହି ନାବାଳିକାକୁ ଉଦ୍ଧାର କରିଛି ପ୍ରଶାସନ। ଜିଲ୍ଲା ଶିଶୁ ସୁରକ୍ଷା ଓ ସମାଜ ମଙ୍ଗଳ ବିଭାଗ ଏ ସମ୍ପର୍କରେ ଖବର ପାଇ ଆଜି ମିଳିତ ଚଢ଼ଉ କରିଥିଲେ। ନାବାଳିକାଙ୍କୁ ବିବାହ କରିଥିବା ଯୁବକ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ନାବାଳିକାଙ୍କ ବୟସ ୧୬ବର୍ଷ ହୋଇଥିବା ବେଳେ ଯୁବକଙ୍କ ବୟସ ୨୫ବର୍ଷ ବୋଲି ଜଣାପଡ଼ିଛି। ନାବାଳିକା ମାଟ୍ରିକ ପାସ କରିଥିବା ବେଳେ ସେ କେନ୍ଦୁଝର ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ଓ ଶିଶୁ ସୁରକ୍ଷା ବିଭାଗ ଘଟଣାର ଅନୁସନ୍ଧାନ ଜାରୀ ରଖିଛି। ସେପଟେ ନାବାଳିକାଙ୍କ ପରିବାର ଲୋକ ଏ ସମ୍ପର୍କରେ ସଚେତନ ନଥିବା କାରଣରୁ ଏଭଳି ବାହାଘର ହୋଇଥିବା ଜଣାପଡ଼ିଛି। ସେପଟେ ନାବାଳିକାଙ୍କ ଉପଯୁକ୍ତ ଥଇଥାନ ଓ ପାଠପଢ଼ା ଆଦିର ସମସ୍ତ ଦାୟିତ୍ୱ ଜିଲ୍ଲା ଶିଶୁ ମଙ୍ଗଳ ବିଭାଗ ପକ୍ଷରୁ ନିଆଯାଇଥିବା ଜଣାପଡ଼ିଛି।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବ୍ରେଲି ଉପକରଣ ବଣ୍ଟନ



ଯାଜପୁର, ୧୯।୭(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅଧକ୍ଷନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ଦଶରଥପୁରର ମୋଟ ୫ ଜଣ ଛାତ୍ରଛାତ୍ରୀଙ୍କୁ ବ୍ରେଲି ଶିକ୍ଷଣ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ଦେବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ ଜଣ ଛାତ୍ରଛାତ୍ରୀଙ୍କ ଅଭିଭାବକ, ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାୟକ, ସମ୍ପାଦକ-ସ୍ୱର୍ଣ୍ଣଲତା ରାଉତ, କମ୍ପ୍ୟୁଟର ଶିକ୍ଷକ ପ୍ରୀତିକାନ୍ତ ଜେନା, ସୋମନାଥ ମଲିକ କନିଷ୍ଠ କିରାଣୀ ଆଦି ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାପଥର ଖାଦାନ ଗଣ୍ଡଗୋଳ ଘଟଣାରେ ମାମଲା ରୁଜୁ

ଯାଜପୁର/ଜେନାପୁର, ୧୯।୭(ସମିସ): ଗତକାଲି ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର କଳାପଥର ଖାଦାନକୁ କେନ୍ଦ୍ର କରି ବିଜେପି ରାଜ୍ୟ ସଂଖ୍ୟା ଲଘୁ ସଭାପତି ମିର୍ଜା ଆକିବ ଅଲ୍ଲି ବେଗ ଓରଫ ସିକନ୍ଦର ଅଲ୍ଲିଙ୍କୁ ଅଟକ ରଖାଯିବା ସହିତ ନାନା ଧମକ ଚମକ ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଜେନାପୁର ଥାନାରେ ଲିଖିତ ଅଭିଯୋଗ (୨୩୫/୨୫) କରାଯାଇ ଏହି ଧମକ ଅଟକ ପଛରେ ସ୍ଥାନୀୟ ବିଧାୟକଙ୍କ ହାତଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ଅପରାହ୍ନରେ ସିକନ୍ଦର ରାହାଡପୁର ମୌଜାର ଖାତା ନଂ ୨୩୫ ଅଞ୍ଚଳର ଏକ କଳାପଥର ଖାଦାନକୁ ଯାଇଥିଲେ। ସେ ଏହି ଖାଦାନର ଲିଜ୍‌ଧାରୀ ନିରଞ୍ଜନ ରାଉତଙ୍କ ଠାରୁ ପାୱାର ଅଫ ଆଟର୍ଣ୍ଣି ଆଣିଛନ୍ତି। ସେ ସେଠାରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ଟୁବୁଲା, ଟୁବୁଲି, ସିପୁନ, ଜୁଡୁକା, ବାବନ, କୁନା, ବିକି, ରବିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶରେ ଆକ୍ରମଣ ସହିତ ବନ୍ଧୁକ ଦେଖାଇ ନାନା ଧମକ ଚମକ ଦେଇଥିଲେ। ତାଙ୍କ ପରିବାର ଏବଂ ତାଙ୍କୁ ହତ୍ୟା ସହିତ ବିସ୍ଫୋରକ ଲଗାଇ ଉଡ଼ାଇ ଦେବାକୁ ଧମକ ଦେଇ ଅଟକ ରଖିଥିଲେ। ଏ ସମ୍ପର୍କରେ ପୁଲିସ ଖବର ପାଇ ସେଠାରେ ପହଞ୍ଚି ସିକନ୍ଦରଙ୍କୁ ଉଦ୍ଧାର କରିଥିଲା। ଅନ୍ୟପଟେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ସିକନ୍ଦରଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ରାଜପଥରୁ ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର

ସୁକିନ୍ଦା, ୧୯।୭(ସମିସ): ୫୩ନଂ ଜାତୀୟ ରାଜପଥ କଡ଼ରୁ ଏକ ବିରଳ ପ୍ରଜାତିର ବହୁରୂପୀ ପିଢ଼ା ଏଣ୍ଡୁଅକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡିଛନ୍ତି ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ। ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଶନିବାର ସରକାରୀ କାର୍ଯ୍ୟସାରି ଯାଇ ତହସିଲ କାର୍ଯ୍ୟାଳୟ ଫେରୁଥିବା ସମୟରେ ମଙ୍ଗଳପୁର ଛକ ନିକଟ ୫୩ନଂ ଜାତୀୟ ରାଜପଥରେ



ଏକ ବିରଳ ପ୍ରଜାତିର ବହୁରୂପୀ ପିଢ଼ା ଏଣ୍ଡୁଅ ରାସ୍ତା ଅତିକ୍ରମ କରୁଥିବା ଦେଖିଥିଲେ। ଏହି ବିରଳ ଜୀବ ଉପରେ କୌଣସି ଗାଡ଼ି ଚଢ଼ିଯିବା ଆଶଙ୍କା କରି ମାନବିକତା ଦୃଷ୍ଟିରୁ ଉଦ୍ଧାର କରିଥିଲେ। ତହସିଲଦାର ବିରଳ ପ୍ରଜାତିର ବହୁରୂପୀ ପିଢ଼ା ଏଣ୍ଡୁଅକୁ ଉଦ୍ଧାର କରି ସୁକିନ୍ଦା ତହସିଲ ପାଖ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଥିବା ଦେଖିବାକୁ ମିଳିଛି। ତହସିଲଦାରଙ୍କ ଏପରି ମାନବିକତା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ସାଧୁବାଦ ମିଳିଛି।

## ରାଉରକେଲା ଉଠିଯିବ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ

# କଳିଙ୍ଗନଗରକୁ ଶ୍ରୀହୀନ କରିବାକୁ ଷଡ଼ଯନ୍ତ୍ର

ଯାଜପୁର/ଦାନଗଦୀ, ୧୯।୭(ସମିସ)




ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ କଳିଙ୍ଗନଗରରୁ ରାଉରକେଲାକୁ ସ୍ଥାନାନ୍ତର ପାଇଁ ଷଡ଼ଯନ୍ତ୍ର ହେଉଛି। ତେଣୁ ଏହାକୁ ବନ୍ଦ କରିବା ସହିତ କଳିଙ୍ଗନଗରରେ ଏହାର ଭିତ୍ତିଭୂମି ବିକାଶ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଦାବି କରିଛନ୍ତି। ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି। ଉକ୍ତ ପତ୍ରରେ ଶ୍ରୀ ଘଡେଇ ଦର୍ଶାଇଛନ୍ତି ଯେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ୨୦୦୧ ମସିହାରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଭଳି ଏକ ଜାତୀୟ ସଂସ୍ଥା ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଲା। ୨୦୦୪ ମସିହା ଫେବୃଆରୀ ୨୮ ତାରିଖରେ ଏହା କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରି ପୁରୀଠାରେ କାର୍ଯ୍ୟକ୍ଷମ ହୋଇଥିଲା। ଏଥିରୁ ପ୍ରତିବର୍ଷ ଦେଶ ତଥା ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ ଏବଂ ବିଭିନ୍ନ ଇସ୍ପାତ କାରଖାନାର କର୍ମଚାରୀ ଦକ୍ଷତାବିକାଶ ଟ୍ରେନିଂ ନେଇ ରାଜ୍ୟ ତଥା ଦେଶରେ ଇସ୍ପାତ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଓଡ଼ିଶା ବର୍ତ୍ତମାନ ଦେଶରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ବେଳେ ଯାଜପୁର ଜିଲ୍ଲା କଳିଙ୍ଗନଗର ଦେଶର ଷ୍ଟିଲ୍ ହବ୍ ଭାବରେ ପରିଚିତ ଲାଭ କରିଛି। ଏହା ରାଜ୍ୟରେ ଇସ୍ପାତ ଓ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାଣର ପ୍ରମୁଖ କେନ୍ଦ୍ର ସାଜିଛି। କାରଣ ଏଠାରେ ଟାଟା, ଭିସା, ମେସ୍କୋ, ଇମ୍ଫା ଏବଂ ଜିନ୍ଦଲ ଭଳି ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ନିଜର ପ୍ରକଳ୍ପ ପ୍ରତିଷ୍ଠା କରିବା ସହିତ ଅନେକ ଛୋଟ ବଡ଼ ଶିଳ୍ପ ସଂସ୍ଥା କାରଖାନା ସ୍ଥାପନ କରିଛନ୍ତି। ତେଣୁ କଳିଙ୍ଗନଗରର ଗୁରୁତ୍ୱକୁ ଉପଲବ୍ଧି କରି ୨୦୨୧ ମସିହା ମାର୍ଚ୍ଚ ମାସରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ବିଜୁ ପଟ୍ଟନାୟକ ନ୍ୟାସନାଲ ଷ୍ଟିଲ ଇନଷ୍ଟିଚ୍ୟୁଟକୁ ପୁରୀ ଠାରୁ କଳିଙ୍ଗ ନଗରକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟ ସରକାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡକୋ ଦ୍ୱାରା ଏକ ଗୃହ ପ୍ରଦାନ କରିବା ପରେ ସେଠାରେ ଏହି ଜାତୀୟ ସଂସ୍ଥା ନିଜର କାର୍ଯ୍ୟ ଚାଲୁରଖିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ ନଗରଠାରେ ଏହାର ମୁଖ୍ୟ କ୍ୟାମ୍ପସ ନିର୍ମାଣ କରିବା ପାଇଁ ୨୫ ଏକର ଜମି ଏବଂ ଏହାର ସିଟି ସେଣ୍ଟର ନିର୍ମାଣ ପାଇଁ ଭୁବନେଶ୍ୱରର ବାଲିଅନ୍ତା ଠାରେ ୫ ଏକର ସରକାରୀ ଜମି ପ୍ରଦାନ କରିଛନ୍ତି। ମାତ୍ର ନିକଟରେ କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ କଳିଙ୍ଗ ନଗରରୁ ରାଉରକେଲାକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସରକାର ସ୍ଥାନୀୟ ଜନତାଙ୍କ ଭାବନାକୁ ଆଘାତ ଦେବା ସହିତ କଳିଙ୍ଗନଗରର ଗୁରୁତ୍ୱକୁ ଅଣଦେଖା କରିଛନ୍ତି। ତେଣୁ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ କଳିଙ୍ଗ ନଗର ଠାରୁ ରାଉରକେଲାକୁ ସ୍ଥାନାନ୍ତରଣ ବନ୍ଦ କରିବା ସହିତ ଆବଶ୍ୟକୀୟ ଅର୍ଥ ପ୍ରଦାନ କରି କଳିଙ୍ଗ ନଗର ଠାରେ ଏହାର ଭିତ୍ତିଭୂମି ବିକାଶ କରିବାକୁ ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଅନୁରୋଧ କରିଛନ୍ତି।

## ■ ତାଳଗାଡ଼ିଆ ସେବାଶ୍ରମରେ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

# ଖସିଆସିଥିବା ଛାତ୍ରଙ୍କୁ ଉଦ୍ଧାର କଲେ ଲୋକେ

କୋରେଇ, ୧୯।୭(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକ କାଚରାସାହି ପଞ୍ଚାୟତ ତାଳଗାଡ଼ିଆ ସେବାଶ୍ରମରେ ନାନା ଅବ୍ୟବସ୍ଥା ଚାଲିଛି। ଏଠାରେ ରହୁଥି?ବା ଅନ୍ତେବାସୀମାନଙ୍କୁ ନାନା ପ୍ରକାର ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି ୩ ଜଣ ଅନ୍ତେବାସୀ ସେବାଶ୍ରମ ଛାଡି ପଳାଇ ଆସିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ଏହି ସେବାଶ୍ରମର ୩ ଜଣ ଛାତ୍ର ଏଣେ ତେଣେ ବୁଲୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ କୋରେଇ ପୁଲିସକୁ ଖବର ଦେଇଥିଲେ। କୋରେଇ ପୁଲିସ୍ ସେହି



ଛାତ୍ରମାନଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ଶିଶୁ ମଙ୍ଗଳ ସମିତି ପକ୍ଷରୁ ଘଟଣାର ଅନୁଧ୍ୟାନ କରିବା ସମୟରେ ସେହି ଛାତ୍ରମାନେ ନାନା ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଛାତ୍ରମାନଙ୍କ ପରିବାର ବର୍ଗଙ୍କୁ ଡକାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଏହି ସେବାଶ୍ରମରେ ନିୟମିତ ସରକାରୀ ଯାଞ୍ଚ ହେଉନଥିବାରୁ ଏଭଳି ସମସ୍ୟା ଦେଖାଯାଉଛି। ଏହାର ସ୍ୱତନ୍ତ୍ର ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବରୀ ବ୍ଲକ୍ ଜଁପଡ଼ା ଗ୍ରାମବାସୀ

ଯାଜପୁର, ୧୯।୭(ସମିସ): ତହସିଲଦାରଙ୍କ ନୋଟିସ୍‌କୁ ବିରୋଧ କରି ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବରୀ ବ୍ଲକ ଅନ୍ତର୍ଗତ ସ୍ୱାଇଁଖଣ୍ଡ ପଞ୍ଚାୟତର ଜଁପଡ଼ା ଗ୍ରାମବାସୀ। ଅଭିଯୋଗ ମୁତାବକ ଗ୍ରାମର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ଆନନ୍ଦ ପାଇଁ ଗ୍ରାମବାସୀଙ୍କ ବିରୁଦ୍ଧରେ ମକଦ୍ଦମା କରି ସର୍ବସାଧାରଣଙ୍କ ଘର ଭାଙ୍ଗିବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରତିଷ୍ଠିତ ବ୍ୟକ୍ତି ଜଣଙ୍କ ହାଇକୋର୍ଟରେ ଜଣେ ଆଇନଜୀବୀ ହୋଇଥିବା ହେତୁ ଜାଣିଶୁଣି ନିଜ ଆନନ୍ଦ ପାଇଁ ସର୍ବସାଧାରଣଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆଜି ଗ୍ରାମ୍ୟ କମିଟିର ଆବାହକ ପ୍ରତାପ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହ ଏହି ଘଟଣାରେ ହସ୍ତକ୍ଷେପ କରି ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ଗୁହାରି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାନ୍ତ ଦାସ, ନିଗମାନନ୍ଦ ଦାସ, ନୃସିଂହ ଚନ୍ଦ୍ର ଦାସ, ସୁବାସ ମଲ୍ଲିକ, ଉପେନ୍ଦ୍ର କୁମାର ଦାସ, କୃଷ୍ଣଚନ୍ଦ୍ର ଲେଙ୍କା, ମନୋଜ ଲେଙ୍କା, ଦଶରଥ ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନକୁ ଦାବି ଉପସ୍ଥାପନ କରିଥିଲେ।

# ପାଣିଟାଙ୍କି ଶିଡ଼ିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବରୀ, ୧୯।୭(ସମିସ): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ବରୀ- କଳାମାଟିଆ ମୁଖ୍ୟରାସ୍ତାରୁ ବାଲିବିଲି ବାଲୁଙ୍କେଶ୍ୱର ମନ୍ଦିର ରାସ୍ତାରେ ଥିବା ମେଗା ଜଳସେଚନ ପ୍ରକଳ୍ପ ପାଣି ଟାଙ୍କି ଶିଡ଼ିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କୁ କେହି ହତ୍ୟା କରି ଗାମୁଛାରେ ଟାଙ୍ଗୀ ଦେଇଥିବା ଶୁଣିବାକୁ ମିଳିଛି। ଖବର ପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଶବ ଜବତ କରିବା ସହିତ ଅଗ୍ନିଶମ ବାହିନୀ ସହାୟତାରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ରମ୍ଭା ପଞ୍ଚାୟତ ଟୁବି ସାହିର ବିପିନ ମଲ୍ଲିକଙ୍କ ୨୨ ବର୍ଷୀୟ ପୁଅ କାହ୍ନୁ ମଲ୍ଲିକ ବୋଲି ଜଣାପଡ଼ିଛି। ତେବେ କେଉଁ କାରଣରୁ ଯୁବକ ଜଣଙ୍କ ଆତ୍ମହତ୍ୟା କଲେ ଜଣା ପଡ଼ିନାହିଁ। ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର, ୧୯।୭(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁର ଗ୍ରାମ ପଞ୍ଚାୟତର ମିର୍ ମହଲ୍ଲା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସଦୁଲ୍ଲା ଖାଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଗଠନର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ମୁଖ୍ୟ



ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସେକ୍ ମହମ୍ମଦ ସବିର, ପ୍ରାଥମିକ ଶିକ୍ଷକ ସଂଗଠନର ଜିଲ୍ଲା ସଭାପତି ବିଜୟ କୁମାର ନାୟକ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ରଣା, ପ୍ରମୋଦ କୁମାର ସାମଲ, ଅବସରପ୍ରାପ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସେକ ସାମସୁଦ୍ଦିନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତହେର ଅଲ୍ଲୀ ଖାନ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସ୍ମୃତିରଞ୍ଜନ ଯେନା ଯୋଗଦାନ କରିଥିଲେ। ସେ ପ୍ରାଥମିକ ଶିକ୍ଷକ ସଂଗଠନର ବିଭିନ୍ନ ସଦସ୍ୟ ରୁପେ କାର୍ଯ୍ୟ କରୁଥିଲେ।

# ନାବାଳିକା ଅପହରଣ ମାମଲା, ଜଣେ ଗିରଫ

ବ୍ରହ୍ମବରଦା, ୧୯।୭(ସମିସ): ନାବାଳିକା ଅପହରଣ ମାମଲାରେ ବ୍ରହ୍ମବରଦା ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟଚାଲାଣ ହୋଇଥିବା ଅଭିଯୁକ୍ତ ଜଣକ ବ୍ରହ୍ମବରଦା ଥାନା ଅଧୀନ ବନ୍ଧଡିଅ ପଞ୍ଚାୟତ କିଆଁବାରିଆସାହି ଗ୍ରାମର ଦୁର୍ଗାଚରଣ ମଲିକଙ୍କ ପୁଅ ସନ୍ତୋଷ (୩୬) ବୋଲି ଜଣାପଡ଼ିଛି। ଅଭିଯୋଗ ମତେ ଗଲା ୧୬ ତାରିଖ ବୁଧବାର ବ୍ରହ୍ମବରଦା ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଅଞ୍ଚଳର ଜଣେ ନାବାଳିକା ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସି ଆଉ ଘରକୁ ଫେରି ନ ଥିଲା। ପରିବାର ଲୋକେ ଉକ୍ତ ନାବାଳିକାକୁ ବହୁ ଖୋଜାଖୋଜି କରିବା ପରେ ତାର କିଛି ସନ୍ଧାନ ନ ମିଳିବାରୁ ନାବାଳିକାଙ୍କ ଭାଇ ବ୍ରହ୍ମବରଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ରହ୍ମବରଦା ପୋଲିସ କେସ୍ ନଂ ୧୮୧/୨୫ ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ବନ୍ଧଡିଅ ପଞ୍ଚାୟତ କିଆଁବାରିଆ ସାହି ଗ୍ରାମର ସନ୍ତୋଷ ଉକ୍ତ ନାବାଳିକାକୁ ଅପହରଣ କରି ନେଇଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ବ୍ରହ୍ମବରଦା ପୁଲିସେ ଅଭିଯୁକ୍ତ ସନ୍ତୋଷକୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ବେଳେ ନାବାଳିକା ଜଣଙ୍କୁ ଉଦ୍ଧାର କରି ତାର ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଡ୍ରେନ୍‌ରେ ଖସି ପଡ଼ିଲା କଲେଜ ବସ୍



ସୁକିନ୍ଦା, ୧୯।୭(ସମିସ): ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଏକ କଲେଜ ବସ୍ ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ ଖସି ପଡ଼ିଛି। ଏହି ରାଜପଥର ସୁକିନ୍ଦା ଛକ ନିକଟ ରାସ୍ତା ଦୀର୍ଘବର୍ଷ ଧରି କାମ ନହୋଇ ପଡ଼ିରହିଛି। ଫଳରେ ଉଭୟ ପାର୍ଶ୍ୱରେ ଦୈନିକ ଦୁର୍ଘଟଣା ଘଟିଚାଲିଛି। ପ୍ରତ୍ୟେକ ମାସରେ ୧୦ରୁ ଅଧିକ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଦୈନିକ ଛୋଟ ଛୋଟ ଦୁର୍ଘଟଣା ଘଟି ଚାଲିଛି। ରାଜପଥ କାର୍ଯ୍ୟ ନହେବାରୁ ଶହ ଶହ ଯାନବାହାନ ସର୍ଭିସ ରୋଡରେ ଯିବା ଆସିବା କରୁଛନ୍ତି। ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକୀୟ ସୂଚନା ଫଳକ ନଥିବା କାରଣରୁ ଦୈନିକ ଦୁର୍ଘଟଣା ଘଟି ଚାଲିଛି। ଏହି ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଦୀର୍ଘ ଦିନ ପୂର୍ବରୁ ଏହାର ଲୋକାର୍ପଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଦୁର୍ଘଟଣା ଘଟିଥିବା ସ୍ଥାନରେ ଆବଶ୍ୟକୀୟ ସୂଚନା ଫଳକ ନଥିବା କାରଣରୁ ଦୁର୍ଘଟଣା ଘଟି ଅନେକ ପରିବାର ଉଜୁଡ଼ି ଯାଇଥିବା ଜଣାପଡ଼ିଛି। ଯଥାଶୀଘ୍ର ଏହି ରାଜପଥ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ବାଲିଚନ୍ଦ୍ରପୁର ଷ୍ଟେଟ୍‌ବ୍ୟାଙ୍କରେ ଘୋଟାଲା

# ୫ କୋଟିର ସୁନା ଋଣରେ ହେର୍‌ଫେର୍

ଯାଜପୁର/ବାଲିଚନ୍ଦ୍ରପୁର, ୧୯।୭(ସମିସ): ଷ୍ଟେଟ୍‌ବ୍ୟାଙ୍କରେ ମହାଘୋଟାଲା। ପାଖାପାଖି ୫ କୋଟି ଟଙ୍କାର ସୁନା ଋଣ ହେରଫେର୍ ହୋଇଥିବା ସୂଚନା। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଏସ୍‌ବିଆଇ ମୁଖ୍ୟ ଶାଖାରେ ହେରଫେର ହୋଇଥିବା ସୂଚନା। ଜଣେ ବ୍ୟାଙ୍କ କର୍ମଚାରୀ ୫ କୋଟି ଟଙ୍କାର ସୁନା ଋଣରେ ହେରଫେର କରିଥିବା ନେଇ ଅଭିଯୋଗ ହୋଇଛି। ଇମିଟେସନ ଜୁଏଲାରୀ ବାୱାନ ଗ୍ରାମ ଗୋଲ୍ଡ ଆଣି ନିଜ ସମ୍ପର୍କୀୟଙ୍କ ଋଣ ଦେଇଛନ୍ତି। ତେବେ ଋଣ ସମୟରେ କୌଣସି ଯାଞ୍ଚ ହୋଇନି କି ବଣିଆକୁ ଡାକି ଶୁଦ୍ଧତା ଯାଞ୍ଚ କରାଯାଇନି। ଏ ନେଇ ଅଭିଯୋଗ ହେବା ପରେ ଗତକାଲି ଭୁବନେଶ୍ୱରରୁ ଏକ ଟିମ୍ ଆସି ରାତି ସାରା ବ୍ୟାଙ୍କରେ ସମସ୍ତ ସୁନାର ଶୁଦ୍ଧତା ପରୀକ୍ଷା କରିବା ସହ ଆଜି ସକାଳ ୬ଟାରେ ଟିମ୍ ଭୁବନେଶ୍ୱର ଫେରିଛି। ଏହା ସହ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହେବା ପୂର୍ବରୁ ଅଭିଯୁକ୍ତ କର୍ମଚାରୀ ଫେରାର ଅଛନ୍ତି।

**● ଇମିଟେସନ ଜୁଏଲାରୀ ଦେଇ ନେଇଛନ୍ତି ଋଣ**
**● କ୍ୟାସିଅର ନିଖୋଜ; ଥାନାରେ ଅଭିଯୋଗ**

ଅନ୍ୟପକ୍ଷରେ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ କ୍ୟାସିଅର ପ୍ରଶାନ୍ତ କୁମାର ମଲ୍ଲିକ ଗତ ୧୫ ତାରିଖରୁ ନିଖୋଜ ଅଛନ୍ତି। ତେବେ ତାଙ୍କ ନିଖୋଜକୁ ନେଇ ବ୍ୟାଙ୍କ ପରିଚାଳକ ସଞ୍ଜିତା ମହାରଣା ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି। ସୂଚନା ମୁତାବକ କଟକ ଜିଲ୍ଲା ଅନ୍ତର୍ଗତ ଟାଙ୍ଗି ଥାନା ଅଞ୍ଚଳର ଶ୍ରୀ ମଲ୍ଲିକ ଏହି ବ୍ୟାଙ୍କରେ ଗତ କିଛି ବର୍ଷ ଧରି କ୍ୟାସିଅର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଗତ ୧୫ ତାରିଖ ଠାରୁ ସେ ଆଉ ବ୍ୟାଙ୍କକୁ ଆସୁନାହାଁନ୍ତି। ତାଙ୍କ ମୋବାଇଲ ସୁଇଚ ଅଫ୍ ରହିଛି। ଅପରପକ୍ଷରେ ଶ୍ରୀ ମଲ୍ଲିକ ସେହିଦିନ ଠାରୁ ମଧ୍ୟ ତାଙ୍କ ଘରକୁ ଯାଇନାହାନ୍ତି। ତେବେ ତାଙ୍କର ଏହି ନିଖୋଜ ଘଟଣା ସମ୍ପର୍କରେ କୌଣସି କାରଣ ଜଣା ପଡୁନଥିବା ବେଳେ ବ୍ୟାଙ୍କରେ ଆର୍ଥିକ ଅନିୟମିତତା ଓ ଋଣ ଘୋଟାଲାରେ ତାଙ୍କର ସମ୍ପୃକ୍ତିଥିବା ନେଇ ସନ୍ଦେହ ଘନୀଭୁତ ହେବାରେ ଲାଗିଛି। ଏ ନେଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକଙ୍କୁ ପଚାରିବାରୁ କ୍ୟାସିୟର ପ୍ରଶାନ୍ତ ମଲିକଙ୍କ ସହିତ ବ୍ୟାଙ୍କର ଯୋଗାଯୋଗ ହୋଇପାରୁନଥିବାରୁ ବ୍ୟାଙ୍କ ମ୍ୟାନେଜର ଥାନାରେ ତାଙ୍କ ନାମରେ ନିରୁଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

## ■ ଚିଉାଳ କଲେଜ ଅଧ୍ୟାପକଙ୍କ ବିରୁଦ୍ଧରେ ଅସଦାଚରଣ ଅଭିଯୋଗ

# କଲେଜରେ ଉପଜିଲ୍ଲାପାଳଙ୍କ ତଦନ୍ତ

ଦଶରଥପୁର, ୧୯।୭(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଚିଉାଳ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ବିରୁଦ୍ଧରେ ଜଣେ ଛାତ୍ରଙ୍କ ଅସଦାଚରଣ ଅଭିଯୋଗକୁ ନେଇ କଲେଜରେ ଉତ୍ତେଜନା ଦେଖାଦେଇଛି। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିରଞ୍ଜନ ପଣ୍ଡା ଜଣେ କଲେଜ ଛାତ୍ରଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ଛାତ୍ର ଜଣଙ୍କ ପରିଚାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ ଓ ଯାଜପୁର ଥାନାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଧ୍ୟାପକ ଶ୍ରୀ ପଣ୍ଡା ଛାତ୍ର ଜଣଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ତାଙ୍କ ମନ କଥା ବୁଝିଲେ ପରୀକ୍ଷାରେ ଭଲ ମାର୍କ ମିଳିବ ନଚେତ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଚେତାବନୀ ଦେଉଥିବାରୁ ଛାତ୍ର ଜଣଙ୍କ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବା ଅଭିଯୋଗରେ ଦର୍ଶାଇବା ସହ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏଥିରେ ବ୍ୟତିକ୍ରମ ହେଲେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଛାତ୍ରଙ୍କ ଅଭିଯୋଗ ଆଧାରରେ ଉପଜିଲ୍ଲପାଳ ଶ୍ରୀ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ



କଲେଜ ଅଧକ୍ଷ ପ୍ରକାଶ ମୁଦୁଲି ଅଭିଯୋଗର ଅନୁସନ୍ଧାନ ପାଇଁ କଲେଜର ବରିଷ୍ଠ ଅଧ୍ୟାପକଙ୍କୁ ଏକ ୫ ଜଣିଆ ଆଭ୍ୟନ୍ତରୀଣ ଅନୁସନ୍ଧାନ କମିଟି ଗଠନ କରିଥିବା ବେଳେ ଉପଜିଲ୍ଲପାଳ ତାପସ ରଞ୍ଜନ ଦେହୁରୀ ଆଜି କଲେଜକୁ ଯାଇ କିଛି ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଧ୍ୟାପକ ଶ୍ରୀ ପଣ୍ଡାଙ୍କ ସମ୍ପର୍କରେ ପଚାରି ବୁଝିବା ସହିତ ଛାତ୍ରଙ୍କୁ ପଚାର ଉଚରା କରି ପ୍ରଶାସନ ଓ ପୁଲିସର ତଦନ୍ତ ଉପରେ ଭରସା ରଖିବାକୁ ପରାମର୍ଶ ଦେଇଥିଲେ। ସୂଚନା ଥାଉକି ଅଧ୍ୟାପକ ଶ୍ରୀ ପଣ୍ଡା ପୂର୍ବରୁ ଏକାଧିକ ଅଭିଯୋଗରେ କୋର୍ଟଚାଲାଣ ହେବା ସହିତ କଲେଜରୁ ନିଲମ୍ବିତ ହୋଇଥିଲେ। ଏବେ ଏହି ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ ପୁନ୍ଧ ଅଭିଯୋଗ ଅଧ୍ୟାପକଙ୍କ ନାମରେ ହୋଇଛି।

# ଜଟଣୀରୁ ଖଣିଜ ସମ୍ପଦ ଲୁଟ୍; ପ୍ରଶାସନ ନିରବ

ଜଟଣୀ, ୧୯।୭ (ସମିସ)

ଜଟଣୀ ତହସିଲ୍ ଅଞ୍ଚଳରେ ପ୍ରତିଦିନ ଲୁଟ୍ ହେଉଛି ଖଣିଜ ସମ୍ପଦ। ଏହି ସମ୍ପଦ ଲୁଟ୍ ହେଉଥିବାବେଳେ ପୁଲିସ, ତହସିଲ୍ ପ୍ରଶାସନ ସବୁ ଜାଣି ମଧ ନୀରବଦ୍ରଷ୍ଟା ସାଜିବା ଅଞ୍ଚଳବାସୀଙ୍କୁ ଅଧିକ ସନ୍ଦେହ ଘେରରେ ପକାଉଛି। ଖଣି ମାଫିଆମାନେ ଖଣିଜ ସମ୍ପଦ ଲୁଟ୍ କରି ମାଲାମାଲ୍ ହେଉଥିବାବେଳେ ସରକାର ଅନେକ ରାଜସ୍ୱ କ୍ଷତି

- ପୁଣି ସକ୍ରିୟ ହେଲେଣି ଖଣି ମାଫିଆ
- ଶତାଧିକ ସ୍ଥାନରେ ଚାଲିଛି ବେଧଡ଼କ ଖନନ

ସହୁଛନ୍ତି। ଜଟଣୀରୁ ପ୍ରତିଦିନ ଟନ୍ ଟନ୍ ଖଣିଜ ସମ୍ପଦ ବାହାରକୁ ଚାଲାଣ ହେଉଥିଲେ ହେଁ ରୋକ୍ ଲଗାଇବାକୁ କେହି ନାହାନ୍ତି। ଅନ୍ୟପଟେ ମାଫିଆମାନେ ଅଞ୍ଚଳର ବିଭିନ୍ନ ସରକାରୀ ଜାଗାକୁ କବ୍ଜା କରି ଖୋଳି ମାଙ୍କଡ଼ା ପଥର ଓ ମୋରମ୍ ଲୁଟି ଚାଲିଛନ୍ତି। ଫଳରେ ସ୍ଥାନୀୟ



ଅଞ୍ଚଳରେ ଲୋକଙ୍କ ଧନଜୀବନ କ୍ଷତି ହେଉଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ ଖଣି ଲୁଟ୍ ବନ୍ଦ ହେଉନାହିଁ। ଯେଉଁ ସ୍ଥାନରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ଖଣି ବନ୍ଦ କରାଯାଇଥିଲା, ବର୍ତ୍ତମାନ ମାଫିଆମାନେ ପୁଣି ସକ୍ରିୟ ହୋଇ ଲୁଟ୍ କରିଚାଲିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଜଟଣୀ ତହସିଲ୍ ଅଞ୍ଚଳର ପାଣିଓରା, ଅରଗୁଳ, ପିତାପଲ୍ଲୀ, ରଥିପୁର ମୌଜା, ତିରିମଲ, ଷଣ୍ଢପୁର, କନ୍ତିଆ, କୁସୁମାଟି, ଗୋପୀନାଥପୁର ଭଳି ଅଞ୍ଚଳରେ ବର୍ତ୍ତମାନ ୧୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଧଡ଼କ ଭାବେ ଖଣିଖୋଳା ଚାଲିଛି। ଗତ ୬ ମାସ ମଧ୍ୟରେ ଜଟଣୀ ତହସିଲ୍ ପକ୍ଷରୁ ପାଣିଓରା, ଅରଗୁଳ, ପିତାପଲ୍ଲୀ, ରଥିପୁର ମୌଜା ଅଞ୍ଚଳରେ ଚାଲିଥିବା ବେଆଇନ ଖଣିଖନନ ଉପରେ ଅତର୍କିତ ଚଢ଼ଉ କରାଯାଇ ହାଇୱା ଓ ପାୱାରଟିଲର ଜବତ କରାଯାଇଥିଲା। କିନ୍ତୁ ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିଲା। ସବୁଠୁ ବଡ଼ କଥା ହେଉଛି, ପ୍ରଶାସନ ଯେଉଁ ସବୁ ସ୍ଥାନରେ ଚଢ଼ଉ କରି ଖଣିଖୋଳା ବନ୍ଦ କରିଥିଲା, ସେଠାରେ ପୁଣି ପୂର୍ବଭଳି ବେଧଡ଼କ ଭାବେ ମାଙ୍କଡ଼ା ପଥର ଓ ମୋରମ୍ ଖୋଳା ଚାଲିଥିବା ଅଭିଯୋଗ ହୋଇଛି। ଏହି ମାଫିଆମାନେ ବିଶେଷକରି ରାତିରେ ଗ୍ୟାସ୍ ଲାଇଟ୍ ଲଗାଇ ପାୱାରଟିଲର ସାହାଯ୍ୟରେ ପଥର କାଟି ହାଇୱା ଓ ଟ୍ରାକ୍ଟର ମାଧ୍ୟମରେ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ସେମାନଙ୍କୁ କେହି ଜଗିବାକୁ ନ ଥିବାବେଳେ ଏହାର ସୁଯୋଗ ନେଇ ଚାଲାଣ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ରାତିରେ ଖଣିଜ ସମ୍ପଦ ଚାଲାଣରେ ବ୍ୟବହାର ହେଉଥିବା ହାଇୱା ଗାଡ଼ି ରାସ୍ତାରେ ଏତେ ଦ୍ରୁତଗତିରେ ଯାଉଛି, ଯଦି ସାମ୍ନାରେ କିଏ ଆସିବ ତାହେଲେ ମୃତ୍ୟୁ ସୁନିଶ୍ଚିତ। ତେବେ ଖଣିଜ ସମ୍ପଦ ଖନନ କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପ୍ରଶାସନର ଅବଗତରେ ଏହା ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଖଣି ମାଫିଆମାନଙ୍କ ଭୟରେ ସେମାନେ ମୁହଁ ଖୋଲିପାରୁ ନ ଥିବା କହିଛନ୍ତି। ଯଦି ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ, ତାହେଲେ ଆଉ ଅଳ୍ପ ଦିନ ମଧ୍ୟରେ ଜଟଣୀରେ ଖଣିଜ ସମ୍ପଦ ଶେଷ ହୋଇଯାଇପାରେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ମହିଳା ଯୌନ ଉତ୍ପୀଡ଼ନ ନିଷେଧ ସମ୍ପର୍କିତ କର୍ମଶାଳା



ବାଲୁଗାଁ, ୧୯।୭ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶ କ୍ରମେ ବାଲୁଗାଁ ମହାବିଦ୍ୟାଳୟରେ ଚଳିତ ବର୍ଷ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ତଥା ଆଇସିସି ସଦସ୍ୟ ଭାବେ ଶିକ୍ଷକ, ଅଣଶିକ୍ଷକ, ଶିକ୍ଷାର୍ଥୀ ଓ ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀଙ୍କୁ ନେଇ ଏକ ୭ ଜଣିଆ ସମିତି ପୁନର୍ଗଠନ କରାଯାଇଛି। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପୁନର୍ଗଠନ ପରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଶନିବାର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ମହିଳା ଯୌନ ଉତ୍ପୀଡ଼ନର ନିବାରଣ, ନିଷେଧ ଓ ପ୍ରତିକାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପ୍ରିଜାଇଡିଂ ଅଫିସର ଡ. ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ, ସୁନିତା ନନ୍ଦ, ଅଧ୍ୟାପକ ପ୍ରବୀଣ କୁମାର ଜେନା ଓ ଛାତ୍ରୀ ଯସ୍ମିନ ବେଗମ ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ନିବାରଣ ଓ ତା'ର ପ୍ରତିକାର ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ୟୁଜିସି ଜାରି କରିଥିବା ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ଓ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳା ଯୌନ ଉତ୍ପୀଡ଼ନ ନିବାରଣ ଓ ପ୍ରତିକାର ପାଇଁ ସମସ୍ତେ ଶପଥ ନେଇଥିବାବେଳେ ମହାବିଦ୍ୟାଳୟ ପରିସରରେ ୧୮୧ ସହାୟତା ନମ୍ବର ଥିବା ସୂଚନାଫଳକ ଲଗାଯାଇଛି। ଶେଷରେ ଆଇସିସି ସଭ୍ୟା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ, ୧୯।୭ (ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡ଼ି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ବସନ୍ତ କୁମାର ସିଂହ, ଶେଷଦେବ ଦାସ, ଚନ୍ଦ୍ରଶେଖର କର, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭାଷିନୀ ଦେଇ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ସସ୍ମିତା ପାଇକରାୟ, ଭକ୍ତିଲତା ମହାପାତ୍ର ଓ କାହ୍ନୁ ଚରଣ ବେହେରା ପ୍ରମୁଖ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟ, ପ୍ରତିବଦ୍ଧତା ଓ ଛାତ୍ରବତ୍ସଳତା ଆଦି ଗୁଣ ସମ୍ପର୍କରେ ମତ ରଖିଥିଲେ। ତାଙ୍କର ଶାନ୍ତ, ସରଳ ସ୍ୱଭାବ ଓ ପାଠପଢ଼ା ସ୍ୱତନ୍ତ୍ରଶୈଳୀ ନିଆରା ଥିଲା ବୋଲି ବିଦ୍ୟାଳୟର ଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ।

## ପିଏନ୍ କଲେଜରେ ୬୬ତମ ବିଦ୍ୟାରମ୍ଭ ଦିବସ



ଖୋର୍ଦ୍ଧା, ୧୯।୭ (ସମିସ): ସ୍ଥାନୀୟ ପିଏନ୍ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ଅବସରରେ ୬୬ତମ ବିଦ୍ୟାରମ୍ଭ ଦିବସ ପାଳନ କରାଯାଇଛି। କଲେଜର ପ୍ରତିଷ୍ଠାତା ତଥା ଭାରତବର୍ଷର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ କଲେଜ ପକ୍ଷରୁ ପାଳନ କରାଯାଉଛି। ଏହି କ୍ରମରେ ଶନିବାର ପରିଚାଳନା ସମିତି ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା କଲେଜର ପୂର୍ବତନ ଅଧ୍ୟକ୍ଷ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅଧ୍ୟକ୍ଷା ଡ. ବିଦୁଶ୍ରୀ ମିଶ୍ର, +୨ ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ, ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ପ୍ରିୟବ୍ରତ ମହାନ୍ତି, ପାଠ୍ୟକ୍ରମ ଅଧ୍ୟକ୍ଷ ପ୍ରଦିପ୍ତ କୁମାର ମହାପାତ୍ର, ଧନ୍ଦାମୂଳକ ଅଧ୍ୟକ୍ଷ ଗଦାଧର ସାହୁ, ପ୍ରାଧ୍ୟାପକ ସୁବୋଧ ଜଗଦେବ, ଅଲିଭା ବେଉରା, ଡ. ନନ୍ଦିତା ଛୋଟରାୟ ପ୍ରମୁଖ ଯୋଗଦେଇ ବିଦ୍ୟାରମ୍ଭ ଉତ୍ସବରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ଛାତ୍ରଛାତ୍ରୀଙ୍କ ସମେତ ଅତିଥିମାନେ କଲେଜ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇ ବନ ମହୋତ୍ସବ ପାଳନ କରିଥିଲେ। ସେହିପରି ମହାବିଦ୍ୟାଳୟର ବାର୍ଷିକ କ୍ୟାଲେଣ୍ଡର ଓ ତ୍ରୟମାସିକ ସମ୍ବାଦ ପତ୍ରିକା ଫ୍ରଣ୍ଟଫୁଟ୍‌ର ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କ୍ୟାଲେଣ୍ଡର ସମ୍ପାଦକ ଡ. ସୌମେନ୍ଦ୍ର କୁମାର ମିଶ୍ର, ଡ. ବ୍ରଜକିଶୋର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅଧ୍ୟକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ସୁଧାଂଶୁବାଳା ରାଉତ ଧନ୍ୟବାଦ ଦେଇଥିଲେ। ଡ. ଦାମୋଦର ମିଶ୍ର ଓ ଡ. ପୁଷ୍ପିତା ପ୍ରିୟମ୍ବଦା ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ଆରମ୍ଭହେଲା ଖରିଫ ଚାଷୀ ପଞ୍ଜୀକରଣ

ଖୋର୍ଦ୍ଧା, ୧୯।୭ (ସମିସ): ଚଳିତ ବର୍ଷ ଖରିଫ ଫସଲ ନିମନ୍ତେ ଚାଷୀମାନଙ୍କ ପଞ୍ଜୀକରଣ ଶନିବାରଠାରୁ ପ୍ରାଥମିକ କୃଷି ସମବାୟ ସମିତିସ୍ତରରେ ଆରମ୍ଭ ହୋଇଛି। ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ମାର୍ଗଦର୍ଶିକା ଅନୁଯାୟୀ କରାଯାଉଛି। ଯେଉଁଥିରେ ସମସ୍ତ ଚାଷୀ ସେମାନଙ୍କର ନାମ ନୂତନ ଭାବେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ନିମନ୍ତେ ଚାଷୀମାନଙ୍କର ଇ-କେୱାଇସି ମାଧ୍ୟମରେ ଆଧାର ଭେରିଫିକେସନ କରାଯିବ ଓ ଧାନ ବିକ୍ରୟ ପ୍ରାପ୍ୟ ବାବଦକୁ ଚାଷୀର ଆଧାର ଲିଙ୍କ୍ ଥିବା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ପଞ୍ଜୀକରଣ ଶନିବାରଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପଞ୍ଜିକୃତ ଚାଷୀମାନଙ୍କୁ ଏକ ଫର୍ମ ପ୍ରଦାନ କରାଯାଉଛି। ଯେଉଁଥିରେ ଚାଷୀ ଦେଇଥିବା ଜମିର ପରିମାଣ ସମ୍ବନ୍ଧରେ ଉଲ୍ଲେଖ କରାଯାଉଛି। ଶନିବାର ପ୍ରଥମ ଦିନରେ କେତେକ




ସମବାୟ ସମିତିରେ ଚାଷୀଙ୍କୁ ଫର୍ମ ପ୍ରଦାନ କରାଯାଇଥିବା ଜଣାଯାଇଛି।

ପଞ୍ଜୀକରଣ ନିମନ୍ତେ ପ୍ୟାକ୍ସ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଶନିବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ସମବାୟ ସମିତି ଉପସହକାରୀ ନିବନ୍ଧକ ଅଳକାନନ୍ଦା ଜେନା, ସହକାରୀ ନିବନ୍ଧକ ଭଗବତ ମାରାଣ୍ଡି, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ସହ ପ୍ରଶିକ୍ଷକ ରଶ୍ମିତ କୁମାର ଉପସ୍ଥିତ ରହି ସମସ୍ତ ଚାଷୀଙ୍କର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଖୋର୍ଦ୍ଧା ବ୍ଲକ କାଇପଦର ସେବା ସମବାୟ ସମିତି ସମ୍ପାଦକ ଝଜ ସାମନ୍ତରାୟ, ବିଶ୍ୱନାଥ ମହାରଣା, ନିତ୍ୟାନନ୍ଦ ଦାଶ, ଆର୍‌ଏମ୍‌ସି ବାଲୁଗାଁର ସମ୍ପାଦକ ଅନିଲ କୁମାର ରାଉତ, ଜ୍ୟୋତିର୍ମୟୀ ଲେଙ୍କା, ସାଗରିକା ପରିଡ଼ା, ସୁଚିସ୍ମିତା ସାହୁ, କାର୍ତ୍ତିକ ପ୍ରଧାନ, ସୁବାସ ପରିଡ଼ା, ରୋହିତ ପଟ୍ଟନାୟକ, ବିଭୂତି ସେନାପତି, ବୁଧିବାମନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଧରାପଡ଼ିଲା ଲୁଟେରା; ୨ ମୋବାଇଲ୍ ଜବତ

ଜଟଣୀ, ୧୯।୭ (ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଜଣେ ମୋବାଇଲ୍ ଲୁଟେରାକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଖୋର୍ଦ୍ଧା ବାଣପୁର ଅଞ୍ଚଳର ଦାଶରଥୀ ନାୟକ (୩୦)। ତା' ନିକଟରୁ ୨ଟି ଚୋରି ମୋବାଇଲ୍ ଫୋନ୍ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ଅଞ୍ଚଳରେ କିଛିଦିନ ହେଲା ଟ୍ରେନ୍ ଓ ପ୍ଲାଟ୍‌ଫର୍ମରୁ ଯାତ୍ରୀଙ୍କଠାରୁ ମୋବାଇଲ୍ ଫୋନ୍ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରିବା ସହ ଶନିବାର ଅଭିଯୁକ୍ତକୁ ମାଣିଆ ଛକ ନିକଟରୁ କାବୁ କରିଛି। ଯାଞ୍ଚବେଳେ ତା' ନିକଟରୁ ୨ଟି ଚୋରା ମୋବାଇଲ୍ ଜବତ କରିଥିଲା ପୁଲିସ। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଦେଶୀ ମଦ ଜବତ, ବେପାରୀ ଗିରଫ

ଜଟଣୀ, ୧୯।୭ (ସମିସ): ଜଟଣୀ ଥାନା ଅଞ୍ଚଳରେ ବେଆଇନ ଦେଶୀ ମଦ ବିକ୍ରି ଘଟଣାରେ ଜଣେ ବେପାରୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବାଛରାପାଟଣାର ମୁକେଶ ନାୟକ (୩୭)। ତା' ନିକଟରୁ ୨୬ ଲିଟର ଆସ୍କା-୪୦ ମଦ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଥାନାର ଏକ ଟିମ୍ କୁଦିଆରୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବେପାରୀ ଜଣକ ମଦ ଧରି ଗ୍ରାହକ ଅପେକ୍ଷାରେ ଥିବା ଖବର ପାଇ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲେ। ଯାଞ୍ଚବେଳେ ଏକ ବ୍ୟାଗ୍ ଭିତରୁ ଦେଶୀ ମଦ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ଦୁଇ ବସ୍ ଧକ୍କା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ବାଣପୁର, ୧୯।୭ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଣପୁର ବାଇପାସ୍‌ର ସୁବୁଦ୍ଧିପାଟଣା ଛକ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏକ ବସ୍ ପଛକୁ ଅନ୍ୟ ଏକ ବସ୍ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବସତଃ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ, ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସୁବୁଦ୍ଧିପାଟଣା ଛକ ନିକଟରେ ଯାତ୍ରୀଙ୍କୁ ଉଠାଇବା ପାଇଁ ରାସ୍ତାକଡ଼ରେ ଛିଡ଼ା ହୋଇଥିବାବେଳେ ଠିକ୍ ସେହି ସମୟରେ ଆସିକାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସିଲୁ ନାମକ ଆଉ ଏକ ଘରୋଇ ଯାତ୍ରୀବାହୀ ବସ୍ ଉକ୍ତ ବସ୍‌ର ପଛ ପାର୍ଶ୍ୱକୁ ଧକ୍କା ଦେଇଥିଲା। ଫଳରେ ଦୁଇଟି ବସ୍ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ସୌଭାଗ୍ୟରୁ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ସମସ୍ତ ଯାତ୍ରୀ ଅନ୍ୟ ଏକ ବସ୍ ଯୋଗେ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଇଛି।

## ସାଇ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟଶିଳ୍ପୀଙ୍କୁ ରାଜ୍ୟସ୍ତରୀୟ ସମ୍ମାନ

ନିରାକାରପୁର, ୧୯।୭ (ସମିସ): ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଡ. ଗୁରୁପ୍ରସାଦ ଦାସଙ୍କ ୩୯ତମ ଶ୍ରାଦ୍ଧ ଦିବସରେ ଶ୍ରୀସାଇ ଡ୍ୟାନ୍ସ ଗ୍ରୁପ୍‌ର ସମସ୍ତ ନୃତ୍ୟଶିଳ୍ପୀଙ୍କୁ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କିଛି ନୃତ୍ୟ



ଗୁରୁଙ୍କୁ ଉପାଧି ପ୍ରଦାନ କରାଯାଇଛି। ଏଥିରେ ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟି, ପଦ୍ମଶ୍ରୀ ଅରୁଣ ମହାନ୍ତି, ତ୍ରିଧାରା ଅନୁଷ୍ଠାନ ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ରୀସାଇ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ଡ୍ରୋନ୍ କମ୍ପାନୀରେ ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ନିରାକାରପୁର, ୧୯।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ଶିଳ୍ପାଞ୍ଚଳରେ ହୋଇଥିବା ଡ୍ରୋନ୍ କମ୍ପାନୀରେ ଶନିବାର ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ଶନିବାର ଅପରାହ୍ନ ସାଢ଼େ ୩ଟା ସମୟରେ କମ୍ପାନୀ ମଧ୍ୟରେ କାର୍ଯ୍ୟରତ ଜଣେ କର୍ମଚାରୀ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ କମ୍ପାନୀ ତରଫରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଚନ୍ତି। ମୃତ କର୍ମଚାରୀଙ୍କ ଘର ବ୍ରହ୍ମପୁର ବୋଲି ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି, କିନ୍ତୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଇଛନ୍ତି। ଦୁଇ ମାସ ତଳେ ନିକଟସ୍ଥ କାଳୀବତି ଶିଳ୍ପାଞ୍ଚଳରେ ନିର୍ମାଣାଧୀନ ଏକ କମ୍ପାନୀରୁ ଜଣେ ଶ୍ରମିକ ଖସି ପ୍ରାଣ ହରାଇଥିବାବେଳେ ଆଜିର ଏହି ଘଟଣା ଶ୍ରମିକମାନଙ୍କ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନାଚୁଣୀ କଲେଜରେ ଜାତୀୟ ଆଲୋଚନାଚକ୍ର



ଚିଲିକା, ୧୯।୭ (ସମିସ): ନାଚୁଣୀ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଖୋର୍ଦ୍ଧାର ସାଂସ୍କୃତିକ ଐତିହ୍ୟ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନାଚୁଣୀ ମହାବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ଡ. କବିତା ଦେବୀଙ୍କ ତତ୍ତ୍ୱାବଧାନରେ ତଥା ଅଧ୍ୟକ୍ଷ ପ୍ରଫେସର ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଚିଲିକା ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ତାମିଲନାଡୁସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଭଗବାନ ସାହୁ, ନରେନ୍ଦ୍ରପୁର (ଗଞ୍ଜାମ) କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ରିଡର୍ ଡ. ଶିବପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଜନ୍ମେଜୟ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ସାଂସ୍କୃତିକ ଐତିହ୍ୟ ତଥା ଗୌରବ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଐତିହ୍ୟର ସଂରକ୍ଷଣ, ସଚେତନ ଓ ଧାରଣା ସମ୍ପନ୍ନ ହୋଇ ନିଜର ପରିଚୟ ସୃଷ୍ଟି କରିବାକୁ ଉଦ୍‌ବୋଧନ ଦେଇଥିଲେ। ଡ. ପି.ପି. ପାତ୍ରଙ୍କ ପ୍ରାରମ୍ଭିକ ଅଭିଭାଷଣ ପରେ ମଞ୍ଚ ପରିଚାଳନା ତଥା ସଂଯୋଜନା କରିଥିଲେ ଅଧ୍ୟାପିକା ଲୀନା ନନ୍ଦିଜା। ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ବିଜୟ ଶତପଥୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଓଳାଭର ମହାବିଦ୍ୟାଳୟ (କେନ୍ଦ୍ରାପଡ଼ା)ର ଇତିହାସ ଅଧ୍ୟାପକ ଡ. ଅକ୍ଷୟ କୁମାର ମିଶ୍ର। ଏହି ଅଧିବେଶନରେ ବାଲୁଗାଁ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ସନ୍ତୋଷ ରଥ, ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟର ଅଧ୍ୟାପକ ବିକ୍ରମ କେଶରୀ ରଣା, ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁରର ଅଧ୍ୟାପକ ପୃଥ୍ୱୀରାଜ ପ୍ରଧାନ ପ୍ରମୁଖ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ପରିଶେଷରେ ସମସ୍ତ ଅଂଶଗ୍ରହଣକାରୀ ଅତିଥି, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହାୟତା କରିଥିଲେ।

## ମାଫିଆଙ୍କ କବ୍‌ଜାରେ ସରକାରୀ ଜମି; ଭୂମିହୀନଙ୍କୁ ମିଳୁନି ଗୁଣ୍ଠେ

ବାଲୁଗାଁ, ୧୯।୭ (ସମିସ)

ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଣପୁର ଓ ଚିଲିକା ତହସିଲ୍ ଅଞ୍ଚଳରେ ୩୫ଟି ପଞ୍ଚାୟତ ଓ ବାଲୁଗାଁ, ବାଣପୁର ୨ଟି ଏନ୍‌ଏସିର ବିଭିନ୍ନ ଗ୍ରାମରେ ବହୁ ଗରିବ ଶ୍ରେଣୀର ଲୋକ ଓ ଭୂମିହୀନ ଅନୁସୂଚିତ ଜାତି ଓ ଜନଜାତି ଲୋକ ବସବାସ କରୁଥିବାବେଳେ ସେମାନଙ୍କର ଘରଡିହ ଖଣ୍ଡିଏ ନାହିଁ। ସରକାରଙ୍କ ପକ୍ଷରୁ ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କୁ ୧ ଗୁଣ୍ଠର ଜମିପଟ୍ଟା ପ୍ରଦାନ କରାଯାଉଥିବା ବେଳେ ବାଲୁଗାଁ, ବାଣପୁର ତଥା ଚିଲିକା ଅଞ୍ଚଳରେ ଏହା ସାତସପନ ପାଲଟିଛି। ଭୂମିହୀନମାନେ ଗୁଣ୍ଠେ ଜମି ପାଇଁ ଆବେଦନ କରି ସମ୍ପୃକ୍ତ ତହସିଲ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ମଧ ସମ୍ପୃକ୍ତ ତହସିଲ୍‌ରେ ଥିବା କର୍ମଚାରୀମାନେ ସାଧାରଣ ଗରିବ ଲୋକଙ୍କ କଥା ଶୁଣୁ ନ ଥିବା ସହ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ତଥା ଦୀର୍ଘ ଦିନ ଅତିକ୍ରମ ହେବା ସତ୍ତ୍ୱେ ପଦକ୍ଷେପ ନେଉ ନ ଥିବାରୁ ଲୋକେ ହତାଶ ହେଉଥିବା ଅଭିଯୋଗରୁ ଜଣାଯାଇଛି। ଅନ୍ୟପକ୍ଷେ ବାଲୁଗାଁ, ବାଣପୁର ଅଞ୍ଚଳରେ କେତେକ ଜମିମାଫିଆ ଦଲାଲଙ୍କ ମାଧ୍ୟମରେ ଟଙ୍କା ପ୍ରଲୋଭନ ଦେଖାଇ ଶାଗ ମୁଗ ଦରରେ ଠକି ଗରିବ ଲୋକଙ୍କ ଶହ ଶହ ଏକର ଜମି ହାତେଇ ନେଉଛନ୍ତି।

ବାଣପୁର ତହସିଲ୍ ଅନ୍ତର୍ଗତ ଦାମିଆ ବରବରା ଓ ନୀଳାଦ୍ରିପ୍ରସାଦ ଦୁଇ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତର ଜଙ୍ଗଲ ଜମି ଓ ଗୋଚର ଜମିକୁ ଅଦିବାସୀ ଲୋକଙ୍କୁ ପ୍ରଲୋଭନ ଦେଖାଇ ଜମି ମାଫିଆମାନେ ସେମାନଙ୍କ ଜମି ଅକ୍ତିଆର କରି ଚାଲିଥିବା ଦେଖାଯାଇଛି। ସ୍ୱଳ୍ପ ପରିମାଣର ଅର୍ଥ ଦେଇ ଆଦିବାସୀମାନଙ୍କଠାରୁ ତଞ୍ଚକତା କରି ଜମି କିଣି ଜଙ୍ଗଲ ଜମି ଓ ଗୋଚର ଜମିକୁ ଜବରଦଖଲ କରି ଫାର୍ମ ହାଉସ୍‌ମାନ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିସହିତ ଗାଲୁଆ, ନରେନ୍ଦ୍ରପୁର, କୁମାରଙ୍ଗ, ଭେଟେଶ୍ୱର, ପ୍ରତାପ, ଗମ୍ଭାରିମୁଣ୍ଡା, କୁଲେଇ, ନାଚୁଣୀ, ନନ୍ଦପୁର ଆଦି ପଞ୍ଚାୟତ ଓ ବାଣପୁର ଏନ୍‌ଏସି ଅନ୍ତର୍ଗତ ଗୋଚର ଜମି, ଠାକୁରଙ୍କ ଜମି, ଜଳାଶୟ ଓ ଜଙ୍ଗଲ ଆଦି କିସମର ଅନେକ ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଜଣାଯାଇଛି। ସେହିପରି ଚିଲିକା ତହସିଲ୍ ଅନ୍ତର୍ଗତ ଚିଲିକା ଅବବାହିକା, ସୋରଣ, ଜରିପଡ଼ା, ନଇରୀ, ହାଟବରଡ଼ି, ବଉଳାବନ୍ଧ, ମାନସିଂହପୁର, ବଡ଼କୁଳ, ଡୁଙ୍ଗମାଳ, ଅଠରବାଟିଆ, ନିମିକ୍ଷେତା, ଚାଷଙ୍ଗର, ଆଙ୍କୁଲା, ସିଙ୍ଗେଶ୍ୱର ଆଦି ପଞ୍ଚାୟତ ସମେତ ବାଲୁଗାଁ ଏନ୍‌ଏସିର ଅନେକ ଗୋଚର, ଜଙ୍ଗଲ ଜମି ଓ ଚିଲିକା ଅବବାହିକା ଆଦି ଶହ ଶହ ଏକର ସରକାରୀ ଜମିକୁ ଜବରଦଖଲ କରି ତଥା ପ୍ରଥମେ ଲିଜ୍ ଆଣି ପରବର୍ତ୍ତି ସମୟରେ ଅର୍ଥ ନେଣଦେଣ କରି ପଟ୍ଟା ହାତେଇ ନେଇ ନିଜ ଅକ୍ତିଆରରେ ଜବରଦଖଲ କରି ରଖିଛନ୍ତି। ଏ ସମ୍ପର୍କରେ ପ୍ରଶାସନ ସବୁ ଜାଣି ନ ଜାଣିବା ପରି ଅଭିନୟ କରୁଥିବାବେଳେ ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଉପଯୁକ୍ତ ତଦନ୍ତ କରି ଜବରଦଖଲ ଉଚ୍ଛେଦ ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## 'ସ୍ୱର ବିଜ୍ଞାନ ଏକ ଚମତ୍କାର' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟାଙ୍ଗୀ, ୧୯।୭ (ସମିସ): ଚାନ୍ଦପୁର ଅପସରା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସ୍ୱର ବିଜ୍ଞାନ ଏକ ଚମତ୍କାର ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ୱାସକ୍ରିୟା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ସୁରକ୍ଷା, ସ୍ମରଣ ଶକ୍ତି ଜ୍ଞାନବୃଦ୍ଧି ସହିତ ଜୀବନଚର୍ଯ୍ୟା ସୁଗମମୟ କରିପାରିବେ। ନୃତ୍ୟ, ଗୀତ ଉତ୍‌ଫୁଲିତ ହୃଦୟରେ ମାନସିକ ସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଗୁରୁ ଗଙ୍ଗାଧର ପ୍ରଧାନଙ୍କର ଏହି ଉକ୍ତିକୁ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଫୁଲବାଣୀ, କଟକ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, ଟିଟିଲାଗଡ଼, ମୟୂରଭଞ୍ଜରୁ ଆସିଥିବା ପ୍ରଶିକ୍ଷାର୍ଥୀମାନେ ସାଦରେ ପ୍ରମାଣ ସହ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ



କୃତୀ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ ଅତିଥି ଭାବରେ ଯୋଗଦେଇ ୧୫ଜଣ କୋଚ୍ ଭାବରେ କୃତିତ୍ୱ ହାସଲ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ସମ୍ମାନ ପତ୍ର ଓ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଯୋଗଦେଇଥିବା ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଫଳତା ହାସଲ କରିବା ସହିତ ଏହି କାର୍ଯ୍ୟକ୍ରମକୁ ଶିବପ୍ରସାଦ ସାହୁ, ପ୍ରଦୀପ ସେନଗୁପ୍ତ, ଶିଳ୍ପୀ ସୁଧା ମହାକୁଡ଼, ଡ. ସରୋଜିନୀ ଦାସ, ସ୍ୱପ୍ନାରାଣୀ ସାମନ୍ତରାୟ, ବନ୍ଦନା ନାଥଶର୍ମା, ଲଳିତ ବକ୍ତାର ସରସ ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଅତିଥି ଶ୍ରୀ ନାୟକ ଏବଂ ସମାଜସେବୀ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅନ୍ତିମ ମୁହୂର୍ତ୍ତ ହୃଦୟସ୍ପର୍ଶୀ ଥିଲା।

## ବିଷମ ସ୍ଥିତିରେ ନୟାଗଡ଼ ଜିଲ୍ଲା ରାଜନୀତି

# ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଣଦେଖା

ନୟାଗଡ଼, ୧୯।୭ (ସମିସ)

ନୟାଗଡ଼ ଜିଲ୍ଲା ରାଜନୀତିରେ ଏବେ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳୁଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ନେଇ ସବୁଠି ଅସନ୍ତୋଷ କୁହୁଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନରେ ଦେଖିବାକୁ ମିଳିଛି। ବିଡିଓଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀ ଏବେ ବିଜେପି ନେତାଙ୍କ ବୋଲକରା ସାଜୁଥିବା ନେଇ ଲମ୍ବା ଅଭିଯୋଗ ଜିଲ୍ଲା ପ୍ରଶାସନର ମୁଣ୍ଡ ବ୍ୟଥା ସୃଷ୍ଟି କରିଛି। ପ୍ରଶାସନିକ ଅଧିକାରୀଙ୍କ ଏକପାଖିଆ ନୀତିକୁ ନେଇ ଗତ ବୈଠକରେ ୩ ଜଣ ବ୍ଲକ ଅଧ୍ୟକ୍ଷା ଓ ଜଣେ ବ୍ଲକ ଉପାଧ୍ୟକ୍ଷ ଅଭିଯୋଗ ଉଠାଇଥିଲେ। ରଣପୁର ବ୍ଲକ ବିଜେପି ଦଖଲରେ ରହିଛି। ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଖୋଦ୍ ବିଜେପି ଜିଲ୍ଲା ସଭାପତି ତାପସ ମାର୍ଥାଙ୍କ ପତ୍ନୀ। ତାଙ୍କ କ୍ଷମତାକୁ ସଙ୍କୁଚିତ କରିବାକୁ ବିଧାୟିକା ବିଡିଓଙ୍କୁ ହତାବାରିଶ କରି ନଚାଉଥିବା ଅଧ୍ୟକ୍ଷା ପରୋକ୍ଷରେ ଅଭିଯୋଗ କରିଛନ୍ତି। ସରକାରୀ କାର୍ଯ୍ୟ ତଥା ପଞ୍ଚାୟତ ସମିତି ଅର୍ଥରେ ନିର୍ମାଣ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସରେ ଅଧ୍ୟକ୍ଷାଙ୍କୁ ଲୋଡ଼ା ଯାଉନଥିବା ଅଭିଯୋଗ ହୋଇଛି। ବିଜେପି ଅଧ୍ୟକ୍ଷା ଓ ବିଜେପି ବିଧାୟିକାଙ୍କ ମଧ୍ୟରେ ସୁସମ୍ପର୍କ ନଥିବା ଏହି ଘଟଣା ସ୍ପଷ୍ଟ କରିଛି। ସମାନ ଭାବେ ଖଣ୍ଡପଡ଼ା ଅଧ୍ୟକ୍ଷା ଉପମା ବେହେରା, ଗଣିଆ ଅଧ୍ୟକ୍ଷା ଝୁନା ଜେନା ପ୍ରଶାସନିକ ଅଧିକାରୀଙ୍କ ଉପରେ ରହିଥିବା କ୍ଷୋଭ ବୈଠକରେ ପ୍ରକାଶ କରିଛନ୍ତି। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସିଧାସଳଖ ବିଡିଓଙ୍କୁ ଟାର୍ଗେଟ କରି ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଡିଓ ଦୁର୍ବ୍ୟବହାର କରୁଥିବା ଏବଂ ଦାଦାଗିରି କରୁଥିବା ନେଇ ଉପାଧ୍ୟକ୍ଷ ଅଭିଯୋଗ କରିଛନ୍ତି। ସମାନଭାବେ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ସେମାନଙ୍କୁ ପ୍ରଶାସନିକ ଅଧିକାରୀ ଆଦୌ କୌଣସି ସହଯୋଗ କରୁନଥିବା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟରେ ତାଙ୍କୁ ଅଣଦେଖା କରୁଥିବା ନେଇ ଅଭିଯୋଗ ଉଠାଇ ଦୀର୍ଘ ସମୟ ବୈଠକକୁ ନ ଆସିବା ଏବଂ ଆସିବା ପରେ ବି ଉଠି ଚାଲିଯିବା ଭିନ୍ନ ବାର୍ତ୍ତା ଦେଉଛି। ନୟାଗଡ଼ ଜିଲ୍ଲାର ଜିଲ୍ଲା ପରିଷଦ, ସରପଞ୍ଚ, ସମିତିଙ୍କ ମଧ୍ୟରୁ ୯୦ ପ୍ରତିଶତ ବିଜୁ ଜନତା ଦଳ ସମର୍ଥନରେ ବିଜୟୀ ହୋଇଛନ୍ତି। ଯେଉଁ କାରଣକୁ ନେଇ କିଛି କୁଚକ୍ରୀ ବିଜେପି ନେତା ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶ କରି ଏଭଳି ଷଡ଼ଯନ୍ତ୍ର ରଚନା କରୁଥିବା ଅନୁମାନ କରାଯାଉଛି। ଯାହାକୁ ନେଇ ଜନପ୍ରତିନିଧିମାନେ ନିଜର କ୍ଷୋଭକୁ ଜିଲ୍ଲା ପ୍ରଶାସନ ନଜରକୁ ଆଣିଛନ୍ତି। ଖୋଦ୍ ଦଶପଲ୍ଲା ବିଧାୟକ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ପୂର୍ତ୍ତ ଓ ସମବାୟ ବିଭାଗ ପକ୍ଷରୁ କରାଯାଇଥିବା ଶିଳାନ୍ୟାସ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ସୂଚନା ନଦିଆଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଜେପି ବିଧାୟକ ଓ ସାଂସଦଙ୍କ ଏଭଳି କଳୁଷିତ ରାଜନୀତି ଏବଂ ହୀନ ମନବୃତ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯେଉଁଠି ବିଜେପି ବ୍ଲକ ଅଧ୍ୟକ୍ଷାଙ୍କ କ୍ଷମତାକୁ ଗୌଣ କରିବାକୁ ଜୋରଦାର କସରତ କରାଯାଉଛି; ସେଠି ଅନ୍ୟ ଦଳରୁ ନିର୍ବାଚିତ ଜନପ୍ରତିନିଧିଙ୍କ ଅବସ୍ଥା କ'ଣ ହେଉଥିବା ତାହା ବେଶ ଅନୁମାନ ହେଉଛି। ଜିଲ୍ଲାପାଳ ଆସନ୍ତା ବୁଧବାର ଏନେଇ ଏକ ସମନ୍ୱୟ ବୈଠକ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହା ସହିତ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହେଉଛି। ନତୁବା ଜିଲ୍ଲାରେ ଭିନ୍ନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି।

**ସବୁଠି କୁହୁଳୁଛି ଅସନ୍ତୋଷ; ଜଟିଳ ହେବ ପରିସ୍ଥିତି**

**ଅଧିକାରୀ ସାଜୁଛନ୍ତି ବିଜେପି ନେତାଙ୍କ ବୋଲକରା**

## ହଜାରି ବରାଡ଼ଙ୍କ ସ୍ମୃତିସଭା




ନୟାଗଡ଼/ଶରଣକୁଳ, ୧୯।୭ (ସମିସ): ଶରଣକୁଳ ନିକଟ କଟରାଝରୀ ଗ୍ରାମର ମୁଖିଆ ହଜାରି ବରାଡ଼ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠିତ ହୋଇଯାଇଛି। ହଜାରି ନିଜ ମୃତ୍ୟୁ ପରେ ତାଙ୍କ ଶରୀର କଟକ ବଡ଼ ଡାକ୍ତରଖାନାକୁ ହସ୍ତାନ୍ତର କରି ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିବା ପାଇଁ ଇଚ୍ଛାପତ୍ର ସମ୍ପାଦିତ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ପବିତ୍ର ଇନ୍ଦ୍ରଜିତ ପିତାଙ୍କ ଶେଷ ଇଚ୍ଛା ପୂରଣ କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ନୟାଗଡ଼ ତଥା ସ୍ଥାନୀୟ ଅଞ୍ଚଳର ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ବୈଜ୍ଞାନିକ ବିଚାରଧାରାର ପ୍ରାଦେଶିକ ପ୍ରବକ୍ତା ଦେବେନ୍ଦ୍ର ସୂତାର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଅନ୍ଧବିଶ୍ୱାସ, କୁସଂସ୍କାର ବିରୁଦ୍ଧରେ ଏକ ବିଜ୍ଞାନ ସମ୍ମତ ବିଚାରଧାରାକୁ ଭିତ୍ତିକରି ସମାଜ ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହଜାରିଙ୍କ ପଦାଙ୍କ ଅନୁସରଣ କରି ଗ୍ରାମର ୨୦ ଜଣ ବ୍ୟକ୍ତି ମୃତ୍ୟୁପରେ ନିଜ ଶରୀରକୁ ଦାହ ନକରି ମେଡିକାଲ କଲେଜକୁ ପ୍ରଦାନ ନିମନ୍ତେ ଇଚ୍ଛାପତ୍ର ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ସାହୁ, ଅନାଦି ଚରଣ ମହାନ୍ତି, ପାଣ୍ଡବ ନାୟକ, ହରିଶ୍ଚନ୍ଦ୍ର ମିଶ୍ର, ଗୋଲକବିହାରୀ ମୁଦୁଲି, ବିଭୁପ୍ରସାଦ ମିଶ୍ର, ଆଲୋକ ପ୍ରଧାନ, କାମାକ୍ଷାପ୍ରସାଦ ଦାଶ, ସନ୍ତୋଷ କୁମାର ଷଡଙ୍ଗୀ, ଋଷି ପ୍ରଧାନ, ଦୀପକ ଜେନା, ମନୋଜ କୁମାର ମିଶ୍ର, ଅଧ୍ୟାପକ ଅନ୍ତର୍ଯ୍ୟାମୀ ଜେନା, ପରମାନନ୍ଦ ସ୍ୱାଇଁ, ସୁକାନ୍ତ କୁମାର ଚୌଧୁରୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପବିତ୍ର ଇନ୍ଦ୍ରଜିତ ଧନ୍ୟବାଦ ଅର୍ପଣ କରିଥିଲେ।

## ନରସିଂହପୁରରେ ପ୍ରଥମ ମାସିକ କ୍ଲଷ୍ଟର ବୈଠକ

ରଣପୁର, ୧୯।୭ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ନରସିଂହପୁର କ୍ଲଷ୍ଟର ଅନ୍ତର୍ଗତ ବ୍ରଜବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ମାସିକ କ୍ଲଷ୍ଟର ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକ ରଣପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଠକକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ ରାଜସୁନାଖଳାର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ଓ ରଣପୁର ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ଭ୍ରମରବର ତାଡ଼ ଶ୍ଳୋକ ଗାନ କରିଥିଲେ। କ୍ଲଷ୍ଟର ସଂଯୋଜକ ସୁଶୀଲ କୁମାର ରଣା ସ୍ୱାଗତ ଭାଷଣ ଦେଇ ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକରେ ଜୁଲାଇ ମାସର ଶିକ୍ଷାସମ୍ପର୍କିତ କ୍ୟାଲେଣ୍ଡର ଅନୁଯାୟୀ ଶିଶୁ ବାଟିକା କାର୍ଯ୍ୟ ପୁସ୍ତିକା ଓ ଶିକ୍ଷକ ସହାୟକ ପୁସ୍ତକ, ଜାତୀୟ ଶିକ୍ଷା ନୀତି ୨୦୨୦, ଜିଓ ବୋର୍ଡର ବ୍ୟବହାର, ବହୁ ଶ୍ରେଣୀ ଶିକ୍ଷାଦାନ ପ୍ରଣାଳୀ, ସମୟ ନିର୍ଘଣ୍ଟ ଓ ନମୁନା ପାଠଟିକା, ବିଦ୍ୟାଳୟ ବିକାଶ ଯୋଜନା ଓ ବିଦ୍ୟାଳୟ ନିରାପତ୍ତା ଯୋଜନା, ବିଦ୍ୟା ପ୍ରବେଶ ଇତ୍ୟାଦି ବିଷୟ ଉପରେ ଗଭୀର ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ବିଜୟ କୁମାର ତ୍ରିପାଠୀ ଶିଶୁ ବାଟିକା ଶିକ୍ଷାର ଗୁରୁତ୍ୱ, ପଞ୍ଚକୋଷ ବିକାଶ ଓ ବିକାଶର ଦିଗଗୁଡିକ ଉପରେ ଆଲୋଚନା ଦେଇଥିଲେ।ଏହି ବୈଠକରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ ଶିକ୍ଷଣ ସାମଗ୍ରୀ ବ୍ୟବହାର ଓ ଶିକ୍ଷା ଗୁଣାତ୍ମକତା ବୃଦ୍ଧି ବିଷୟରେ ଉପଦେଶ ଦେଇଥିଲେ। ବୈଠକ ଶେଷରେ ଜିଓ ବୋର୍ଡର ସଠିକ୍ ବ୍ୟବହାର, ସମୟ ନିର୍ଘଣ୍ଟ ପ୍ରସ୍ତୁତି, ଶିକ୍ଷଣ ସାମଗ୍ରୀ ବ୍ୟବହାର, ବିଦ୍ୟାଳୟ ନିରାପତ୍ତା ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ କୁଣ୍ଡ, ଆଶମଣୀ ସାମନ୍ତରାୟ, ସୁକାନ୍ତ ବେହେରା, ଭାଗବତ ଜେନା ପ୍ରମୁଖ ସହଯୋଗ କରିଥିବା ବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଚିନ୍ତା ପ୍ରକଟ କଲେ ପରିବେଶବିତ୍

## କାଦୁଅ ପାଇଁ ରୋଟ୍ଭର ମେସିନ ବ୍ୟବହାରକୁ ବିରୋଧ

ଭାପୁର, ୧୯।୭ (ସମିସ): ଧାନ ବିଲରେ ତଳି ପକାଇବା ଓ ତଳି ରୋଇବା ପାଇଁ ହେଉଥିବା କାଦୁଅ ସମୟରେ ଟ୍ରାକ୍ଟର ପଛରେ ରୋଟ୍ଭର ମେସିନ ବ୍ୟବହାର ଯୋଗୁଁ ଜୈବ ବିବିଧତା ନଷ୍ଟ ହେଉଛି। ଯାହାକୁ ସରକାର ବାରଣ କରିଥିଲେ ହେ ଗ୍ରାମାଞ୍ଚଳରେ ଏହା ବିନା ବାଧାରେ ବ୍ୟବହାର ହେବା ପରିବେଶବିତ ମାନଙ୍କୁ ଚିନ୍ତିତ କରିଛି। ବର୍ତ୍ତମାନ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ କିଛି ଦିନ ହେଲା ଭଲ ବର୍ଷା ହୋଇଥିବାରୁ ଚାଷୀମାନେ ବିଲରେ ତଳି ପକାଇବା ପାଇଁ କାଦୁଅ କରୁଛନ୍ତି। ଗାଁ ଗଣ୍ଡାରେ ତ ଆଉ ହଳ ବଦଳ ନାହିଁ। ସମସ୍ତେ ବର୍ତ୍ତମାନ ଟ୍ରାକ୍ଟର ଓ ପାୱାର ଟିଲର ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନ ଟ୍ରାକ୍ଟରରେ ପୂର୍ବରୁ ବ୍ୟବହୃତ ହେଉଥିବା କାଜୁଆଲ ମାଧ୍ୟମରେ ଆଉ କାଦୁଅ ନକରି ରୋଟ୍ଭର ଲଗାଇ କାଦୁଅ କରୁଛନ୍ତି। ଏହା ଫଳରେ ବିଲରେ ଥିବା ଜିଆ, କଙ୍କଡା, ସାପ, ବେଙ୍ଗ, ଗେଣ୍ଡା, ସାପ, ଗୋଧି ଓ କଇଁଛ ମରିଯାଉଛନ୍ତି। ଯେଉଁ ଜୀବମାନେ ଜମିକୁ ଉର୍ବର ରଖିବାରେ ସାହାର୍ଯ୍ୟ କରିଥାନ୍ତି। ରୋଟ୍ଭର ମାଧ୍ୟମରେ କାଦୁଅ କଲେ ଘାସ ଓ ଅନାବନା ଛୋଟ ଛୋଟ ଘାସ ସହଜରେ କାଦୁଅରେ ପାତି ପୋଚି ଯାଉଥିବାରୁ ଚାଷୀମାନେ ରୋଟ୍ଭରକୁ ଅଧିକ ଟଙ୍କା ଦେଇ ବିଲ କାଦୁଅ କରୁଛନ୍ତି। ମାତ୍ର ଏହି ରୋଟ୍ଭର ଯୋଗୁଁ ସମସ୍ତ ଉପକାରୀ ଜୀବମାନେ ମରିଯାଉଥିବାରୁ ପରିବେଶ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି। ଏହାର ବ୍ୟବହାର ଉପରେ ସରକାର ପ୍ରତିବନ୍ଧକ ଲଗାଇଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ କୃଷି ବିଭାଗ ଚୂପ ରହିବା ପରିବେଶବିତଙ୍କୁ ଚିନ୍ତିତ କରିଛି। ତୁରନ୍ତ ପ୍ରଶାସନ ଜହା ଉପରେ ପ୍ରତିବନ୍ଧକ ଲଗାଇବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।



### ଖେଳପଡ଼ିଆ ନିର୍ମାଣରେ ଅନିୟମିତତା

## ମାଟି ପକାଇ ୫ ଲକ୍ଷ ଟଳୁ ହୋଇଥିବା ସନ୍ଦେହ



ଗଣିଆ, ୧୯।୭ (ସମିସ): ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ କାକୁଡ଼ିଖୋଲଠାରେ ଥିବା ଆଦର୍ଶ ବିଦ୍ୟାଳୟ ଖେଳପଡ଼ିଆ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଉକ୍ତ ବିଦ୍ୟାଳୟର ଖେଳପଡ଼ିଆ ଉନ୍ନତି କରଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ କିମ୍ବା କାର୍ଯ୍ୟ ଶେଷ ତାରିଖ ଲେଖା ଯାଇନାହିଁ। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ପଡ଼ିଆରେ ମାଟି ଗଦାଇ ଖେଳପଡ଼ିଆର ଉନ୍ନତିକରଣ ହୋଇଥିବା ଜଣାପଡ଼ିଛି। ଖେଳପଡ଼ିଆ ନିର୍ମାଣ କରାଯାଇଥିବା ସ୍ଥାନରେ ବଡ଼ ବଡ଼ ପଥର ରହିଥିଲା। ସେହି ପଥର ଗୁଡ଼ିକୁ ସେଠାରୁ ବାହାର କରିବା ତ ଦୂରର କଥା ତା' ଉପରେ ମାଟି ପକାଇ ବି ସମାନ କରାଯାଇନାହିଁ। ଏହି ପଡ଼ିଆରେ ଏବେ ଛାତ୍ର ମାନେ କ୍ରିକେଟ ଖେଳୁଥିବା ବେଳେ ପଥର ଉପରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ପଡ଼ିଆଟିକୁ ସମାନ କରାଯାଇନଥିବାରୁ ଅନେକ ସ୍ଥାନରେ ଖାଲଖମା ଥିବା ସହିତ ପଥର ଗୁଡିକ ଅଧା ପୋତି ହୋଇରହିଛି। ଆଦର୍ଶ ବିଦ୍ୟାଳୟର ଖେଳପଡ଼ିଆ ଦେଖିଲେ ଏହା କେତେ ଆଦର୍ଶ ତାହା ସହଜରେ ଅନୁମାନ କରିହେଉଛି। ପିଲାମାନେ ଉପାୟଶୂନ୍ୟ ହୋଇ ସେହି ପଡ଼ିଆରେ କ୍ରିକେଟ ଫୁଟବଲ ଆଦି ଖେଳୁଛନ୍ତି। ଅନେକ ସମୟରେ ଗୋଡ଼ରେ ପଥର, ଗୋଡ଼ି ଗଳି ଯାଉଥିବା ପିଲାମାନେ ପ୍ରକାଶ କରିଛନ୍ତି। ତେବେ ଦଉଡା ଦଉଡ଼ି କଲାବେଳେ ଯଦି ଅସାବଧାନତା ବଶତ ପଥର ଉପରେ ପଡ଼ି କିଛି ବି ଅଘଟଣ ଘଟିବ ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଆଗକୁ ଅଗଷ୍ଟ ପନ୍ଦର ଥିବାରୁ ଏଠାରେ ପ୍ୟାରେଡ ଅଭ୍ୟାସ କରିବାକୁ ଅନେକ ଅସୁବିଧା ହୋଇପାରେ ବୋଲି ଛାତ୍ର ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କର ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଉକ୍ତ ଖେଳପଡ଼ିଆରେ ଥିବା ସମସ୍ୟାକୁ ସମାଧାନ କରିବାକୁ ଦାବି ହେଉଛି।

## ୭ ବର୍ଷର ଆଇନଗତ ଲଢ଼େଇ | ଚାକିରିରେ ଯୋଗ ଦେଲେ ଅଙ୍ଗନବାଡ଼ି କର୍ମୀ

ଭାପୁର, ୧୯।୭ (ସମିସ): ଗ୍ରାମବାସୀ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ପରିବାରକୁ ଗାଁରୁ ୭ ବର୍ଷ ପୂର୍ବେ ବାସନ୍ଦ କରିଥିଲେ। ଏହି କର୍ମୀଙ୍କୁ ଗ୍ରାମବାସୀ ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟ ମଧ୍ୟ କରାଇ ଦେଇନଥିଲେ। ନିଜର ହକ୍ ପାଇଁ ଦୀର୍ଘ ୭ ବର୍ଷ ହାଇକୋର୍ଟରେ ଲଢ଼େଇ କରି ଶେଷରେ ବିଜୟୀ ହୋଇ ଅଙ୍ଗନବାଡ଼ି କର୍ମୀ ଜଣଙ୍କ ଆଜି ଚାକିରିରେ ପୁନର୍ବାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ପଞ୍ଚାୟତ କୁରୁବେଙ୍ଗ ଗ୍ରାମରେ। ୨୦୧୮ ମସିହାରେ କୌଣସି ଏକ ଗ୍ରାମ୍ୟ ବିବାଦକୁ ନେଇ ସେହି ଗ୍ରାମର ଅଙ୍ଗନବାଡି କର୍ମୀ ରଞ୍ଜିତା ପାଇକରାୟଙ୍କ ପରିବାରକୁ ଗ୍ରାମବାସୀ ବାସନ୍ଦ କରିଥିଲେ। ରଞ୍ଜିତାଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢ଼ାଇବାକୁ ବାରଣ କରିଥିଲେ। ସେବେଠାରୁ ଏହି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ପଡ଼ୋଶୀ ଗୋବର୍ଦ୍ଧନପ୍ରସାଦ ଗ୍ରାମ ଅଙ୍ଗନବାଡି କେନ୍ଦ୍ରର ଜଣେ କର୍ମୀ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏ ନେଇ କର୍ମୀ ରଞ୍ଜିତା ନିଜର ହକ୍ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ ହାଇକୋର୍ଟ ନୟାଗଡ଼ ଉପଜିଲ୍ଲାପାଳଙ୍କୁ ସମାଧାନ ପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ସିଡିପିଓ ତୃପ୍ତି ମହାପାତ୍ର, ସୁପରଭାଇଜର ସନ୍ତୋଷିନୀ ପାଣି କୁରୁବେଙ୍ଗ ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମାଧାନ କରିଥିଲେ। ଏହି ସମାଧାନ ପରେ ଅଙ୍ଗନବାଡି କର୍ମୀ ରଞ୍ଜିତା ପାଇକରାୟ ଶନିବାର ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟ ଆରମ୍ଭ କରିଛନ୍ତି।



## ବଦଳିଲେ ଗଣିଆ ବିଡିଓ



ଗଣିଆ, ୧୯।୭ (ସମିସ): ଗଣିଆରେ କାର୍ଯ୍ୟରତ ବିଡ଼ିଓ ସାଗର କୁମାର ନନ୍ଦଙ୍କର ବଦଳି ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ଆଜି ୧୦ ଜଣ ବିଡିଓଙ୍କୁ ବଦଳି କରିଥିବା ବେଳେ ସେଥିରେ ଗଣିଆ ବିଡିଓଙ୍କୁ ମଧ୍ୟ ବଦଳି କରାଯାଇଛି। ଗଣିଆ ବିଡିଓ ଶ୍ରୀ ନନ୍ଦଙ୍କୁ ବାଲିକୁଦା, ଜଗତସିଂହପୁର ବଦଳି କରାଯାଇଥିବା ଜଣାପଡ଼ିଛି। ତାଙ୍କ ସ୍ଥାନରେ ନୂତନ ବିଡିଓ ଭାବେ କାହାକୁ ଦିଆଯାଇନାହିଁ। ଗତ ଫେବୃଆରୀ ମାସରେ ବିଡିଓ ଶ୍ରୀ ନନ୍ଦଙ୍କୁ ଗଣିଆ ବଦଳି କରାଯାଇଥିବା ବେଳେ ମାତ୍ର ୬ ମାସ ବ୍ୟବଧାନରେ ତାଙ୍କୁ ପୁଣି ବଦଳି କରିବା ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି।

## ସାମ୍ବାଦିକଙ୍କ ଅକାଳ ବିୟୋଗ



ଓଡ଼ଗାଁ, ୧୯।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜୟ ମଣ୍ଡପ ସାହିରେ ରହୁଥିବା ସାମ୍ବାଦିକ ନବକିଶୋର ପଣ୍ଡାଙ୍କ ଅକାଳ ବିୟୋଗରେ ଓଡ଼ଗାଁ ସାମ୍ବାଦିକ ସଂଘ ତରଫରୁ ଶୋକବ୍ୟକ୍ତ କରାଯାଇଛି। ଶରଣକୁଳ ଥାନା ପଞ୍ଚିରିଡା ମାନପୁରର ନବକିଶୋର ଏଇ କିଛି ମାସ ହେଲା ସେ ଓଡ଼ଗାଁରେ ରହୁଥିଲେ। ଶନିବାର ଅପରାହ୍ନରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଦାହ କରିବା ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିବା ଜଣାପଡ଼ିଛି।

## ଚାନ୍ଦପୁର ଅଞ୍ଚଳରେ ଜଣ୍ଡିସ ସଂକ୍ରମଣ

ରଣପୁର, ୧୯।୭ (ସମିସ): ଚାନ୍ଦପୁର ଥାନା ଅନ୍ତର୍ଗତ କନ୍ଧ ନୟାଗଡ଼, ଜେମାଦେଇପୁର, ଚାନ୍ଦପୁର ଓ ରାଇପଡ଼ା ଇତ୍ୟାଦି ଗ୍ରାମରେ ଜଣ୍ଡିସ ସଂକ୍ରମଣ ବ୍ୟାପିବାରେ ଲାଗିଛି। ବୟସ୍କଙ୍କ ଅପେକ୍ଷା ଛୋଟ ଶିଶୁ ମାନେ ଏଥିରେ ବହୁ ସଂଖ୍ୟାରେ ସଂକ୍ରମିତ ହେଉଛନ୍ତି। ଜଣ୍ଡିସିରେ ସଂକ୍ରମିତ ହୋଇ ଦୁଇଜଣ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ରାଇପଡ଼ା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଜଣ୍ଡିସିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ସଫାସୁତରା ରହିବା ସହିତ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯିବା ପାଇଁ କୁହାଯାଉଛି।

ଚାନ୍ଦପୁରସ୍ଥିତ ଇଂରାଜୀ ମାଧ୍ୟମ ଏଜି ମିଶନ ଘରୋଇ ସ୍କୁଲରେ ଶନିବାର କୋମଳ ମତି ଶିଶୁମାନେ ଏକ ଅବ୍ୟବସ୍ଥିତ ପରିବେଶ ମଧ୍ୟରେ ସେମାନଙ୍କ ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ଏହି ଶିଶୁମାନଙ୍କ ବୟସ ପାଞ୍ଚ ବର୍ଷରୁ କମ। ଶୌଚାଳୟ ଯିବା ରାସ୍ତାରେ ବସି ସେମାନେ ଖାଦ୍ୟ ଖାଉଛନ୍ତି। ଯେଉଁ ରାସ୍ତାଦେଇ ଅନ୍ୟମାନେ ଚପଲ ପିନ୍ଧି ଯିବା ଆସିବା କରୁଛନ୍ତି। ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଚାନ୍ଦପୁର ଅଞ୍ଚଳରେ ତିନି ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ଥିବା ହେତୁ ଏପରି ହୋଇଥିବା ସଫେଇ ଦେଇଥିଲେ। ପିଲାମାନଙ୍କ ସବୁ ସୁବିଧା ପାଇଁ ମୋଟା ଅଙ୍କର ଅର୍ଥ ଆଦାୟ ହେଉଛି ଅଥଚ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କାହିଁକି କରାଯାଇ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

### ପଞ୍ଚାୟତ ସମିତି ନବମ ସାଧାରଣ ଅଧିବେଶନ

## ଚାରାରୋପଣ ପାଇଁ ବ୍ୟୟ ଅର୍ଥର ତଦନ୍ତ ନିର୍ଦ୍ଦେଶ

ଓଡ଼ଗାଁ, ୧୯।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ନବମ ସାଧାରଣ ଅଧିବେଶନ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଣେ ସଭ୍ୟଙ୍କ ଅଭିଯୋଗ କ୍ରମେ ଅଧିବେଶନର ଆଲୋଚନାରେ ମୁଖ୍ୟ ପ୍ରସଙ୍ଗ ରୂପେ ସ୍ଥାନ ପାଇଥିବା ପଞ୍ଚରିଡ଼ା ବନାଞ୍ଚଳରେ ଗତ ୨୦୨୨-୨୩, ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ କାମ୍ପା, ଗ୍ରୀନ ଇଣ୍ଡିଆ, ଗ୍ରୀନ ମହାନଦୀ ମିଶନ, ମନରେଗା ଇତ୍ୟାଦି ଯୋଜନାରେ ଚାରା ଉତ୍ପାଦନ, ଚାରା ରୋପଣ ଏବଂ ତାର ସଂରକ୍ଷଣ ପାଇଁ ହୋଇଥିବା ବ୍ୟୟ ଅର୍ଥରେ କେତେ ପରିମାଣର ନୂତନ ଜଙ୍ଗଲ ସୃଷ୍ଟି ହୋଇଛି ଏବଂ ଅନ୍ୟାନ ଖର୍ଚ୍ଚର ତଦନ୍ତ ପାଇଁ ଏକ କମିଟି ଗଠନ କରି କମିଟି ମାଧ୍ୟମରେ ତଦନ୍ତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏତଦବ୍ୟତୀତ ସରକାରଙ୍କ ନିଷ୍ପତ୍ତି କ୍ରମେ ବ୍ଲକର ୧୫ କିମି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତରିତ କରିବା, ଜଳ ବିଭାଜିକା ଯୋଜନାରେ ଜଳ ସଂରକ୍ଷଣ ଓ ସିଞ୍ଚାଇ ଯୋଜନାର କାର୍ଯ୍ୟକାରୀତା ନେଇ ସମିକ୍ଷା କରିବା ଏବଂ ମନରେଗା ଯୋଜନା ଅନ୍ତର୍ଗତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ଗାଁ ବିଡିଓ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଏବଂ ଅନ୍ୟ ଲାଇନ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ପ୍ରତିନିଧି ମାନଙ୍କ ଅଭିଯୋଗ ଗୁଡ଼ିକର ସମାଧାନ କରିଥିଲେ। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତିନିଧି ଭାବେ ଲିଙ୍ଗରାଜ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଏବଂ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧିମାନେ ଯୋଗଦେଇ ଥିଲେ।




### ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ

## ବନ ବିଭାଗ କାର୍ଯ୍ୟକୁ ନେଇ ହୋହାଲ୍ଲା

ନୟାଗଡ଼, ୧୯।୭ (ସମିସ)




ନୟାଗଡ଼ ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ ହୋହାଲ୍ଲାରେ ଆରମ୍ଭ ହୋଇ ହୋହାଲ୍ଲାରେ ଶେଷ ହୋଇଛି। ବନବିଭାଗ କାର୍ଯ୍ୟକୁ ନେଇ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ନୟାଗଡ଼ ବନାଞ୍ଚଳ ପକ୍ଷରୁ କରାଯାଉଥିବା ବୃକ୍ଷରୋପଣ କାର୍ଯ୍ୟକୁ ନେଇ ବ୍ୟାପକ ଅସନ୍ତୋଷ ଦେଖାଯାଇଛି। ସଠିକ ଭାବେ ବୃକ୍ଷରୋପଣ ହେଉନଥିବା ଏବଂ କରାଯାଇଥିବା ବୃକ୍ଷରୋପଣ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଥିବା ନେଇ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସରୋଜ କୁମାର ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର ପ୍ରମୂଖ ଉପସ୍ଥିତ ରହିଥିଲେ। ନୟାଗଡ଼ ବିଡିଓ ଐଶ୍ୱର୍ଯ୍ୟା ଭୁୟାଁ ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ନେଇ ଆଲୋଚନା ହୋଇଥିଲା। ଏହା ସହିତ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀମାନେ ଦ୍ୱିତୀୟ କିସ୍ତି ଟଙ୍କା ପାଉନଥିବାରୁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ବନବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ବଣ୍ଟନ କରାଯାଇଥିବା ଚାରାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଧାୟକ ଡ. ସାହୁ ଏକ କମିଟି ଗଠନ କରି ବନବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ବ୍ଲକକୁ ଆସୁଥିବା ବିଭିନ୍ନ ଅନୁଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। କିଭଳି ଏହାକୁ ସୁବିନିଯୋଗ କରାଯିବ ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କୃଷି ସମସ୍ୟା ଆଲୋଚନା ସମୟରେ ଜନ ପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟରେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅବଗତ କରାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଏବଂ ସରପଞ୍ଚମାନେ ଯୋଗ ଦେଇଥିଲେ।

**ଅନ୍ତ୍ୟୋଦୟ ଗୃହ ଯୋଜନା ବିଲ୍ ମିଳୁନି**

**ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳରେ ଧ୍ରୁବ ଓ ଅଂଶୁମାନ**

# ବିପନ୍ନଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଦାବି

**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ)**

ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଜଳପତନ କିଛି ପରିମାଣରେ ହ୍ରାସ ପାଇଛି। ବନ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତରେ ସ୍ଥିତି ବେହାଲ ହୋଇଛି। ଚଳିତ ବନ୍ୟାରେ ଏହି ୩ଟି ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି। ମାଳିପୁରଠାରେ ରାସ୍ତା ଉପରେ ବନ୍ୟା ସ୍ରୋତ ଚାଲିଥିବାରୁ ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟା ପାଣି ଘେରରେ ରହି ବିପନ୍ନ ଲୋକେ ନର୍କ ଯନ୍ତ୍ରଣା ଭୋଗ କରୁଥିବାବେଳେ ବିଦ୍ୟୁତ ନ ଥିବାରୁ ଘନ ଅନ୍ଧକାର ମଧ୍ୟରେ ସ୍ଥିତି ସଂଗିନ ହୋଇପଡ଼ିଛି। ଯାତାୟାତ ଓ ପାନୀୟଜଳ ସମସ୍ୟା ଯୋଗୁଁ ଲୋକେ ଅସୁବିଧା ଭୋଗ କରୁଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ଯାତାୟାତ ପାଇଁ ଡ଼ଙ୍ଗା ଯୋଗାଇ ଦିଆଯାଇଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ସ୍ଥାନୀୟ ନେତୃମଣ୍ଡଳୀ ବନ୍ୟା ବିପନ୍ନ ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତ ଗସ୍ତ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ବିପନ୍ନ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ସାହୁ ବିପନ୍ନ ଲୋକଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହିତ ପ୍ରଶାସନ ବିପନ୍ନ ଲୋକଙ୍କ ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ସେହିପରି ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହିତ ବନ୍ୟା ବିପନ୍ନ ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତ ଗସ୍ତ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ବିପନ୍ନ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବନ୍ୟା ବିପନ୍ନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବନ୍ୟା ବିପନ୍ନ ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଭାସୁଥିବା ଖବର ଯୋଗୁଁ ଲୋକମାନେ ଭୟଭୀତ ହୋଇ ବନ୍ୟା ପାଣିରେ ପଶି ଯାତାୟାତ କରିବାକୁ ଭୟ କରୁଛନ୍ତି। ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି ଓ ଗୃହପାଳିତ ପଶୁ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି। ଗୃହପାଳିତ ପଶୁଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି।

## ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଲେ ଗଣେଶ୍ୱର



**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ):** କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପଟ୍ଟାମୁଣ୍ଡାଇ ବ୍ଲକ ବାଲିପଡ଼ା ପଞ୍ଚାୟତର ଖଡ଼ିପାଳ, ତଳବାଲିପଡ଼ା, ଉପରବାଲିପଡ଼ା, ଆଉଡ଼ିଆ ପ୍ରଭୃତି ଗ୍ରାମ ଓ ପଡ଼ାଗ୍ରାମ ଗସ୍ତ କରି ବନ୍ୟାସ୍ଥିତି ପରଖିବା ସହିତ ଓ ବିପନ୍ନଙ୍କ ଅବସ୍ଥା ବୁଲି ଦେଖିଥିଲେ। ସମ୍ପୂର୍ଣ୍ଣ ପଞ୍ଚାୟତର ଲୋକେ ଜଳବନ୍ଦୀ ଥିବାର ଦେଖିବାକୁ ପାଇଥିଲେ। ଗୃହପାଳିତ ପଶୁଙ୍କ ଖାଦ୍ୟ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବାରୁ ତୁରନ୍ତ ଗୋଖାଦ୍ୟ ଓ ୭ ଦିନର ରିଲିଫ ସାମଗ୍ରୀ ଯୋଗାଇବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ଅମୂଲ୍ୟ ପ୍ରଧାନ, ଅନିକାଶ ଲେଙ୍କା, ଲକ୍ଷ୍ମୀଧର ବାରିକ, ଗଙ୍ଗାଧର ନାୟକ, ସନ୍ତୋଷ ସାହୁ, ସୌରଭ ନାୟକ, ସୌମ୍ୟରଞ୍ଜନ ସାହୁ, ସୌମେନ୍ଦ୍ର ନାୟକ, ବିଶ୍ୱଜିତ ସାହୁ, ଶୁଭରଞ୍ଜନ ସାହୁ, ସରୋଜ ସାହୁ, ସଞ୍ଜୟ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ସାଇକ୍ରିଷ୍ଣା ଦାସ, ସରୋଜ ସ୍ୱାଇଁ, ଶୁଭମ୍ ନାୟକ, ରମେଶ ତରାଇ, ଟୁକୁ ପାତ୍ର, ସୁମିତ ଦାସ, ପପୁନି ନାୟକ, ପିଣ୍ଟୁ ନାୟକ, ଶୁମନ ନାୟକ, ପ୍ରତ୍ୟୁଷ ଦାସ, ଅଭିଜିତ ନାୟକ ଓ ତାପସ ନାୟକ ପ୍ରମୁଖ ସାମିଲ ଥିଲେ।

## ବନ୍ୟା ବିପନ୍ନଙ୍କୁ ରିଲିଫ ଓ ସରକାରୀ ସହାୟତା ଦାବି



**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ):** ବ୍ରାହ୍ମଣୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌର ପରିଷଦର ୯ଟି ୱାର୍ଡର ୭୦ ହଜାରରୁ ଅଧିକ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ବିପନ୍ନ ହୋଇଛନ୍ତି। ବିଭିନ୍ନ ଗ୍ରାମ ବନ୍ୟା ପାଣି ଘେରରେ ରହିଥିବାରୁ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କୁ ସରକାର ସାତ ଦିନର ରିଲିଫ ଯୋଗାଇ ଦେବା ସହିତ ଔଷଧ, ପିଇବା ପାଣି ଓ ଯାତାୟତ ପାଇଁ ଡଙ୍ଗାର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଦାବି କରିଛି। ପରିଷଦର ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡଭୋକେଟ୍ ଗୋପୀନାଥ ତ୍ରିପାଠୀ, ପ୍ରକାଶ ପାତ୍ର, ଚିତ୍ତରଞ୍ଜନ ମଲ୍ଲିକ, ଗୌରାଙ୍ଗ ଦାଶ, ପ୍ରତାପ ପ୍ରଧାନ ପ୍ରମୁଖ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ଭରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ଭେଟିଲେ ପୂର୍ବତନ ବିଧାୟକ



**ରାଜନଗର, ୧୯।୭ (ସମିସ):** ରାଜନଗର ବ୍ଲକରେ ବନ୍ୟା ପରିସ୍ଥିତି ଉଦବେଗଜନକ ରହିଛି। ଆଜିକୁ ୯ ଦିନ ଧରି ବନ୍ୟା ପାଣି କମିବା ପରିବର୍ତ୍ତେ ବଢ଼ୁଛି। ବ୍ଲକର ୫ଟି ପଞ୍ଚାୟତର ୨୦ଟି ଗାଁ ଏବେ ବନ୍ୟା ଘେରରେ ରହିଛି। ଗାଁ ଦାଣ୍ଡରେ ୪ରୁ ୬ ଫୁଟ ଉଚ୍ଚର ବନ୍ୟା ଜଳ ଲହଡ଼ି ମାରୁଛି। ଏପର୍ଯ୍ୟନ୍ତ ବିପନ୍ନଙ୍କ ନିକଟରେ କୌଣସି ସରକାରୀ ସୁବିଧା ପହଞ୍ଚି ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏପଟେ ବନ୍ୟା ଯୋଗୁଁ କୁମ୍ଭୀର, ସାପଙ୍କ ଭୟ ଘାରୁଥିବାବେଳେ ଶୁଖିଲା ଖାଦ୍ୟ ଓ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବନ୍ୟା ଜଳରେ ଫସିରହିଥିବା ବିପନ୍ନ ଲୋକଙ୍କୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଭେଟିବା ସହିତ ତୁରନ୍ତ ଆବଶ୍ୟକ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ସରକାରଙ୍କୁ ଦାବି କରିବା ସହ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଶ୍ରୀ ମହାନ୍ତି ଆଜି ରାଜପୁର, ବେଲପାଳ, ନଗଡ଼, ସନ୍ଥପଡ଼ା, ନଳଦିଆ, ଡାମରପୁର, ଶ୍ରୀରାମପୁର ବୁଲି ଲୋକଙ୍କୁ ଭେଟି ବନ୍ୟା ବିଷୟରେ ବୁଝି ଥିଲେ। ପୂର୍ବତନ ବିଧାୟକ ଶ୍ରୀ ମହାନ୍ତିଙ୍କ ସହିତ ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଜେନା, ଅରୁଣ ସାହୁ, ମାଗୁଣି ଲେଙ୍କା, ଅଶୋକ ବଳ, ରାକେଶ ମହାନ୍ତି, ରବୀନ୍ଦ୍ର ରାଉତ, ରଞ୍ଜନ ରାଉତ, ଦେବାଶିଷ ମହାନ୍ତି, ମାନସ ପ୍ରଧାନ, ସରୋଜ ଜେନା ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗସ୍ତ ପରେ ବନ୍ୟାଞ୍ଚଳକୁ ଗୋଖାଦ୍ୟ ପ୍ରଦାନ

**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ):** ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୯ଟି ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାର ଭୟାବହତା ଓ ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ବନ୍ୟା ବିପନ୍ନ ଧୋୟାଞ୍ଚଳର ବିଭିନ୍ନ ପଞ୍ଚାୟତ ଗସ୍ତ କରି ସ୍ଥିତି ଆକଳନ କରିବା ସହିତ ବିପନ୍ନ ଲୋକଙ୍କ ସହିତ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ ପ୍ରମୁଖ ପ୍ରଶାସନିକ ଅଧିକାରୀ ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ତେବେ ବିପନ୍ନ ଲୋକେ ପାଣି ଘେରରେ ଥିବାବେଳେ ଗୃହପାଳିତ ପଶୁଙ୍କ ଅବସ୍ଥା ବେହାଲ ହୋଇ ପଡ଼ିଛି। ଚାଷଜମିକୁ ଚାରିବାକୁ ଯାଇ ନ ପାରି ପଶୁମାନେ ଉପାସ ରହୁଛନ୍ତି। ବନ୍ୟା ସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ରିପୋର୍ଟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଇଁ ୧୦୪୫ କ୍ୱିଣ୍ଟାଲ ଗୋଖାଦ୍ୟ ମଞ୍ଜୁର କରାଯାଇଛି। ସେଥିମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ପାଇଁ ୮୭୯ କ୍ୱିଣ୍ଟାଲ ଓ ପୌରାଞ୍ଚଳ ପାଇଁ ୧୬୬ କ୍ୱିଣ୍ଟାଲ ଗୋଖାଦ୍ୟ ମଞ୍ଜୁର କରାଯାଇଥିବାବେଳେ ବଣ୍ଟନ ଆରମ୍ଭ ହୋଇଛି। ବ୍ଲକର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡ ସ୍ଥିତି ଦେଖି ପର୍ଯ୍ୟାୟକ୍ରମେ ଗୋଖାଦ୍ୟ ବଣ୍ଟନ କରାଯିବ ବୋଲି ବିଡିଓ ଅଶୋକ ମହାନ୍ତି ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

## କାଣୀନଦୀ ବନ୍ଧ ରାସ୍ତା ସୁଦୃଢ଼ୀକରଣ ଦାବି



**ଗୋବିନ୍ଦପୁର, ୧୯।୭ (ସମିସ):** ଆଳି ବ୍ଲକ ଅନ୍ତର୍ଗତ କାଣୀ ନଦୀବନ୍ଧର ଏରଡଙ୍ଗ ସେଠୀ ସାହିଠାରୁ ନାଟରା ବେହେରା ସାହି ପର୍ଯ୍ୟନ୍ତ କାଣୀ ନଦୀବନ୍ଧର ସୁଦୃଢ଼ୀକରଣ କରିବାକୁ ସ୍ଥାନୀୟଲୋକ ଦାବି କରିଛନ୍ତି। ମୋହନପୁର, କଳସପୁର ନଦୀବନ୍ଧର ସଂଯୋଗୀକାରଣ ସ୍ଥାନରେ ନିଚା ଥିବାରୁ କାଣୀ ନଦୀରେ ସାମାନ୍ୟ ବନ୍ୟା ଆସିଲେ ନଦୀବନ୍ଧ ରାସ୍ତା ବୁଡ଼ି ବନ୍ୟା ଜଳ ଗ୍ରାମକୁ ପ୍ରବେଶ କରୁଛି। ଫଳରେ ନଦୀ ପାର୍ଶ୍ୱରେ ବାସ କରୁଥିବା ପ୍ରାୟ ୧୦୦ ପରିବାର ଜଳବନ୍ଦୀ ହେଉଛନ୍ତି। ଏବେ ସାମାନ୍ୟ ବନ୍ୟାରେ ପାଣି ଘେରରେ ରହିଛନ୍ତି। ନଦୀବନ୍ଧ ସୃଦୃଢ଼ୀକରଣ କରିବାକୁ ସ୍ଥାନୀୟ ଲୋକେ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଳି ତଟବନ୍ଧ ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ସାହୁ କହିଛନ୍ତି, ଏହି ସ୍ଥାନ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ।

## ବୋହୂକୁ ନିର୍ଯାତନା ଅଭିଯୋଗରେ ଶାଶୂ, ଶଶୁର ଗିରଫ

**ରାଜକନିକା, ୧୯।୭ (ସମିସ):** ଗର୍ଭବତୀ ବୋହୂକୁ ଶଶୁର ଗୋଇଠା ମାରିବାରୁ ବୋହୂର ଗର୍ଭ ନଷ୍ଟ କରିବା ଅଭିଯୋଗରେ ପୁଲିସ ଶାଶୂ ଓ ଶଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜକନିକା ଥାନା ଅନ୍ତର୍ଗତ ବଡହଲୁପଡ଼ା ଗ୍ରାମର ସିଦ୍ଧାର୍ଥ ଦାସଙ୍କ ପତ୍ନୀ ତନୁଶ୍ରୀ ଗତକାଲି ରାଜକନିକା ଥାନାରେ ଏତଲା ଦେଇ ତାଙ୍କ ଶଶୁର ତାଙ୍କ ସହ ଝଗଡ଼ା କରି ତାଙ୍କୁ ଏକ ଗୋଇଠା ମାରିବାରୁ ତାଙ୍କର ୫ ମାସର ଗର୍ଭ ନଷ୍ଟ ହୋଇଥିବା ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଶଶୁର ଓ ଶାଶୂଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଆଜି ସେମାନଙ୍କ ବିରୋଧରେ ୩୭୫/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତନୁଶ୍ରୀ ମଲିକଙ୍କ ଶାଶୂ, ଶଶୁରଙ୍କ ସହ ମତଭେଦ ହେବାରୁ ବାପଘର ହଟିଆପଡ଼ାରେ ରହି ଚିକିତ୍ସିତ ହେଉଥିଲେ। ମାତ୍ର କିଛି ଜରୁରୀ କାଗଜପତ୍ର ଆଣିବାକୁ ଶାଶୂ ଘର ବଡହଲୁପଡ଼ାକୁ ଯାଇଥିବାବେଳେ ତାଙ୍କ ସହ ଶଶୁର ବିଚିତ୍ର ଦାସ, ଶାଶୂ ନନ୍ଦିନୀ ଦାସ ଝଗଡ଼ା କରିବା ସହ ଶଶୁର ତାଙ୍କୁ ଗୋଇଠା ମାରିଥିଲେ। ଶଶୁରଙ୍କ ଗୋଇଠା ମାଡ଼ରେ ବୋହୂ ତନୁଶ୍ରୀ ତଳେ ପଡ଼ି ଅଚେତ ହେବା ପରେ ଗୁରୁତର ଅବସ୍ଥାରେ ରାଜକନିକା ଓ ପରେ କେନ୍ଦ୍ରାପଡ଼ା ମେଡିକାଲକୁ ଯାଇ ଚିକିତ୍ସିତ ହେବା ପରେ ତାଙ୍କର ଗର୍ଭ ନଷ୍ଟ ହୋଇଥିବା ଅଭିଯୋଗ କରିଥିଲେ।

**ତ୍ରିପୁରାରିପୁର ଗ୍ରାମରେ ବଢ଼ୁଛି ଜଣ୍ଡିସ**

## ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରୀ ଟିମ୍‌ର ସ୍ଥିତି ଅନୁଧ୍ୟାନ

**ପଞ୍ଚୁପାଣ୍ଡବ, ୧୯।୭ (ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିପୁରାରିପୁର ଗ୍ରାମରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚାରିଦିନ ପୂର୍ବେ ଜଣ୍ଡିସ ଆକ୍ରାନ୍ତ ୯ ଜଣ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରୀ ଦଳ ଘରକୁ ଘର ଯାଇ ତଦନ୍ତ କରିଥିଲେ। ଆଜି ପୁଣି ପ୍ରଦୀପ ମଲିକଙ୍କ ଝିଅ ସଙ୍ଗୀତା ମଲିକ (୧୦) ଙ୍କୁ ଜଣ୍ଡିସ ହୋଇଥିବା ଜାଣି ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସୁଶ୍ରୀ ସୋନାଲି ସ୍ୱାଇଁଙ୍କ ନେତୃତ୍ୱରେ ସେକ୍ଟର ସୁପରଭାଇଜର ବନମାଳୀ ସାମଲ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁରେନ୍ଦ୍ର ମାଝୀ, ସମରାଇ ମାରାଣ୍ଡି, ପ୍ରଫୁଲ୍ଲ ଉପାଧ୍ୟାୟ, ମହିଳା ସ୍ୱାସ୍ଥ୍ୟ ଅଧିକାରୀ ମମତା ମଲିକ ଓ ଆଶା କର୍ମୀ ମିନତୀ ମଲିକ ପ୍ରମୁଖ ଆକ୍ରାନ୍ତଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଡାକ୍ତରୀ ଦଳ କହିଛନ୍ତି। ଚାରିଦିନ ତଳେ ଆକ୍ରାନ୍ତ ଥିବା ଛାତ୍ରଛାତ୍ରୀ ସୁସ୍ଥ ଥିବା ସ୍ଥାନୀୟ ଆୟୁଷମାନ ଆରୋଗ୍ୟ ମନ୍ଦିରର ସିଏଚ୍‌ଓ କହିଛନ୍ତି। ରୋଗୀଙ୍କ ସଂଖ୍ୟା ବଢ଼ୁଥିବାରୁ ଅଞ୍ଚଳର ଲୋକେ ଆତଙ୍କିତ ଅଛନ୍ତି।



## ଗୋସ୍ୱାମୀ ଅନମ ଚରଣ ଦାଶଙ୍କୁ ଜଗନ୍ନାଥ ସେବା ସମ୍ମାନ



**ଗରଦପୁର, ୧୯।୭ (ସମିସ):** ସନାତନ ଧର୍ମ ପାଇଁ ଦୀର୍ଘ ୫୦ ବର୍ଷ ଧରି ଅବିରତ ସେବାରେ ନିୟୋଜିତ ଥିବା ୮୩ ବର୍ଷୀୟ ବୃଦ୍ଧ ଗୋସ୍ୱାମୀ ଅନମ ଚରଣ ଦାଶଙ୍କୁ ରାଜସ୍ଥାନର ଜୟପୁରରେ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକର ବ୍ରହ୍ମପୁର ଗ୍ରାମର ବିଶିଷ୍ଟ ସନାତନ ଧର୍ମ ବେଦାନ୍ତ ଓ ପୌରାଣିକ ଆଚାର୍ଯ୍ୟ ଗୋସ୍ୱାମୀ ଅନମ ଚରଣ ଦାଶଙ୍କୁ ଜୟପୁର ରାଜସ୍ଥାନରେ ତାଙ୍କର ଦୀର୍ଘ ୫୦ ବର୍ଷର ଧାର୍ମିକ ସେବା ପାଇଁ ଗରିମାମୟ ସମ୍ମାନ ଦିଆଯାଇଛି। ଜଗନ୍ନାଥ ସେବକ ସମିତି, ଜୟପୁରଙ୍କ ଆମନ୍ତ୍ରଣରେ ସେ ସେଠାରେ ପହଞ୍ଚି ଏହି ସମ୍ମାନ ଗ୍ରହଣ କରିଛନ୍ତି।

ଜଗନ୍ନାଥ ସାଂସ୍କୃତିକ ମହୋତ୍ସବ ଉତ୍ସବରେ ରାଜସ୍ଥାନ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ ଓ ଅନେକ ଆଧ୍ୟାତ୍ମିକ ଗୁରୁ ଯୋଗ ଦେଇଥିଲେ। ଏ ଅବସରରେ ୨୫ ହଜାରରୁ ଅଧିକ ଭକ୍ତ ଉପସ୍ଥିତ ଥିଲେ। ସେମାନେ ବ୍ରଜ ନିଧି ମନ୍ଦିରରେ ଦିନନିଶା ଅଷ୍ଟପ୍ରହରୀ କୀର୍ତ୍ତନ, ମନ୍ତ୍ର ଉଚ୍ଚାରଣ ଓ ସତସଙ୍ଗରେ ଅଂଶଗ୍ରହଣ କରିଥିଲେ। ଗୋସ୍ୱାମୀ ଅନାମଙ୍କ ଦ୍ୱାରା ଉଚ୍ଚାରିତ 'ଜଗନ୍ନାଥ ସହସ୍ରନାମ' ଏକ ଭାବମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରାଜସ୍ଥାନ ସରକାରର ସଚିବ ଡ. କୃଷ୍ଣକାନ୍ତ ପାଠକ ତାଙ୍କୁ ସମ୍ମାନିତ କରି ଓଡ଼ିଶାରେ ସେ କରିଥିବା ୧୦୦୮ଟି ଅଷ୍ଟପ୍ରହରୀ ନାମଯଜ୍ଞ ଓ କୃଷ୍ଣଭକ୍ତି ପ୍ରଚାର କାର୍ଯ୍ୟ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ତାଙ୍କ ପୁତ୍ର ପ୍ରଫେସର କମଳାକାନ୍ତ ଦାଶ ତାଙ୍କର ଏହି ଧାର୍ମିକ ଅଭିଯାନରେ ସହଯୋଗୀ ଭାବେ ଉପସ୍ଥିତ ଥିଲେ। ସେମାନେ ଜଗନ୍ନାଥ ଲୀଳା ଓ ଜଗନ୍ନାଥ ଚେତନାକୁ ଦେଶର ଅନ୍ୟାନ୍ୟ ରାଜ୍ୟ ଓ ବିଦେଶରେ ପ୍ରଚାର କରିବାକୁ ସଂକଳ୍ପ ଗ୍ରହଣ କରିଛନ୍ତି। ବହୁ ବାଧାବିଘ୍ନ ସତ୍ତ୍ୱେ ଏହି ବାପାପୁଅ ଯୁଗଳ ଭାରତୀୟ ଆଧ୍ୟାତ୍ମିକ ଦାୟିତ୍ୱକୁ ଗ୍ରହଣ କରିଛନ୍ତି। ଗୋସ୍ୱାମୀ ଅନାମ ଏବେ ମାଦଳା ପାଞ୍ଜି ଓ ମୁକ୍ତି ମଣ୍ଡପ ସଭାର ଗବେଷଣା ଆଧାରରେ ଏକ ପୁସ୍ତକ ରଚନା କରୁଛନ୍ତି। ଯେଉଁଥିରେ ପୁରୀ ଶ୍ରୀମନ୍ଦିରର ପୂଜା ପଦ୍ଧତି, ସେବା ଦର୍ଶନ ଓ ତତ୍ତ୍ୱଭିତ୍ତିକ ଧାର୍ମିକ ଦୃଷ୍ଟିକୋଣକୁ ଉଜାଗର କରାଯିବ ବୋଲି ଗୋସ୍ୱାମୀ କହିଛନ୍ତି। ଏ ଉପଲକ୍ଷେ ତାଙ୍କୁ ଗୁଜରାଟ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ ଭଳି ଅନ୍ୟାନ୍ୟ ରାଜ୍ୟରୁ ଜଗନ୍ନାଥ ସତସଙ୍ଗ, କୀର୍ତ୍ତନ, ଆଧ୍ୟାତ୍ମିକ ଆଲୋଚନା ପାଇଁ ଆମନ୍ତ୍ରଣ ମିଳିଛି।

## ନବବଧୂ ହତ୍ୟା ଅଭିଯୋଗର ତଦନ୍ତ ଆରମ୍ଭ

**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଦା ପଞ୍ଚାୟତ କାଠିଆପଧା ଗ୍ରାମର ବିକ୍ରମ ପାଢ଼ୀଙ୍କ ପୁଅ ଶିବପ୍ରସାଦ ପାଢ଼ୀ ୬ ମାସ ପୂର୍ବେ ରାଜନଗର ଅଞ୍ଚଳର ଜୟଦେବ ପାଢ଼ୀଙ୍କ ଝିଅ କାବେରୀ ପାଢ଼ୀଙ୍କୁ ବିବାହ କରିଥିଲେ। ବିବାହର ୨ମାସ ପରେ ନବବଧୂ କାବେରୀଙ୍କୁ ଅଧିକ ଯୌତୁକ ପାଇଁ ଶାଶୂଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ କାବେରୀ ତାଙ୍କ ଭଉଣୀ ଓ ପରିବାରଙ୍କୁ ବାରମ୍ବାର ଫୋନ ଯୋଗେ ଜଣାଇ ଆସୁଥିଲେ। ଗତକାଲି ରାତିରେ କାବେରୀ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଆଜି ଶାଶୂଘର ଲୋକେ କାବେରୀଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଛାଡି ଦେଇ ଫେରାର ହେଇଯାଇଛନ୍ତି। ଅନ୍ୟପକ୍ଷରେ କାବେରୀଙ୍କ ଭଉଣୀ ଓ ପରିବାର ଲୋକ ମେଡିକାଲରେ ପହଞ୍ଚିବା ପରେ ମେଡିକାଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଉଦ୍ୟମ କରିବାବେଳେ ଲୋକମାନେ ଶବକୁ ଛାଡି ନ ଥିଲେ। ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ସ୍ଥାନୀୟ ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

**ପଟ୍ଟାମୁଣ୍ଡାଇ କଲେଜ ଛାତ୍ରୀ ସୌମ୍ୟାଙ୍କ ଆତ୍ମହତ୍ୟା ଘଟଣା**

## ଜାତୀୟ ମାନବିକ ଅଧିକାର ଆୟୋଗ କରିବେ ଶୁଣାଣି

**ପଟ୍ଟାମୁଣ୍ଡାଇ, ୧୯।୭ (ସମିସ):** ସମ୍ପ୍ରତି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କଲେଜ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ସାରା ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଥିବାବେଳେ ୫ ମାସ ପୂର୍ବେ ପଟ୍ଟାମୁଣ୍ଡାଇ କଲେଜ ଛାତ୍ରୀ ସୌମ୍ୟାଙ୍କ ଆତ୍ମହତ୍ୟା ଘଟଣା ମାମଲା ଏବେ ସାମ୍ନାକୁ ଆସିଛି। ଜାତୀୟ ମାନବିକ ଅଧିକାର ଆୟୋଗ ଏହି ମାମଲାର ଶୁଣାଣି କରିବେ। ଆସନ୍ତା ୨୧ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ଏହି ମାମଲାର ସ୍ୱତନ୍ତ୍ର ଭାବେ ଶୁଣାଣି କରାଯିବ। ପଟ୍ଟାମୁଣ୍ଡାଇ କଲେଜ +୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଆତ୍ମହତ୍ୟା ଘଟଣାକୁ ୫ ମାସ ବିତିସାରିଛି। ଏହି ହୃଦୟବିଦାରକ ଘଟଣାକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବ ସଂଘ ସଭାପତି ଗୌତମ ବେହେରା ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଏକ ମାମଲା ଡାଏରୀ ନମ୍ବର ୪୧୮ ୯/ଇନ/୨୦୨୫ ଦାୟର କରିଛନ୍ତି। ଛାତ୍ରୀ ସୌମ୍ୟାଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରିନାହିଁ। ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାର ୫ ମାସ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସାହାଣୀ କପ୍ ଫୁଟ୍‌ବଲ: ପ୍ରଥମ ମ୍ୟାଚ୍‌ରେ କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ ପାରାଦୀପ ବିଜୟୀ

**ରାଜକନିକା, ୧୯।୭ (ସମିସ):** ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସହଯୋଗରେ ରାଜକନିକାଠାରେ ଚାଲିଥିବା ୬୪ତମ ସିନିୟର ଆନ୍ତଃଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ କଟକ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୩-୦ ଗୋଲ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁରୀ ଓ ପାରାଦୀପ ପୋର୍ଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପାରାଦୀପ ୯-୨ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ଶୈଳେନ୍ଦ୍ର ସୂତାର, ସ୍ୱତନ୍ତ୍ର ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଏଡିଏମ ନବକ୍ରିଷ୍ଣା ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, କନିକା ତହସିଲଦାର ଭାନୁମତୀ ମାଝୀ, ଅତିରିକ୍ତ ତହସିଲଦାର ଦେବଲାଭ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୧୯।୭ (ସମିସ)**



କେନ୍ଦ୍ରାପଡ଼ା ସଦର ମହକୁମାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସର ସଫଳ ଆୟୋଜନ ନିମନ୍ତେ ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟଅତିଥି କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିବେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପ୍ରସ୍ତୁତି ବୈଠକ ବିବରଣୀ ପାଠ କରିଥିଲେ।

ସ୍ୱାଧୀନତା ଦିବସର କାର୍ଯ୍ୟସୂଚୀ ଅନୁଯାୟୀ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯିବ। ସକାଳ ୭.୩୦ ମିନିଟ୍ ସୁଦ୍ଧା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ଅବତରଣ କରିବେ। ସକାଳ ୯.୧୫ ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପରେ ମୁଖ୍ୟଅତିଥି ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟ ଓ କାରାଗାରରେ ରୋଗୀ ଓ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହିତ ଏହି ଜାତୀୟ ଦିବସକୁ ଶୃଙ୍ଖଳିତ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ବ୍ୟାଙ୍କ ଅଧିକାରୀ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମହିଳା ଗୁରତର

**ଆଳି, ୧୯।୭ (ସମିସ):** ମୂଳସାହି ଗ୍ରାମ ରାସ୍ତାରେ ଆଜି ରାତି ପ୍ରାୟ ସାଢ଼େ ୯ଟା ସମୟରେ ବାଇକ୍‌ରୁ ଖସି ପଡ଼ି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୂଳସାହି ଗ୍ରାମର ରିତାଞ୍ଜଳି ସେନାପତି (୪୬) ତାଙ୍କ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଗାଁକୁ ଫେରୁଥିବା ସମୟରେ ଗ୍ରାମ ଛକ ନିକଟରେ ହଠାତ ବାଇକ୍‌ଟି ଭାରସାମ୍ୟ ହରାଇବାରୁ ରିତାଞ୍ଜଳି ପଛ ପଟକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡର ପଛପଟ ମାଡ଼ ହୋଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଏକ ଅଟୋ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କର ଆଶୁ ଚିକିତ୍ସା କରାଇଥିଲେ। ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କର ଅଧିକ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ପଠାଇ ଦିଆଯାଇଥିଲା।

## ସହିଦ ରଘୁନାଥ ମହାନ୍ତିଙ୍କ ଜୟନ୍ତୀ



ଜଗତସିଂହପୁର,୧୯।୭(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସହିଦ ରଘୁନାଥ ମହାନ୍ତିଙ୍କ ୧୧୫ତମ ଜୟନ୍ତୀ ଜିଲ୍ଲା ସଦର ମହକୁମାର ଜୟବଡ଼ସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରଘୁନାଥ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିରେଖା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପରିଷଦର ସଭାପତି ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଶା ପ୍ରଜାମଣ୍ଡଳ ଆନ୍ଦୋଳନ କଥା ଆଲୋଚନାକୁ ଆସିଲେ ଯେଉଁ କେତେ ଜଣଙ୍କ ନାମ ସାମ୍ନାକୁ ଆସେ, ସେମାନଙ୍କ ମଧ୍ୟରୁ ସହିଦ ରଘୁନାଥ ମହାନ୍ତି ଅନ୍ୟତମ ବୋଲି ମତବ୍ୟକ୍ତ କରିଥିଲେ। ଦୁଇବନ୍ଧୁ ରଘୁ-ଦିବାକର ନାମରେ ସୁପରିଚିତ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିବାରୁ ବ୍ରିଟିଶ ସରକାର ୧୯୪୧ରେ ଏହି ଦୁଇ ବନ୍ଧୁଙ୍କୁ ଫାଶୀଦଣ୍ଡ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ, ସସ୍ମିତା ସାମଲ ଓ ଚିତ୍ରରେଖା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରଘୁନାଥ ମହାନ୍ତିଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଡିଆଇଇଟି ଜଗତସିଂହପୁରର ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଦୀପ ନାଥ ଧନ୍ୟବାଦ ଦେଇଥିଲେ।

## ଜରାଶ୍ରମକୁ ରୋଷେଇ ସରଞ୍ଜାମ ପ୍ରଦାନ



ପାରାଦୀପ,୧୯।୭(ସମିସ): ପେସାରେ ସେ ଜଣେ ଡାକ୍ତର କିନ୍ତୁ ନିଶା ତାଙ୍କର ସମାଜସେବା। ଦୁଃଖୀ ଲୋକଙ୍କ ଦରଦୀ ବନ୍ଧୁଟିଏ ସେ। ଦୀନଦରିଦ୍ରଙ୍କୁ ଦେଖିଲେ ସେ ତତ୍କ୍ଷଣାତ ବଢ଼ାଇ ଦିଅନ୍ତି ସାହାଯ୍ୟର ହାତ। ନିଜ ଚାକିରି ଜୀବନର ପାରିଶ୍ରମିକରୁ ସେ ସେମାନଙ୍କ ପାଇଁ ଖର୍ଚ୍ଚ କରିଦିଅନ୍ତି ଲକ୍ଷ ଲକ୍ଷ ଟଙ୍କା। ଏଭଳି ଜଣେ ଡାକ୍ତର ହେଉଛନ୍ତି କୁଜଙ୍ଗ ମେଡିକାଲର ସତ୍ୟଜିତ ପ୍ରଧାନ। ତାଙ୍କ ବାପା ମନୋରଞ୍ଜନ ପ୍ରଧାନ ପାରାଦୀପ ବାଲିଝରା ସନ୍ତୋଷୀ ଜରାଶ୍ରମର ଜଣେ ସ୍ଥାୟୀ ସଦସ୍ୟ ହୋଇଥିବାବେଳେ ବାପାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଏହି ଜରାଶ୍ରମକୁ ଆସିଥିଲେ ବୁଲିବାକୁ। ସେଠାରେ ୬୧ ଜଣ ଅନ୍ତେବାସୀଙ୍କ ଦୁଃଖ ଦେଖି ସେ ସାହାଯ୍ୟ କରିବାକୁ ମନ ବଳାଇଥିଲେ। ପ୍ରତିଦିନ ଜାଳେଣି କାଠର ଅଭାବ ପାଇଁ ରୋଷେଇ କରିବାକୁ ହଇରାଣ ହେଉଥିବା ଜରାଶ୍ରମକୁ ସେ ସମସ୍ତ ରୋଷେଇ ସରଞ୍ଜାମ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜି ସହକର୍ମୀଙ୍କ ସହ ନିଜ ବାପାଙ୍କୁ ଧରି ପହଞ୍ଚିଥିଲେ ଜରାଶ୍ରମରେ। ଅନ୍ତେବାସୀଙ୍କୁ ଚାରୋଟି ଗ୍ୟାସ ଟାଙ୍କି, ବଡ଼ ଚୁଲା ସହ ବଡ ବଡ ଡିସ୍ ଦାନ କରିଥିଲେ। ଏଥିସହିତ ପ୍ରତ୍ୟେକ ମାସରେ ଜରାଶ୍ରମକୁ ଦୁଇଟି ଗ୍ୟାସ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଡାକ୍ତର ପ୍ରଧାନଙ୍କ ଏଭଳି ସେବା ମନୋବୃତ୍ତି ପାଇଁ ଅନ୍ତେବାସୀ ଡଃ ପ୍ରଧାନଙ୍କ ଦୀର୍ଘାୟୁ କାମନା କରିଛନ୍ତି। ଲକ୍ଷାଧିକ ଟଙ୍କାର ରୋଷେଇ ସରଞ୍ଜାମ ପାଇଁ ଜରାଶ୍ରମର ଅନ୍ତେବାସୀ ଖୁସି ବ୍ୟକ୍ତ କରିଛନ୍ତି।

■ ପାରାଦୀପ ଟ୍ରକ୍ ମାଲିକ ସଂଘ ବିବାଦ

## ଲୋଡିଂରୁ ବଞ୍ଚିତ ମାଲିକଙ୍କ ଧାରଣା




ପାରାଦୀପ,୧୯।୭ (ସମିସ): ପାରାଦୀପ ଟ୍ରକ୍ ମାଲିକ ସଂଘ ବିବାଦ ଏବେ ଉଗ୍ରରୂପ ନେଇଛି। କର୍ମକର୍ତ୍ତାଙ୍କ ମନମାନି ଓ ପକ୍ଷପାତିତାକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି। ସଙ୍ଘ ମଧ୍ୟରେ ଥିବା ଦୁଇ ଗୋଷ୍ଠୀ ଏବେ ସକ୍ରିୟ ହୋଇଉଠିଛନ୍ତି। ତେବେ ଟ୍ରକ୍ ମାଲିକ ସଙ୍ଘରେ ଅନିୟମିତତାକୁ ନେଇ ଆଜି ସଙ୍ଘ ସମ୍ମୁଖରେ ଧାରଣାରେ ବସିଛନ୍ତି ଜଣେ ଟ୍ରକ୍ ମାଲିକ। ଗତ ନିର୍ବାଚନରେ ସେ ସଭାପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସଙ୍ଘ କର୍ମକର୍ତ୍ତାଙ୍କ ମନମୁଖୀ କାର୍ଯ୍ୟ ଓ ପ୍ରିୟାପ୍ରୀତି ତୋଷଣ ଏବେ ଚରମ ସୀମାରେ ପହଞ୍ଚିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଟ୍ରକ୍ ମାଲିକ ସଂଘର ଗତ ନିର୍ବାଚନରେ ସଭାପତି ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବିଭୁରଞ୍ଜନ ତରାଇ ସଙ୍ଘ ନିୟମ ଅନୁସାରେ ଲୋଡିଂ ସ୍ଲିପ ନେଇ ଆଇଓସିଏଲକୁ ଗାଡ଼ି ପଠାଇଥିଲେ। ମାତ୍ର ଗାଡ଼ି ପହଞ୍ଚିବା ପରେ ଆଇଓସିଏଲ ପରିବହନ ସଂସ୍ଥାର ଲୋଡିଂକୁ ବାତିଲ କରିଦେଇଥିଲେ। ଫଳରେ ଗାଡ଼ି ଦୁଇଦିନ ଧରି ସେଠାରେ ଛିଡା ହୋଇଥିଲେ ମଧ୍ୟ ସମ୍ପୃକ୍ତ ପରିବହନ ସଂସ୍ଥା ବିଭୁରଞ୍ଜନଙ୍କ ଗାଡ଼ିକୁ ଲୋଡ୍ ଦେଇ ନ ଥିଲେ। ମାତ୍ର ସଙ୍ଘ କର୍ମକର୍ତ୍ତା ଗାଡ଼ି ବିଳମ୍ବରେ ପଠାଇଥିବା ଦର୍ଶାଇ ଗାଡ଼ିକୁ ଲୋଡିଂ ଦେଉନାହାନ୍ତି। ଯାହାକୁ ନେଇ ବିଭୁରଞ୍ଜନ ସଙ୍ଘ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ସଙ୍ଘର ସଭାପତି ଆଲୋକ ପରିଡାଙ୍କୁ ପଚାରିବାରୁ ତାଙ୍କ ଧାରଣା ଭିତ୍ତିହୀନ। କୌଣସି ସତ୍ୟତା ନାହିଁ। ଆମେ କାଗଜପତ୍ର ପ୍ରସ୍ତୁତ କରି ରଖିଛୁ। ସେ ଆମ ନିକଟରେ ଏ ସମ୍ପର୍କରେ କୌଣସି ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି।

# ଦୁର୍ବୃତ୍ତର ଛୁରା ମାଡ଼ରେ ୨ ନାବାଳକ ଗୁରୁତର

ରଘୁନାଥପୁର/ଜଗତସିଂହପୁର, ୧୯।୭(ସମିସ):







ରଘୁନାଥପୁର ଥାନା ଚାନ୍ଦପୁର ଗ୍ରାମର ଜଣେ ଦୁର୍ବୃତ୍ତର ଛୁରା ମାଡ଼ରେ ସେହି ଗ୍ରାମର ୨ ନାବାଳକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଏହି ଗ୍ରାମର ଏନ. ମାରାଣ୍ଡିଙ୍କ ପୁଅ ଓମପ୍ରକାଶ ଓ ମନୋଜ ନାୟକଙ୍କ ପୁଅ ଆକାଶ। ଛୁରା ମାଡ଼ରେ ଓମପ୍ରକାଶଙ୍କ ପେଟରେ ଗଭୀର ଆଘାତ ଲାଗିଥିବାବେଳେ ଆକାଶଙ୍କ ବେକରେ ଆଘାତ ଲାଗିଛି। ୨ ନାବାଳକଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଓମପ୍ରକାଶ ଓ ଆକାଶ ନିକଟସ୍ଥ ଦୋକାନରୁ କୁରୁକୁରେ ନେଇ ଫେରୁଥିବାବେଳେ ହଠାତ ଉକ୍ତ ଗ୍ରାମର ବଟକୃଷ୍ଣ ଦାସଙ୍କ ପୁଅ ନିତ୍ୟାନନ୍ଦ ଓରଫ ବଳିଆ ଏକ ଛୁରୀରେ ୨ ନାବାଳକଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ପାଟି କରିବାରୁ ବଳିଆ ସେଠାରୁ ଫେରାର ହୋଇଯାଉଥିବା ସମୟରେ ଗ୍ରାମବାସୀ ଗୋଡାଇ ଗୋଡାଇ ବିଲ ମଧ୍ୟରୁ ତାକୁ ଧରିବାକୁ ସକ୍ଷମ ହୋଇଥିଲେ। ପରେ ପୁଲିସ ପହଞ୍ଚି ବଳିଆକୁ ଗିରଫ କରିବା ସହ ତା' ପାଖରୁ ଏକ ଧାରୁଆ ଛୁରି ଜବତ

### ଗ୍ରାମବାସୀ ଧରି ପୁଲିସ ଜିମାଦେଲେ

କରିଥିଲା। ବଳିଆ ୨୦୧୯ରେ ନିଜ ମାଆକୁ ନିଶାଦ୍ରବ୍ୟ ସେବନ ପାଇଁ ଟଙ୍କା ମାଗି ନିରାଶ ହେବାରୁ ଛୁରିରେ ନିଜ ମାଆକୁ ହତ୍ୟା କରିଥିଲା। ଗତ ଦେଢ଼ମାସ ତଳେ ଜେଲରୁ ଫେରି ପୁରୀସ୍ଥ ଏକ ହୋଟେଲରେ କାମ କରୁଥିଲା। ସେଠାରୁ ଚାଲିଆସି ଗତ ୪ ଦିନ ହେଲା ନିଜ ପୈତୃକ ଘରେ ରହୁଥିଲା। ରିପୋର୍ଟ ଲେଖାହେବ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ଜିଲ୍ଲା ମୁଖ୍ୟାଳୟରେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତିକୁ ପରିଷଦର ସ୍ୱାଗତ

ତିର୍ତ୍ତୋଲ,୧୯।୭(ସମିସ): ଓଡ଼ିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟ ନିକଟ ଡାକବଙ୍ଗଳା ଛକ ସଂଲଗ୍ନ ପାର୍କରେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ସାରଳା ଦାସଙ୍କ ପ୍ରଚାର ଓ ପ୍ରସାର କରୁଥିବା ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦର ମୁଖ୍ୟ ଲକ୍ଷ୍ୟ ସାକାର ହୋଇଥିବାରୁ ପରିଷଦ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଏଥିପାଇଁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପରିସରରେ ସ୍ଥାପିତ ହୋଇଥିବା ଅବିକଳ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ପାର୍କ ମଧ୍ୟରେ ସ୍ଥାପନ ହେବ। ଜଗତସିଂହପୁର ଜିଲ୍ଲାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ପରିଷଦର ସଭାପତି ସୁରେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିବୁଧ ମହାନ୍ତି, ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା, ସଂଗଠକ ପ୍ରଳୟ ପରିଜା, ସୁଶାନ୍ତ ପରିଜା, ଦେବବ୍ରତ ବାରିକଙ୍କ ସମେତ ବହୁ କବି, ସାହିତ୍ୟିକ, ଗବେଷକ, ଯୁବବର୍ଗ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ପାଇଁ ଜଗତସିଂହପୁର ବିଧାୟକ, ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

## କଟରା ସମିତିରେ ପଞ୍ଜୀକରଣ କରି ନ ପାରି ଫେରିଲେ ଚାଷୀ

ତିର୍ତ୍ତୋଲ,୧୯।୭(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରାସ୍ଥ ସନ୍ଥ ବିନୋବା କୃଷି ସମବାୟ ସମିତିରେ ଆଜି ଚଳିତ ଖରିଫ ଋତୁ ପାଇଁ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିବା ନିମନ୍ତେ ଚାଷୀଙ୍କୁ ପୂର୍ବରୁ ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା। ଆଜି ସକାଳୁ ସମିତି ବାହାରେ ପଞ୍ଜୀକରଣ ନିମନ୍ତେ ଚାଷୀଙ୍କ ଭିଡ଼ ଲାଗି ରହିଥିଲା। ସକାଳ ୧୦ଟାରେ ସମିତି କାର୍ଯ୍ୟାଳୟ ଖୋଲାଯାଇ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ କରିବା ପରେ ଆଗ ପଞ୍ଜୀକରଣ ନିମନ୍ତେ ଚାଷୀଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ଉପସ୍ଥିତ ଥଲେ ମଧ୍ୟ କୌଣସି ଫଳ ହୋଇଥିଲା। ଶେଷରେ ଚାଷୀ ଦୀର୍ଘ ସମୟ ଖରାରେ ଠିଆ ହୋଇ ପଞ୍ଜୀକରଣ କରି ନ ପାରି ନିରାଶ ମନରେ ଘରକୁ ଫେରିଥିଲେ। ଏହି ଘଟଣା ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଚାଷୀ କିପରି ସୁରୁଖୁରୁରେ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିପାରିବେ, ସେ ସମ୍ପର୍କରେ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି।

## ବିଭିନ୍ନ କ୍ଲଷ୍ଟର ପରିଦର୍ଶନ କଲେ ଅତିରିକ୍ତ ନିର୍ଦ୍ଦେଶକ

ବିରିଡ଼ି, ୧୯।୭(ସମିସ): ବିରିଡି ବ୍ଲକର ବିଭିନ୍ନ କ୍ଲଷ୍ଟର ବିଦ୍ୟାଳୟରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ସନାତନ ପଣ୍ଡା ପରିଦର୍ଶନ କରିଥିଲେ। ପ୍ରଥମେ ସେ ଜନତା ସରକାରୀ ଉପ୍ରା ବିଦ୍ୟାଳୟ ଯାଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ରଥଙ୍କୁ ବିଦ୍ୟାଳୟରେ ଶିକ୍ଷଣ ସୋପାନର ରେଜିଷ୍ଟର ମାଗିଥିଲେ। ସେ ରେଜିଷ୍ଟର ଦେବା ବଦଳରେ ବିଭିନ୍ନ ବାହାନା କରିବାରୁ ଏହା ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉ ନ ଥିବା କହି ବିରକ୍ତି ପ୍ରକାଶ କରିଥିଲେ। ସେହିପରି ବାଲିଆ କ୍ଲଷ୍ଟରର ସାରସ୍ୱତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ଦେଖି ତାଜୁବ ହୋଇଥିଲେ। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ବଂଶୀଧର ତ୍ରିପାଠୀ ସାରସ୍ୱତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଏହାର କାର୍ଯ୍ୟକାରୀ



କରାଯାଉ ନ ଥିବାରୁ ଡକ୍ଟର ପଣ୍ଡା ପ୍ରବଳ ବିରକ୍ତ ହୋଇଥିଲେ । ଏହାର ପୁନରାବୃତ୍ତି ଯେପରି ନ ହୁଏ ତାଗିଦ କରିଥିଲେ। ତେବେ ସିଆରସିସି ଆନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଓ ସୁଶାନ୍ତ ସାମଲଙ୍କ ଦ୍ୱାରା ନିଜ କ୍ଲଷ୍ଟରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ। ସେଠାରେ ଦୀର୍ଘସମୟ ରହି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଟ୍ୟାବର ବ୍ୟବହାର ଓ ଏହାର ଉପକାରିତା, ପିଲାଙ୍କ କ୍ଷେତ୍ରରେ ଏହାର ଉପଯୋଗିତା ବିଷୟରେ ପଚାରି ବୁଝିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ସାହୁ ଉକ୍ତ ଟ୍ୟାବ ଦ୍ୱାରା ପିଲାଙ୍କୁ କେଉଁ କେଉଁ ଶିକ୍ଷା ଦିଆଯାଉଛି, ସେ ସମ୍ପର୍କରେ ପ୍ରଞ୍ଜାଳ ଭାବେ ବୁଝାଇ ଦେବାରୁ ତାଙ୍କୁ ସାବାସୀ ଦେଇଥିଲେ। ଏଥିସହିତ ନୂତନ ଭାବେ ଖୋଲାଯାଇଥିବା ବାଲ୍ ବାଟିକା ଉପରେ ଗୁରୁତ୍ୱ ଦେଇଥିଲେ। ସିଆରସିସି ସୁଶାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ସ୍ଥଳକୁ ପରିଦର୍ଶନ କରି ଅନେକ ଉପାଦେୟ କଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ରଖି ପିଲାଙ୍କୁ ସଠିକ ଢଙ୍ଗରେ ପାଠ ପଢାଇବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହିତ ଜିଲ୍ଲା ତଥ୍ୟ ସଂଯୋଜକ ଚକ୍ରଜିତ ପରିଜା, ବ୍ଲକ ଶିକ୍ଷାଧିକାରୀ ମିହିର ପାଲ, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ପ୍ରକାଶ ଦାଶ, ରଞ୍ଜନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏକଦିବସୀୟ ଏସ୍‌ଡିଜି କର୍ମଶାଳା

ଜଗତସିଂହପୁର,୧୯।୭(ସମିସ): ନିଲେ ଝଣ୍ଡେୱାଲେ ଓପନ ୟୁନିଟ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଓ ଗ୍ରୀନ ପିରାମିଡର ମିଳିତ ଉଦ୍ୟମରେ ଜାହାନପୁରସ୍ଥ ସୋମନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏସଡିଜି (ସତତ୍ ବିକାଶ) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶତାଧିକ ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ, ସ୍କାଉଟ୍ ଓ ଗାଇଡ୍ସ କ୍ୟାଡେଟ୍, ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏସଡିଜିର ସତତ ବିକାଶ ଲକ୍ଷ୍ୟକୁ ସାକାର କରିବାରେ ଛାତ୍ରଛାତ୍ରୀ ତଥା ଯୁବ ଗୋଷ୍ଠୀଙ୍କ ଭୂମିକା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇ ତାକୁ କାର୍ଯ୍ୟରେ ଲଗାଇବା ପାଇଁ ପ୍ରେରଣା ଯୋଗାଇ ଦେବା। ଏହି କର୍ମଶାଳାରେ ୟୁନିଟ ଲିଡର ବିଜୟ ରଥ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାରେ ଆଧାତ୍ମିକ ଚେତନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ୟୁନିଟ୍‌ର ଭାରପ୍ରାପ୍ତ ରୋଭର ଲିଡର ଆଶୁତୋଷ ପଣ୍ଡା କିଭଳି ଭାବେ ଛାତ୍ରଛାତ୍ରୀ ନିଜର ଦୈନନ୍ଦିନ ଜୀବନରେ ଏସଡିଜିର ଲକ୍ଷ୍ୟକୁ ଚରିତାର୍ଥ କରିବାପାଇଁ କାର୍ଯ୍ୟ କରିବେ, ସେ ବିଷୟରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଜେନାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା।





ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଭାବଗ୍ରାହୀ ପ୍ରଧାନ, ସୁଶୀଲ ଦାସ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଯୋଗଦେଇ କର୍ମଶାଳାର କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରିଶେଷରେ ୟୁନିଟର ରୋଭର୍ ଭାଇଙ୍କ ଦ୍ୱାରା ସ୍ଥାନୀୟ ଗୀତା ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ବିଦ୍ୟାଳୟର ପୂର୍ବତନ ଛାତ୍ର ଗୋପବନ୍ଧୁ ରଥ ଓ ଉମାକାନ୍ତ ଓଝା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ୟୁନିଟର ଉପସଭାପତି ଅତୁଲ ବିକ୍ରମ ପ୍ରଧାନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ରୋଭର ମେଟ ସଂଗ୍ରାମ, କ୍ରାନ୍ତି, ସନ୍ତୋଷ, ରୁଦ୍ର, ଦୀପ୍ତି, ଆଶୁତୋଷ, ସୁବ୍ରତ, ନରେଶ, ସ୍ୱରାଜ, ଶୁଭାଶିଷ ପ୍ରମୁଖ ସହାୟତା କରିଥିଲେ।

## ପତରପଡ଼ା, ଫୁଲୁବେଲାରୀ, ବାଲିଯୋରିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ବାଲିକୁଦା,୧୯।୭(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ମରିଚପୁର ବରମୁଣ୍ଡଳୀ ପଞ୍ଚାୟତର ତିନି ପଡ଼ା ଗ୍ରାମ ପତରପଡ଼ା, ଫୁଲୁବେଲାରୀ ଓ ବାଲିଯୋରି ଗ୍ରାମର ଗ୍ରାମବାସୀ ୨୦୧୯ରେ ସେମାନଙ୍କ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଥିଲେ। ଏବେ ପୁଣି ଏହି ଦାବି କରାଯାଇଛି। ଗ୍ରାମର ଜନସଂଖ୍ୟା ଦୃଷ୍ଟିକୋଣରୁ ଏହା ରାଜସ୍ୱ ମାନ୍ୟତା ପାଇବା ପାଇଁ ଥିବା ସରକାରଙ୍କ ଗାଇଡ୍‌ଲାଇନଠାରୁ ଯଥେଷ୍ଟ ଅଧିକ। ଏହା ପଡ଼ା ଗ୍ରାମ ହୋଇଥିବା କାରଣରୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ପଞ୍ଚାୟତକୁ ଆସୁଥିବା ଅନୁଦାନ ମଧ୍ୟ ସେମାନଙ୍କ ଭାଗରେ କମ୍ ପଡୁଥିବାବେଳେ ଗ୍ରାମରେ ଥିବା ଗୋଚର, ଅନାବାଦୀ, ଶ୍ମଶାନ ଜମିର ସୁବିଧା ସେମାନଙ୍କୁ ଉପଲବ୍ଧ ହେଉନାହିଁ। ଏଣୁ ପ୍ରଶାସନ ଏହାର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଜିଲ୍ଲାପାଳ ବାଲିକୁଦା ତହସିଲଦାର ବିକାଶ ରଞ୍ଜନଙ୍କୁ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଆଜି ଅତିରିକ୍ତ ତହସିଲଦାର ପ୍ରତାପ କୁମାର ଜେନା, ଆରଆଇ ଦୀପ୍ତିରଞ୍ଜନ ମହାରଣା ଓ ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ଖଟୁଆଙ୍କ ସହ ଉକ୍ତ ୩ ଗ୍ରାମର ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ବିକାଶ ରଞ୍ଜନ କହିଛନ୍ତି, ଆଲୋଚନା ସକାରାତ୍ମକ ଥିଲା ଓ ସମସ୍ତ ଗ୍ରାମବାସୀ ସେମାନଙ୍କ ଗ୍ରାମ ରାଜସ୍ୱ ମାନ୍ୟତା ପାଇ ନଥିବା କାରଣରୁ ସେମାନେ ଯେଉଁ ସମସ୍ୟା ଭୋଗ କରୁଛନ୍ତି ତାହା କହିବା ସହ ଶୀଘ୍ର ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଆମେ ଏହି ୩ ଗ୍ରାମର ସମସ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବୁ।

## କେଳି ମଠରେ ସାଧୁସନ୍ଥ ସମ୍ମିଳନୀ

ବାଲିକୁଦା,୧୯।୭(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତର ତାଳଗାଁସ୍ଥ କେଳି ମଠ ମଠାଧିସ ବାବା ସିଦ୍ଧେଶ୍ୱର ମହାରାଜଙ୍କ ୭୭ତମ ଜୟନ୍ତୀ ପରିପ୍ରେକ୍ଷୀରେ ମଠ ପରିସରରେ ଓଡ଼ିଶା ସାଧୁସନ୍ଥ ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ମନୋଜ କୁମାର ଦାଶଙ୍କ ସଭାପତିତ୍ୱ ଓ ବାବା ସତ୍ୟାନନ୍ଦ ଦାଶ ମହାରାଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜରେ ଆଧ୍ୟାତ୍ମିକ ମାର୍ଗ ଅନୁସରଣ ହିଁ ଜୀବନର ସାର୍ଥକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମଠର ବାବାଜୀ ସୀତାରାମ ଦାଶ, ମହନ୍ତ ମଦନ ମୋହନ ଦାଶ, ବାବାଜୀ ସନାତନ ଦାଶ, ବାବାଜୀ ସତ୍ୟଚୈତନ୍ୟ ଦାଶ, ବାବାଜୀ ଗୌରାଙ୍ଗ ଚରଣ ଦାଶ, ବାବାଜୀ ଗିରିଜା ନନ୍ଦ ପର୍ବତ, ବାବାଜୀ ଜଗନ୍ନାଥ ଦାଶ, ମହନ୍ତ ଦିବ୍ୟକୃଷ୍ଣ ଦାଶ, ବାବାଜୀ ହିରଣ୍ୟ ଦାଶ, ଅଧିକାରୀ ଦିବ୍ୟକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଭକ୍ତଙ୍କୁ ଈଶ୍ୱରଙ୍କ ସରଣାପନ୍ନ ହେବାର ମାର୍ଗ ସମ୍ପର୍କରେ ବୁଝାଇଥିଲେ। ଏ ଅବସରରେ ବାବା ସିଦ୍ଧେଶ୍ୱର ଦାଶଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘାୟୁ କାମନା କରାଯାଇଥିଲା।

## ଅଳଙ୍କାର ବ୍ୟବସାୟୀଙ୍କୁ ସଚେତନ କଲେ ଏସ୍‌ଡିପିଓ

ଜଗତସିଂହପୁର,୧୯।୭(ସମିସ): ଜଗତସିଂହପୁର ସହରରେ ଥିବା ଅଳଙ୍କାର ଦୋକାନର ମାଲିକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇଛନ୍ତି ନୂଆକରି ସଦର ଏସ୍‌ଡିପିଓ ଭାବେ ନିଯୁକ୍ତି ପାଇଥିବା ଆଜିଙ୍କ୍ୟା ବାବୁରାଓ ମାନେ। ଜଗତସିଂହପୁର ସଦର ଥାନା ପରିସରରେ ଆୟୋଜିତ ଏହି ସଚେତନତା ବୈଠକରେ ସହରର ସମସ୍ତ ଅଳଙ୍କାର ବ୍ୟବସାୟୀ ଯୋଗ ଦେଇଥିଲେ। ଅଳଙ୍କାର ଦୋକାନ ଭିତର ଓ ବାହାରେ ସିସିଟିଭି ଲଗାଇବା ସହିତ ଦୋକାନରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ପରିଚୟ ପତ୍ର ଭଲ ଭାବେ ଯାଞ୍ଚ କରିବାକୁ ଏସ୍‌ଡିପିଓ ପରାମର୍ଶ ଦେଇଥିଲେ। ଯଦ୍ୱାରା କୌଣସି ଅପରାଧମୂଳକ ଘଟଣା ଘଟିଲେ ତଦନ୍ତ ପାଇଁ ଏହି ସିସିଟିଭି ଫୁଟେଜ୍ ସହାୟତା ପ୍ରଦାନ କରିପାରିବ। ସେହିପରି ଦୋକାନକୁ ଆସୁଥିବା ଯେକୌଣସି ଗ୍ରାହକ ଉପରେ ସନ୍ଦେହ ହେଲେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ ଶ୍ରୀ ମାନେ ପରାମର୍ଶ ଦେଇଥିଲେ। ବିଶେଷକରି କୌଣସି ବ୍ୟକ୍ତି ଯଦି ସ୍ୱର୍ଣ୍ଣ ଅଳଙ୍କାର ବିକ୍ରି କରିବାକୁ ଆସନ୍ତି, ତେବେ ତାଙ୍କ ପରିଚୟ ଓ ସମ୍ପୂର୍ଣ୍ଣ ବିବରଣୀ ରେଜିଷ୍ଟରରେ ଲିପିବଦ୍ଧ କରି ରଖିବାକୁ ସମସ୍ତ ଅଳଙ୍କାର ବ୍ୟବସାୟୀଙ୍କୁ କୁହାଯାଇଥିବା ଶ୍ରୀ ମାନେ ସୂଚନା ଦେଇଛନ୍ତି।



# ତରଡ଼ାପଡ଼ା ଦଳିତ ସାହି ଓ ସାଁପୁର-ନିମାପଡ଼ା ରାସ୍ତା ଦେଖିଲେ ବିଧାୟକ

ଜଗତସିଂହପୁର,୧୯।୭(ସମିସ):

ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ତରଡ଼ାପଡା ପଞ୍ଚାୟତ ବଡ଼ଲହଙ୍ଗା ଗ୍ରାମର ଦଳିତ ସାହିକୁ ଭଲ ରାସ୍ତା ନାହିଁ। ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଦାବି ପରେ ମଧ୍ୟ ମାଟି ମୁଠେ ପଡି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଠାରେ ରହୁଥିବା ୧୫ ପରିବାର ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସଦର ବିଡିଓ ଆଶୁତୋଷ ମିଶ୍ରଙ୍କୁ ନେଇ ସେହି ସ୍ଥାନ ପରିଦର୍ଶନ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଏଥିସହ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ମଧ୍ୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ବିଶ୍ୱଜିତ ଦାସ, ରମେଶ ଦାସ, ଦିଲ୍ଲୁ ଦାସ, ସୁମନ୍ତ ପାଲ, ତାପସ ପୃଷ୍ଟି, ବିଟୁଲ ବିଶ୍ୱାଳ ଓ ନିହାର ବାରିକ ଉପସ୍ଥିତ ଥିଲେ। ସେହିପରି ସାଁପୁର ପଞ୍ଚାୟତର ମଖି ଓ ନିମାପଡା ଗ୍ରାମବାସୀ ନିର୍ଭର କରୁଥିବା ରାସ୍ତାର ମାଁ ବୁଢ଼ୀ ଜାଗୁଲାଇ ମନ୍ଦିର ପାଖରେ କିଛି ଖଳ ପ୍ରକୃତିର ଲୋକଙ୍କ ପାଇଁ ବନ୍ଦ ହୋଇପଡ଼ିଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ମିଳିବା ପରେ ଆଜି ବିଧାୟକ ଶ୍ରୀ ଦାସ ବିଡିଓ ଓ ତହସିଲଦାରଙ୍କ ସହିତ ଉକ୍ତ ଅଞ୍ଚଳକୁ ଯାଇ ରାସ୍ତା ପରିଦର୍ଶନ କରିଥିଲେ। ସମସ୍ତ ପ୍ରସଙ୍ଗରେ ଗ୍ରାମବାସୀଙ୍କଠାରୁ ପଚାରି ବୁଝିବା ପରେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସହିତ ରାସ୍ତା ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



**ନଡପୁର ପଞ୍ଚାୟତରେ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ**

# ତଥ୍ୟ ଲୁଚାଉଛି ପ୍ରଶାସନ; ୧୫ ଦିନରେ ତଥ୍ୟ ଦେବାକୁ ନିର୍ଦ୍ଦେଶ

ବେତନଟୀ,୧୯।୭(ସମିସ):

ନଡପୁର ପଞ୍ଚାୟତ ଅଧୀନ ଶିଳପୁରିଆ ଓ ଟିକରଗଡିଆ ପ୍ରାଇମେରୀ ସ୍କୁଲରେ ସୋଲାର ପ୍ୟାନେଲ, ୱାଟର ସପ୍ଲାଏ ସିଷ୍ଟମ, ପାଇପ୍ ଲାଇନ୍ ଏବଂ ଓଭରହେଡ୍ ଟ୍ୟାଙ୍କ ସ୍ଥାପନା ନାଁରେ ମିଥ୍ୟା ବିଲ୍ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଏକ ଅଭିଯୋଗ ସାମ୍ନାକୁ ଆସିଛି। ସମାଜସେବୀ ତଥା ଚାଷୀ ନେତା ପ୍ରଶାନ୍ତ କରଣ ସୂଚନା ଅଧିକାର ଆଇନ ବଳରେ ଏହି ଦୁର୍ନୀତିର ତଥ୍ୟ ପାଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ଦୁଇଟି ସ୍କୁଲରେ ପୂର୍ବରୁ ପାଇପ୍ ଲାଇନ୍, ୱାଟର ୱାରିଂ, ବୋରିଂ ଓ ଓଭରହେଡ୍ ଟ୍ୟାଙ୍କ ସ୍ଥାପନା ହୋଇସାରିଥିଲା। କେବଳ ୩ଟି ସୋଲାର ପ୍ୟାନେଲ, ଗୋଟିଏ ଇନଭର୍ଟର ଓ ଗୋଟିଏ ବ୍ୟାଟେରୀ ଲଗାଇ ୩.୫ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତା ସମ୍ପର୍କରେ ଜାଣିବା ପରେ ଶ୍ରୀ କରଣ ନଡପୁର ଗ୍ରାମ ପଞ୍ଚାୟତ ଅଫିସ୍‌ରେ ପଚାରିବୁଝିଥିଲେ; କିନ୍ତୁ ତାଙ୍କୁ ସନ୍ତୋଷଜନକ ଉତ୍ତର




ମିଳିନଥିଲା। ଏହାପରେ ସେ ବେତନଟୀ ବ୍ଲକକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସ୍ପଷ୍ଟ ତଥ୍ୟ ମିଳିନଥିଲା। ଏହି ଅନିୟମିତତାର ତଦନ୍ତ ପାଇଁ ସେ ୧୮ ନଭେମ୍ବର ୨୦୨୨ରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିଥିଲେ; କିନ୍ତୁ କୌଣସି ସୁଫଳ ମିଳିନଥିଲା। ପରେ ୨୨ ଫେବୃଆରୀ ୨୦୨୩ରେ ସେ ପ୍ରଥମ ଅପିଲ ଦାଖଲ କରିଥିଲେ, ତଥାପି ବ୍ଲକ ପ୍ରଶାସନ କୌଣସି ତଥ୍ୟ ଦେଇନଥିଲେ। ଫଳରେ ସେ ବାଧ୍ୟ ହୋଇ ଦ୍ୱିତୀୟ ଅପିଲ କରିଥିଲେ। ଏହାର ଫଳସ୍ୱରୂପ, ୨୧ ଜୁନ ୨୦୨୫ରେ ଭୁବନେଶ୍ୱରସ୍ଥିତ ତୋଷାଳି ଭବନରୁ ଚିଠି ନମ୍ବର ୭୧୭/୨୩ ମାଧ୍ୟମରେ ବାରିପଦାର ଏନଆଇସି ଅଫିସ୍‌ରେ ଭର୍ଚୁଆଲ ଶୁଣାଣି ଗତ ୯ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ବେତନଟୀ ବ୍ଲକର ସହକାରୀ ବ୍ଲକ ଡେଭେଲପମେଣ୍ଟ ଅଫିସର ଗଗନ ବେହେରା ଉପସ୍ଥିତ ରହି ବ୍ଲକର ପକ୍ଷ ରଖିଥିଲେ। ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ବେତନଟୀ ବ୍ଲକ କୌଣସି ସୂଚନା ଯୋଗାଇ ନ ଥିବାରୁ ବିଚାରପତି ବିରକ୍ତ ହୋଇଥିଲେ। ସେ ଗଗନ ବେହେରାଙ୍କୁ ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ଅମାନ୍ୟ ହେଲେ ବ୍ଲକ ପ୍ରଶାସନକୁ ଜରିମାନା ଦେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଥିସହ ପୂର୍ବତନ ପବ୍ଲିକ ଇନଫର୍ମେସନ ଅଫିସର ଆକାଶ ପଣ୍ଡାଙ୍କୁ ନୋଟିସ୍ ଜାରି କରାଯାଇଛି।

**■ ପିଏମ୍ ପୋଷଣ ଯୋଜନାରେ ଚାଉଳ ହେରଫେର ଘଟଣା**

## ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍, ବିଧାୟକଙ୍କ କାର୍ଯ୍ୟାନୁଷ୍ଠାନ ଦାବି


ସକାଳ THE SAKALA

ପିଏମ୍ ପୋଷଣ ଯୋଜନାରେ ୨୦ କୋଟି ହେର୍‌ଫେର !

କେନ୍ଦୁଝର/ତୁରୁମୁଙ୍ଗା, ୧୯।୭(ସମିସ): କେନ୍ଦୁଝର ଜିଲ୍ଲାରେ ପରିଚାଳିତ ପିଏମ ପୋଷଣ (ଏମଡିଏମ) ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଶନିବାର ସକାଳରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ବିଧାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତିରେ ଦୋଷୀଙ୍କୁ କାର୍ଯ୍ୟାନୁଷ୍ଠାନ ବାବଦରେ କହିଛନ୍ତି। ନିରୀହ, ଗରିବ କୋମଳମତି ଶିଶୁ ମାନଙ୍କର ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣାକୁ ଗୁରୁତ୍ୱର ସହିତ ନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରି ପଦକ୍ଷେପ ନେବାକୁ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଟ୍ୱିଟରବୟ ଭାବେ ପରିଚିତ ବିକ୍ରମ କେଶରୀ ମହାନ୍ତ "ସକାଳ'ରେ ପ୍ରକାଶିତ ରିପୋର୍ଟକୁ ମୁଖ୍ୟମନ୍ତ୍ରୀଙ୍କ ଏକ୍ସରେ ପୋଷ୍ଟ କରି କାର୍ଯ୍ୟାନୁଷ୍ଠାନ ନିବେଦନ କରିଛନ୍ତି।

## ୫୦ ଘର ଭାଙ୍ଗିଲେଣି ହାତୀ; ବନ ବିଭାଗ ନିରୂପାୟ

ଚମ୍ପୁଆ, ୧୯।୭(ସମିସ): ଚମ୍ପୁଆ ବନାଞ୍ଚଳରେ ୨୭ଟି ହାତୀ ଥିବା ଏକ ଦଳ ମଧ୍ୟରୁ ୧୮ ଟି ହାତୀ ଗୋଟିଏ ଗୋଠରେ ରହି ଘର ଭାଙ୍ଗି ଚାଲିଛନ୍ତି। ବନ ବିଭାଗ ଲୋକଙ୍କୁ ସୁରକ୍ଷା ଯୋଗାଇ ପାରୁନାହିଁ। ହାତୀ ଗୋଠଖଣ୍ଡିଆ ହୋଇ ଗ୍ରାମଗୁଡିକରେ ଘୋର ଆତଙ୍କ ଖେଳାଇ ଚାଲିଛନ୍ତି। ଦିନସାରା ଜଙ୍ଗଲ ମଧ୍ୟରେ ଥିବା ପୋଖରୀରେ ଜଳ କ୍ରୀଡ଼ା କରୁଛନ୍ତି। ଚମ୍ପୁଆ ବନାଞ୍ଚଳ ତଥା ଚମ୍ପୁଆ ସେକ୍ସନର ଫରେଷ୍ଟର ଜ୍ୟୋତିରୂପା ପାଣିଙ୍କ କହିବା ଅନୁଯାୟୀ ଶାତହଳିଆ ଜଙ୍ଗଲରେ ରହିଥିବା ୧୮ ଗୋଟିଆ ହାତୀ ପଲ କେବଳ ଧାନ ଚାଷ ନଷ୍ଟ କରୁଥିବା ବେଳେ ୨୭ ଗୋଠିଆ ହାତୀ ପଲ ଘର ଭାଙ୍ଗି ଚାଲିଛନ୍ତି। ଚମ୍ପୁଆ ବନାଞ୍ଚଳର ବରାବାଡିଆ ଅଞ୍ଚଳରେ ୧୭ଟି ଘର ଭାଙ୍ଗିଥିବା ବେଳେ ପତଳା ଗ୍ରାମରେ ୬ଟି, ରଜିଆ ଗ୍ରାମରେ ୫ଟି, କୃଷ୍ଣପୁର ଗ୍ରାମରେ ୨ଟି, ଶଶାଙ୍ଗ ଗ୍ରାମରେ ୨ଟି, ସରେଇ ଗ୍ରାମରେ ୧ଟି ଓ ଟୁଣ୍ଡୁଟୁଣା ଗ୍ରାମରେ ଚଳିତ ମାସରେ ୧୫ଟି



ଘର ଭାଙ୍ଗିଥିବା କହିଛନ୍ତି। ବିଶେଷ ଭାବରେ ଚାଷୀମାନେ ଲଗାଇଥିବା ଧାନ ତଳି ଓ ଖାରାଟିଆ ଧାନ ଏଥିରେ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ କି, ପୂର୍ବ ବର୍ଷ ଅପେକ୍ଷା ଚଳିତ ମାସରେ ଚମ୍ପୁଆ ସେକ୍ସନରେ ଘର ପରେ ଘର ଉଜୁଡି ଯାଉଛି। ଭାଙ୍ଗି ଯାଇଥିବା ଘର ଗୁଡିକୁ ବନ ବିଭାଗ ପକ୍ଷରୁ ପଲିଥିନ ଯୋଗାଉଥିଲେ ମଧ୍ୟ ଲଗାଣ ବର୍ଷା ଫଳରେ ହାତୀ ଦ୍ୱାରା ଭାଙ୍ଗି ଯାଇଥିବା ଘର ପରିବାରଗୁଡିକ ନାହିଁ ନଥିବା ହିନସ୍ତା ହେଉଛନ୍ତି। ଏହାକୁ ନେଇ ଆଦିବାସୀ ଗ୍ରାମ ଗୁଡିକରେ ଅଷନ୍ତୋଷ ତୀବ୍ରତର ହେବାକୁ ଲାଗିଥିବା ବେଳେ ରାତି ହେଲେ ହାତୀ ପାଇଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏହି ହାତୀପଲ କିପରି ଘର ନଭାଙ୍ଗି ପାରିବେ ତଥା ଲୋକଙ୍କ ଧନଜୀବନର କ୍ଷୟକ୍ଷତି କିପରି ରୋକା ଯାଇପାରିବ ସେନେଇ ବନଖଣ୍ଡ ଅଧିକାରୀ ଓ ଜଙ୍ଗଲ ବିଭାଗର ଉଚ୍ଚତର ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ଆଦିବାସୀ ହୋ ସମାଜ ମହାସଭା ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଦାବି କରିଛନ୍ତି।

**■ ଖଣିରେ ଅସୁରକ୍ଷିତ ଶ୍ରମିକ**

## କ୍ଷତିପୂରଣ ଦାବି; ୨୧ ଘଣ୍ଟା ପରେ ଶବ ନେଲେ

ଚମ୍ପୁଆ,୧୯।୭(ସମିସ): ପୂର୍ବ ଯୋଡ଼ା ଲୁହାପଥର ଖଣିରେ ଲୋଡର ଅପରେଟର ଭାବରେ କାର୍ଯ୍ୟ କରୁଥିବା ଚମ୍ପୁଆ ଥାନା ପତଳା ଗ୍ରାମର ରାଜେଶ ନାଏକ ଗତ ୧୨ ତାରିଖ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗତ ୧୮ ତାରିଖ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ମୃତଶରୀରକୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମ ପତଳାକୁ ଅଣାଯାଇଥିଲା। ରାତି ୭ ସମୟରେ ଆମ୍ବୁଲାନ୍ସଟି ଶବ ନେଇ ରାଜେଶଙ୍କ ଘରେ ପହଞ୍ଚିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉ ବୋଲି ଦାବିନେଇ ଘର ଲୋକ ଶବ ଗ୍ରହଣ କରି ନଥିଲେ। ୨୧ ଘଣ୍ଟା ପର୍ଯ୍ୟନ୍ତ ଘର ଲୋକ ଗ୍ରହଣ କରିବାକୁ ଅମଙ୍ଗ ହୋଇଥିବାରୁ ରାଜେଶ ନାଏକଙ୍କ ଶବ ଆମ୍ବୁଲାନ୍ସ ଭିତରେ ରହିଥିଲା। ଏନେଇ ପରିବାରର କିଛି ସଦସ୍ୟ ଯୋଡାସ୍ଥିତ ଖଣି କମ୍ପାନୀ ସହ ଆଲୋଚନା କରିବା ପରେ ଘର ଲୋକ ଶବ ଗ୍ରହଣ କରିଥିଲେ। ରାଜେଶଙ୍କ ଗୋଟାଏ ୫ ବର୍ଷର ଓ ଗୋଟାଏ ୯ ମାସର ଶିଶୁ କନ୍ୟା ରହିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରୀ। ସେ କହିଛନ୍ତି ଯେ ଅଧିକାଂଶ ଖଣିରେ ଶ୍ରମିକମାନେ ଅସୁରକ୍ଷିତ ଭାବରେ କାର୍ଯ୍ୟ କରୁଛନ୍ତି।

## ବିଲାବନ୍ଧ ଗାଁରେ ପହଞ୍ଚିଲା ସ୍ୱତନ୍ତ୍ର ଡାକ୍ତରୀ ଦଳ

ରାମଚନ୍ଦ୍ରପୁର,୧୯।୭(ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ବିଲାବନ୍ଧ ଗାଁରେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ବିଗତ ପାଞ୍ଚ ବର୍ଷରେ ୨୫ରୁ ଅଧିକ ଜୀବନ ଯିବା ପରେ ମଧ୍ୟ ଚେତା ପଶି ନଥିଲା ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର। ଖବର ପାଇ ବିଲାବନ୍ଧ ଗାଁରେ ପହଞ୍ଚିଥିଲେ ବିଜେପି ନେତା ତଥା ସମାଜସେବୀ ଡ. ଶମ୍ଭୁନାଥ ରାଉତ। ଘରକୁ ଘର ବୁଲି ଆକ୍ରାନ୍ତଙ୍କୁ ଭେଟିବା ସହ ରୋଗର ନିରାକରଣ ନେଇ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଲାବନ୍ଧ ଗ୍ରାମର କିଡନୀ ରୋଗରେ ପୀଡିତ ବ୍ୟକ୍ତି ଓ ମୃତକଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତହିଁ ପରଦିନ ଜିଲ୍ଲାସ୍ତରରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ବିଲାବନ୍ଧ ଗାଁରେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ନମୁନା ସଂଗ୍ରହ କରିଛି। ଜିଲ୍ଲାସ୍ତରୀୟ ଡାକ୍ତରୀ ଦଳରେ ଡାକ୍ତର ନୀଳକଣ୍ଠ ତାହା, ଡା. ବିଷ୍ଣୁଚରଣ ମାଝୀ, ପ୍ରସନ୍ନକୁମାର ପାଇକରାୟ, ଜଗମୋହନ ପ୍ରଧାନ, ବର୍ଷାରାଣୀ ସାହୁ ସମେତ ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ରାଜେନ୍ଦ୍ର ମୁର୍ମୁ, ସ୍ୱାସ୍ଥ୍ୟକର୍ମୀ କ୍ରାନ୍ତିପ୍ରସାଦ ଜେନା, ଚନ୍ଦନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



**● ସଲେଇକନା ଜଙ୍ଗଲରେ ଦନ୍ତା ମୃତ୍ୟୁ ଘଟଣା**

## ୨ କର୍ମଚାରୀଙ୍କୁ ବଦଳି, ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ

କେନ୍ଦୁଝର/ତେଲକୋଇ, ୧୯।୭(ସମିସ): କେନ୍ଦୁଝର ଜିଲ୍ଲାର ତେଲକୋଇ ବନାଞ୍ଚଳ ସଲେଇକନା ସଂରକ୍ଷିତ ଜଙ୍ଗଲରେ ୧୦-୧୫ ବର୍ଷ ବୟସ୍କ ଦନ୍ତାର ମୃତଦେହ ଠାବ ହୋଇଥିଲା। ହାତୀଟିର ମୃତ୍ୟୁର କାରଣ ଜଣାପଡ଼ି ନଥିଲା। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିଲା ବେଳେ ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରି ବନ କାର୍ଯ୍ୟାଳୟ ଘେରଉ କରି ନିର୍ଦ୍ଦୋଷ ଗ୍ରାମବାସୀଙ୍କୁ ମୁକ୍ତି ପାଇଁ ଦାବି କରିଥିଲେ। ତେବେ, ଘଟଣା ଉପରେ ବନ ବିଭାଗ ଅନ୍ତରୀଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହାର ବିଭାଗୀୟ ତଦନ୍ତ କରାଯିବା ସହ ଦୁଇ ଜଣ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ଦେଇଛନ୍ତି କେନ୍ଦୁଝର ବନଖଣ୍ଡ କର୍ତ୍ତୃପକ୍ଷ। ମୃତ ହାତୀର ଦାନ୍ତ ଦୁଇଟି କେହି ନେଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବନ ବିଭାଗ ଶନିବାର କାର୍ଯ୍ୟାନୁଷ୍ଠାନ ନେଇଛି। ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବ ସହ ବନପାଳ ମଳୟ କୁମାର ଜେନା ଏବଂ ବନରକ୍ଷୀ ଅଜିତ କୁମାର ଦାଶଙ୍କୁ ବଦଳି କରାଯାଇଛି। ଏଥିସହ ତେଲକୋଇ ରେଞ୍ଜରଙ୍କୁ ଘଟଣାର କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା କେନ୍ଦୁଝର ଡିଏଫଓ ଧନରାଜ ଏଚଡି ସୂଚନା ଦେଇଛନ୍ତି।

## ଅଭିଯୁକ୍ତ ପ୍ରଧାନଶିକ୍ଷକ ଗିରଫ

ହାଟଡ଼ିହୀ,୧୯।୭(ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ବ୍ରାହ୍ମଣୀକଳା ସ୍କୁଲରେ ଜଣେ ୧୦ମ ଶ୍ରେଣୀର ଛାତ୍ରୀକୁ ଏ-୧ରେ ପାସ୍ କରାଇ ଦେବାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତଦନ୍ତ ଚାଲିଥିଲା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛି।



**ଆଦିବାସୀ ଛାତ୍ରୀଙ୍କୁ ବିଲରେ କାମ କରାଇବା ଘଟଣା**

## ୩ ମାସ ପାଇଁ ଶିକ୍ଷୟିତ୍ରୀ ନିଲମ୍ବିତ

ରାଇରଙ୍ଗପୁର, ୧୯।୭(ସମିସ): ନିଜ ସ୍କୁଲର ୩ ଛାତ୍ରୀଙ୍କୁ ଘରକୁ ନେଇ ଜଣେ ଶିକ୍ଷୟିତ୍ରୀ ନିଜ ବିଲରେ କାମ କରାଇବା ଘଟଣାରେ ଗଣଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଛାତ୍ରୀଙ୍କୁ ଛାତ୍ରୀ ନିବାସରୁ ଅସୁରକ୍ଷିତ ଭାବରେ ବିଲରେ ନେଇ କାମ କରାଉଥିବା ଶିକ୍ଷୟିତ୍ରୀ ଦୁବଲତା ବେହେରାଙ୍କୁ ୩ ମାସ ପାଇଁ ନିଲମ୍ବିତ କରାଯାଇଥିବା ନେଇ ବିଇଓ ସୁରେଶ ମୁଣ୍ଡା ପ୍ରକାଶ କରିଛନ୍ତି। ଜାମଦା ବ୍ଲକ୍ କାଣ୍ଡସର ଆଶ୍ରମ ବିଦ୍ୟାଳୟର ଛାତ୍ରୀ ନିବାସର ୩ ଜଣ ଛାତ୍ରୀଙ୍କୁ ୫ କିମି ଦୂର ଗାଁରେ ବିଲ କାମରେ ଲଗେଇଥିଲେ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା। ବିଲରେ କାମ କରୁଥିବା ସମୟରେ ଗ୍ରାମବାସୀ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତାପ ଚନ୍ଦ୍ର ନାଏକ ଏବଂ ଅଭିରାମ ନାଏକ ଓ ଡବ୍ଲୁଇଓ ପହଞ୍ଚି ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଥିଲେ। ତଦନୁସାରେ ଶୁକ୍ରବାର ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କୁଆମରା,୧୯।୭(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସେକ୍ ମୁକ୍ତାର (୩୮)। ଆଜି ସକାଳେ ଖାଇ ସାରି ଘରେ ବସିଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତର ଅନୁମାନ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ଏସ୍ଆଇ ରସାନନ୍ଦ ମହାନ୍ତି କହିଛନ୍ତି।

**● ଚିରଗାଲଡିହି ଗ୍ରାମକୁ ନାହିଁ ପକ୍କା ରାସ୍ତା**

## ଖଟିଆରେ ବୁହାହେଲେ ସାପ କାମୁଡ଼ା ରୋଗୀ

ବେତନଟୀ, ୧୯।୭(ସମିସ): ରାସ୍ତା ନ ଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଫଳରେ ଜଣେ ସାପ କାମୁଡା ମହିଳା ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୁହାହୋଇ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ଚିରଗାଲଡିହି ଗ୍ରାମରେ ଘଟିଛି। ଏହି ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୩ କିମି ଦୂରରେ ରହିଥିଲେ ମଧ୍ୟ ଗାଁକୁ ଆଜିଯାଏ ଭଲ ରାସ୍ତାଟିଏ ହୋଇପାରିନାହିଁ। ମୃତ ମହିଳା ଜଣଙ୍କ ହେଉଛନ୍ତି ଗ୍ରାମର ଦେବୀଲାଲ ସିଂଙ୍କ ସ୍ତ୍ରୀ ସୋମବାରୀ ସିଂ। ସୂଚନା ଅନୁଯାୟୀ, ବର୍ଷା ରାତିରେ ସୋମବାରୀଙ୍କ ଘରେ ଏକ ବିଷାକ୍ତ ଚିତି ସାପ ପଶି ଆସିଥିଲା। ସାପ ବାହାରି ଯିବା ପରେ କିଛି ସମୟ ମଧ୍ୟରେ ସୋମବାରୀଙ୍କ ଛାତିରେ ଯନ୍ତ୍ରଣା ହେଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଘରଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ଖବର ଦେଇଥିଲେ; କିନ୍ତୁ ଗାଁକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଫଳରେ ତାଙ୍କୁ ଖଟିଆରେ ବୁହାଇ ନିକଟସ୍ଥ ପକ୍କା ରାସ୍ତା ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା।



କିନ୍ତୁ ଡାକ୍ତରଖାନାରେ ପହଞ୍ଚିବାରୁ ବିଳମ୍ବ ହେବାରୁ ଠିକ୍ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁ ହୋଇଯାଇଥିଲା। ଏଏସଆଇ ଲକ୍ଷ୍ମଣ ହାଁସଦା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହି ଗ୍ରାମରେ ରାସ୍ତା ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗି ରହିଥିଲେ ହେଁ ବ୍ଲକ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଲୋକେ ସୁଫଳ ପାଉନାହାନ୍ତି। ଯଦି ଗାଁକୁ ରାସ୍ତା ଥାଆନ୍ତା, ତେବେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ସୋମବାରୀଙ୍କ ଜୀବନ ବଞ୍ଚାଇ ପାରିଥାନ୍ତା। ଏହି ଦୁଃଖଦ ଘଟଣା ବେତନଟୀ ବ୍ଲକ ପ୍ରଶାସନର ଗୁରୁତର ତ୍ରୁଟିକୁ ପ୍ରକାଶ କରୁଛି। ପ୍ରଶାସନ ଏବେ ମଧ୍ୟ ଏହି ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଲେ ଭବିଷ୍ୟତରେ ଏଭଳି ଅଘଟଣ ଆହୁରି ଘଟିବାର ଆଶଙ୍କା ରହିଛି। ଗ୍ରାମବାସୀ ଓ ପରିବାର ଲୋକେ ଏକ ସ୍ୱରରେ ରାସ୍ତା ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରୁଛନ୍ତି।

**■ ବଜ୍ରପାତରେ ପୋଡିଗଲା ବିଦ୍ୟୁତ୍ ସରଞ୍ଜାମ**

## ସପ୍ତାହେ ହେଲା ବ୍ୟାଙ୍କରେ କାରବାର ବନ୍ଦ

ବହଳଦା, ୧୯।୭(ସମିସ): ଲଘୁଚାପ ଜନିତ ବର୍ଷା ବେଳେ କାନାରା ବ୍ୟାଙ୍କ ଗିଦିଘାଟୀ ଶାଖା ଉପରେ ବଜ୍ରପାତ ହୋଇଥିଲା। ଫଳରେ ବିଦ୍ୟୁତ୍ ସରଞ୍ଜାମ ଅକାମୀ ହେବା ସହ କଂପ୍ୟୁଟର ଅଚଳ ହୋଇଥିବାରୁ ପ୍ରାୟ ଏକ ସପ୍ତାହ ହେଲା ଦେଣନେଣ କାରବାର ବନ୍ଦ ରହିଛି। ଫଳରେ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ଗତ ୧୩ ତାରିଖରେ ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଅଞ୍ଚଳରେ ଘଡଘଡି ସହ ମୂଷଳଧାରାରେ ବର୍ଷା ହୋଇଥିଲା। ବର୍ଷା ସହିତ ପ୍ରଚଣ୍ଡ ବଜ୍ରପାତ ମଧ୍ୟ ହୋଇଥିଲା। ଗିଦିଘାଟୀ ସ୍ଥିତ କ୍ୟାନାରା ବ୍ୟାଙ୍କ ଶାଖା ଉପରେ ବଜ୍ରପାତ ହେବାରୁ ବିଦ୍ୟୁତ୍ ସରଞ୍ଜାମ ନଷ୍ଟ ହୋଇଥିଲା। ଇତି ମଧ୍ୟରେ ବିଦ୍ୟୁତ ସରଞ୍ଜାମକୁ ମରାମତି କରାଯାଇ ସରବରାହ ପୁନଃ ସ୍ଥାପିତ କରାଯାଇଥିଲା। ହେଲେ ବ୍ୟାଙ୍କରେ ଲାଗିଥିବା କମ୍ପ୍ୟୁଟର ବଜ୍ରପାତରେ ଅକାମୀ ହୋଇଯାଇଛି। ଫଳରେ ଗତ ରବିବାରଠାରୁ ବ୍ୟାଙ୍କ କାର୍ଯ୍ୟ ଠପ୍ ହୋଇରହିଛି। ଟଙ୍କା ନେଣଦେଣଠାରୁ ଖାତା ଖୋଲିବା କିମ୍ବା କେୱାଇସି ଅପଡେଟ୍ ପରି ବିଭିନ୍ନ ଧରଣର କାର୍ଯ୍ୟ ସବୁ ବନ୍ଦ ହୋଇରହଇଛି। ଏହି ଶାଖାରେ ଗିଦିଘାଟୀ, ଝରାଡିହି, ବଡପଳସା, ଭିତରାମଦା, ଅସନା ଏବଂ ସୁରଦା-ଯଶିପୁର ଗ୍ରାମପଞ୍ଚାୟତ ଅଞ୍ଚଳବାସୀ




ନିର୍ଭର କରନ୍ତି। ଏହି ବ୍ୟସ୍ତ ବହୁଳ ବ୍ୟାଙ୍କ ଶାଖାରେ ଏତେ ଦିନ ଧରି ଅଚଳାବସ୍ଥା ରହିବା ନେଇ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବ୍ୟାଙ୍କ ପ୍ରବନ୍ଧକଙ୍କ ଯୋଗୁ ଏଭଳି ଅବ୍ୟବସ୍ଥା ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ଅସରାଏ ବର୍ଷା; ଶାଳବଣି-ମଟିନ୍ଦା ବିଚ୍ଛିନ୍ନ

ଆନନ୍ଦପୁର,୧୯।୭ (ସମିସ):

ଅସରାଏ ବର୍ଷାରେ ଶାଳବଣି ପଞ୍ଚାୟତର ମୁଖ୍ୟରାସ୍ତାରେ ବର୍ଷାଜଳ ଜମି ରହିଥିବାରୁ ଶାଳବଣି-ମୋଟିନ୍ଦା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କିଛି ଦିନ ହେବ ଏପରି ସମସ୍ୟା ଲାଗିରହିଥିଲେ ମଧ୍ୟ ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ଦୁଇ ପଞ୍ଚାୟତ ଅଧିବାସୀ କଷ୍ଟ ଭୋଗ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ହେଉଥିବା ଜନକଲ୍ୟାଣ କାର୍ଯ୍ୟ କରାଯାଉ ନଥିବା ବେଳେ କେବଳ ତୁଷ୍ଟୀକରଣ ପାଇଁ କେତେକ ନିର୍ମାଣ କାର୍ଯ୍ୟ କରାଯାଉଥିବା ସାଧାରଣରେ ସଂଗୀନ ଅଭିଯୋଗ ହୋଇଛି। ପଞ୍ଚାୟତ ଅନୁଦାନ, ପଞ୍ଚାୟତ ସମିତି ଭାଗ ଅର୍ଥ ଏବଂ ରାଜ୍ୟ ସରକାର ବାର୍ଷିକ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପଞ୍ଚାୟତର ମୁଖ୍ୟରାସ୍ତାକୁ ସାମାନ୍ୟ ମରାମତି



କରାଯାଇପାରୁ ନଥିବା ପରିତାପର ବିଷୟ। ଏହି ପଞ୍ଚାୟତର ବିଭିନ୍ନ ସାହି, ବସ୍ତି ରାସ୍ତାଘାଟ ଅବସ୍ଥାରେ ସୁଧାର ଆସିପାରି ନାହିଁ। ଶାଳବଣି ମୋଟିନ୍ଦାର ମୁଖ୍ୟରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ଶାଳବଣି ବଜାରରୁ ମୋଟିନ୍ଦାକୁ ଯିବା ପାଇଁ ଥିବା ମୁଖ୍ୟରାସ୍ତାର ଯଜ୍ଞଘର ନିକଟରେ ହୋଇଥିବା ବିରାଟ ଗାଡ଼ ଯୋଗୁଁ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଥିବା ବେଳେ ଏହି ରାସ୍ତାରେ ହୋଇଥିବା ଗାଡ଼ରେ ପାଣି ଜମି ରହି ଏହା କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଛି। ଗାଡ଼ ଜଣାପଡୁ ନଥିବାରୁ ସାଧାରଣ ଲୋକ ନାହିଁ ନଥିବା ହୀନସ୍ତା ଭୋଗ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କେତେକ ସଚେତନ ନାଗରିକ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଇ ନଥିବା ଅଭିଯୋଗ ହୋଇଛି। ସରପଞ୍ଚ ସୁବାସିନୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହି ରାସ୍ତାର ମରାମତି ପାଇଁ ଅନୁଦାନ ମିଳିନାହିଁ; ଖୁବଶୀଘ୍ର ଏହାର ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ବଜ୍ରପାତରେ ୪ ଛେଳି ମୃତ

ବାଙ୍ଗିରିପୋଷି,୧୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମଝିଗାଁ ଗୁରୁଗୁଡିଆ ସାହିରେ ବଜ୍ରପାତ ଘଟି ୪ଟି ଛେଳିର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଭାସ୍କର ନାଏକ ଗାଁ ନିକଟସ୍ଥ ଚାଷ ବିଲରେ କାମ କରିବାକୁ ଯାଇ ସାଙ୍ଗରେ ଛେଳିକୁ ନେଇଯାଇଥିଲେ। ସେଠାରେ ଛେଳିକୁ ଛାଡି ବିଲରେ ରୁଆ ବେଉଷଣ କାର୍ଯ୍ୟ କରୁଥିଲେ। ସେ ସମୟରେ ହଠାତ ବର୍ଷା ଆସିବା ଫଳରେ ଛେଳି ନିକଟରେ ଥିବା ଗଛମୂଳରେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ତାଙ୍କର ୪ଟି ଛେଳି ଟଳି ପଡିଥିଲେ। ପରେ ମୃତ ଛେଳିକୁ ସେ ଘରକୁ ନେଇ ଆସିଥିଲେ।

# ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ; ରୋଗୀସେବା ବ୍ୟାହତ



ଆନନ୍ଦପୁର, ୧୯।୭ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ଯୋଗୁଁ ରୋଗୀସେବା ବ୍ୟାହତ ହେଉଛି। ୪୫ ଜଣ ଡାକ୍ତରଙ୍କ ରହିବା ସ୍ଥାନରେ ମାତ୍ର ୧୪ ଜଣ ଡାକ୍ତର ଅଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ରୋଗୀଙ୍କୁ ମଧ୍ୟ ଏଠାରୁ ଅନ୍ୟତ୍ର ରେଫର କରି ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସିପାରୁନାହିଁ। ଆନନ୍ଦପୁର ଉପଖଣ୍ଡ ସମେତ ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାରୁ ଶହ ଶହ ରୋଗୀ ଏହି ଚିକିତ୍ସାଳୟକୁଆସୁଥିବା ବେଳେ ବିଶେଷକରି ମହିଳା ଓ ଶିଶୁ ରୋଗୀମାନେ ଡାକ୍ତର ଅଭାବ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ସେହିପରି ଚିକିତ୍ସାଳୟରେ ରହିଥିବା କିଛି କର୍ମଚାରୀଙ୍କ ମନମାନି ଯୋଗୁଁ ବିଭିନ୍ନ ବିଭାଗରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟର ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ଘସିପୁରା ନିର୍ବାଚନମଣ୍ଡଳୀର ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ବ୍ୟବସ୍ଥା ସୁଧାରିବା ସହ ପୁରୁଣାଗଡବବନ୍ଧାଗୋଡ଼ା ପଞ୍ଚାୟତ ବନ୍ଧବିଲା ଗ୍ରାମର କିଡନୀ ରୋଗରେ ମୃତ୍ୟୁ ସମ୍ପର୍କରେ ବିଜେପି ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତ ମନ୍ତ୍ରୀଙ୍କ ଆଲୋଚନା କରିବା ସହ ତୁରନ୍ତ ଡାକ୍ତର ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

## ସାହାଣୀ କପ୍ ଫୁଟ୍‌ବଲ

# ସୁନ୍ଦରଗଡ଼ ଓ ବାଲେଶ୍ୱର ବିଜୟୀ

କେନ୍ଦୁଝର, ୧୯।୭ (ସମିସ):



କେନ୍ଦୁଝରଜିଲ୍ଲାକ୍ରୀଡ଼ାସଂସ୍ଥାଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ସୁବର୍ଣ୍ଣପୁର ବିପକ୍ଷରେ ୨-୦ ଗୋଲରେ ଏକ ସହଜସାଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ସୁନ୍ଦରଗଡ଼ର ରାଇଟ ଉଇଙ୍ଗର ଜମିର ଓରାମ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟରେ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ କରିଥିଲେ। ପରେ ୧୮ତମ ମିନିଟରେ ସୁନ୍ଦରଗଡ଼ର ଷ୍ଟ୍ରାଇକର ମହେଶ ପ୍ରଧାନ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସୁବର୍ଣ୍ଣପୁର ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି କେତୋଟି ଉଲ୍ଲେଖନୀୟ ଆକ୍ରମଣ କରିଥିଲେ ମାତ୍ର ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରି ନଥିଲେ।

ଦ୍ୱିତୀୟ ଖେଳରେ ବାଲେଶ୍ୱର ଢେଙ୍କାନାଳ ବିପକ୍ଷରେ ୪-୦ ଗୋଲରେ ଏକତରଫା ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହେବାପରେ ଦ୍ୱିତୀୟାର୍ଦ୍ଧରେ ବାଲେଶ୍ୱର ଦଳ ପ୍ରତିପକ୍ଷ ରକ୍ଷଣଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ। ୫୯ତମ ମିନିଟରେ ଜଗନ୍ନାଥ ସୋରେନ ଗୋଲର ଶୁଭାରମ୍ଭ କରିଥିବା ବେଳେ ୬୨ତମ ଏବଂ ୬୯ତମ ମିନିଟରେ ରାଜୁ ସିଂହ ଦୁଇଟି ଗୋଲ କରିଥିଲେ। ୮୦+୧ ମିନିଟରେ ବାଲେଶ୍ୱର ପକ୍ଷରୁ ୧୦ ନମ୍ବର ଖେଳାଳି ମଧୁ ସୋରେନ ଦଳ ପକ୍ଷରୁ ଆଉ ଏକ ଗୋଲ କରିଥିଲେ।

ଅତିଥି କେନ୍ଦୁଝର ପୌରପାଳିକାର ନଗରପାଳ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ଏବଂ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପ୍ରମୁଖ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡ଼ାସଂସ୍ଥା ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ରଣା, ଗିରୀଶଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅରୁଣ ନାୟକ। ସେହିପରି ଦ୍ୱିତୀୟ ଖେଳରେ ଚକ୍ରଧର ଟାଟାର ରେଫରୀ ଥିବାବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା, ସୁରେଶ ଦାଶ ମ୍ୟାଚ କମିଶନର ଥିଲେ। ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ।

# କୋରମ୍ ଅଭାବ; କାଟ୍ ଖାଇଲା ଅନାସ୍ଥା



ତୁରୁମୁଙ୍ଗା, ୧୯।୭ (ସମିସ): ପାଟଣା ବ୍ଲକ ପଲାଶଘାଟି ପଞ୍ଚାୟତର ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ୮ ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ମାତ୍ର ୪ଜଣ ଉପସ୍ଥିତ ଥିଲେ। ଫଳରେ ପ୍ରସ୍ତାବ କାଟ ଖାଇଛି ବୋଲି ନିର୍ବାଚନ ଅଧିକାରୀ ସାହାରପଡା ବିଡିଓ ଡ. ରଞ୍ଜିତ କୁମାର ମହାନ୍ତ କହିଛନ୍ତି। ନାଏବ ସରପଞ୍ଚ ସୋନାଲି ମୁଣ୍ଡାଙ୍କ ସମେତ ୱାର୍ଡସଭ୍ୟ ସୁଶୀଲ ମୁଣ୍ଡା, ସରସିଂ ମୁଣ୍ଡା ଏବଂ ରେଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ରାଉତ ମୁଣ୍ଡାଙ୍କ ସହ ଅନ୍ୟ ୩ ସଦସ୍ୟ ଅନୁପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ଭାବରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ସାହାରପଡା ଏବିଡିଓ ରଶ୍ମିରେଖା ମହାନ୍ତି, ଭାରପ୍ରାପ୍ତ ଜିପିଡିଓ ଅକ୍ଷୟ ସାହୁ, ପିଇଓ ରାମେଶ୍ୱର ମହାନ୍ତ, ଏଡିଓ ବାସୁଦେବ ମହାନ୍ତ ଉପସ୍ଥିତ ଥିଲେ।

# ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ଟଳିଲା

ହାଟଡ଼ିହୀ, ୧୯।୭ (ସମିସ): ହାଟଡ଼ିହୀ ବ୍ଲକ ଗେଡ଼ମା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ସହିତ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିଲା। ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୬୪ ଜଣ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଦ୍ୱାରା ଶୁକ୍ରବାର ଧାରଣା ଦେବାକୁ ଚେତାବନୀ ଦିଆଯାଇଥିଲା। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ବିଦ୍ୟାଳୟରେ ପହଞ୍ଚି ସ୍କୁଲ କମିଟି ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରସ୍ତାବିତ ଧାରଣାକୁ ସ୍ଥଗିତ ରଖାଯାଇଥିବା ନେଇ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କାଣ୍ଡି, ସ୍କୁଲ କମିଟିର ସଦସ୍ୟ ତପନ ବାରିକ, ଇତିଶ୍ରୀ ଦାସ, ନିର୍ମଳ ବାରିକ ପ୍ରମୁଖ କହିଛନ୍ତି। ପ୍ରକାଶଥାଉ କି, ବର୍ତ୍ତମାନ ୨ଜଣ ଶିକ୍ଷକଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନର ଦାୟିତ୍ୱ ପରେ ପାଠପଢ଼ାରେ ଅନେକ ବ୍ୟାଘାତ ଉପୁଜୁଛି। ଏପରିକି ଏହି ସ୍କୁଲରେ ଦୀର୍ଘ ୬ମାସ ଧରି ଏଭଳି ସମସ୍ୟା ଲାଗି ରହିଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ନେଇ ଗ୍ରାମବାସୀ ଶିକ୍ଷା ବିଭାଗକୁ ଚେତାଇଛନ୍ତି।

## ଚିକିତ୍ସାଧୀନ ରୋଗୀମୃତ୍ୟୁ ଘଟଣା

# ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯୋଡ଼ା, ୧୯।୭ (ସମିସ): ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳା ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଶନିବାର କଂଗ୍ରେସର ବରିଷ୍ଠ ନେତା, ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦୁଝର ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରୀ, ଯୋଡ଼ା ନଗର ସଭାପତି ସୁବ୍ରତ ନାୟକ, ସୁଶୀଲ ଗିରି, ସର୍ଫରାଜ ଆଲମ୍ ଓ କଂଗ୍ରେସ କର୍ମୀମାନେ ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନଙ୍କୁ ଭେଟି ଏହି ଘଟଣା ସଂକ୍ରାନ୍ତ ଆଲୋଚନା କରିଥିଲେ। ଲାଗୁରୀ ଅଭିଯୋଗ କରିଛନ୍ତି ଯେ ମୃତ ରୋଗୀ ବଲମା ମୁଣ୍ଡାଙ୍କୁ ୭ ଦିନ ପୂର୍ବରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାରେ ଅବହେଳା ପାଇଁ ଗତ ଶୁକ୍ରବାର ଭୋର ସମୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରୋଗୀର ମୃତ୍ୟୁ ପରେ ରୋଗୀର ରକ୍ତାକ୍ତ ବିଛଣା ଓ ତକିଆକୁ ସେଠାରୁ ଉଠେଇ ନେଇ ଅନ୍ୟତ୍ର ରଖିବା ଏବଂ ମୃତ୍ୟୁ ଘଟଣାକୁ ପୋଲିସକୁ ନ ଜଣାଇ ଘରକୁ ପଠାଇ ଦେବା ଘଟଣାଟି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ



ନେଇଯାଇଛି। ଏହି ରୋଗୀଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଯାଇଛି। ପ୍ରକାଶଯୋଗ୍ୟ ଯେ ସ୍ଥାନୀୟ ଉଲ୍ଲିହଟିଂର ମୃତ ବଲମା ମୁଣ୍ଡାଙ୍କୁ ତାଙ୍କର ଗୋଡ଼ରେ ଘା’ ହୋଇ ଯନ୍ତ୍ରଣା ଦେଉଥିବାରୁ ଗତ ୧୦ ତାରିଖରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ସମୟରେ ଶୁକ୍ରବାର ଭୋର ୩ଟା ସମୟରେ ତାଙ୍କ ଝିଅ ଫୋନ ଯୋଗେ ତାଙ୍କ ବାପାଙ୍କୁ ମୃତ୍ୟୁ ହୋଇଥିବା ଖବର ଦେଇଥିଲେ। ଏହାପରେ ବଲମାଙ୍କ ମୃତଦେହକୁ ଡାକ୍ତରଖାନା ପକ୍ଷରୁ ଘରକୁ ପଠାଇ ଦିଆଯାଇଥିଲା। ଏ ବିଷୟରେ ପୁଲିସକୁ କୌଣସି ସୂଚନା ଦିଆ ଯାଇ ନଥିଲା। ଏପରିକି ଏହି ଘଟଣାକୁ ଚପାଇ ଦେବା ପାଇଁ ବଲମା ଶୋଇଥିବା ବେଡର ରକ୍ତାକ୍ତ ବେଡସିଟ, ଚାଦର ଓ ତକିଆକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଧୋଇ ସଫା କରିଦେଇଥିଲେ। ଏହି ସନ୍ଦେହ ଜନକ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ କାଉନସିଲର ବିଶ୍ୱ ପ୍ରତାପ ବେହେରା ପୁଲିସ ପାଖରେ ଅଭିଯୋଗ କରିଥିଲେ। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଶୁକ୍ରବାର ଡାକ୍ତରଖାନା ପହଞ୍ଚି ଏହାର ଅନୁଧ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ଶୁକ୍ରବାର ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ତଦନ୍ତ କରି ଖୁବ୍ ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଲାଗୁରୀ ଚେତାବନୀ ଦେଇଛନ୍ତି।

# ଶାଳଣିଆରେ ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



ହାଟଡ଼ିହୀ, ୧୯।୭ (ସମିସ): ହାଟଡ଼ିହୀ ବ୍ଲକ ଶାଳଣିଆଁ ପଞ୍ଚାୟତର ଇଣ୍ଡିଆନ ବାଏ ବାର୍ଥ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନ୍ତର୍ଗତ ଚାରା ରୋପଣ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ଇଣ୍ଡିଆନ୍ ବାଏ ବାର୍ଥ ସଙ୍ଗଠନର ପ୍ରତିଷ୍ଠାତା ଇଂ ସୁନୀଲ କୁମାର ବେହେରା, ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ ଶାଳଣିଆଁ ଗ୍ରାମର ଶିବମନ୍ଦିର ପ୍ରାଙ୍ଗଣ ଓ ଖୋରିଆ ପୋଖରୀ ହୁଡ଼ାରେ ବୃକ୍ଷ ରୋପଣ କରାଯାଇ ତାର ଜାଲି ଘେରାଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ସେବା ସଙ୍ଗଠନର କେନ୍ଦୁଝର ସମ୍ପାଦକ ମାନସ ସାହୁ, ଘଟଗାଁ ସଭାପତି ବିକାଶ ବାରିକ, ସଭ୍ୟ ରତିକାନ୍ତ ସାହୁ, ଆନନ୍ଦପୁର ସଭାପତି ଜଳଧର ସା, ଉପସଭାପତି ସତ୍ୟବ୍ରତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଓ ଯୁବକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ +୩ବିଜ୍ଞାନ ଓ +୩ବାଣିଜ୍ୟକୁ ସ୍ୱୀକୃତି

ହାଟଡ଼ିହୀ, ୧୯।୭ (ସମିସ): ହାଟଡ଼ିହୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷରୁ +୩ ବିଜ୍ଞାନ (ସମ୍ମାନ)ରେ ୨୪ସିଟ୍, ରସାୟନ ବିଜ୍ଞାନ ବିଭାଗରେ ୨୪ସିଟ୍, ଗଣିତ ବିଭାଗରେ ୨୪, ଉଭିଦ ବିଭାଗରେ ୧୬ ଏବଂ ପ୍ରାଣୀବିଜ୍ଞାନ ବିଭାଗରେ ୧୬ ସିଟ୍ ପାଇଁ ତଥା +୩ ବାଣିଜ୍ୟ (ସମ୍ମାନ)ରେ ୩୨ ସିଟ୍ ପାଇଁ ନାମ ଲେଖାଇବା ନିମନ୍ତେ ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଚିଠି ନଂ୨୫୯୬, ଆରଡ଼ିଇ/ ବାଲେଶ୍ୱର/୧୮/୭/୨୦୨୫ରେ ଅନୁମତି ପ୍ରଦାନ କରାଯାଇଛି। ଏଥିରେ ହାଟଡ଼ିହୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ରହିଥିବା କୁହାଯାଉଛି।



ଶ୍ରୀ ରାଉତ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ ଆନନ୍ଦପୁର ଅଭିମନ୍ୟୁ ସେଠୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ମହାବିଦ୍ୟାଳୟରେ ରହିଥିବା ଦୀର୍ଘଦିନର ଏଭଳି ସମସ୍ୟା ଦୂର ହେବା ନେଇ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ■ ଆନନ୍ଦପୁର ପଞ୍ଚାୟତସମିତି ବୈଠକ

# ମନରେଗାରେ ଅର୍ଥଦାବି ନେଇ ଉଦ୍‌ବେଗ



ଆନନ୍ଦପୁର, ୧୯।୭ (ସମିସ): ଆନନ୍ଦପୁର ପଞ୍ଚାୟତସମିତିର ବୈଠକ ରାଜୀବଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌କୁ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନ ଖର୍ଚ୍ଚ ହୋଇପାରୁ ନଥିବା ଓ ମନରେଗା ଯୋଜନାରେ ଅର୍ଥ କାରବାର ହେଉଥିବା ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ଅଞ୍ଜନା ବାରିକ ସଭାପତିତ୍ୱ କରିଥିଲା ବେଳେ ବିଡିଓ ମନୋଜ ମହାନ୍ତ ବିବରଣୀ ଉପସ୍ଥାପନ କରିଥିଲେ। ସିଏଫ୍‌ସି, ଏସ୍‌ଏଫ୍‌ସି, ଜିଆଇଏ ଅନୁଦାନ ପଡ଼ି ରହିଥିବାରୁ ଅନେକ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ମନରେଗାରେ ଅର୍ଥ କାରବାର ଦର୍ଶାଇ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବାରୁ ଏହାର ତଦନ୍ତ କରାଯିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସାଂସଦଙ୍କ ପ୍ରତିନିଧି ଟୁକୁନା ମହାନ୍ତ, ଘସିପୁରା ବିଧାୟକଙ୍କ ପ୍ରତିନିଧି ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, ସଦସ୍ୟା ଟୁନି ରଣା, ଅସୀମା ମିଶ୍ର, ଉପାଧ୍ୟକ୍ଷ ସଦାଶିବ ଦେହୁରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ମାମଲା ରୁଜୁ

## ■ ପତ୍ନୀଙ୍କୁ ରେଡ୍‌କ୍ରସ ସହାୟତା



ତୁରୁମୁଙ୍ଗା, ୧୯।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଚେମେଣା ପଞ୍ଚାୟତ ଗ୍ରାମର କରୁଣାକର ନାଏକ (୪୫)ଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳୁ ବଳିଆପଶି ରେଙ୍ଗାଳବେଡା ୟୁକାଲିପଟାସ ଜଙ୍ଗଲରୁ ଉଦ୍ଧାର ହୋଇଛି। ଏକ ୟୁକାଲିପଟାସ ଗଛରେ ମୃତଦେହ ଝୁଲୁଥିବା ଖବର ପାଇ ତୁରୁମୁଙ୍ଗା ଥାନା ଏଏସଆଇ ବିରେନ୍ଦ୍ର କିଶୋର ବେହେରା ତଦନ୍ତ କରୁଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଲା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ଛାଡ଼ି ନଥିଲେ। ମୃତକଙ୍କ ସ୍ତ୍ରୀ ଦୂତିକା ନାଏକ ଏହି ଅଭିଯୋଗ ଆଣିଛନ୍ତି। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଘଟଣାସ୍ଥଳରେ ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଓପିଏସ୍ ସୌରଭ ପ୍ରଧାନ ପହଞ୍ଚି ଡଗ ସ୍କ୍ୱାଡ ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୧୬୨/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏସଆଇ କିଶୋରଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ରେଡ୍‌କ୍ରସ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମୃତକଙ୍କ ସ୍ତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କାରାଯାଇଛି।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୯।୭ (ସମିସ):



କେନ୍ଦୁଝରଜିଲ୍ଲାସଦରମହକୁମାରେ ୭୯ତମସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଶନିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ, ସ୍ୱାଧୀନତା ଦିବସର ପ୍ରତ୍ୟୁଷରେ ରାମଧୂନ୍, ପ୍ରଭାତଫେରୀ, ସକାଳ ୭ରୁ ୭.୩୦ମି. ମଧ୍ୟରେ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୯.୧୫ମି. ସମୟରେ କେନ୍ଦୁଝର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ଆନୁଷ୍ଠାନିକ ପରେଡ୍ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପରେଡ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଂଟନ, ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ କବିତା ପାଠୋତ୍ସବ, ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଏବଂ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମ୍ମିଳିତ ପ୍ୟାରେଡ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ ସମୟରେ ଅଭ୍ୟାସ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଛାତ୍ରୀ ଓ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇନଶୃଙ୍ଖଳା, ଟ୍ରାଫିକ୍, ଆଶୁ ଚିକିତ୍ସା, ପାନୀୟଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ବଡ଼ବିଲରେ ପୌରାଞ୍ଚଳସ୍ତରୀୟ ପ୍ରସ୍ତୁତି

ବଡ଼ବିଲ: ବଡ଼ବିଲ ପୌରାଞ୍ଚଳରେ ଆଗାମୀ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜାତୀୟ ଦିବସ ପାଳନ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତିର ଅଧ୍ୟକ୍ଷ ପ୍ରତାପ କିଶୋର ଦାସ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା କରିଥିଲେ। ବଡବିଲ ପୌରାଞ୍ଚଳର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ଅବଗତ କରିବାକୁ ସମିତିର ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ନଗରପାଳ ଦିଲୀପ ମିଶ୍ର, କାଉନସିଲର ଲଛମନ ମହାନ୍ତ, ବିଜୟ ପ୍ରଜାପତି, ଚନ୍ଦ୍ରଗୁପ୍ତ ପ୍ରସାଦ ଯାଦବ, ବରିଷ୍ଠ ଅଧିକାରୀ ରାଜେନ୍ଦ୍ର କୁମାର ସିଂ ପ୍ରମୁଖ ଯୋଗଦାନ କରିଥିଲେ। ପୌରାଞ୍ଚଳ ସମସ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ମୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଜୟପୁର, ୧୯ ।୭ (ସମିସ): ଜୟପୁର ମହିଳା ଥାନା ପୁଲିସ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଆଜି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ବୈପାରିଗୁଡା ଥାନା ବୁରୁଡିପୁଟ ଗ୍ରାମର ଗୁରୁ ମାଛ(୨୧) । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ନିଜ ଦାଦାଙ୍କ ଘର କଟନିପାବଲି ଗ୍ରାମରେ ୩ ଦିନ ରହିଥିଲେ । ସେଠାରେ ଗତ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖରେ ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକା ନଦୀ କୂଳକୁ ଶୌଚ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ଜୋର ଜବରଦୋସ୍ତ ଦୁଷ୍କର୍ମ କରିଥିଲେ । ନବାଳିକା ଜଣକ ବିରୋଧ କରି ପାଟି କରିବାରୁ ଅଭିଯୁକ୍ତ ଜଣକ ନାବାଳିକାକୁ ମାଡ ମାରିଥିଲେ । ନାବାଳିକା ଜଣକ ଘରକୁ ନ ଫେରିବାରୁ ନାବାଳିକାର ମା' ନଦୀକୂଳକୁ ଯାଇ ଖୋଜିବା ସମୟରେ ଅଭିଯୁକ୍ତ ଜଣକ ଦୁଷ୍କର୍ମ କରୁଥିବା ଦେଖି ପାଟି କରିବାରୁ ଅଭିଯୁକ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ନାବାଳିକାର ମା' ନାବାଳିକାଙ୍କୁ ଉଦ୍ଧାର କରିବା ସହ ଘରକୁ ଆଣିଥିଲେ । ନାବାଳିକାଙ୍କ ଠାରୁ ସମସ୍ତ ଘଟଣା ଜାଣିବା ପରେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ମହିଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଅଭିଯୁକ୍ତ ଉକ୍ତ ଦିନଠାରୁ ଫେରାର ରହିଥିଲା । ପୁଲିସ ଅଭିଯୁକ୍ତ ତାଙ୍କ ଗ୍ରାମକୁ ଆସିଥିବା ସୂଚନା ପାଇ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ସୂଚନା ଦେଇଛନ୍ତି ।

# ବୃଦ୍ଧାଙ୍କ ଟାଙ୍ଗିଆ ଚୋଟରେ ପଡୋଶୀ ଗୁରୁତର

ଲକ୍ଷ୍ମୀପୁର, ୧୯।୭ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବନ୍ଧିକାର ଗାଁରେ ଜଣେ ବୃଦ୍ଧାଙ୍କ ଟାଙ୍ଗିଆ ଚୋଟରେ ପଡୋଶୀ ଗୁରୁତର ହୋଇଛନ୍ତି । ଗୁରୁତର ଆହତ ଜଣକ ଭମ୍ବର୍ ମିଣିଆକା (୪୫) ବୋଲି ଜଣାପଡ଼ିଛି । କାମ୍ବିଡି ମିଣିଆକା ନାମକ ଜଣେ ୬୦ ବର୍ଷୀୟ ବୃଦ୍ଧ ଭମ୍ବର ଘରେ ଏକାକୀ ରହିଥିବା ସମୟରେ ହଠାତ୍ ଆସି ଟାଙ୍ଗିଆରେ ଆକ୍ରମଣ କରିଥିଲେ । ତେବେ ଆକ୍ରମଣର କାରଣ ଜଣାପଡ଼ି ନଥିବା ବେଳେ ଗୁରୁତର ଅବସ୍ଥାରେ ଭମ୍ବରଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଖବରପାଇ ଲକ୍ଷ୍ମୀପୁର ପୁଲିସ୍ ବନ୍ଧିକାର ଯାଇ ଆକ୍ରମଣକାରୀ କାମ୍ବିଡିକୁ କାବୁ କରି ଥାନାରେ ଅଟକ ରଖିଛି ।

# ପିଚୁ ରାସ୍ତା ପାଲଟିଲା କାଦୁଅ ରାସ୍ତା

ବୈପାରିଗୁଡ଼ା, ୧୯।୭ (ସମିସ)



ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଜି. ମାଝିଗୁଡ଼ା ପଞ୍ଚାୟତର ବାଙ୍କୁଲିଗାଁକୁ ପକ୍କା ରାସ୍ତା ନଥିଲା । ଗାଁ ଲୋକଙ୍କ ବହୁବାର ଅଭିଯୋଗ ପରେ ଗତ ୨୦୧୮ ମସିହାରେ ଗାଁ ମୁଣ୍ଡରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଫଳକ ଲାଗିଲା । କିନ୍ତୁ ସାତ ବର୍ଷ ବିତିଯାଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହୋଇନଥିଲା । କିନ୍ତୁ ଗତ ୩ ମାସ ପୂର୍ବେ ତରବରିଆ ଭାବେ ଠିକାଦାର ରାସ୍ତାରେ ପିଚୁ ଢାଳି କାମ ସାରିଦେଇଛି । ଯାହା ଫଳରେ ଏବେ ସ୍ୱଳ୍ପ ବର୍ଷାରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ

**● ମାଝୀଗୁଡ଼ା ପଞ୍ଚାୟତର ୯ ଖଣ୍ଡ ଗ୍ରାମବାସୀ ହନ୍ତସନ୍ତ**

ହୋଇଯାଇଛି । ପିଚୁ ରାସ୍ତା କାଦୁଅ ରାସ୍ତା ପାଲଟିଛି । ଏପରି ସ୍ଥଳେ ଗାଡ଼ି ମଟର ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ରାସ୍ତା ଦେଇ ବଡ଼ବାଙ୍କୁଲି, ସନବାଙ୍କୁଲି, ଲକ୍ଷ୍ମଣପୁର, ଗୁଣ୍ଡରିଗୁଡ଼ା, ବାଲିଭଟା, ଲିମାଯଡି, ଅଣ୍ଡରୀ, ଯୋଡିଧାରା, ଡୁଡୁମାଗୁଡା ୯ ଖଣ୍ଡ ଗାଁ ଲୋକେ ଯାତାୟତ ପାଇଁ ନିର୍ଭର କରନ୍ତି । ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସେହିପରି ବିଭିନ୍ନ କାମରେ ପଞ୍ଚାୟତ କିମ୍ବା ବ୍ଲକସଦର ମହକୁମାକୁ ଯିବାକୁ ପଡୁଥିବା ବେଳେ ରାସ୍ତା ପ୍ରତିବନ୍ଧକ ସାଜିଛି । ସବୁଠାରୁ ବେଶି ଅସୁବିଧା ଭୋଗୁଛନ୍ତି ଭଡା ଆଣିବାକୁ ଯାଉଥିବା ବୃଦ୍ଧବୃଦ୍ଧା । ବାଙ୍କୁଲି ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବାରୁ ଗୁରୁତର ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା କଷ୍ଟକର ହୋଇପଡୁଛି । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି ।

# ଡିଜିଟାଲ ଶ୍ରେଣୀଗୃହ ଶିକ୍ଷାଦାନକୁ ନେଇ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ



ଜୟପୁର, ୧୯ ।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ଡିଜିଟାଲ ଶ୍ରେଣୀଗୃହ ଶିକ୍ଷାଦାନକୁ ନେଇ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଅଧୀନରେ ବିଭିନ୍ନ ବିଭାଗ ଏବଂ ଅନୁବନ୍ଧିତ କଲେଜର ଅଧ୍ୟାପକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ବାଣିଜ୍ୟ ବିଭାଗର ମୁଖ୍ୟ ତଥା ମାନବସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡଃ. ଦେବଦତ୍ତ ଇନ୍ଦୋରିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରେଣୀ ଗୃହର ପରିବର୍ତ୍ତନ କରିବା ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ ସହ ନୂତନ ଶିକ୍ଷାଦାନ ପଦ୍ଧତିକୁ ନେଇ ଶିକ୍ଷକମାନଙ୍କୁ ସଶକ୍ତ କରିବାରେ ଡିଜିଟାଲ୍ ଉପକରଣ ଏବଂ ଶିକ୍ଷାଦାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ପୂରଣ କରିବା ଏବଂ ଅନ୍ତର୍ଭୁକ୍ତ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ଶୈକ୍ଷିକ ଏବଂ ସଂସ୍ଥାଗତ ବିକାଶରେ ଯୋଗଦାନ ଦେଉଥିବା ପଦକ୍ଷେପଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ସ୍ନାତକୋତ୍ତରର ଅଧକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଡିଜିଟାଲ୍ ଶ୍ରେଣୀଗୃହ ଶିକ୍ଷାଦାନ ସମ୍ପର୍କରେ ନିଜ ମତ ପ୍ରକାଶ କରିଥିଲେ । ବାଣିଜ୍ୟ ବିଭାଗର ପ୍ରଧାପକ ତଥା ମାନବ ସମ୍ବଳ ବିକାଶ ବିଭାଗର ଉପନିର୍ଦ୍ଦେଶକ ସଚିନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବୈଷୟିକ ବିଷୟବସ୍ତୁକୁ ନେଇ ଅଧିବେଶନରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଡିଜିଟାଲ ବିଶେଷଜ୍ଞ ଜ୍ଞାନ ରଞ୍ଜନ ମହାନ୍ତି ବିଷୟବସ୍ତୁ ସୃଷ୍ଟି ଏବଂ ମୂଲ୍ୟାଙ୍କନ ଉପକରଣ ପାଇଁ ବ୍ୟବହାରିକ ରଣନୀତି ଏବଂ ପ୍ଲାଟଫର୍ମ ବିଷୟରେ କହିଥିଲେ । ଡଃ. ଉତ୍କଳ କୁମାର ଷଡଙ୍ଗୀ ଡିଜିଟାଲ ଶିକ୍ଷାଦାନ ଦ୍ୱାରା ଆଗତ ଶିକ୍ଷାଗତ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ । ସେ ଅଧ୍ୟାପକମାନଙ୍କ ମଧ୍ୟରେ ଛାତ୍ର ପାରସ୍ପରିକ କ୍ରିୟା ଏବଂ କ୍ଷମତା-ନିର୍ମାଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଯୌନ ନିର୍ଯାତନା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧକ୍ଷା ଡଃ. ସାଗରିକା ମିଶ୍ର ଯୋଗଦେଇ ଆଇନଗତ ଢାଞ୍ଚା, ଅଭିଯୋଗ ପ୍ରଣାଳୀ ଏବଂ ଏକ ସୁରକ୍ଷିତ କ୍ୟାମ୍ପସ ପରିବେଶ ସୁନିଶ୍ଚିତ କରିବାରେ କମିଟିର ଭୂମିକା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସର୍ମିଷ୍ଠା ଦାସ ଓ ସାକ୍ଷୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଛେଳିପାଳନ କରି ସ୍ୱାବଲମ୍ବୀ ହେଲେ ମହିଳା



କୋଟପାଡ, ୧୯।୭ (ସମିସ): କୋଟପାଡ ବ୍ଲକର ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସୁଶ୍ରୀ ରେଖା ରନ୍ଧାରି, ଗାୟତ୍ରୀ ବିଷୋୟୀ ପ୍ରମୁଖ ଛେଳି ପାଳନ କରି ସ୍ୱାବଲମ୍ବୀ ହୋଇଛନ୍ତି । ଏମାନେ ପ୍ରଥମେ ୨୦୨୩ ରୁ ୫ ଗୋଟି ଛେଳି ପାଳନ କରିବା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସକ, କୁସୁମୀଙ୍କ ପରାମର୍ଶ କ୍ରମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୨ ଛେଳି ପାଳନ ନିମନ୍ତେ ଆବେଦନ କରିଥିଲେ । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବି.ପି.ସି. ମିଶନ ଶକ୍ତି ଅଧିକାରୀଙ୍କ ମାଧ୍ୟମରେ ଗୋଷ୍ଠୀର ସଦସ୍ୟମାନଙ୍କ ସହ ବୈଠକ କରାଇ ଛେଳି ଗୃହ ନିର୍ମାଣ ଓ ଛେଳିର ଲାଳନପାଳନ ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ । ୨୦୨୪ ମସିହାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ପାଇବା ପରେ ଛେଳି ଗୁହାଳ ନିର୍ମାଣ କରି ୩୦ ଟି ମାଇ ଓ ୨ ଟି ଅଣ୍ଡିରା ଛେଳି ପାଳନ କରିଥିଲେ । ବର୍ତ୍ତମାନ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଖରେ ସମୁଦାୟ ୮୫ଟି ଛେଳି ଅଛି । ଛେଳି ପାଳନ କରି ସେମାନେ ବର୍ଷକ ଭିତରେ ବା ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୯୦ ହଜାର ଟଙ୍କା ଆୟ କରି ଲାଭବାନ ହୋଇପାରିଛନ୍ତି । ଭବିଷ୍ୟତରେ ଗାୟତ୍ରୀ ବିଷୋୟୀ ବ୍ୟକ୍ତିଗତ ସ୍ତରରେ ୧୦୫ ଛେଳି ପାଳନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆବେଦନ କରିବେ ବୋଲି ମନସ୍ଥ କରିଛନ୍ତି ।


**NARAYANI ENGLISH MEDIUM SCHOOL**

NEMS

Your KIDS deserves THE BEST EDUCATION

AFFILIATED TO CBSE, NEW DELHI

NURSERY TO CLASS 12TH (+2 Sc.)

➔ Transport Facility
➔ Hostel Facility (Limited Seats)

★ WORLD CLASS EDUCATION CRAFTED FOR JEYPORE ★

2025 ADMISSION OPENS

N.K.T. Road, Jeypore, Odisha

Tel.: 06854-241110, 7008440731. www.narayaniedu.com


# ନଦୀଘାଟରେ ଡଙ୍ଗା ଓଲଟି ଯୁବକ ନିଖୋଜ



ଚିତ୍ରକୋଣ୍ଡା/କୋରୁକୋଣ୍ଡା, ୧୯ ।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅଧୀନ ନାକାମାମୁଡି ଗ୍ରାମ ପଞ୍ଚାୟତ ଅଧୀନ ଡାଇକ-୩ ନଦୀ ଘାଟରେ ଡଙ୍ଗା ବୁଡି ଜଣେ ନିଖୋଜ ହୋଇଛନ୍ତି । ନିଖୋଜ ଜଣକ ରାମଚନ୍ଦ୍ର ପାଙ୍ଗି ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ ଡାଇକ-୩ ନଦୀ ଘାଟରୁ ଆରପାରିରେ ଥିବା ତାଲାପଦର ଗ୍ରାମକୁ ଗୋଟାଏ ଦେଶୀ ଡ଼ଙ୍ଗାରେ ଗତକାଲି ସନ୍ଧ୍ୟା ସମୟରେ ୪ ଜଣ ଯାଉଥିଲେ । ବର୍ଷା ପବନ ଆସିବା ଫଳରେ ଭାରସାମ୍ୟ ହରାଇ ଡ଼ଙ୍ଗାଟି ନଦୀ ମଝିରେ ଓଲଟି ପଡିଥିଲା । ଡ଼ଙ୍ଗାରେ ଥିବା ଚାରିଜଣଙ୍କ ମଧ୍ୟରୁ ୩ ଜଣକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୂଳକୁ ଫେରାଇ ଅଣାଯାଇଥିବାବେଳେ ରାମଚନ୍ଦ୍ର ପାଙ୍ଗି ନାମକ ବ୍ୟକ୍ତି ପାଣି ଭିତରେ ନିଖୋଜ ହୋଇଯାଇଥିଲେ । ଗ୍ରାମବାସୀ କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଅଗ୍ନିଶମ ବାହିନୀ ସୂଚନା ପାଇବା ବେଳକୁ ସନ୍ଧ୍ୟା ହୋଇଯାଇଥିବା କାରଣରୁ ଆଜି ସକାଳେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ ଏଲ୍ଏଫ୍ ଏଫ୍ ବାସୁଦେବ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସାହାଯ୍ୟରେ ଖୋଜା ଖୋଜି କରିଥିଲେ । ବହୁ ସମୟ ଖୋଜା ଖୋଜି ପରେ ମଧ୍ୟ ନିଖୋଜ ବ୍ୟକ୍ତି କୌଣସି ସୂଚନା ମିଳି ନଥିବା ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ବଦଳିଲେ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବିଡିଓ

କୋରାପୁଟ, ୧୯।୭ (ସମିସ): ରାଜ୍ୟ ସରକାର ଶନିବାର ୧୦ ଜଣ ବିଡିଓଙ୍କ ବଦଳି ତାଲିକା ପ୍ରକାଶ କରିଥିବାବେଳେ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକରେ ନୂତନ ବିଡିଓ ନିଯୁକ୍ତ ପାଇଛନ୍ତି । ମଦନପୁର ରାମପୁର ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କୁ ଲକ୍ଷ୍ମୀପୁର ବିଡିଓ ଭାବେ ବଦଳି ହୋଇଥିବାବେଳେ ବାରକୋଟ ବିଡିଓ ସିଦ୍ଧେଶ୍ୱର ନାୟକଙ୍କୁ ଦଶମନ୍ତପୁର ବ୍ଲକକୁ ବଦଳି ହୋଇଛି । ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର୍ ଭୋଇଙ୍କୁ ପୂର୍ବରୁ ବଲାଙ୍ଗୀର ଜିଲ୍ଲାର ଗୁଡ଼ଭେଲା ବିଡିଓ ଭାବେ ବଦଳି ହୋଇଥିବା ଜଣାପଡ଼ିଛି । ସେହିପରି ଦଶମନ୍ତପୁର ବିଡିଓ ଥିବା ମିଳନ କୁମାର ଝାଙ୍କରଙ୍କୁ ମଧ୍ୟ ପୂର୍ବରୁ ରାଜ୍ୟ ସରକାର ଅନ୍ୟତ୍ର ବଦଳି କରିଛନ୍ତି ।

# ନୂତନ ସିଡିପିଓ ନିଯୁକ୍ତି ପାଇଁ ଅଙ୍ଗନବାଡି କର୍ମୀଙ୍କ ଦାବି

ପୋଡ଼ା ଗଡ଼, ୧୯।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଶିଶୁ ବିକାଶ କାର୍ଯ୍ୟାଳୟର କିରାଣି କାମ କରି ନ ପାରିଲେ ଚାକିରି ଛାଡ଼ି ଦିଅ ବୋଲି ଯୁମ ମିଟିଂରେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି । ତୁରନ୍ତ କାର୍ଯ୍ୟାଳୟରେ ଏକ ସ୍ଥାୟୀ ସିଡିପିଓ ନିଯୁକ୍ତି କରିବା ଲାଗି ଅଙ୍ଗନବାଡି କର୍ମୀମାନେ ଦାବି କରିଛନ୍ତି । ସିଡିପିଓ ନଥିବା ଯୋଗୁଁ କେତେକ ଅଧିକାରୀ ମନମୁଖୀ ଶାସନ କରୁଛନ୍ତି ବୋଲି ଭାଗ୍ୟଲତା ଦାଶ, ଅନିତା ନାୟକ, ବୈଜୟନ୍ତ ମାଳା ବାଘ, ସୁକନ୍ତଳା ଭୁୟାଁ, ସୁନିତା ହୁଇକା, ପ୍ରମିଳା ଦେବି, ରଶ୍ମୀତା ମୁଦୁଲି ପ୍ରମୁଖ ଅଙ୍ଗନବାଡି କର୍ମୀ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ, ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ହିତାଧିକାରୀ, ମା' ଓ ଶିଶୁମାନଙ୍କ ଅନଲାଇନ୍ ପଞ୍ଜୀକରଣ ପାଇଁ ଆଧାର କାର୍ଡର ଇ-କେୱାଇସିର ଆବଶ୍ୟକ ରହିଛି । ହେଲେ ଗାଁ ଗହଳିରେ ରହୁଥିବା ଗରିବ ଆଦିବାସୀଙ୍କ ପାଖରେ ମୋବାଇଲ୍ ଫୋନ ନାହିଁ କିମ୍ବା ନେଟୱର୍କ ସୁବିଧା ମଧ୍ୟ ନାହିଁ । ତେଣୁ ହିତାଧିକାରୀଙ୍କ ପଞ୍ଜୀକରଣରେ ବିଳମ୍ବ ହେଉଛି । ଏ ସମ୍ପର୍କରେ ଆଇସିଡିଏସ୍ କିରାଣୀ ସତ୍ୟ ନାରାୟଣ ଦଳେଇଙ୍କୁ ପଚାରିବାରୁ ଆମକୁ ଜିଲ୍ଲା ଅଧିକାରୀ ପକ୍ଷରୁ ଶିଘ୍ର କାମ ସାରିବାକୁ କହିଛନ୍ତି । ତେଣୁ ଆମେ ମଧ୍ୟ ଅଙ୍ଗନବାଡ଼ି କର୍ମୀମାନଙ୍କୁ, ଶିଘ୍ର କାମ କରିବାକୁ କହୁଛୁ । କାମ ଧିର ହେଲେ ଆମେ ମଧ୍ୟ ଗାଳି ଶୁଣୁଛୁ ବୋଲି କହିଛନ୍ତି । ଭାରପ୍ରାପ୍ତ ସିଡିପିଓ ରାଜେଶ୍ୱରୀ ତୁରୁକ କହିଛନ୍ତି, ବର୍ତ୍ତମାନ ଆବଶ୍ୟକ ଠାରୁ କମ୍ କାମ ହୋଇଛି । ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ କାମ ଶିଘ୍ର ହେଉଛି । ଏହି ବ୍ଲକରେ ମୋଟ ୨୬୪ ଅଙ୍ଗନବାଡ଼ି କେନ୍ଦ୍ର ଅଛି । ବର୍ତ୍ତମାନ ୬୦ ପ୍ରତିଶତ କାମ ହୋଇଛି । ତେଣୁ ଶୀଘ୍ର କାମ ସାରିବାକୁ ଡିଏସ୍‌ଡବ୍ଲ୍ୟୁ ତାଗିଦ କରୁଛନ୍ତି ବୋଲି ସେ କହିଛନ୍ତି ।







**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଗୁଣପୁର**

**ଜିଲ୍ଲା-ରାୟଗଡା (ଓଡିଶା)**

ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଚୀନ ଐତିହ୍ୟ ସଂପନ୍ନ ଗୁଣପୁର କଳା, ସଂସ୍କୃତି ଓ କୃଷି କ୍ଷେତ୍ରରେ ନିଜତ୍ୱ ବଜାଇ ରଖିଛି । ବଂଶଧାରା ଉପତ୍ୟକାରେ ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ହିଁ ନିର୍ଭରଶୀଳ । କେବି କେବି ଧାନକ୍ଷେତ ସାଙ୍ଗକୁ ଶ୍ୱେତବର୍ଣ୍ଣର ବରଫର ଆସ୍ତରଣ ଭଳି ଭ୍ରମ ସୃଷ୍ଟି କରୁଥିବା କପା କ୍ଷେତ ଯେକୌଣସି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରେ । ତେଣୁ ଏହି ଅଞ୍ଚଳର କୃଷକର କୃଷିଜାତ ଦ୍ରବ୍ୟର ସଠିକ୍ ବଜାର ନିମନ୍ତେ ୧୯୬୧ ମସିହାର ଜୁଲାଇ ମାସ ୯ ତାରିଖରେ ଏହି କମିଟି ଜନ୍ମ ଲାଭ କରିଥିଲା । ଓଡିଶା ରାଜ୍ୟ ସରକାରଙ୍କର ନିର୍ଦ୍ଧାରିତ ବଜାର ପ୍ରାଙ୍ଗଣ ତଥା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି କ୍ରମେ ପରିଚାଳିତ ସମସ୍ତ ବଜାର ପ୍ରାଙ୍ଗଣ ମାନଙ୍କରେ ଚାଷୀମାନେ ନିଜର ବିକ୍ରି ଯୋଗ୍ୟ କୃଷିଜାତ ଦ୍ରବ୍ୟର ସୁଲଭ ବିକ୍ରି ବଜାର ସୁଯୋଗ ନିମନ୍ତେ ଆପଣଙ୍କ ନିୟନ୍ତ୍ରିତ ବଜାର କମିଟି, ଗୁଣପୁରର ସମସ୍ତ ପରିଚାଳନା ସଭ୍ୟ ଓ କର୍ମଚାରୀମାନଙ୍କ ତରଫରୁ ବିନମ୍ର ଅନୁରୋଧ ।

ଆଗାମୀ ଦିନର ଲକ୍ଷ- ଇ-ନାମ (e-NAM) ଜରିଆରେ ଉନ୍ନତ ବଜାର ଭିତ୍ତିଭୂମିର ବିକାଶ

ଆମର ଉଦ୍ଦେଶ୍ୟ - ଚାଷର ଉନ୍ନତି ଓ ଚାଷୀର ଆର୍ଥିକ ବିକାଶ

ଓଡିଶା ରାଜ୍ୟ କୃଷି ବିପଣନ ପରିଷଦଙ୍କ ଆଦେଶକ୍ରମେ ଏବଂ ଉପଜିଲ୍ଲାପାଳ-ତଥା ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ବଜାର କମିଟି ଗୁଣପୁରର ମୁଖ୍ୟ ବଜାର ପ୍ରାଙ୍ଗଣ ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ଜାତୀୟ କୃଷି ବଜାର ଇ-ନାମ (e-NAM) ଜରିଆରେ ନିଜ ଉତ୍ପାଦିତ ଧାନ ବ୍ୟତୀତ ଅନ୍ୟ ସମସ୍ତ କୃଷିଜାତ ଦ୍ରବ୍ୟକୁ ବିକ୍ରୟ କରି ଲାଭବାନ ହେବାକୁ ଆମର ଅନୁରୋଧ । ଏଥିନିମନ୍ତେ ସମସ୍ତ ଚାଷୀ ଓ ବ୍ୟବସାୟୀଙ୍କୁ ଇ-ନାମ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ କରିବାକୁ ଅନୁରୋଧ ।

ଶ୍ରୀ ଦଳପତୀ କାର୍ଯ୍ୟୀ, ସଂପାଦକ

ଶ୍ରୀ ଲଳିତ କୁମାର କହଁର, (ଓ.ପ୍ର.ସେ), ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ

# ଗାଈଗୋରୁଙ୍କ କବ୍‌ଜାରେ ୨୬ନଂ ଜାତୀୟ ରାଜପଥ

ନବରଙ୍ଗପୁର, ୧୯।୭ (ସମିସ)

ନବରଙ୍ଗପୁର ସହରରେ ବୁଲା ଗାଈଗୋରୁଙ୍କ କବ୍‌ଜାରେ ରହିଛି ୨୬ ନମ୍ବର ଜାତୀୟ ରାଜପଥ ତଥା ସହରର ଏକ ମାତ୍ର ମୁଖ୍ୟ ରାସ୍ତା। ସନ୍ଧ୍ୟା ହେଲେ ରାସ୍ତା ଉପରେ ମାଳମାଳ ଗାଈ ବାଛୁରୀ। ଗୋଟିଏ କିମ୍ବା ଦୁଇଟି ଗାଈ ବାଛୁରୀ ନୁହେଁ ବରଂ ଏକା ସଙ୍ଗରେ ୨୦ରୁ ୩୦ ଗାଈ ବାଛୁରୀ ସହରର ମୁଖ୍ୟରାସ୍ତାରେ ଶୋଇ ରହୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଲୋକେ ବିଭିନ୍ନ ଦୁର୍ଘଟଣାର ଶିକାର ହେବା ସହ ସହର ମଧ୍ୟରେ ଟ୍ରାଫିକ ସମସ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ନବରଙ୍ଗପୁର ସହରର ବାହାରକୁ ଯିବା ପାଇଁ ହେଲେ ବାଇପାସ୍ ସୁବିଧା ମଧ୍ୟ ନାହିଁ। ଯାହାଫଳରେ ମୋଟର ସାଇକେଲ ଠାରୁ ଆରମ୍ଭ କରି କାର୍, ବସ୍, ମାଲବାହି ଟ୍ରକ୍ ମଧ୍ୟ ଏହି ସହର ମଧ୍ୟ ଦେଇ ଯାଉଛି। ସହର ମଧ୍ୟରେ ଯାତାୟାତ କରୁଥିବା ହଜାର ହଜାର ସଂଖ୍ୟକ ଗାଡ଼ି ମୋଟର ସହ ସାଧାରଣ ଜନ ସାଧାରଣଙ୍କ ଚାଲି ଯିବା ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ଏପରିକି ଏହି ଗାଈ ବାଛୁରୀ ରାସ୍ତା ମଝିରେ ରହିଯିବା ଦ୍ୱାରା ଅନେକ ଥର ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖିବାକୁ ମିଳୁଛି।। ସହର ମଧ୍ୟରେ ଏହି ଗୋଟିଏ ମାତ୍ର ମୁଖ୍ୟ ରାସ୍ତା ରହିଥିବାରୁ ଅନେକ ସମୟରେ ଏହି ରାସ୍ତା ଦେଇ ସନ୍ଧ୍ୟା ହେଲେ ଛାତ୍ରଛାତ୍ରୀ ଟ୍ୟୁସନ୍ ମଧ୍ୟ ଯାଇଥାନ୍ତି। ରାସ୍ତା ମଝିରେ ଗାଈ ଗୋରୁ ରହିଥିବାରୁ ଛାତ୍ରଛାତ୍ରୀ, ବୃଦ୍ଧ ବୃଦ୍ଧା ଙ୍କ ଯିବା ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ଅନେକ ସମୟରେ ଛୋଟ ବଡ ମହିଳା ପୁରୁଷ ଗାଈଗୋରୁଙ୍କ ଆକ୍ରମଣର ଶିକାର ହେଉଥିବା ନଜର ରହିଛି। ସହରର ମୁଖ୍ୟ ମୁଖ୍ୟ ଗହଳିଆ ସ୍ଥାନ ଅର୍ଥାତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଛକ,



ପୁରୁଣା ଥାନା ଛକ, ଦଶହରାପଦା ଛକ, ଚାମୁରିଆଗୁଡା ଛକ, ତେଲିସାହି ଛକ, ଭଣ୍ଡାର ଘରଣୀ ମନ୍ଦିର ଛକ ଆଦି ପ୍ରମୁଖ ସ୍ଥାନରେ ବୁଲାଗାଈ ବାଛୁରୀଙ୍କ ଭିଡ଼ ସହ ଟ୍ରାଫିକ ସମସ୍ୟା ଦେଖାଦେଉଛି। ପୌର ସଂସ୍ଥା ପକ୍ଷରୁ କାହାର ଗାଈ ବାଛୁରୀ ଚିହ୍ନଟ କରି ଗାଈ ମାଲିକମାନଙ୍କ ଉପରେ ବେଳେ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ମଧ୍ୟ ସେମାନଙ୍କ କୌଣସି ପ୍ରକାର ପ୍ରଭାବ ପଡୁ ନଥିବାରୁ ସେଥିପାଇଁ ରାସ୍ତା ମଝିରେ ଆସି ରାସ୍ତା ଅବରୋଧ କରି ରହୁଥିବା ଗାଈଗୋରୁ ମାଲିକଙ୍କୁ ଅଧିକରୁ ଅଧିକ ଜରିମାନା ଆଦାୟ କରିବା ସହ ଗାଈ ଗୋରୁ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନଙ୍କ ନିକଟରେ ସହରର ବୁଦ୍ଧିଜୀବୀ ଏବଂ ବହୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ସାପକାମୁଡାରେ ନାବାଳକ ମୃତ

ମାଥିଲି, ୧୯।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମର ବାବୁ ରାମ କୋଟପାଡ଼ିଆଙ୍କ ଦଶ ବର୍ଷର ପୁଅ ରାହୁଲ କୋଟପାଡ଼ିଆ ଗତକାଲି ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ଏକ ବିଷଧର ସାପ କାମୁଡିଦେଇଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମାଥିଲି ଅଞ୍ଚଳର ଯୁବ କଂଗ୍ରେସ ନେତା ବାଲରାଜୁ କୋପେ ଖବର ପାଇ ମେଡିକାଲରେ ପହଞ୍ଚି ପରିବାର ଲୋକକୁ ସମବେଦନା ଜଣାଇଥିଲେ। ରାହୁଲଙ୍କ ବାପା ମାଥିଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ନାବାଳକଙ୍କ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ରାମଗିରି କ୍ଲଷ୍ଟରସ୍ତରୀୟ ବୈଠକ



ବୈପାରୀଗୁଡ଼ା, ୧୯।୭ (ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି କ୍ଲଷ୍ଟରସ୍ତରୀୟ ବୈଠକ ରା.ଭାଲୁଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସିଆରସିସିଙ୍କ ଦ୍ୱାରା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଶିକ୍ଷକଙ୍କ ସମୟୋପଯୋଗୀ ଉନ୍ନତି ଓ ବିଦ୍ୟାଳୟ ବିକାଶ ଯୋଜନା ସୂଚନା ଦିଆଯାଇଥିଲା। ବୈଠକରେ ଶିଶୁ ଭାଟିକା କାର୍ଯ୍ୟ ପୁସ୍ତିକା, ଶିକ୍ଷଣ ସହାୟକ ପୁସ୍ତିକା ଓ ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର ବିଷୟରେ ଅନୁଚିନ୍ତା କରାଯାଇଥିଲା। ବହୁ ଶ୍ରେଣୀୟ ଶ୍ରେଣୀ ପରିଚାଳନା (ଏମ୍‌ଜିଏମ୍‌ଏଲ୍) ପ୍ରଣାଳୀ ଓ ଏହାର କାର୍ଯ୍ୟକ୍ଷମ ବ୍ୟବହାର ଉପରେ ଅଲୋଚନା ହୋଇଥିଲା। ଶିକ୍ଷକଙ୍କ ଦ୍ୱାରା ପାଠ୍ୟ ଟୀକା ପ୍ରସ୍ତୁତି, ଉପସ୍ଥାପନା ଏବଂ ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ ରୂପରେ ବିଦ୍ୟାଳୟ ଶିକ୍ଷାକ୍ରମ କିପରି ସଫଳ ହୋଇପାରିବ ତାହା ଉପରେ ମନୋନିବେଶ କରାଯାଇଥିଲା। ବିଶେଷ କରି ବିଦ୍ୟାଳୟ ବିକାଶ ଯୋଜନା ( ଏସଡିପି ) ପ୍ରସ୍ତୁତି ଓ ଏହାର କାର୍ଯ୍ୟାନ୍ୱୟନ ପାଇଁ ଚର୍ଚ୍ଚା ହୋଇଥିଲା। ଏହି ବୈଠକରେ ସମ୍ବଳ ଶିକ୍ଷକ ଭାବରେ ଅଂଶଗ୍ରହଣ କରିଥିଲେ ରା. ଭାଲୁଗୁଡା ବିଦ୍ୟାଳୟର ସହକାରୀ ଶିକ୍ଷକ କାହ୍ନୁ ଚରଣ ବେହେରା। ରମଗିରି ନୋଡାଲ ବିଦ୍ୟାଳୟର ଶିକ୍ଷକ ରମେଶ ଘଡେଇ, ଅନିତା ଦଳାଇ, କୌଶଲ୍ୟା ନାୟକ ଓ ତପନ ମିଶ୍ର। ଏମାନେ ତାଙ୍କର ଅଭିଜ୍ଞତା ଓ ପ୍ରାୟୋଗିକ ଜ୍ଞାନ ଦ୍ୱାରା ଅନ୍ୟ ଶିକ୍ଷକମାନଙ୍କୁ ପ୍ରେରଣା ଦେଇଥିଲେ। ବୈଠକର ଶେଷରେ ଲକିରାମ ଗଉଡ ଧନ୍ୟବାଦ ଜଣାଇଥିଲେ।

# ୩୦ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

କୋରୁକୋଣ୍ଡା, ୧୯।୭ (ସମିସ): ବେଆଇନ ଭାବେ ଏକ ଜରି ବସ୍ତାରେ ୩୦କିଲୋ ଗଞ୍ଜେଇକୁ ବାହାର ଅଞ୍ଚଳକୁ ଚୋରାଚାଲାଣ କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି। ପୁଲିସ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିକୁ ଓର୍କେଲ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ କାଲିମେଲା ଥାନା ଅଧିନସ୍ତ ତାଟିଗୁଡା ଗ୍ରାମରେ ରହୁଥିବା ଜଗା ମାଡ଼କାମୀଙ୍କ ପୁଅ ରାମ ମାଡ଼କାମୀ(୩୯) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧିନସ୍ତ କାତାପାଲୀ ଗ୍ରାମ ନିକଟ ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ ଟା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ଏକ ଜରି ବସ୍ତାରେ କଛି ସାମଗ୍ରୀ ଧରି କାଲିମେଲା ଅଞ୍ଚଳକୁ ଯିବା ପାଇଁ ଗାଡିକୁ ଅପେକ୍ଷା କରିଥିବା ପୁଲିସ ଦେଖିବାକୁ ପାଇଥିଲା। ସନ୍ଦେହ ହେବାରୁ ପୁଲିସ ତାଙ୍କୁ ଅଟକାଇ



ତାଙ୍କ ପାଖରେ ଥିବା ବସ୍ତାକୁ ଖୋଲି ଯାଞ୍ଚ କରିବାରୁ ସେଥିରେ ୩୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୁଲିସ ଉକ୍ତ ଗଞ୍ଜେଇକୁ ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିକୁ ଧରି ଥାନାକୁ ଆଣିଥିଲେ। ଏନେଇ ଥାନାରେ କେସ ନମ୍ବର-୧୯୧/୨୦୨୫ ଏନ୍‌ଡିପିଏସ୍ ଧାରାରେ ରାମ ମାଡ଼କାମୀକୁ ଆଜି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସୀମାନ୍ତରେ ଓଡ଼ିଶା-ଆନ୍ଧ୍ର ଅବକାରୀ ବିଭାଗର ଚଢ଼ଉ

କୋରାପୁଟ, ବନ୍ଧୁଗାଁ, ୧୯।୭ (ସମିସ): ଓଡ଼ିଶା ଆନ୍ଧ୍ର ପ୍ରଦେଶ ସୀମା ବନ୍ଧୁଗାଁ ଥାନା ଅନ୍ତର୍ଗତ ଜାଗୁଗୁଡ଼ା ଓ ଆଲମଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଶନିବାର ପୂର୍ବାହ୍ନରେ ଦୁଇ ରାଜ୍ୟର ଅବକାରୀ ବିଭାଗ ଟିମ୍ ମିଳିତ

**■ ବିପୁଳ ପୋଚ ଓ ରନ୍ଧା ମଦ ଜବତ**

ଚଢ଼ଉ କରି ବିପୁଳ ପରିମାଣର ପୋଚ ଏବଂ ରନ୍ଧା ଦେଶୀ ମଦ ଜବତ କରିଥିବା କୋରାପୁଟ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଦୁଇ ରାଜ୍ୟର ସୀମାବର୍ତ୍ତୀ ଆଲମଣ୍ଡା ଓ ଜାଗୁଗୁଡ଼ା ନିକଟ ଜଙ୍ଗଲରେ ଚୋରା ମଦ ବ୍ୟବସାୟୀ ମାନଙ୍କ ଦ୍ୱାରା ନିୟମିତ ଦେଶୀ ମଦ ପ୍ରସ୍ତୁତ କରାଯାଇ କୋରାପୁଟ ଜିଲ୍ଲା ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ମାନ୍ୟମ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିବା ଗୋଇନ୍ଦା ପକ୍ଷରୁ ସୂଚନା ମିଳିଥିଲା। ସୂଚନା ଆଧାରରେ କୋରାପୁଟ ଅବକାରୀ ଅଧିକ୍ଷକ



ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଚନ୍ଦ୍ର ଶେଖର ପଡ଼ିଆରୀ, ସବ ଇନ୍ସପେକ୍ଟର ରାଜ କୁମାର କ୍ଷିତି, ମାଝୀ ଗୌରୀ ପଟ୍ଟନାୟକ, ଏଏସ୍‌ଆଇ ସୁଶାନ୍ତ କୁମାର ନାୟକ, ଉମେଶ କୁମାର ଦୋରା ଓ ଅନ୍ୟମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ପାର୍ବତୀପୁରମ୍ ଅତିରିକ୍ତ ଅବକାରୀ ଅଧିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ସହ ମିଳିତ ଚଢ଼ଉ କରିଥିଲେ। ଚଢଉ ସମୟରେ ଦୁଇଟି ସ୍ଥାନରୁ ୫୬୦୦ ଲିଟର ପୋଚ ଏବଂ ୪୦୦ ଲିଟର ଦେଶୀ ରନ୍ଧା ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ନଷ୍ଟ କରାଯାଇଥିଲା। ତେବେ କୌଣସି ସୂତ୍ରରୁ ସୂଚନା ପାଇ ଚୋରା ମଦ ବ୍ୟବସାୟୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତା ଦିନରେ ମଧ୍ୟ ଚୋରା ମଦ ରୋକିବା ପାଇଁ ଏଭଳି ଚଢଉ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ପ୍ରକାଶ କରିଛନ୍ତି।

# ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋରାପୁଟ, ୧୯।୭ (ସମିସ): ଆଜି ସମଗ୍ର ରାଜ୍ୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଓସେପା, ଭୁବନେଶ୍ୱର ଦ୍ୱାରା ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଆଜି କୋରାପୁଟ ଜିଲ୍ଲାର ସମସ୍ତ କ୍ଲଷ୍ଟରରେ ମଧ୍ୟ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଏବଂ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, କୋରାପୁଟ



ବ୍ଲକ ଲାଉରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ। ଏହି କ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଲକ୍ଷ୍ମୀପୁର ବ୍ଲକର କିଛି ବୈଠକରେ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ପଟାଙ୍ଗି ବ୍ଲକର କିଛି ବୈଠକରେ ଯୋଗ ଦେଇଥିଲେ। କୋରାପୁଟ ସହରର ମାଳିସାହି କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଗୁଣାକକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇଥିଲେ। କୋରାପୁଟ ବ୍ଲକ ଅନ୍ତର୍ଗତ କୋରାପୁଟ ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ କ୍ଲଷ୍ଟରରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

# କ୍ଲଷ୍ଟରସ୍ତରୀୟ ଚାରାରୋପଣ



କୋରୁକୋଣ୍ଡା, ୧୯।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ଅନ୍ତର୍ଗତ କେନ୍ଦ୍ରାଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ବିଧାୟକ ପ୍ରତିନିଧି ବିନାୟକ ପାତ୍ର ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଅଞ୍ଚଳର ସିଆରସିସିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରକାର ଫଳନ୍ତି ବୃକ୍ଷ ତଥା ଆମ୍ବ, ପଣସ, ପିଜୁଳି, ଆତ ଆଦି ବୃକ୍ଷ ଚାରାରୋପଣ କରାଯାଇଥିଲା। ବନ ବିଭାଗର ସହାୟତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମିଳିତ ଭାବେ ଚାରାରୋପଣ କରିଥିଲେ। ତେବେ ବ୍ଲକ ଶିକ୍ଷା ବିଭାଗର ବୃକ୍ଷରୋପଣ ପରି ଏପରି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# କ୍ଲଷ୍ଟର୍‌ସ୍ତରୀୟ ପ୍ରଥମ ବୈଠକ

କାକିରିଗୁମ୍ମା, ୧୯।୭ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା କୁସୁମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାକିରିଗୁମ୍ମା ଓ ତେୟାପୁଟ କ୍ଲଷ୍ଟର୍ ୧୫ଟି ବିଦ୍ୟାଳୟକୁ ନେଇ କ୍ଲଷ୍ଟରସ୍ତରୀୟ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାକିରିଗୁମ୍ମା ସିଆରସିସି ଭେଙ୍କଟେଶ୍ୱର ରାୟ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୩ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏପେଲନ ଗ୍ରେଡ୍ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥଲେ। ଉକ୍ତ ବୈଠକ ପରିଦର୍ଶନ ନିମନ୍ତେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଓ ଲକ୍ଷ୍ମୀପୁର ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ ମୁଦୁଲି ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷା ବିକାଶ ଧାରା କୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ସିଆରସିସି ଧନ୍ୟବାଦ ପ୍ରଦାନ କରି ଥିଲେ।










# ଢେପାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

ଗୁଡାରୀ, ୧୯।୭ (ସମିସ)

ପ୍ରାୟ ୨ ବର୍ଷ ଧରି ଢେ଼ପାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦ ଖାଲିପଡ଼ିଛି। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଚେତୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ମୁତାବକ, ଡା. ଗୌରବ କୁମାର ସାହୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ତୁଲାଉ ଥିବାବେଳେ ତାଙ୍କୁ ୨୦୨୩ ଅକ୍ଟୋବର ୨୪ରେ ବଦଳି କରାଯାଇଥିଲା। ତାଙ୍କ ବଦଳି ପରେ ଏଠାରେ ଡାକ୍ତର ପଦବୀ ପୂରଣ ହୋଇପାରୁନାହିଁ। ଚାରିଗୋଟି ଗ୍ରାମ ପଞ୍ଚାୟତ ତଥା ପେଣ୍ଡିଲି, ମଧୁବନ, ଖାରୀଗୁଡା ଓ କରଲାଘାଟି ଜନ ସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଢେପାଗୁଡା ଉପରେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଡାକ୍ତରଙ୍କ କାମ ଫାର୍ମାସିଷ୍ଟ ବିଷ୍ଣୁପ୍ରସାଦ ସାହୁ ତୁଲାଉ ଥିବାବେଳେ ସ୍ୱିପେର ଚନ୍ଦ୍ର ପାଲକା ଫାର୍ମାସିଷ୍ଟ କାମ ତୁଲାଉଛନ୍ତି। ସେହିପରି ଏଠାରେ




ନିଯୁକ୍ତ ପାଇଥିବା ସାନିଟାଇଜର ୱାର୍କର ଗୁଡାରି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ସାନହୁମାକୁ ପଠାଇ ଦିଆଯାଇଛି। ସେହିଦିନ ଠାରୁ ଗର୍ଭବତୀ ମହିଳା ପ୍ରସବ ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଗୁଡାରି ଯିବା ପାଇଁ ବାଧ୍ୟ ହେଉଛନ୍ତି। ସେହିପରି ଲ୍ୟାବ୍ ଟେକ୍ନିସିଆନ୍ ପୋଷ୍ଟିଂ ଢେପାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିଲେ ମଧ୍ୟ ସେ ଗୁଡାରି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଏହି ମେଡିକାଲରେ ଷ୍ଟାଫ୍ କହିଲେ ଫାର୍ମାସିଷ୍ଟ, ସୁଇପର ଏବଂ ସିକ୍ୟୁରିଟି ଗାର୍ଡଙ୍କୁ ନେଇ କାମ ଚାଲିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ୪୦ ରୁ ୫୦ ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଠିକ୍‌ରେ ସ୍ୱାସ୍ଥ୍ୟସେବା ପାଇ ପାରୁ ନଥିବାରୁ ବାଧ୍ୟ ହୋଇ ବାହାର କ୍ଲିନିକ୍‌ରେ ଚିକିତ୍ସା ହୋଇ ଗରିବ ଆଦିବାସୀ ଠକାମୀରେ ଶିକାର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ବର୍ଷାଦିନ ଆସୁଥିବାରୁ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ଅନେକ ରୋଗ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସହ ଅନ୍ୟାନ୍ୟ ଖାଲିଥିବା ପଦ ପୂରଣ କରବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।






ସକାଳ THE SAKALA



## ଦୁଃଖର କାରଣ ନାଗାବଳୀ
# ଭରାନଈରେ ନ ପଶିଲେ ବିକଳ୍ପ ନାହିଁ

ଲାଞ୍ଜିଗଡ଼, ୧୯ ।୭ (ସମିସ)



**୩ ବର୍ଷ ହେଲା ସରୁନାହିଁ ବ୍ରିଜ୍ ନିର୍ମାଣ କାମ**

ରାଜ୍ୟ ଏବଂ କେନ୍ଦ୍ର ସରକାର ନଦୀକୂଳିଆ ଗାଁଗୁଡିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି; ହେଲେ ଦୁର୍ନୀତିଖୋର ଯନ୍ତ୍ରୀ ଓ ଠିକାଦାରମାନଙ୍କ ଅବହେଳା ଯୋଗୁଁ ଏହା ଅଧପନ୍ତରିଆ ଭାବେ ପଡ଼ି ରହିଛି। କେଉଁଠି କାମ ଶୁଭାରମ୍ଭ ହୋଇନି। ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ପରେ କେବଳ କାଗଜକଲମରେ ସୀମିତ ରହିଛି। ଏହାଦ୍ୱାର ନଦୀ ନାଳ ଆରପାରିରେ ଥିବା ଗାଁ ଲୋକେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୪୦ରୁ ଅଧିକ ଗାଁର ପ୍ରାୟ ୫ ହଜାର ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। କଳାହାଣ୍ଡି ଓ ରାୟଗଡ଼ା ସୀମାନ୍ତରେ ଥିବା ଦୁର୍ଗମ ସିଲେଟ ପଞ୍ଚାୟତରେ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି।

ସ୍ୱାଧୀନତାର ୭୮ ବର୍ଷ ପରେ ବି ଆଜି ସୁଦ୍ଧା ଏହି ପଞ୍ଚାୟତରେ ସରକାରଙ୍କ ମାଳ ମାଳ ଯୋଜନା ଫେଲ ମାରିଛି। ନେତା, ମନ୍ତ୍ରୀ ଓ ଅଫିସରଙ୍କ ଗସ୍ତ ସତ୍ତ୍ୱେ ମଧ୍ୟ ଏଠାକାର ଲୋକଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳି ପାରିନାହିଁ। ଏହି ପଞ୍ଚାୟତର ଅଧିକାଂଶ ଗାଁକୁ ପକ୍କା ରାସ୍ତା ନାହିଁ। ଏହାଫଳରେ ଯାତାୟତ କ୍ଷେତ୍ରରେ ପ୍ରମୁଖ ସମସ୍ୟା ଦେଖା ଦେଇଛି। ମାଳତିପଦର ଓ କାନ୍ଧୁଲଗୁଡ଼ା ଗାଁ ମଝିରେ ଥିବା ନାଗାବଳୀ ନଦୀ ଏବେ ଲୋକଙ୍କ ପାଇଁ ବିପଦ ସାଜିଛି। ୨୦୨୩ ମସିହାରେ ଏଠାରେ ଏକ ଉଚ୍ଚ ତମ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା; ହେଲେ ଏହା ୩ ବର୍ଷ ବିତିଗଲାଣି ନିର୍ମାଣ କାର୍ଯ୍ୟ ଶେଷ ନ ହୋଇ ଅଧପନ୍ତରିଆ ଭାବେ ପଡ଼ି ରହିଛି। ଲୋକଙ୍କ ଯିବା ଆସିବା ପାଇଁ ଏବେ ବିପଦ ସାଜିଛି ନାଗାବଳୀ ନଦୀ। ବେଳେ ବେଳେ ଜୀବନକୁ ବାଜି ଲଗାଇ ଭରାନଈରେ ଲୋକେ ନଦୀ ପାର ହୁଅନ୍ତି। ଏଥିଲାଗି ବିଭିନ୍ନ ସମୟରେ ଏଠାରେ ଲୋକଙ୍କ ଧନଜୀବନ କ୍ଷତି ହୋଇଥିବା ଅଭିଯୋଗ ହେଉଛି। ବର୍ଷା ଦିନେ ନଦୀ ଫୁଲିବା ଯୋଗୁଁ ନଈ ଆରପାରିରେ ଥିବା ଗାଁଗୁଡ଼ିକର ଲୋକେ ଜଳବନ୍ଦୀ ଭିତରେ ରହିଥାନ୍ତି। ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଏମାନଙ୍କ ପାଇଁ ସାତ ସପନ ପାଲଟିଥାଏ। ରୋଗୀ ଅବା ଗର୍ଭବତୀ ମହିଳା ଠିକ୍ ସମୟରେ ମେଡିକାଲ ପହଞ୍ଚି ନ ପାରି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ସବୁ ଜାଣି ଶୁଣି ବିଭାଗୀୟ ଅଧିକାରୀ ନିରବ। ନାଗାବଳୀ ନଦୀକୁ ନେଇ ଜିଲ୍ଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ବ୍ଲକର ଅଧିକାଂଶ ଗାଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ମାଳତିପଦର, କାନ୍ଧୁଲଗୁଡା, ବିଲାମାଲ, ଖୁଟଖାଲ, ପାଜୀଖାଲ, ଝାଞ୍ଜି, ବଣ୍ଡେଲ, ଦୂରବେଲଗୁଡା, ମାରଗୁମା, ମୁସପାନ, ସରମାଣ୍ଡି, ଦାଣ୍ଡପଦର, ରୁପେନ, ସେମିଖାଲ, ପୁଇଗୁଡ଼ା, ସର୍ଗିଗୁଡା, ଟୁରିସିମେଲ, ସାଇମାସ୍କ, ବାତେରପଡ଼ା ଓ ପୀଡିଶାଲ ଭଳି ଗାଁଗୁଡ଼ିକର ଲୋକେ ଦୁର୍ଦ୍ଦାଶା ଭୋଗିଥାନ୍ତି। ବିଶେଷ ଭାବରେ ସିଲେଟ ପଞ୍ଚାୟତବାସୀଙ୍କୁ ନାଗାବଳୀ ନଦୀ ବାଧକ ସାଜିଛି। ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁଗାଈଙ୍କୁ ନଦୀ ପାର କରିବା, ରୋଗୀ ଏବଂ ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି। ତେବେ ବ୍ରିଜ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ୨୦୨୩ରେ ଆରମ୍ଭ ହୋଇଥିଲେ ସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଠିକ୍ ଭାବେ ତଦାରଖ କରୁ ନାହାନ୍ତି। ଏହାଦ୍ୱାରା କାମ ମନ୍ଥର ଗତିରେ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

## ବଲଙ୍ଗି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ କୋଠରିରେ ୫ ଶ୍ରେଣୀ
# ହସ୍ତାନ୍ତର ପୂର୍ବରୁ ଉଡ଼ିଗଲା ଟିଣ

**ଥୁଆମୂଳ ରାମପୁର, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ବଲଙ୍ଗି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଭିତରେ ଚାଲିଛି। ନୂତନ ଗୃହ ହସ୍ତାନ୍ତର ପୂର୍ବରୁ ଟିଣ ଉଡି ଯାଇଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ। ୧୯୬୮ରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଛି। ୧୯୯୬ରେ ଜଣେ ବ୍ୟକ୍ତିଙ୍କ ଜାଗାରେ ବୁଝାମଣା ସ୍ୱରୂପ ବିଦ୍ୟାଳୟ କୋଠା ନିର୍ମାଣ ହୋଇଥିଲା। କିଛିବର୍ଷ ହେଲା ତାହା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୧୨ରେ ମାତ୍ର ଗୋଟିଏ ଶ୍ରେଣୀ ବିଶିଷ୍ଟ ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ସେହି କୋଠରିରେ ୫ଟି ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ୨ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ନାହିଁ। ମଧ୍ୟାହ୍ନ ଭୋଜନ ଚାଉଳ ଭଳି ବିଭିନ୍ନ ଆବଶ୍ୟକ ଜିନିଷପତ୍ର ମଧ୍ୟ ରଖିବାକୁ ସ୍ଥାନ ଉପଲବ୍ଧ ନାହିଁ। ଏହାଫଳରେ ସେହି ଗୋଟିଏ କୋଠରୀରେ ହିଁ ଏସବୁ ରଖିବାକୁ ପଡୁଛି। ବର୍ତ୍ତମାନ ଏହି ବିଦ୍ୟାଳୟ କୋଠାଟି ଯେଉଁ ଜମି ମାଲିକଙ୍କ ଜାଗାରେ ରହିଛି ସେ ଖାଲି କରିବାକୁ ସ୍କୁଲକୁ ଚେତାବନୀ ଦେଇଛନ୍ତି। ଏହାକୁ ଆଖି ଆଗରେ ରଖି ଗ୍ରାମର ଏକ ସରକାରୀ ଜାଗାରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ ହେଇସାରିଛି; କିନ୍ତୁ ପ୍ରଶାସନକୁ ହସ୍ତାନ୍ତର କରିବା ପୂର୍ବରୁ ସମସ୍ୟା ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁଁ ଘରର ଟିଣ ଉଡିଯାଇଛି। ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଛାତ ନ ପଡ଼ି କାହିଁକି ଟିଣ ଢାଙ୍କି ଦିଆଗଲା ବୋଲି



ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି। କେବଳ ଏହାର ତୁରନ୍ତ ମରାମତି କରାଯିବ ବୋଲି ଉତ୍ତର ରଖିଥିଲେ। ସେହିଭଳି ବିଡ଼ିଓ ମଧ୍ୟ ଏହି ବିଦ୍ୟାଳୟର ସମସ୍ୟା ଓ ନବନିର୍ମିତ ବିଦ୍ୟାଳୟ କୋଠା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଏହା ପ୍ରଶାସନିକ ଦୁର୍ବଳତା ଓ ଅବହେଳାକୁ ଦର୍ଶାଯାଉଛି।।

## ବିବାହିତା ମହିଳାଙ୍କ ମୃତ୍ୟୁ: ହତ୍ୟା ସନ୍ଦେହ

**କୋକସରା, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ା ଗ୍ରାମର ରିକିରାମ ପ୍ରଧାନୀଙ୍କ ସ୍ତ୍ରୀ ଉର୍ମିଳା ପ୍ରଧାନୀଙ୍କ ଶନିବାର ମୃତ୍ୟୁ ଘଟିଛି। ୫ବର୍ଷ ତଳେ ରିକିରାମଙ୍କ ସହ ତାରାପୁର ପଞ୍ଚାୟତ ଇଚ୍ଛାପୁର



(ଗଞ୍ଜିଆଗୁଡା) ଗ୍ରାମର ରଥେ ପୂଝାରୀଙ୍କ ଝିଅ ଉର୍ମିଳାଙ୍କ ପ୍ରେମ ବିବାହ ହୋଇଥିଲା। ରିକିରାମଙ୍କ କହିବା ଅନୁସାରେ ଉର୍ମିଳା ଗାଧୋଇ ସାରି ଘରକୁ ଆସିବା ପରେ ଅଚାନକ ତଳେ ପଡ଼ିଯାଇଥିଲେ। ରିକିରାମ ଶଶୂର ଘର ଲୋକଙ୍କୁ ଖବର ଦେବା ସହ ଉର୍ମିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉର୍ମିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଉର୍ମିଳାଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଓ କୌଣସି ରୋଗରେ ମଧ୍ୟ ପୀଡିତ ନ ଥିବାରୁ ହଠାତ୍ ଏହି ମୃତ୍ୟୁକୁ ବାପ ଘର ଲୋକେ ସହଜେ ଗ୍ରହଣ କରିପାରୁ ନାହାନ୍ତି। ସ୍ୱାଇଁ ଓ ତାଙ୍କ ଘର ଲୋକେ ହତ୍ୟା କରି ଭିନ୍ନ ରୂପ ଦେଉଥିବା ଉର୍ମିଳାଙ୍କ ବାପା ରଥେ ଆମପାଣି ଥାନାରେ ଅଭିଯୋଗ କରଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଯାଇଛି।

## ବିପୁଳ ମଦ ଜବତ ସହ ଜଣେ ଗିରଫ

**ଶଗଡ଼ା, ୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା କାପେଲବେଡା ଗ୍ରାମ ରାସ୍ତା ନିକଟରେ ଦେଶୀ ମଦ ବିକ୍ରି ହେଉଥିବା ବେଳେ କଣ୍ଟାମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଛି। ଗ୍ରାମର ଜିତେନ୍ଦ୍ର ପୁଟା (୩୦) ନିକଟରୁ ୬ ଲିଟର ମଦ ଜବତ କରି ତାକୁ ଗିରଫ କରାଯାଇଛି। ଏ ନେଇ କଣ୍ଟାମାଳ ଅବକାରୀ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ଶାଗୁଆନ କାଠ ଗଣ୍ଡି ସହ ଟ୍ରାକ୍ଟର ଜବତ

**ଧର୍ମଗଡ଼, ୧୯ ।୭ (ସମିସ):** ଧର୍ମଗଡ଼ ବନ ବିଭାଗ ୨୩ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଚୋରା ଚାଲାଣ ବେଳେ ଏକ ଟ୍ରାକ୍ଟର ଜବତ କରିଛି। ଗାଡ଼ି ଚାଳକ କିନ୍ତୁ ଫେରାର ହୋଇ ଯାଇଛି। ଜବତ କାଠ ଓ ଟ୍ରାକ୍ଟର ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ପାଟ୍ରୋଲିଂ ବେଳେ ବନ ବିଭାଗ ଗୋଟୋମୁଣ୍ଡା-ଥୁଟିବର ରାସ୍ତାରେ ଟ୍ରାକ୍ଟରକୁ ଧରିଥିଲା। ଜବତ କାଠର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ରେଞ୍ଜର ଭବାନୀ ଶଙ୍କର କାଉର ସୂଚନା ଦେଇଛନ୍ତି। ଫରେଷ୍ଟର ତଥା ସେକ୍ସନ ଇନଚାର୍ଜ ରାଜେନ୍ଦ୍ର ନାଏକ, କୋକିଳ ଭାଟି, କୁନା ପ୍ରଧାନୀ, ସ୍ୱାଧୀନ ଦଣ୍ଡସେନା, ନମିତା ବାଗ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ।

# ଅବଧି ସରିବା ପୂର୍ବରୁ ଉଜୁଡ଼ିଗଲା ରାସ୍ତା



**ଲାଞ୍ଜିଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ରାସ୍ତାରେ ମୁକୁନ୍ଦପୁର ଛକ ରହିଛି। ଏହି ରାସ୍ତାର ବାମପଟ ଦେଇ ୩ କି.ମି ଗଲେ ମେଲଘୁଟୁ ଗାଁ ପଡେ। ସେଇଠୁ ଦକ୍ଷିଣ ପଟକୁ ୨ କିମି ଗଲେ କନେର ଗାଁ। ପକ୍କା ଓ ସ୍ଥାୟୀ ସଡ଼କ ଯୋଗାଯୋଗ ନ ଥିବା ଏହି ଗାଁକୁ ଗତ ୫ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଜଣକ ରାସ୍ତା ବି ତିଆରି କରିଥିଲେ; କିନ୍ତୁ ମନ୍ଥର ଗତିରେ କାମ ସାଙ୍ଗକୁ ଅତି ନିମ୍ନମାନର କାମ କରିବା ଯୋଗୁଁ ରାସ୍ତା ନିର୍ମାଣ ଶେଷ ନ ହେଉଣୁ ରାସ୍ତା ଉଜୁଡିବାକୁ ଲାଗିଲା। ଏପରିକି ୫ବର୍ଷ ଗ୍ୟାରେଣ୍ଟି ଅବଧି ରହିଥିଲେ ହେଁ ଠିକାଦାର ସବୁତକ ଲାଭ ନେଇ ଚମ୍ପଟ ମାରିଲେ ସିନା ଥରୁଟିଏ ବି ରକ୍ଷଣାବେକ୍ଷଣ କିମ୍ବା ମରାମତି ଦାୟିତ୍ୱ ହାତକୁ ନେଲେ ନାହିଁ। ଓଲଟା କାମ ସରିଯିବା ପରେ ରାସ୍ତାକୁ ଭୁଲିଗଲେ। ଏହାଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଉଜୁଡିଯିବା ସହିତ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରି କରି ଥକିଗଲେଣି; କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏବେ ବର୍ଷାଋତୁ ଆସିଥିବାବେଳେ ପୋଖରୀବନ୍ଧ ପଞ୍ଚାୟତର ଇର୍କୁଲି, କରଲାକୁପା, ବିନାୟକପୁର, କନେର, ଇସାରବାରୁ, ମେଲଘୁଟୁ, ପୁତାଉମେର, ବୁଢ଼ାଉମେର, ଉମେର, ପୋଖରୀ ପଦର, ମୁକୁନ୍ଦପୁର, ବେଢ଼ାଲଖମନ, ଭେଜିପଦର ଆଦି ଗାଁର ପାଞ୍ଚ ହଜାର ଉଜାର ଲୋକେ ନିର୍ଭର କରୁଥିବା ରାସ୍ତା ଯୋଗାଯୋଗ ବଚ୍ଛିନ୍ନ ହେବା ଆଶଙ୍କା ଦେଖା ଦେଇଛି। ଏ ନେଇ

**ପୋଖରୀବନ୍ଧ- କନେର ରାସ୍ତା ପାଲଟିଛି ମରଣଯନ୍ତା**

**ଲାଭ ନେଇ ଠିକାଦାର ଚମ୍ପଟ**

ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ନାଏବ ସରପଞ୍ଚ ପବିତ୍ର ବିଭାର, ବୁଦା ମାଝୀ, ମହେଶ୍ୱର ବେହେରା, ଦେବାର୍ଚ୍ଚନ ବେହେରା, ସଂକୀର୍ତ୍ତନ ବେହେରା, ସାଲେଶ କରୁଆଁ, ଚନ୍ଦ୍ରମଣି ବେହେରା, ଶୁକୁ ମାଝୀ, ତାଡି ମାଝୀଙ୍କ ସମେତ ଅଞ୍ଚଳବାସୀ ତୁରନ୍ତ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ନ ଚେତ ରାସ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅବଧି ସହ ରକ୍ଷଣାବେକ୍ଷଣ ଓ ମରାମତି ଅବଧି ଗତ ମେ ମାସରେ ଶେଷ ହୋଇଛି। ଏହି ରାସ୍ତା ନିର୍ମାଣ ଓ ମରାମତି ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନୁଦାନ ମଞ୍ଜୁର ହେଲେ କାମ ହେବ ବୋଲି ସେ କହିଛନ୍ତି।

## ପ୍ରଲୋଭନ ଦେଖାଇ ମହିଳାଙ୍କୁ ଲୁଟ୍



**ସୋନପୁର, ୧୯ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଦଲାଲ ସକ୍ରିୟ ହୋଇ ଉଠିଛନ୍ତି। ଅଭିନବ ଉପାୟରେ ଠକାମି ଚାଲିଛି। ଯେଉଁ ମହିଳାମାନଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି ସେହିମାନଙ୍କୁ ହିଁ ଟାର୍ଗେଟ୍ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଲୋକ ନିଯୁକ୍ତ କରି ଏଭଳି ମହିଳାଙ୍କ ତଥ୍ୟ ସଂଗ୍ରହ କରି ଯୋଗାଯୋଗ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହେଲେ ଏମାନଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ମିଳିବ କହି ଠକ ଓ ଦଲାଲମାନେ ଭୁବନେଶ୍ୱର ଯିବା ପାଇଁ କହୁଛନ୍ତି। କାଗଜ ପତ୍ର ପ୍ରସ୍ତୁତ କରାଯିବ କହି ପ୍ରଥମେ ୧୨୦୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହେବା ପାଇଁ ଭୁବନେଶ୍ୱର ଯିବା ପାଇଁ କହୁଛନ୍ତି। ଶତାଧିକ ମହିଳା ଏହି ଠକାମିର ଶିକାର ହେଲେଣି। ଏବେ ଏହି ଠକମାନେ ଏତେ ସକ୍ରିୟ ହୋଇ ଯାଉଛନ୍ତି ଯେ ପ୍ରତ୍ୟେକ ପଞ୍ଚାୟତ, ଗାଁକୁ ଯାଇ ଏହିଭଳି ମହିଳାଙ୍କୁ ଖୋଜି ଖୋଜି ଯୋଗାଯୋଗ କରୁଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରୁଛନ୍ତି। ତେବେ ଏହା ସମ୍ପୂର୍ଣ୍ଣ ମିଥ୍ୟା ଖବର। ଏଭଳି ମିଥ୍ୟା ପ୍ରଲୋଭନର ଶିକାର ନ ହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଅଙ୍ଗନବାଡି କର୍ମୀ ଗୁରୁତର

**ଜୁନାଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବୋଦେଲ ଗ୍ରାମର ଅଙ୍ଗନବାଡି କର୍ମୀ ପଦ୍ମାଶିନି ଶବର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଶନିବାର ସେ ସେ ହାତୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଭୀଷଣ ବର୍ଷା ହେଉଥିବାରୁ ଛତା ଧରିଥିଲେ। ଏହି ସମୟରେ ଓହଳି ଥିବା ବିଦ୍ୟୁତ୍ ତାର ସେ ଧରିଥିବା ଛତାଟି ଲାଗିଯାଇଥିଲା। ଏହାଫଳରେ ସେ ତଳେ ପଡ଼ି ଯାଇ ଥିଲ। ପରିବାରଲୋକେ ଖବର ପାଇ ତୁରନ୍ତ ତାଙ୍କୁ ଜୁନାଗଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



## ସାହଜଟ ସେବାଶ୍ରମ ଛାତ୍ର ମୃତ୍ୟୁ ଘଟଣା
### ପ୍ରଧାନ ଶିକ୍ଷକ, ଶିକ୍ଷକ ନିଲମ୍ବିତ; ରୋଷେୟା, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବଦଳି

**ନୂଆପଡ଼ା, ୧୯ ।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ପ୍ରଶାସନ ଗୁରୁତର ସହ ଗ୍ରହଣ କରିଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ଘଟଣାରେ ପ୍ରଧାନ ଶିକ୍ଷକ ହରଦେବ ହଂସ, ସହକାରୀ ଶିକ୍ଷକ ଜଗଦୀଶ ନାଗଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିଭଳି ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଲୋଚନ ଶବରଙ୍କ ସହ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟ ପରମେଶ୍ୱର ମାଝିଙ୍କୁ ଧରମବନ୍ଧା ସେବାଶ୍ରମକୁ ବଦଳି କରାଯାଇଛି। ଏହାକୁ ନେଇ ଏସଡ଼ିପିଓ ସ୍ୱାଧୀନ ମିଶ୍ରଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ତଦନ୍ତ ଚାଲିଛି। ମୃତ୍ୟୁ କାରଣ ଖୋଜି ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

# ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଗଳୁଛି ପାଣି



**ଲାଞ୍ଜିଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପାଣି ଗଳୁଛି। ପାଣି ପଡ଼ିବା ଫଳରେ କମ୍ପ୍ୟୁଟର, ସରକାରୀ କାଗଜପତ୍ର ପାଣିରେ ଭିଜି ନଷ୍ଟ ହେଉଛି। କର୍ମଚାରୀମାନେ କମ୍ପ୍ୟୁଟରକୁ ଘୋଡ଼ଇ ରଖି କାମ କରୁଛନ୍ତି। ବହୁବର୍ଷ ହେବ ଏହି କାର୍ଯ୍ୟାଳୟ ମରାମତି ହୋଇ ନ ଥିବାରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି। ଏହା ଏବେ ଏକ ପରିତ୍ୟକ୍ତ ଗୃହ ପରି ଲାଗୁଛି। ଏହା ଫଳରେ ଏହାର ଛାତ ଉପରେ ପଲିଥିନ ଟାଣି କର୍ମଚାରୀ କାମ କରୁଛନ୍ତି। ଏହା ସତ୍ତ୍ୱେ କେତେକ ସ୍ଥାନରେ ପାଣି ଝରୁଛି। ଏଭଳି ଅବସ୍ଥାରେ ବର୍ଷାଦିନେ କାମ କରିବାରେ କର୍ମଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି ଅଫିସକୁ କିଛି କାମରେ ଆସିଲେ ଛିଡ଼ା ମଧ୍ୟ ହୋଇପାରୁ ନାହାନ୍ତି। କାର୍ଯ୍ୟାଳୟର ଏଭଳି ଅବସ୍ଥାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

**ପଲିଥିନ ଟାଣି ଚାଲିଛି ଅଫିସ କାମ**

# ବର୍ଷାରେ ଘର ଭାଙ୍ଗିଗଲା, ପରିବାର ବେସାହାରା

**ଶଗଡ଼ା, ୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର କେତେକ ସ୍ଥାନରେ ଗତ କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ସରକାର ଗରିବ ଲୋକଙ୍କୁ ପକ୍କା ଘର ପ୍ରଦାନ କରିବା ପାଇଁ ଅନେକ ଯୋଜନା କରିଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଗରିବ ଲୋକେ ପକ୍କା ଘର ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଶିମିଳି କଟା ଗ୍ରାମର ରୂପବନ୍ତ ଛନ୍ଦଙ୍କ କ୍ଷେତ୍ରରେ ଏହା ଘଟିଛି। ତାଙ୍କ ପୁରୁଣା ଘରଟି ବର୍ଷା ଯୋଗୁଁ ଭାଙ୍ଗିଥିବା ନେଇ ଅଭିଯୋଗ ହୋଇଛି। ୧୦ବର୍ଷ ପୂର୍ବେ ସେ ଏହି ଘରଟି ବହୁ ପରିଶ୍ରମରେ ତିଆରି କରିଥିଲେ। ଘଟଣା ଦିନ ପୂରା ପରିବାର ଡାକ୍ତରଖାନା ଯାଇଥିବା ସମୟରେ ଘରଟି ଭାଙ୍ଗି ଯାଇଥିଲା। ଏଣୁ କାହାରି କିଛି କ୍ଷତି ହୋଇନାହିଁ। ଘର ଭାଙ୍ଗିବା ଯୋଗୁଁ ତାଙ୍କର ଆସବାବପତ୍ର ନଷ୍ଟ ହୋଇଯାଇଛି।



## ଲିମସେର ଗାଁରେ ଚଢ଼ା ଦରରେ ସାର ବିକ୍ରି ଘଟଣା

ସକାଳ ପ୍ରଭାବ

# କୃଷି ବିଭାଗର ନିଦ ଭାଙ୍ଗିଲା; ସାର ବ୍ୟବସାୟୀ ଛାନିଆ

ଧର୍ମଗଡ଼, ୧୯ ।୭ (ସମିସ)



**କାଗଜପତ୍ର ଯାଞ୍ଚ, ଅଭିଯୋଗକାରୀଙ୍କ ସହ ସିଧାସଳଖ ଆଲୋଚନା**

**ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇ ତାଗିଦ**

**ଚଢ଼ା ଦରରେ ବିକ୍ରି ଅଭିଯୋଗ ହେଲେ ଲାଇସେନ୍ସ ବାତିଲ ଚେତାବନୀ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲିମସେର ଗ୍ରାମରେ ଚଢା ଦରରେ ସାର ବିକ୍ରି ନେଇ 'ସକାଳ'ରେ ଖବର ପ୍ରକାଶ ପରେ କୃଷି ବିଭାଗର ନିଦ ଭାଙ୍ଗିଛି। ଏହି ଖବର ସାର ବ୍ୟବସାୟୀଙ୍କୁ ଛାନିଆ କରିଛି। ଏହି ଖବରକୁ ଆଧାର କରି କୃଷି ବିଭାଗ ତତ୍ପରତା ଦେଖାଇଛି। ଶନିବାର ବିଭାଗୀୟ ଅଧିକାରୀ ସାର ଦୋକାନ ଗୁଡିକରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲିମସେର ଗ୍ରାମରେ ୩ଟି ସାର ଦୋକାନ ମାଲିକ ଚାଷୀଙ୍କଠାରୁ ଲୁଟୁଛନ୍ତି। ଡିଏପି ସାର ୧୨୫୦ଟଙ୍କା ସରକାରୀ ଦର ରହିଥିବା ବେଳେ ୧୫୦୦ରୁ ୧୫୫୦ଟଙ୍କାରେ ଚାଷୀଙ୍କୁ ବିକ୍ରି କରୁଥିବା କୃଷି ବିଭାଗ ପ୍ରମାଣ ପାଇଛି। କୃଷି ଜିଲ୍ଲା ଅଧିକାରୀ ସଞ୍ଜୟ ପାତ୍ର, ଗୋଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ, ସହକାରୀ ବ୍ଲକ କୃଷି ଅଧିକାରୀ ଗୁଣାକର ନାଏକ, ଅର୍ଦ୍ଧେନ୍ଦୁ ଶେଖର ନାଏକ ପ୍ରମୁଖ ଏହି ଗାଁରେ ପହଞ୍ଚି ଦୋକାନ ଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ। ଅଭିଯୋଗକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇ ତାଗିଦ କରିଥିଲେ। ଚଢା ଦରରେ ବିକ୍ରି ଅଭିଯୋଗ ହେଲେ ଲାଇସେନ୍ସ ବାତିଲ କରାଯିବ ବୋଲି ଗୋଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ ଘଟଣାରେ ୩ ଗିରଫ



**ସୋନପୁର, ୧୯ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧୀନ ରାଣିସର୍ଡ଼ା ଛକରୁ ଗଞ୍ଜେଇ ଜବତ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ଝାରତରଭା ଗାଁର ରମାକାନ୍ତ ନାଏକ, ସୁଜିତ୍ ନାଏକ ଓ ଜୟଦ୍ରଥ ଦଳବେହେରା । ଶୁକ୍ରବାର ତରଭା ଥାନା ପୁଲିସ ସୁବର୍ଣ୍ଣପୁର-ବୁର୍ଡା ରାସ୍ତାର ରାଣିସର୍ଡ଼ା ଛକ ନିକଟରେ ଏକ ପିକ୍‌ଅପ୍‌ରୁ ୯ କୁଇଣ୍ଟାଲ ୩୫ କେଜି ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ତେବେ ଘଟଣାରେ ଆହୁରି ଅଭିଯୁକ୍ତ ଥିବା ପୁଲିସ ସୂଚନା ଦେଇଛି । ସେମାନଙ୍କୁ ମଧ୍ୟ ବହୁତ ଶୀଘ୍ର ଧରାଯିବ ବୋଲି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାଏକ କହିଛନ୍ତି ।

## ମେଣ୍ଟିମାଲ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

**ବୌଦ୍ଧ, ୧୯ ।୭(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ମେଣ୍ଟିମାଲ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି । ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଏହା ଗଠିତ ହୋଇଛି । ବିଜ୍ଞାନ ଶିକ୍ଷୟିତ୍ରୀ ସୁବାସିନୀ ସାହୁ କମିଟିର ଅଧ୍ୟକ୍ଷ ରହିଛନ୍ତି । ମେଟ୍ରନ ଦୁର୍ଲଭି ସାହୁ ପଛୁଆ ବର୍ଗ ସଦସ୍ୟା ଭାବେ କାର୍ଯ୍ୟ କରିବେ । ସସ୍ମିତା ପ୍ରଧାନ ଅଣ ସରକାରୀ ସଙ୍ଗଠନ ସଦସ୍ୟ ରହିଛନ୍ତି । ସୁଶ୍ରୀ ସ୍ମୃତିସ୍ମିତା ପ୍ରଧାନ, ସୁଶ୍ରୀ ସୋନିଆ ମହାକୁଳ ଓ ବଲ୍ଲଭି ପ୍ରଧାନଙ୍କୁ କମିଟି ସଭ୍ୟା ରୂପେ ଚୟନ କରାଯାଇଛି । ଏହାସହ ସଭ୍ୟ ଭାବେ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ, ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ, ଓଡ଼ିଆ ଶିକ୍ଷକ ସରୋଜ ମହାକୁଡ଼, କ୍ରୀଡ଼ା ଶିକ୍ଷକ ସରୋଜ ସ୍ୱାଇଁଙ୍କୁ ମଧ୍ୟ ମନୋନୀତ କରାଯାଇଛି । ମାର୍ଗଦର୍ଶିକା ପତ୍ର ଅନୁଯାୟୀ ପ୍ରତି ସପ୍ତାହରେ ଆଭ୍ୟନ୍ତରୀଣ କମିଟିର ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଶେଷରେ ଇଂରାଜୀ ଶିକ୍ଷକ ସନତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାରାୟଣନଗର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ




**ବୌଦ୍ଧ, ୧୯ ।୭(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାରାୟଣନଗର ସିଆରସିସି ସନ୍ତୋଷ ଶତପଥୀ ଅଧ୍ୟକ୍ଷତା କରିଥିଲେ । ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀ, ଗୁଡିଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ବହିଦାର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନନ୍ତୀ ଭୋଇ ଯୋଗଦେଇ ଶିଶୁ ବାଟିକା, ଶିକ୍ଷକ ସହାୟକ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବିଷୟରେ ଆଲୋଚନା କରିଥିଲେ । ବୈଠକରେ କ୍ଲଷ୍ଟର ୧୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

## ଶିକ୍ଷକଙ୍କ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



**ପଲଶାଗୋରା, ୧୯ ।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ ବାଘମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏବିଇଓ ନୀଳମଣି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ହୃଦାନନ୍ଦ ଦନ୍ତା, ଆର୍‌ପି ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ । ଶିକ୍ଷକ ଅଜିତ ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

### ବୌଦ୍ଧ ଜିଲ୍ଲା ପରିଷଦ ବୈଠକ

# ସଫଳତା ବଖାଣିଲେ ଅଧିକାରୀ; ଶୁଣିଲେ ଜନପ୍ରତିନିଧି

**ବୌଦ୍ଧ, ୧୯ ।୭(ସମିସ)**

ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ଅଧ୍ୟକ୍ଷା ପ୍ରଭାସିନୀ ଦାସ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ସେମାନଙ୍କ ବିଭାଗର ଗୋଟି ଗୋଟି କରି ସଫଳତା ବଖାଣିଥିଲେ । ଏଥିରେ କେତେ ସତ ଆଉ କେତେ ମିଛ ତାହା ଭିନ୍ନ କଥା; କିନ୍ତୁ ଜନ ପ୍ରତିନିଧିମାନେ ଏହାକୁ ଶୁଣି ଚାଲିଥିଲେ ।

ବୈଠକର ବିବରଣୀ ଅନୁସାରେ ମନରେଗା ଯୋଜନାରେ ଜିଲ୍ଲା ପାଇଁ ୧୭, ୫୦, ୦୦୦ ଶ୍ରମ ଦିବସ ଅଟଳଳ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ୮, ୩୯, ୭୭୫ଟି ଶ୍ରମଦିବସ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ୪୮, ହରଭଙ୍ଗା ବ୍ଲକରେ ୧୦ ଓ କଣ୍ଟାମାଳ ବ୍ଲକରେ ୨୯ଟି ୧୦୦ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି । ଏଥିପାଇଁ ୮୪, ୪୦, ୨୫, ୦୦୦ ଅର୍ଥ ଖର୍ଚ୍ଚ କରାଯିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୨୫୪୯, ୭୧ ଲକ୍ଷ ଖର୍ଚ୍ଚ କରାଯାଇଛି । ଜଙ୍ଗଲ ବିଭାଗକୁ ୯୦ଟି ପ୍ରକଳ୍ପ ପାଇଁ ୧୫, ୯୭, ୩୯, ୧୫୭ ଟଙ୍କା ଅନୁଦାନ ଦିଆଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୯, ୬୩, ୨୦, ୮୦୨ ଟଙ୍କା ଓ ଜିନିଷ ବାବଦକୁ ୨, ୨୯, ୫୦, ୭୫୪ ଟଙ୍କା ପ୍ରଦାନ କରାଯାଇଛି । ଉଦ୍ୟାନ କୃଷି ବିଭାଗକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୨୭ଟି ପ୍ରକଳ୍ପ ପାଇଁ ୭, ୪୯, ୩୧, ୫୬୦ ଟଙ୍କା ଅନୁମୋଦନ କରାଯାଇଛି । ସେଥିମଧ୍ୟରୁ ପାଣିଶ୍ରମିକ ବାବଦକୁ ୫, ୧୯, ୮୦, ୮୦୬ ଟଙ୍କା ଓ ଜିନିଷ ବାବଦକୁ ୨, ୨୯, ୫୦, ୭୫୪ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ସେହିପରି କୃଷି ବିଭାଗକୁ ୮୪ଟି ପ୍ରକଳ୍ପ ପାଇଁ ୯୯.୧ ଲକ୍ଷ ଟଙ୍କା ଅନୁମୋଦ ନରାଯାଇଛି । ସେଥିମଧ୍ୟରୁ ଅଣଲୁଶଳୀ ୬୭, ୩୮, ୩୬୬ ଟଙ୍କା ଓ ମ୍ୟାଟେରିଆଲ ପାଇଁ ୩୧, ୩୧, ୬୩୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ସେଚାଞ୍ଚଳ ଉନ୍ନୟନ ବିଭାଗକୁ ୩୯ଟି ପ୍ରକଳ୍ପ ପାଇଁ ୨, ୯୭, ୯୯, ୭୩୦ ଟଙ୍କା ଅନୁମୋଦନ କରାଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୧, ୭୭, ୨୮, ୮୯୩ ଟଙ୍କା ଓ ମ୍ୟାଟେରିଆଲ ବାବଦକୁ ୧, ୧୦, ୭୦, ୮୩୭ ଟଙ୍କା ଖର୍ଚ୍ଚ ପାଇଁ ଅନୁମୋଦନ କରାଯାଇଛି । ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଚଳିତ ଆର୍ଥିକ ବର୍ଷରେ ବୌଦ୍ଧ ଜିଲା ପାଇଁ ୧୭, ୫୦, ୦୦୦ ଶ୍ରମ ଦିବସ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅଦ୍ୟାବଧି ୮, ୩୯, ୭୭୫ଟି ଶ୍ରମ ଦିବସ ସୃଷ୍ଟି କରି ବୌଦ୍ଧ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ଶ୍ରମିକମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ଦେବାରେ ବୌଦ୍ଧ ଜିଲ୍ଲା ୯୯.୯୩ଧ ଲକ୍ଷ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି । ସରକାରଙ୍କ ନୂତନ ନିୟମ ଅନୁଯାୟୀ କୌଣସି କାର୍ଯ୍ୟରେ ୩୦ କିମ୍ବା ତଦୁର୍ଦ୍ଧ ଶ୍ରମିକ ନିୟୋଜିତ ହେଲେ ତାହା ପ୍ରତିଦିନ ଦୁଇଥର ଉପସ୍ଥାନ ଦିଆଯିବାକୁ ନିର୍ଦ୍ଦେଶ ରହିଛି । ଏହି କ୍ଷେତ୍ରରେ ବୌଦ୍ଧ ଜିଲ୍ଲା ୯୮.୨୦ଧ ଲକ୍ଷ୍ୟ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାକୁ ୯୨୭୯ଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୮୮୯୮ଟି ଗୃହ ସମ୍ପୂର୍ଣ୍ଣ ହୋଇଛି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରେ ଜିଲ୍ଲାକୁ ୨୨୧ଟି ଗୃହ ନିର୍ମାଣ ଲକ୍ଷ ଧାର୍ଯ୍ୟ କରାଯାଇ ବଣ୍ଟନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୩୦୮ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨୬ଟି ଗୃହ ବଣ୍ଟନ କରାଯାଇଛି । ଚଳିତବର୍ଷ ଜିଲ୍ଲାକୁ ୧୫ଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବାବଦକୁ ୭୦୭୩୮୮୪.୦୦ ଟଙ୍କା ମିଳିଥିବାବେଳେ ଏହି ଅର୍ଥ ମଧ୍ୟରୁ ଶତକଡା ୬୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ । ୫ଶ ରାଜ୍ୟ ଅର୍ଥ କମିଶନ ଅନୁଦାନ ବାବଦକୁ ଜିଲ୍ଲାକୁ ୮୭୪୨୯୯୩.୦୦ ଟଙ୍କା ଅନୁଦାନ ମିଳିଛି । ଏହି ଅର୍ଥ ମଧ୍ୟରୁ ଶତକଡା ୫୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ । ଓଡ଼ିଶା ଜିବିକା ମିଶନ କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକକୁ ସଘନ ବ୍ଲକ ଭାବରେ ନିଆଯାଇଛି । ବିଗତବର୍ଷ ଜିଲ୍ଲାର ୩୭ଟି ପଞ୍ଚାୟତର ୭୪୯ଟି ସ୍ୱୟଂସହାୟକ ଦଳକୁ ୮, ୨୨, ୬୦, ୦୦୦.୦୦ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଯୋଗାଇ ଦିଆଯାଇଛି । ଚଳିତବର୍ଷ ଅଦ୍ୟାବଧି ୭୦୧ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗୀକରଣ ଜରିଆରେ ୨୮, ୪୮, ୪୬, ୦୦୦.୦୦ ଟଙ୍କାର ବ୍ୟାଙ୍କ ଋଣ ଯୋଗାଇଦିଆଯାଇଛି । ଏହାବ୍ୟତୀତ ବୈଠକରେ ଜିଲ୍ଲାର ଜଳସେଚନ, ରାସ୍ତାସଂଯୋଗୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ଖ୍ୟାଦ୍ୟ ଯୋଗାଣ, ସମବାୟ ଓ ହସ୍ତତନ୍ତ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସମସ୍ତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବୈଠକ ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ବିଭିନ୍ନ ଭୋଟଦାନ କେନ୍ଦ୍ର ପରିଦର୍ଶନ

**ବୌଦ୍ଧ, ୧୯ ।୭(ସମିସ):** ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥଗୁଡିକକୁ ଦୁଇ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଛନ୍ତି । ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫସର ପ୍ରବୀଣ ବାଣୁଆ ଏହି ପରିଦର୍ଶନ କରିଛନ୍ତି । ଦୁଇ ଅଧିକାରୀ ବୌଦ୍ଧ ଏନଏସି ଅଧୀନ ମାଳୀସକ୍ଷହି, ବାପୁଜୀ ନଗର, ମାଉଲସିଂଘା, ହରଭଙ୍ଗା ବ୍ଲକ ଅଧୀନ ରଇଠାଣୀ, ଲଣ୍ଡିବନ୍ଧ, ବଡ ବାଗବର ଏବଂ ବୌଦ୍ଧ ବ୍ଲକ ଅଧୀନ ଟୁଟୁସିଙ୍ଗା ବୁଥ୍ ପରିଦର୍ଶନ କରିଛନ୍ତି ।



## ମହିଳା ଯୌନ ଶୋଷଣ ନିରାକରଣ ସଚେତନତା ବୈଠକ

**ବୌଦ୍ଧ, ୧୯ ।୭(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ




କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ, ନିଷେଧ ଓ ସମାଧାନ ଆଇନ୍-୨୦୧୩ ସମ୍ପର୍କରେ ସଚେତନ କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ ଗୁରୁ, ଏସଡିପିଓ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଅବକାରୀ ଅଧିକ୍ଷକ ଶାନ୍ତି ମକ୍ଷରାଣ୍ଡିଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଆଭ୍ୟନ୍ତରୀଣ କମିଟି ସନ୍ଧ୍ୟା ସୁଦ୍ଧା ଯୁଦ୍ଧକାଳୀନ ଭିତ୍ତିରେ ଗଠନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଭ୍ୟନ୍ତରୀଣ କମିଟିର ବୈଠକ ପ୍ରତି ମାସରେ ବସିବ । ପୋର୍ଟାଲରେ ସମସ୍ତ ଅଭିଯୋଗ ପଞ୍ଜିକୃତ ହେବ । ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଭିଯୋଗ ବାକ୍ସ ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଆବାସିକ ବିଦ୍ୟାଳୟକୁ ମଧ୍ୟ ଅଧିକାରୀମାନେ ବାରମ୍ବାର ପରିଦର୍ଶନ କରିବାକୁ ଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

**ବିନିକା:** ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଘଟଣା ପରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିଛି । ସ୍କୁଲ, କଲେଜ ଛାତ୍ରୀ ଓ ଶିକ୍ଷାଦାନ କରୁଥିବା ମହିଳାମାନଙ୍କ ସୁରକ୍ଷା ନେଇ କଡାକଡି ନିୟମ ପାଳନ କରିଛନ୍ତି । ଏହି ଅବସରରେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମଧ୍ୟ କମିଟି ଗଠନ ହୋଇଛି । ଅଧ୍ୟକ୍ଷ ଡ ଧୀରେନ୍ଦ୍ର ନାୟକଙ୍କ ସଭପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

**ବୌଦ୍ଧ, ୧୯ ।୭(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୃଷୁଣ୍ଡୀ ପଞ୍ଚାୟତ ଟୁଟୁସିଙ୍ଗା (ଗମ୍ଭାରିପଦର) ମୀରାଶ୍ରୀ ବିହାରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଜିଲ୍ଲାସ୍ତରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ସଂଗଠକ ପ୍ରସାଦ ତ୍ରିପାଠୀ ଓ ସଂଗତି ମଣ୍ଡଳ ଜୋନାଲ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଦିଲ୍ଲୀପ କର୍ଣ୍ଣ, କବିରାଜ ସାହୁ, ବିଦ୍ୟାଧର ମହାକୁଡ଼, ତ୍ରିଲୋଚନ ଭୋକ୍ତା, ପ୍ରଦୀପ ସାହୁ, ଗୌରୀପ୍ରସାଦ ସାହୁ, ପ୍ରତ୍ୟୁଷ ସାହୁ, ମୁରଲୀଧର ସାହୁ, ରାମପ୍ରସାଦ କର୍ଣ୍ଣ, ପତିତ ବେହେରା, ଯାଜ୍ଞସେନୀ ମହାରଣା, ମକରଧ୍ୱଜ ଭୋଇନା, କପିଳାସ ପ୍ରସାଦ ଦାଶ, ସବିତା ହୋତା, ବିଷ୍ଣୁପ୍ରିୟା ସେନାପତି, ଆଶାମଣୀ ସାହୁ, କରୁଣାକର ଘଣ୍ଟୁଆଳ, ରାଜକୁମାରୀ ବେହେରା, ରସରାଜ ନାୟକ, କପିଳେନ୍ଦ୍ର ମିଶ୍ର, ବୀରେନ୍ଦ୍ର ଭୂଷଣ ମେଣ୍ଡିଲି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିରେ ଜିଲ୍ଲାର ୧୧ଟି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟି, ଅବିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ମାତୃ ସନ୍ତାନ ଯୋଗ ଦେଇଥିଲେ ।

## ବୀରମହାରାଜପୁରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବୀରମହାରାଜପୁର, ୧୯ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମାରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କଳାକାହ୍ନୁ ମିଶ୍ର ମେମୋରିଆଲ ଫାଉଣ୍ଡେସନ ଓ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରୟାସ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର କିମ୍‌ସ୍‌ର ବରିଷ୍ଠ ସର୍ଜନ ସତ୍ୟପ୍ରକାଶ ରାୟଚୌଧୁରୀ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ନିର୍ଦ୍ଦେଶକ ରାଧେଶ୍ୟାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍

# ଚତୁର୍ଥ ଦିନରେ କଳାହାଣ୍ଡି, ବରଗଡ଼ ବିଜୟୀ



**ବୌଦ୍ଧ, ୧୯ ।୭(ସମିସ)**

ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳାହାଣ୍ଡି ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଛି । ଖେଳ ସଂଘର୍ଷପୂର୍ଣ୍ଣ ରହିଥିବାବେଳେ ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ଖେଳର ୬୧ ମିନିଟରେ କଳାହାଣ୍ଡିର ଚନ୍ଦ୍ରଧ୍ୱଜ ଜାନୀ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ । ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ରୋଶନ ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସଞ୍ଜନ କୁଦେଇ ଓ ଅମିତ ନାଏକ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ସୋମନାଥ ମୁର୍ମୁ ଦାୟିତ୍ୱ ତୁଲାଇଥିଲେ । କଳାହାଣ୍ଡି ଦଳର ବିଶାଳ ମାଝୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ବରଗଡ଼ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ଼ ୩-୦ ଗୋଲ୍‌ରେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୧୭ ମିନିଟରେ ବରଗଡ଼ ଦଳର ଆନନ୍ଦ ଓରାମ ଗୋଟିଏ ଓ ୪୫ ମିନିଟରେ ଅଙ୍କିତ ବେହେରା ଗୋଟିଏ ଗୋଲ୍ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୮ ମିନିଟରେ ସଞ୍ଜିବ ଦଣ୍ଡସନା ଗୋଟିଏ ଗୋଲ୍ କରିଥିଲେ । ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ପ୍ରଦୋଷ ମିଶ୍ର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଦିବ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ । ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଲିଙ୍ଗରାଜ ପଧାନ ପରିଚାଳନା କରିଥିବାବେଳେ ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ଦେବାଶିଷ ବାଗ ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ ବାଗ ଦାୟିତ୍ୱ ତୁଲାଇଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବରଗଡ଼ ଗୋଲ୍‌କିପର ସିଦ୍ଧାନ୍ତ ପଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଉଭୟ ଖେଳ ପରିଚାଳନା କରିଥିଲେ । ରବିବାର ପ୍ରଥମ ମ୍ୟାଚ ନୂଆପଡ଼ା ଓ ବଲାଙ୍ଗୀର ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ ବୌଦ୍ଧ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହେବ ।

## ୧୦ ବର୍ଷ ହେଲା ମରାମତି ହୋଇନି ପୁରୁଷୋତ୍ତମପୁର ରାସ୍ତା

**ଶଗଡ଼ା, ୧୯ ।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ଗ୍ରାମପଞ୍ଚାୟତ ହାଇସ୍କୁଲ ଛକଠାରୁ ପୁରୁଷୋତ୍ତମପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହେଇ ଯାଉଛି । ଏଣୁ ଅନେକ ଲୋକ ଯାତାୟାତ ସମୟରେ ପଡ଼ିଯିବା ସହ ଆହତ ମଧ୍ୟ ହୋଇଥିବା ଅଞ୍ଚଳବାସୀ କହିଛନ୍ତି । ଗ୍ରାମର ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ଏହି କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ କରିଥାନ୍ତି । ରାସ୍ତାରେ ଯିବା ସମୟରେ ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି । ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ । ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ ବହୁତ କଷ୍ଟକର ହୋଇ ପଡୁଛି । ୧୦ବର୍ଷରୁ ଅଧିକ ହେଲା ଏହି ରାସ୍ତା ମରାମତି ହୋଇନି । ଅତି ଜରୁରୀ ନ ହେଲେ ଲୋକେ ଏହି ରାସ୍ତାରେ ଯାତାୟାତ ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ।



# ସାର ଅଭାବରୁ ଚାଷ ପ୍ରଭାବିତ

ଝାରସୁଗୁଡ଼ା,୧୯।୭(ସମିସ)



ଚାଷ ଆରମ୍ଭରୁ ଝାରସୁଗୁଡ଼ା ଜିଲ୍ଲାରେ ସାର ସଙ୍କଟ ଦେଖା ଦେଇଛି। ଚାଷୀଙ୍କୁ ଡିଏପି ସାର ମିଳୁନାହିଁ। ଫଳରେ ଭଲ ବର୍ଷା ସତ୍ତ୍ୱେ ଚାଷ ଆଗେଇ ପାରୁନି। ରୁଆ ବିହୁଡା ଆରମ୍ଭ ହୋଇଥିବା ବେଳେ ସାର ଅଭାବରୁ ଚାଷୀକୂଳ ଚିନ୍ତାରେ ରହିଛନ୍ତି।

ଝାରସୁଗୁଡ଼ା ଜିଲ୍ଲାରେ ଏବେ ଡିଏପି ଏବଂ ପଟାସ ସାରର ଘୋର ଅଭାବ ଦେଖାଦେଇଛି। ଜିଲ୍ଲାରେ ସମସ୍ତ ସ୍ଥାନରେ ରୁଆ ବିହୁଡା ଆରମ୍ଭ ହୋଇଥିବା ବେଳେ ୭ରୁ ଅଧିକ ଦିନ ହେଲା ସମବାୟ ସମିତି ଗୁଡିକରୁ ଡିଏପି ସାର ଶେଷ ହୋଇଯାଇଛି। ସାର ମିଳୁ ନଥିବାରୁ ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ସାର ଅଭାବର ସୁଯୋଗ ନେଇ କଳାବଜାର ବଢ଼ିଛି। ସରକାରୀ ଦର ଠାରୁ ୧୦୦୦ ଟଙ୍କା ଅଧିକ ଦରରେ ବେପାରୀ ସାର ବିକ୍ରି କରୁଛନ୍ତି। ଏବେ ଡିଏପି ସାର ମିଳୁ ନଥିବାବେଳେ ଆଗକୁ ୟୁରିଆ, ପଟାସ, ଗ୍ରୋମର ଆଦି ସାରର ଆବଶ୍ୟକତା ପଡିବ। ତେଣୁ ଜିଲ୍ଲା କୃଷି ବିଭାଗ ଏନେଇ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମବାୟ ସମିତି ଗୁଡିକରେ ଏହି ସାର ଗୁଡ଼ିକୁ ଉପଲବ୍ଧ କରାନ୍ତୁ ବୋଲି ଚାଷୀ ଦାବି କରିଛନ୍ତି।

ଜିଲ୍ଲାକୁ ଜୁଲାଇ ମାସ ସୁଦ୍ଧା ୨୫୨୦ ମେଟ୍ରିକ ଟନ ଡିଏପି ସାର ଆସିବାର ଥିଲା। ହେଲେ ଏବେ ଜିଲ୍ଲାରେ ୧୦୧୨ ମେଟ୍ରିକ ଟନ ଡିଏପି ସାର ରହିଛି। ଯାହା ଆବଶ୍ୟକତାର ୪୦.୧୭%। ସେହିପରି ୫୫୦ ମେଟ୍ରିକ ଟନ ପଟାସ ଆବଶ୍ୟକ ଥିବାବେଳେ ୨୦୬.୭ ମେଟ୍ରିକ ଟନ ପଟାସ ଉପଲବ୍ଧ ଅଛି। ଯାହା ଆବଶ୍ୟକତାର ୩୭.୫୮% ଅଟେ। ଆବଶ୍ୟକତାରୁ ଯୋଗାଣ କମ ଥିବାରୁ ଏବେ ଡିଏପି, ପଟାସ ଓ ୟୁରିଆ ସାର ସଙ୍କଟ ମଧ୍ୟ ଜିଲ୍ଲାରେ ରହିଛି। ଏନେଇ ତୁରନ୍ତ ଧ୍ୟାନ ଦେବାକୁ ଚାଷୀ ଦାବି କରିଛନ୍ତି। ତେବେ ଡିଏପି ସାରର ଅଭାବ ଥିବାରୁ ଚାଷୀଙ୍କୁ କମ୍ପେ୍ଲକ୍ସ ଫର୍ଟିଲାଇଜର ଦିଆଯାଉଛି ଏବଂ ଖୁବଶୀଘ୍ର ଚାଷୀଙ୍କୁ ସମସ୍ତ ସାର ଯୋଗାଇ ଦିଆଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ କହିଛନ୍ତି।

## ରିଆମାଳରେ ମିଳୁନି ଗ୍ରୋମର

ରିଆମାଳ,୧୯।୭(ସମିସ): ରିଆମାଳ ବ୍ଲକ୍‌ରେ ଥିବା ପାକ୍ସ ଗୁଡିକରେ ୧୦ ଦିନରୁ ଉର୍ଦ୍ଧ୍ୱ ହେଲା ଗ୍ରୋମର ସାର ମିଳୁନାହିଁ। ଫଳରେ ଚାଷୀ ଗ୍ରୋମର ସାରର ଅଭାବି ବିକ୍ରିର ଶିକାର ହେଉଛନ୍ତି। ଗାଁରେ କିଛି ଦୋକାନରୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି।

ଲଗାଣ ବର୍ଷା ପାଇଁ କିଛି ଅଞ୍ଚଳରେ ଧାନ ଚାଷ କାର୍ଯ୍ୟ ଧିମା ଥିବା ବେଳେ ପ୍ରାୟ ଅଞ୍ଚଳରେ ବହୁଳ ଭାବେ ଚାଷ ଚାଲିଛି। ଗ୍ରୋମର ସାର ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଠିକ ସମୟରେ ସାର ଦିଆଯାଇ ପାରୁ ନାହିଁ। ଫଳରେ ଧାନ ଚାଷ ଅଧିକ କ୍ଷତି ଆଡକୁ ଗତି କରୁଛି। ରିଆମାଳରେ ଥିବା ପାକ୍ସ ଗୁଡିକରେ ଗ୍ରୋମର ସାର ମିଳୁ ନାହିଁ। ଏପଟେ ଧାନ ଚାଷରେ ଏହି ସାର ନିହାତି ଆବଶ୍ୟକ ହେଉଥିବା ବେଳେ ଗାଁରେ କିଛି ଦୋକାନୀ ସରକାରୀ ନିୟମ ଉଲଙ୍ଘନ କରି ଚଢ଼ା ଦରରେ ଚାଷୀଙ୍କୁ ଦିନ ଦ୍ୱିପ୍ରହରରେ ଲୁଟ୍ କରୁଛନ୍ତି। ଏ ବାବଦରେ ରିଆମାଳ ଗୋଷ୍ଠୀ କୃଷି ଅଧିକାରୀ ସତ୍ୟପ୍ରକାଶ ଦାସଙ୍କୁ ପଚାରିବାରୁ ସେ ଏହି ସମସ୍ୟା ବାବଦରେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଛନ୍ତି ଏବଂ ଖୁବ୍‌ଶୀଘ୍ର ପାକ୍ସ ଗୁଡ଼ିକୁ ଗ୍ରୋମର ସାର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଦେବଗଡ଼,୧୯।୭(ସମିସ): ଚାଷୀଙ୍କୁ ସୁବିଧା ଯୋଗାଇବା ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବା



ବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି ଭିନ୍ନ ରହିଛି। କୃଷି ପ୍ରଧାନ ଦେବଗଡ଼ ଜିଲ୍ଲାରେ ଚାଷୀ ରୁଆ କାର୍ଯ୍ୟ ସାରିଥିବା ବେଳେ ଚାଷ କାର୍ଯ୍ୟ ଆଗେଇବାକୁ ଚାଷୀଙ୍କୁ ସାର ମିଳୁନି। ଜିଲ୍ଲାର କୌଣସି ସେବା ସମବାୟ ସମିତିରେ ସାର ପହଞ୍ଚି ନଥିବାରୁ ଚାଷୀ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ରିଆମାଳ, ତିଳେଇବଣି ଓ ବାରକୋଟ ବ୍ଲକ୍‌ର ଅଭ୍ୟନ୍ତରୀଣ ତଥା ଦୁର୍ଗମ ଗ୍ରାମ ଗୁଡ଼ିକରେ ସାର ପାଇଁ ଚାଷୀଙ୍କ ଅବସ୍ଥା ଆହୁରି ଖରାପ ଥିବା ଜଣା ପଡ଼ିଛି। ଏଭଳି ପରିସ୍ଥିତିରେ ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲା କଂଗ୍ରେସ ସ୍ୱର ଉତ୍ତୋଳନ କରିଛି। ଆଜି ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏ ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲାର କୃଷକଙ୍କୁ ତୁରନ୍ତ ସରକାରଙ୍କ ପକ୍ଷରୁ ସାର ଯୋଗାଇବା ପାଇଁ ଦାବି କରାଯାଇଛି। ଏଥିସହ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ବିଫଳ ହେଲେ ଜିଲ୍ଲା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଓଡ଼ିଶା ଦଳରେ ଜାତୀୟ ସବ୍ ଜୁନିୟର ହକି ଟୁର୍ଣ୍ଣାମେଣ୍ଟ ଖେଳିଲେ ଆନାନନ୍ଦିନୀ







ରିଆମାଳ,୧୯।୭(ସମିସ): ଦେବଗଡ଼ ଜିଲ୍ଲାର ଝିଅ ଓଡ଼ିଶା ସବ ଜୁନିୟର ଦଳ ତରଫରୁ ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଖେଳି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ସେ ହେଲେ ଜିଲ୍ଲାର ରିଆମାଳ ଥାନା ଦୁଧିଆନାଳୀ ପଞ୍ଚାୟତ ଅଧୀନ ଶବରପାଲି ସ୍ଥିତ ଭାଲୁମୁଣ୍ଡା ଗାଁର ଦିଲ୍ଲୀପ କେରକେଟାଙ୍କ ତୃତୀୟ ଝିଅ ଆନାନନ୍ଦିନୀ କେରକେଟା (୧୬)। ରାଞ୍ଚିରେ ଚାଲିଥିବା ୧୫ ତମ ସବ୍ ଜାତୀୟ ଜୁନିୟର ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ହକି ଦଳର ସଦସ୍ୟ ଭାବେ ଖେଳି ସେ ଏହି ଗୌରବ ଅର୍ଜନ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଓ ଝାରଖଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା। ସେଥିରେ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଆନାନନ୍ଦିନୀ ୩ ବର୍ଷ ହେଲା ସୁନ୍ଦରଗଡ ସ୍ପୋର୍ଟସ୍ ହଷ୍ଟେଲରେ ରହି ତାଲିମ୍ ନେଉଛନ୍ତି। ଭବିଷ୍ୟତରେ ସିନିୟର୍ ଦଳରେ ଯୋଗ ଦେଇ ରାଜ୍ୟ ତଥା ଅଞ୍ଚଳର ଗର୍ବ ବୃଦ୍ଧି କରିବେ ବୋଲି ଅଞ୍ଚଳବାସୀ ପ୍ରାର୍ଥନା କରିଛନ୍ତି।

## ଚୋରି ବାଇକ୍ ଉଦ୍ଧାର, ୩ ଗିରଫ

ଦେବଗଡ଼,୧୯।୭(ସମିସ): କୁଣ୍ଢେଇଗୋଲା ଥାନା ଅଧୀନ ପଲସମା ଗାଁରୁ ଗତ ଏପ୍ରିଲରେ ଗାଁ ଯାତ୍ରା ସମୟରେ କରଲଗା ଗାଁର ଦୁର୍ଯ୍ୟୋଧନ ସାହୁଙ୍କ ବାଇକ ଚୋରି ହୋଇଥିଲା। ଏନେଇ କୁଣ୍ଢେଇଗୋଲା ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ କରି କୁଣ୍ଢେଇଗୋଲା ଥାନା ପୁଲିସ ଆଜି ୩ ଜଣ ବାଇକ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସେହି ଚୋରି ବାଇକ ସମେତ ପୁଲିସ ଅନ୍ୟ ଏକ ଚୋରି ବାଇକ ମଧ୍ୟ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ମାନେ କୁଣ୍ଢେଇଗୋଲା ଥାନା ଅଧୀନ ସେଣ୍ଢୋ ଗାଁର ପୂର୍ଣ୍ଣଚନ୍ଦ୍ର ମାଝୀ, ନିମାପସି ଗାଁର ଶମ୍ଭୁ ନାଏକ ଓ ଛେଣ୍ଡିପଦା ଥାନା କେନ୍ଦୁପୋଷି ଗାଁର ନାଥିଲା ବେହେରା ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର



### ପ୍ରତିବାଦରେ ୫ଘଣ୍ଟା ରାସ୍ତାରୋକ୍

ଇବଥର୍ମାଲ,୧୯।୭(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଇବଥର୍ମାଲ ବନ୍ଧବାହାଲ ମୁଖ୍ୟରାସ୍ତାରେ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହି ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା କାରଟି ବାଇକ ଆରୋହୀଙ୍କୁ ରଙ୍ଗ ସାଇଡରେ ପିଟିବା ସହ ପ୍ରାୟ ୫୦ ମିଟର ଘୋଷାଡି ନେଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆହତ ବ୍ୟକ୍ତି ନୀଳମଣି ପାତ୍ର (୪୬) ବୋଲି ଜଣାପଡ଼ିଛି।

ଶନିବାର ମଧ୍ୟାହ୍ନରେ ନୀଳମଣି ତାଙ୍କ ବାଇକ ଯୋଗେ ଇବଥର୍ମାଲ ପଟ ସ୍ୱାଧିନ କମ୍ପେ୍ଲକ୍ସ ସାଇଟରୁ ତାଙ୍କ ଘର ଶାନ୍ତିନଗର ଯିବାକୁ ମୁଖ୍ୟରାସ୍ତାରେ ଆସୁଥିଲେ। ଅପରପଟରୁ ରଙ୍ଗ ସାଇଡରେ ଦ୍ରୁତଗତିରେ ଆସୁଥିବା ଟାଟା ସଫାରୀ ତାଙ୍କୁ ଧକ୍କା ଦେବାସହ ଘୋଷାଡି ନେଇଯାଇଥିଲା। ମୁଖ୍ୟ ମାର୍କେଟ ଅଞ୍ଚଳ ହୋଇଥିବାରୁ ସଙ୍ଗେସଙ୍ଗେ ଲୋକ ଜମା ହୋଇଥିଲେ। ଫଳରେ କାର୍‌ଟି ଖସି ଯାଇପାରି ନଥିଲା। ପରେ ଲୋକେ ନୀଳମଣିଙ୍କୁ ଉଦ୍ଧାର କରି ଲଖନପୁର ଡାକ୍ତରଖାନା ନେଇଥିଲେ। ହେଲେ ନୀଳମଣିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ତୁରନ୍ତ ବରଗଡ଼ ଘରୋଇ ଡାକ୍ତରଖାନା ପଠା ଯାଇଥିଲା। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସହ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ବନହରପାଲି ଥାନା ପକ୍ଷରୁ ଏଏସ୍‌ଆଇ ନାରାୟଣ ମିଶ୍ର ଘଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ହେଁ ସୁଫଳ ମିଳି ନଥିଲା। ଡ୍ରାଇଭର ଅଜୟ କିଶାନ ପ୍ରବଳ ମଦପିଇ ଗାଡି ଚଳାଇବାସହ ଗାଡିରେ ମଦ ବୋତଲ ଓ ଗ୍ଲାସ ଥିବା ଲୋକେ ଅଭିଯୋଗ କରିଥିଲେ। ପରେ ସଫାରୀ ମାଲିକ ଫ୍ରାନସିସ୍ ଜୟ ତିର୍କୀ ଆସି ଗାଡିର କ୍ଷତିଭରଣା ସହ ନୀଳମଣିଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ମାମଲା ଶାନ୍ତ ପଡିଥିଲା।

## ଦେବଗଡ଼ରେ ଚାଷୀ ପଞ୍ଜୀକରଣ ଆରମ୍ଭ



ଦେବଗଡ଼,୧୯।୭(ସମିସ): ବିକାଶ ଭବନ ସମ୍ମିଳନୀ କକ୍ଷରେ ଚଳିତ ଖରିଫ ଋତୁ ଚାଷୀ ପଞ୍ଜୀକରଣ ନିମନ୍ତେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଅନୁଯାୟୀ ଆସନ୍ତା ଖରିଫ ବିପଣନ ବର୍ଷ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆଜି ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ପ୍ରକ୍ରିୟାରେ ଚାଷୀଙ୍କର ଚାଷ ଜମିର ପଞ୍ଜୀକରଣ ଇ-କେୱାଇସି ମାଧ୍ୟମରେ କରାଯିବ। ସମସ୍ତ ଚାଷୀ ନିର୍ଦ୍ଧାରିତ ସମୟ ଅବଧି ଭିତରେ ଆଧାର, ଇ-କେୱାଇସି ସହିତ ବ୍ୟାଙ୍କ ଖାତା ସଂଯୋଗ କରି ପଞ୍ଜୀକରଣ କରାଇବାକୁ ଜିଲ୍ଲାପାଳ ଶ୍ରୀ ସାହୁ କହିଛନ୍ତି। ବୈଠକରେ ସମବାୟ ସମିତି ସମୂହ ଉପନିବନ୍ଧକ ମୋନିକା ରାୟ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୧୯।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଲଖନପୁର ବ୍ଲକ୍ ଅଧୀନ କୁଡାଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଲଖନପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳ କୃଷ୍ଣ ମିଶ୍ର, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ଲଖନପୁର ବ୍ଲକ୍‌ର ସହାୟକ ଶ୍ରମ ଅଧିକାରୀ ତରୁଣ ମହାନ୍ତି, କୁଡାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ, ଅନ୍ତର୍ଜାତୀୟ ନ୍ୟାୟ ମିଶନର ପୀୟୁଷ ରଞ୍ଜନ ନନ୍ଦ ଓ ଏବେନେଜର ଦୀପ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ



ରିଆମାଳ,୧୯।୭(ସମିସ): ରିଆମାଳ ବ୍ଲକ୍ ରିଆମାଳ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଫକିର ମୋହନ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଟଲ ପାମ୍, କକଟେଲ ପାମ୍, ଫକ୍ସଟେଲପାମ୍, ଏରିକା ପାସ୍, ମଧୁମାଳତି, କାଗଜିଫୁଲ, ଆଲମଣ୍ଡାବୃଶ, ଆଲମଣ୍ଡାଲତା, ଗୁଆ, କାମିନୀ, ଟଗର, ଅଶୋକା, କରବିର, ମୁସୁଣ୍ଡା, ମିନି ଟଗର, ମନ୍ଦାର, ନଡିଆ ଆଦି ଚାରାରୋପଣ କରାଯାଇ ଥିଲା।

## ପୁଲିସ ପକ୍ଷରୁ ନାରୀ ସୁରକ୍ଷା ସଚେତନତା ଶିବିର



ଝାରସୁଗୁଡ଼ା,୧୯।୭(ସମିସ): ବ୍ରଜରାଜନଗର ଏମ୍‌ସିଏଲ୍ ଜିଏମ ଅଫିସ ସ୍ଥିତ ରବୀନ୍ଦ୍ର ଭବନରେ ଝାରସୁଗୁଡ଼ା ପୁଲିସ ପକ୍ଷରୁ ଜିଲ୍ଲାସ୍ତରୀୟ ନାରୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୁଲିସର ମହିଳା ଅଧିକାରୀ ଓ କର୍ମଚାରୀ ମାନେ ଶିବିରରେ ନାରୀ ମାନେ ନିଜ ସୁରକ୍ଷା ପ୍ରତି କିପରି ସଚେତନ ହେବେ ଏବଂ କଣ ସବୁ ପଦକ୍ଷେପ ଗ୍ରହଣ କରିବେ ସେ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, ଅଙ୍ଗନବାଡି ସୁପରଭାଇଜର ଅମୃତା ପାଣ୍ଡେ, ଉପମା ବାଗ, ଇସି କମିଟି ସଦସ୍ୟା ପୁରଭି ମିଶ୍ର, ଜ୍ୟୋସ୍ନାମୟୀ ସାହୁ, ଅଙ୍ଗନବାଡି କର୍ମୀ ମଧୁସ୍ମିତା ଷଡଙ୍ଗୀ, କୁମୁଦିନି ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଝାରସୁଗୁଡ଼ା,୧୯।୭(ସମିସ): ଝାରସୁଗୁଡ଼ା ସହର ସ୍ଥିତ ମନମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଜାତୀୟ ଶିକ୍ଷା ନୀତି ୨୦୨୦, ନୂତନ ଭାବେ ଆରମ୍ଭ ହୋଇଥିବା ଶିଶୁବାଟିକା ଶ୍ରେଣୀ, ଶୈକ୍ଷିକ କ୍ୟାଲେଣ୍ଡର ଆଦି ବିଷୟରେ ଆଲୋଚନା କରିଥିଲେ। ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀଲ ପଟେଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ରାମକୃଷ୍ଣ ପୁରୋହିତ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ତାପସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷା ପ୍ରଭାବିତଙ୍କୁ ସିମେଣ୍ଟ କାରଖାନା ପକ୍ଷରୁ ପାଲ ବଣ୍ଟନ



ଝାରସୁଗୁଡ଼ା/କିର୍ମିରା,୧୯।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ଗାଁରେ ଲଗାଣ ବର୍ଷାରେ ବହୁ ଲୋକଙ୍କ ଘରେ ବର୍ଷା ସହ ନାଳନର୍ଦ୍ଦମା ପାଣି ପଶି ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। କେତେକ ପରିବାରର ଖପର ତଥା ଆଜବେଷ୍ଟସ ବାଟେ ବର୍ଷା ପାଣି ଗଳି ଖଟପଟିଆ, ଆସବାବପତ୍ର ସହ ପିଲାଙ୍କ ବହିପତ୍ର ଓ ଲୁଗାପଟା ଭିଜି ଯାଇଥିବା ଖବର ରହିଛି। ଧନଜୀବନ ନଷ୍ଟ ହେବାସହ ଅନେକଙ୍କ ଖାଦ୍ୟଶସ୍ୟ ଧୋଇ ଯାଇଛି। ଭାରି ବର୍ଷାରେ କିଛିଦିନ ପର୍ଯ୍ୟନ୍ତ ଲୋକଙ୍କ ଘର ଜଳମଗ୍ନ ହୋଇପଡିଛି। ଏପରିସ୍ଥିତିରେ ଗାଁ ଉନ୍ନୟନ କମିଟିର ଅନୁରୋଧ କ୍ରମେ ଲୋକଙ୍କୁ ତୁରନ୍ତ ଆଶ୍ରୟ ଯୋଗାଇବା ଲକ୍ଷ୍ୟରେ ଅଲଟ୍ରାଟେକ ସିମେଣ୍ଟ ସିଏସ୍‌ଆର୍ ବିଭାଗ ତାରପଲିନ ବଣ୍ଟନ କରି ପ୍ରଭାବିତ ପରିବାରଙ୍କ ପ୍ରତି ସହଯୋଗ ହାତ ବଢ଼ାଇଛି। ବଣ୍ଟନ କାର୍ଯ୍ୟକ୍ରମ କାରଖାନା ପରିସର ସିଏସଆର କେନ୍ଦ୍ରରେ ହୋଇଥିଲା। କାରଖାନାର ମାନବ ସମ୍ବଳ ଅଧିକାରୀ ପିତାମ୍ବର ପୃଷେଟ, ସିଏସଆର ପରିଚାଳକ ସିମିୟନ ବାରିକ୍ ଓ ଅନ୍ୟାନ୍ୟ କମ୍ପାନୀ ଅଧିକାରୀମାନଙ୍କ ସହ ଗାଁର ଯୁବକ ଉପସ୍ଥିତ ଥିଲେ।

## ଡାନିଏଲ ପବ୍ଲିକ୍ ସ୍କୁଲରେ ଜୋନାଲ୍ କବାଡ଼ି ପ୍ରତିଯୋଗିତା

ଝାରସୁଗୁଡ଼ା,୧୯।୭(ସମିସ):



ବ୍ରଜରାଜନଗର ସ୍ଥିତ ଡାନିଏଲ ପବ୍ଲିକ ସ୍କୁଲରେ କାଉନସିଲ ଫର ଇଣ୍ଡିଆନ ସାର୍ଟିଫିକେଟ ଏଗଜାମିନେଶନ (ସିଆଇଏସସିଇ) ଜୋନାଲ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ ଅଧୀନ ୮ଟି ଆଇସିଏସଇ ବିଦ୍ୟାଳୟର ୧୫୦ ଜଣ ଖେଳାଳି ଭାଗ ନେଇଥିଲେ। ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗରେ ଉଭୟ ବାଳିକା ଓ ବାଳକ ମାନଙ୍କର ପ୍ରତିଯୋଗିତା ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ରଜରାଜନଗର ପୌରପାଳିକାର ଅଧ୍ୟକ୍ଷ ଗୋପାଳ ସୀତାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସୁଶିଲ ପୁରୋହିତ, ବିଦ୍ୟାଳୟର ଡାଇରେକ୍ଟର ଡ.ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭି. ପରମ ଜ୍ୟୋତି ସ୍ୱାଗତ ଭାଷଣ ଉପସ୍ଥାପନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟର ଡାଇରେକ୍ଟର ଡ.ବିଜୟ ପଟ୍ଟନାୟକ ଓ ସୁଶିଲ ପୁରୋହିତ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଡାନିଏଲ ପବ୍ଲିକ ସ୍କୁଲ ଏବଂ ବାଳିକା ବର୍ଗରେ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ସ୍କୁଲ, ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବ୍ରଜରାଜନଗର ଶିକ୍ଷା ନିକେତନ ଏବଂ ବାଳିକା ବର୍ଗରେ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ, ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଡାନିଏଲ ପବ୍ଲିକ ସ୍କୁଲ ଓ ବାଳିକା ବର୍ଗରେ ସମ୍ବଲପୁର ସେଣ୍ଟ ଜୋଶେଫ ସ୍କୁଲ ଚାମ୍ପିଅନ୍ ହୋଇଛନ୍ତି। ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ କରିଥିବା ଖେଳାଳି ମାନେ ଆଗକୁ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେବେ। ପ୍ରତିଯୋଗିତାକୁ ଶାରିରୀକ ଶିକ୍ଷା ଶିକ୍ଷକ ଅକ୍ଷୟ ନାୟକଙ୍କ ନେତୃତ୍ୱରେ ଶିକ୍ଷକ ମାନସ ଆଚାର୍ଯ୍ୟ, ହେମନ୍ତ ପ୍ରଧାନ, ହମିଦ ମହାପାତ୍ର, ଶାନ୍ତି ନାୟକ, ଅଭିଲାଶ ସାହୁ, ସଞ୍ଜୟ ପାଢ଼ୀ, ଜୟନ୍ତ ଲାକରା, ରସ୍ମିତା ପାଣିଗ୍ରାହୀ, ବିଜୟ ନାୟକ ଖେଳ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆଞ୍ଚଳ ପ୍ରସାଦ ମଞ୍ଚ ପରିଚାଳନା କରିଥିବା ବେଳେ ଡ.ଅଙ୍କିତ ଯଶ ପଟ୍ଟନାୟକ, ମନିଷ, ଶ୍ୟାମସୁନ୍ଦର ସେଠି ସହଯୋଗ କରିଥିଲେ।

### ସରୁନି ସୁକତେଲ ସେତୁ ସମସ୍ୟା

# ଟ୍ରକ୍- ଟ୍ରେଲର ଧକ୍କା; ୭ ଘଣ୍ଟା ରାସ୍ତା ବନ୍ଦ





**ବଲାଙ୍ଗିର, ୧୯।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଜାତୀୟ ରାଜପଥ ବିଭାଗର ଅଣଦେଖା ଯୋଗୁଁ ୨୬ ନଂ ଜାତୀୟ ରାଜପଥରେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି। ବର୍ଷକୁ ଦୁଇରୁ ତିନିଥର ସୁକତେଲ ନଦୀ ଉପରେ ଥିବା ବ୍ରିଜ୍‌ର ମରାମତି କାମ କରାଯାଉଛି। ମରାମତି ସମୟରେ ଓ ମରାମତି ପରେ ଅତି ବିପଦସଙ୍କୁଳ ଅବସ୍ଥାରେ କଂକ୍ରିଟ ଖଣ୍ଡ ପକାଇ ରଖାଯାଉଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଉକ୍ତ ବ୍ରିଜରେ ମରାମତି କାମ କରାଯାଇଥିବାବେଳେ ଏହା ସରିବା ପରେ ମଧ୍ୟ କଂକ୍ରିଟ ପଥର ଖଣ୍ଡକୁ ସଫା କରାଯାଇ ନାହିଁ। ଫଳରେ ଶନିବାର ଭୋରରୁ ଟ୍ରେଲର ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତା ଜାମ ରହିଥିଲା। ଏହା ପୂର୍ବରୁ ମଧ୍ୟ ଅନେକ ସମୟରେ ଟ୍ରକ୍ ଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର - ବରଗଡ଼କୁ ସଂଯୋଗ କରୁଛି ୨୬ ନଂ ଜାତୀୟ ରାଜପଥ। ଗତ କିଛିମାସ ତଳେ ଏହି ରାଜପଥ କାମ କରାଯାଇଛି। ବରଗଡ଼ରୁ ବରପାଲି ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା କରାଯାଇଥିବାବେଳେ ବରପାଲିରୁ ବଲାଙ୍ଗିର ପ୍ରଶସ୍ତ ଦୁଇ ଥାକିଆ ରାସ୍ତା କରାଯାଇଛି। ତେବେ ଲୋଇସିଂହା - ବଲାଙ୍ଗିର ମଝିରେ ଫାସଡ଼ଠାରେ ସୁକତେଲ ନଦୀ ରହିଥିବାରୁ ଏହା ଉପରେ ବହୁ ବର୍ଷ ଆଗରୁ ବ୍ରିଜ ନିର୍ମାଣ କରାଯାଇଥିଲା। ଯାହାଫଳରେ କିଛି ମାସ ପୂର୍ବରୁ ହୋଇଥିବା ରାସ୍ତା ନିର୍ମାଣ ସମୟରେ ଏହାକୁ ସମ୍ପ୍ରସାରିତ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପ୍ରଶସ୍ତ ରାସ୍ତା ମଝିରେ ଏହା ଅଳ୍ପ ପ୍ରଶସ୍ତ ବ୍ରିଜ୍ ରହିଛି। ରାସ୍ତା ନିର୍ମାଣ ସମୟରେ ବ୍ରିଜ୍ କଂକ୍ରିଟ ଉପରେ ପିଚୁ ଢଳାଇ କରାଯାଇଥିଲା। ଏହାକୁ ଭାଗ ଭାଗ କରି ମଝିରେ ଲୁହା ଏଙ୍ଗଲ ଦେଇ ଭାଗ କରାଯାଇଥିବା ବେଳେ ପ୍ରାୟତଃ ସବୁ ସମୟରେ ଏହି ଲୁହା ଏଙ୍ଗଲ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏହା ଭାଙ୍ଗିବା ପରେ ଯଦିଓ ବିଭାଗ ନିର୍ଦ୍ଦେଶକ୍ରମେ ରାସ୍ତା ନିର୍ମାଣ କରିଥିବା ସଂସ୍ଥା ମରାମତି କାମ କରୁଛି କିନ୍ତୁ ଠିକାଦାରଙ୍କ ମନମୁଖୀ କାରବାର ଯୋଗୁଁ ଏହି ବ୍ରିଜ ଉପରେ ଯାତାୟାତ ସବୁବେଳେ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ଭିତରେ ଏହି ବ୍ରିଜରେ ଦ୍ୱିତୀୟଥର ମରାମତି କରାଯାଇଛି। ମରାମତି ସମୟରେ ଉକ୍ତ ସ୍ଥାନକୁ ଖୋଳି ପୁଣି କଂକ୍ରିଟ ଦିଆଯାଇଥାଏ। ଖୋଳାଯାଇଥିବା କଂକ୍ରିଟ ଖଣ୍ଡ ଦେଇ ରାସ୍ତା ବନ୍ଦ କରାଯାଇଥାଏ। ତେବେ ଦୀର୍ଘ ଦିନ ଧରି ଏହାକୁ ବ୍ୟାରିକେଡ୍ ଲଗାଇ ରଖାଯାଉଥିବା ବେଳେ ଅନେକ ଥର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ସେହିପରି ମରାମତି କାମ ସରିବା ପରେ ମଧ୍ୟ ଠିକାଦାର ଜଣକ ଉକ୍ତ କଂକ୍ରିଟ ଖଣ୍ଡକୁ ସଫା କରୁ ନ ଥିବାରୁ ତାହା ମଧ୍ୟ ରାସ୍ତାରେ ପଡ଼ି ରହି ରାସ୍ତା ଜାମ କରୁଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତ କରୁଥିବା ଅନେକ ଗାଡ଼ି ରାତି ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଶନିବାର ଭୋର ପ୍ରାୟ ୨ ଟାରେ ଦୁଇ ଟ୍ରକ ଏହି ବ୍ରିଜ୍ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉକ୍ତ ବ୍ରିଜ ଉପରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଦୀର୍ଘ ସମୟ ପରେ ଲୋଇସିଂହା ପୁଲିସର ଉଦ୍ୟମକ୍ରମେ ରାସ୍ତା ଖୋଲିଥିଲା ସତ କିନ୍ତୁ ଚଳାଚଳ ସ୍ୱାଭାବିକ ହେବା ପାଇଁ ପ୍ରାୟ ସାତ ଘଣ୍ଟା ଲାଗିଥିଲା। ଏହା ଥରେ ନୁହଁ ଏହିଭଳି ଅନେକ ଥର ଘଟିସାରିଥିବା ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ଏହାର ସମାଧାନ କରୁନଥିବା ଅଭିଯୋଗ ହୋଇଛି। ନିର୍ମାଣ ସମୟରେ ନିମ୍ନମାନର କାମ ଓ ପରେ ମରାମତି କାମ ମଧ୍ୟ ସମାନ ଢଙ୍ଗରେ ନିମ୍ନମାନର କରାଯାଉଥିବାରୁ ଏହିଭଳି ସମସ୍ୟା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ବିଭାଗ ଏହାର ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

**କଂକ୍ରିଟ ଉପରେ ଢାଳିଲେ ପିଚୁ**
**ମରାମତି ସମୟରେ ମନମୁଖୀ କାରବାର, ବଢ଼ୁଛି ଦୁର୍ଘଟଣା**

## ଥମୁନି ୩୫ ଟିକିଆ ହାତୀ ପଲଙ୍କ ଆତଙ୍କ



**କଣ୍ଟାବାଞ୍ଜି/ ମୁରିବାହାଲ, ୧୯।୭ (ସମିସ):** ବଲାଙ୍ଗିର ଜିଲ୍ଲା ତିଖାଳି ସଂରକ୍ଷିତ ମୁରିବାହାଲ ରେଞ୍ଜ ଜଙ୍ଗଲରେ ୩୫ଟିକିଆ ବଣୁଆ ହାତୀ ଆତଙ୍କ ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ଚାଷ ଜମିରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି। ହାତୀପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନି ପରିବା, କଦଳୀ କ୍ଷେତରେ ପଶି ନଷ୍ଟ କରୁଛନ୍ତି। ମୁରିବାହାଲ ଅଞ୍ଚଳରେ ଦୀର୍ଘ ଆଠମାସ ହେଲା ଚାଷୀଙ୍କ ଫସଲ ନଷ୍ଟ କରୁଥିବା ବେଳେ ଶନିବାର ଗୁଡିଘାଟ ପଞ୍ଚାୟତ ବାରବନ୍ଧ (ରାନିସିଲେଟ) ଗ୍ରାମର ଚାଷ ଜମିରେ ପଶି ଧାନ ପଲା, କପା ଚାଷ ନଷ୍ଟ କରିଦେଇଛି। ହାତୀ ପଲ ମୁରିବାହାଲ ରେଞ୍ଜ କର୍ଲାପିଟା, ଡ଼ଙ୍ଗାବାଞ୍ଜି, ପେରୁଆମାଳ, ବାରବନ୍ଧ, ସୁକୁନିପଦର, ରାନିସିଲେଟ, ବେହେରାଖାଇ, କୁଟୁନିଝରଣ ଅନେକ ଅଞ୍ଚଳରେ ବୁଲି ବୁଲି ଚାଷ ଫସଲ ନଷ୍ଟ କରିଚାଲିଥିବା ନେଇ ଅଞ୍ଚଳର ଚାଷୀ ମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ମୁରିବାହାଲ ରେଞ୍ଜରେ ୫ ଟି ସେକ୍ସନ ଥିବା ବେଳେ ୧୬ ଟି ବିଟ୍ ଅଛି, ହେଲେ ବନ ବିଭାଗ କିଛି ପଦକ୍ଷେପ ନେଉ ନ ଥିବା ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନ ଖଣ୍ଡ ଅଧିକାରୀ ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ରହିଛୁ। ଯେଉଁ ଚାଷୀ ମାନଙ୍କ ଚାଷ କ୍ଷତି ହେଇଛି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ହାତୀ ପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବର୍ଷା ଋତୁ ଚାଲିଥିବାରୁ ଡ୍ରୋନ୍‌ରେ ଟ୍ରାକ କରି ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। ହାତୀ ପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି। ଶୀଘ୍ର ପଦକ୍ଷେପ ନେଇ ହାତୀ ପଲଙ୍କୁ ଅନ୍ୟ ପଟେ ଘଉଡ଼ାଇ ଚାଷୀମାନଙ୍କ କ୍ଷତି ପୂରଣ ଯଥାଶୀଘ୍ର ଯୋଗାଇଦେବା ପାଇଁ ଅଞ୍ଚଳରେ ଦାବି ହେଉଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

**କଣ୍ଟାବାଞ୍ଜି, ୧୯।୭ (ସମିସ):** କଣ୍ଟାବାଞ୍ଜି ସାଗରପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ଚଳିତ ମାସର ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କଣ୍ଟାବାଞ୍ଜି ସହରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ଦ୍ୱାରା ଚଳିତବର୍ଷ ସମସ୍ତ ସରକାରୀ ବିଦ୍ୟାଳୟରେ ୫+ ପିଲାଙ୍କ ପାଇଁ ଶିଶୁ ବାଟିକା ଖୋଲିଛି। ସେହି ଶିଶୁ ବାଟିକାରେ କୁନି କୁନି ପିଲାଙ୍କ ସହ ଶିକ୍ଷକ କିପରି ଭାବ ଆଦାନ ପ୍ରଦାନ କରି ଶିକ୍ଷାଦାନ ଦେବେ ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ନିରୁପମା ମିଶ୍ର, ସୁଭାଷିନୀ ମେହେର, ଅଞ୍ଜଳୀ ଧରୁଆ, ସବିତା ରଣା, ଲାବନ୍ୟା ବତୀ ଧରୂଆ, ଶାନ୍ତିଲତା ଭୋଇ, ବୀଣାପାଣି ଦାଶ, କୁସୁମ ମଞ୍ଜରୀ ନାଗ, ସଂଘମିତ୍ରା ପାଣିଗ୍ରାହୀ ଯୋଗ ଦେଇ ଥିବାବେଳେ ଶିକ୍ଷକ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।



## ସାବିତ୍ରୀବାଇ ଫୁଲେ ଓ ଜ୍ୟୋତିବାରାଓଙ୍କ ପ୍ରତିମୂର୍ତ୍ତି ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୧୯।୭ (ସମିସ):** ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ତରଫରୁ ସାବିତ୍ରୀବାଇ ଫୁଲେ ଓ ଜ୍ୟୋତିବାରାଓ ଫୁଲେଙ୍କ ପ୍ରତିମୂର୍ତ୍ତିସ୍ଥାପନ ପାଇଁ ସ୍ଥାନୀୟ ଯାଦବ ଭବନ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ସଂଗଠନର ସଭାନେତ୍ରୀ ସବିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିବା ବେଳେ ଡୁଡା ପିଡିର ଅଧ୍ୟକ୍ଷ ତରଣୀ ସୁନା, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା ଓ ସମାଜସେବୀ ଭୁବନ ନାଗ ଯୋଗ ଦେଇଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପରେ ଏକ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଂଗଠକ ପାଣ୍ଡବ କୁମ୍ଭାର, ବିଜୟ ବାରିକ, ଶମ୍ଭୁ ନାଗ, ତରଣୀସେନ ଦୀପ, ଜ୍ୟୋତିଷ ମୁଗ୍ରୀ, ଦଣ୍ଡୁଆ କୁମ୍ଭାର, ସତ୍ୟାନନ୍ଦ ସୁନା, ରାଜେନ୍ଦ୍ର ସୁନା, ସୂର୍ଯ୍ୟ ସୁନା, ଓମ୍ ପ୍ରକାଶ କୁମ୍ଭାର, ଅମ୍ବିକା କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ଡ. ବାସନ୍ତି ନନ୍ଦ, କୁନାଲ ସରକାର, ବୈକୁଣ୍ଠ ବାରିକ, ବାସୁଦେବ ମୁଗ୍ରୀ, ପବିତ୍ର ନାଗ, କୁନାଲ କହିର, ବିପିନ ବାରିକ, ବିନୋଦ ମୁଗ୍ରୀ, ହରି ନନ୍ଦ ଓ ପଶ୍ଚିମ ଓଡ଼ିଶାର ମହିଳା ସଂଗଠନର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାହୁ ପ୍ରତିଶ୍ରୁତି ଦେଇଥିଲେ।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆପ୍‌ର ପ୍ରତିବାଦ



**ବଲାଙ୍ଗିର, ୧୯।୭ (ସମିସ):** ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସହ ହୋଇଥିବା ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଆମ୍ ଆଦମୀ ପାର୍ଟି। ଆପ୍ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେ କହିଥିଲେ ବିଜେପି ଓଡ଼ିଶା ସରକାର ଆସିବା ଦିନ ଠୁ ଓଡ଼ିଶାରେ ହତ୍ୟା, ଦୁଷ୍କର୍ମ ବଢ଼ିଚାଲିଛି। ତେଣୁ ଏହାକୁ ରୋକା ଯାଉ। ଏହି ପ୍ରତିବାଦରେ ଆପ ବଲାଙ୍ଗିରର ରମାକାନ୍ତ ବେହେରା, ଅଶୋକ ସୁନା, ସମ୍ରାଟ କିଶୋର ଭୋଇ, ସଦାଶିବ ମେହେର, ଅନ୍ତର୍ଯ୍ୟାମୀ ସାହୁ, ପଙ୍କଜ ସାହୁ, ଜୟପ୍ରକାଶ ମିଶ୍ର, ଅମନ ମହାପାତ୍ର, କାହ୍ନୁଚରଣ, ହାଡୁ ଛତ୍ରିଆ, ଦିଲୀପ ମେହେର, ବାଳକୃଷ୍ଣ ନାଏକ, ରାଧେ ସାହୁ, ପ୍ରହଲ୍ଲାଦ ବାଗ, ସନ୍ତୋଷ ବେହେରା, ନିରାକାର ଭୋଇ, ଅମିତ ନାଗ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ୨୨ରେ ବ୍ଲକ ଘେରିବ କଂଗ୍ରେସ

**କଣ୍ଟାବାଞ୍ଜି, ୧୯।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରେ ଶନିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋମୁଣ୍ଡା ବ୍ଲକରେ ବର୍ତ୍ତମାନ ବ୍ୟାପକ ଦୁର୍ନୀତି ହେବାସହ ସରକାରୀ ଯୋଜନା ବାଟବଣା ହେବାସହ ହରକାରୀ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ଆସନ୍ତା ୨୨ ତାରିଖ ଦିନ କଂଗ୍ରେସ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରଉ କରିବ ବୋଲି ଘୋଷଣା କରାଯାଇଛି। ଏହି ବୈଠକରେ ବ୍ଲକ ଘେରଉକୁ ନେଇ ବିଶେଷ ଆଲୋଚନା କରା ଯାଇଥିଲା। ବୈଠକ କଂଗ୍ରେସ ନେତା ଗୁରୁଚରଣ ବେହେରା, ଓମ୍ ପ୍ରକାଶ କୁମାର, କେଶବ ନାରାୟଣ ଜୈନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଲୋକସଭା ସାଂସଦଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ



**ବଲାଙ୍ଗିର, ୧୯।୭ (ସମିସ):** ସାର୍କିଟ ହାଉସ ଠାରେ ରେଳ ଉପଭୋକ୍ତା ସଂଘ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଭୁବନେଶ୍ୱରକୁ ପ୍ରତିଦିନ ଯିବା ଆସିବା କରିଲା ପରି ଏକ ସକାଳୁଆ ଟ୍ରେନ ଚଳାଚଳ ପାଇଁ ଅନୁରୋଧ ରଖିଥିଲେ। ତତ୍ ସହ ସ୍ମାରକପତ୍ରରେ ଷ୍ଟେସନରେ ୫ମ ରେଲ ଲାଇନ, ଚତୁର୍ଥ ପ୍ଲାର୍ଟଫର୍ମର ନିର୍ମାଣ, ଚତୁର୍ଥ ପ୍ଲାର୍ଟଫର୍ମକୁ ଯିବା ପାଇଁ ତୃତୀୟ ପ୍ଲାର୍ଟଫର୍ମରେ ଲିଫ୍ଟର ସୁବିଧା, ୧ନମ୍ବର ପ୍ଲାର୍ଟଫର୍ମରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କ ଯାତାୟତ କରିବା ପାଇଁ ର୍‌ୟାମ୍ପର ସୁବିଧା ସର୍ବୋପରି ଦିଲ୍ଲୀ ବା ପ୍ରୟାଗରାଜ ଓ ୱାଲଟିୟରକୁ ସିଧାସଳଖ ଟ୍ରେନ୍ ଯୋଗାଯୋଗ ପାଇଁ ପିଆଇଟି ଲାଇନର ସୁବିଧା କରିବା ଆଦି ଉଲ୍ଲେଖ ରହିଛି। ସାଂସଦ ସମସ୍ତଙ୍କ କଥା ଶୁଣି ପତ୍ର ପଢ଼ି ଚେଷ୍ଟା କରିବି ବୋଲି କହିଥିଲେ ଓ ବଲାଙ୍ଗିରରୁ ନୂଆପଡ଼ା ରେଳପଥର ନିର୍ମାଣ ପାଇଁ ଜୋର ଦେବେ ବୋଲି ମତ ରଖିଥିଲେ। ଆଲୋଚନା ରେ ରେଳ ଉପଭୋକ୍ତା ସଂଘର ସମ୍ପାଦକ ବିମଳ ଚକ୍ରବର୍ତ୍ତୀ, ଉପ-ସଭାପତି ଅନନ୍ତ ବିଶୋଇ, କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ଦିବାକର ହୋତା ଓ ଋତୁରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋନାଲସ୍ତରୀୟ କରାଟେ ଓ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

**ବଲାଙ୍ଗିର, ୧୯।୭ (ସମିସ):** ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ସିଆଇଏସ୍‌ସିଇ ଅଧୀନସ୍ଥ ଲିଟିଲ୍ ଫ୍ଲାୱାର ସ୍କୁଲ ତରଫରୁ ଜୋନାଲସ୍ତରୀୟ ସ୍କୁଲ ଗେମ୍ ଟାଇକ୍ୱୋଣ୍ଡୋ ଓ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲା ସିଆଇଏସ୍‌ସିଇ ଅଧୀନସ୍ଥ ସମସ୍ତ ସ୍କୁଲର କରାଟେ ଓ ଟାଇକ୍ୱୋଣ୍ଡୋ ଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ। ଏଥିରେ ୧୪ ଓ ୧୭ ବର୍ଷ ବର୍ଗ ବାଳକ ଓ ବାଳିକା ବିଭାଗର ବିଭିନ୍ନ ଓଜନରେ କରାଟେ ଓ ଟାଇକ୍ୱୋଣ୍ଡୋ ଫାଇଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା କୋଚ୍ ଅସୀମ କୁମାର ଭୋଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନଙ୍କୁ ଓଡ଼ିଶା ରିଜନ କମିଟି ସଦସ୍ୟ ମୁକେଶ ସାହୁ, ଜାତୀୟସ୍ତରୀୟ ଟାଇକ୍ୱୋଣ୍ଡୋ କରାଟେ କୋଚ ଅସୀମ ଭୋଇ, ଲିଟିଲ ଫ୍ଲାୱାର ସ୍କୁଲ ପିଇଟି ପ୍ରଭାତ ଦାଶ ଓ ଦେବାଶିଷ ମହାପାତ୍ର ମାନପତ୍ର ଓ ମେଡାଲ ସହ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆଗାମୀଦିନରେ ସିଆଇଏସ୍‌ଇ ରିଜିଓନାଲ୍‌ସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ଏଥିରେ ଅଫିସିଆଲ ମୁଖ୍ୟ ଭାବେ ଅସୀମ ଭୋଇ ତଥା ସୁଶାନ୍ତ ମୁଗ୍ରୀ, କରନ ନନ୍ଦ, ଅସିଫ୍ ରାଜା, ଜୟମ ସାହୁ ଓ ପ୍ରାଚୀ ବେହେରା ଦାୟିତ୍ୱ ବହନ କରିଥିଲେ। ଅସୀମ ଟାଇକ୍ୱୋଣ୍ଡୋ ଓ କରାଟେ ଏକାଡେମୀର ଶ୍ରୀୟାଂଶ ସିଂ ଭଞ୍ଜ, ଶୁଭମ ମେହେର, ସାନଭି ପ୍ରଧାନ, ପ୍ରୀୟମ ସାହୁ, ଆର୍ଯ୍ୟମାନ ସିଂଦେଓ, ସମୀକ୍ଷା ସମୃଦ୍ଧି ଷଡ଼ଙ୍ଗୀ, ଅଭିଳାଷା ଚୌଧୁରୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।




## ଜରାସିଂହା କଲେଜରେ ବନ ମହୋତ୍ସବ



**ଦେଓଗାଁ, ୧୯।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ଯୁକ୍ତଦୁଇ କଲେଜରେ ଶନିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତା ତଥା ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଥିଲେ। ଏ ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଓଡିଆ ଅଧ୍ୟାପକ ହୃଷିକେଶ ପଧାନ, ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରତିଭା ମୁନା, ବାଣିଜ୍ୟ ଅଧ୍ୟାପକ ଚୂଳମଣୀ ମାଝୀ, ଇଂରାଜୀ ଅଧ୍ୟାପକ ଟିଙ୍କୁ ମେହେରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ କଲେଜ ପରିସରରେ ଛାତ୍ରୀଛାତ୍ର ତଥା ଅତିଥିବୃନ୍ଦ ଚାରା ରୋପଣ କରିଥିଲେ। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ ସହଯୋଗ କରିଥିଲେ।

### ଚାଉଳ ଭର୍ତ୍ତି ଟ୍ରକ୍ ଅଟକ ଘଟଣା

# ଯାଞ୍ଚ ପରେ ମିଲ୍‌ରଙ୍କୁ ଗାଡ଼ି ଦେଇଦେଲା ପୁଲିସ

**ବଲାଙ୍ଗିର, ୧୯।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ଚାଉଳ ଭର୍ତ୍ତି ଟ୍ରକ୍ ଘଟଣାକୁ ମିଳିମିଶି ଚାପିଦେଲେ ପୁଲିସ ଓ ଯୋଗାଣ ବିଭାଗ। ଛତିଶଗଡ଼ରୁ ମିଲ୍‌କୁ ଚାଉଳ ଆସୁଥିବାବେଳେ ବେଆଇନ ଚାଲାଣ ସନ୍ଦେହରେ ଦେଓଗାଁ ପୁଲିସ ଟ୍ରକ୍‌କୁ ଅଟକ ରଖିଥିଲା। କେବଳ ଅଟକ ରଖିନଥିଲା ଦୁଇ ଦିନ ପୁଲିସ ଲୁଚାଇ ରଖିଥିଲା। ପରେ ଏନେଇ ଖବର ପ୍ରକାଶିତ ହୋଇଥିଲା। ଫଳରେ ଗତ ମଙ୍ଗଳବାର ଏହି ଟ୍ରକ୍‌କୁ ଥାନା କୁ ଆଣି ଯୋଗାଣ ବିଭାଗକୁ ଖବର ଦେଇଥିଲା। ତେବେ ଏହାର କିଛି ଘଣ୍ଟା ପରେ ହିଁ ଉକ୍ତ ଟ୍ରକ୍‌କୁ ଯେଉଁ ମିଲକୁ ଯାଉଥିଲା ସେହି ମିଲରକୁ ଡାକି ଦେଓଗାଁ ପୁଲିସ ଟ୍ରକ୍ ହସ୍ତାନ୍ତର କରିଥିଲା। ତେବେ ସତରେ କ'ଣ ମିଲକୁ ବେଆଇନ ଭାବେ ଚାଉଳ ଆସି ନ ଥିଲା। ଉକ୍ତ ଟ୍ରକୟରେ କେବଳ ଚାଉଳ ଥିଲା ନା ଆଉ କିଛିଥିଲା। କାହିଁକିନା ଯେଉଁ ମିଲରକୁ ଚାଉଳ ହସ୍ତାନ୍ତର କରାଯାଇଥିଲା ସେହି ମିଲର ଅନ୍ୟ ଜିଲ୍ଲା ରେ ଚାଉଳ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ କରିଥିବାବେଳେ ଧରା ମଧ୍ୟ ପଡ଼ିଥିଲେ। ତେବେ ଏହି ଘଟଣାରେ ପୁଲିସ - ମିଲର - ଯୋଗାଣ ବିଭାଗ ଭିତରେ ଏକ ବଡ଼ଡିଲ ହୋଇଥିବା ସାଧାରଣରେ ଚର୍ଚ୍ଚା ହୋଇଛି।

ଦେଓଗାଁ ଚାଉଳ ଭର୍ତ୍ତି ଟ୍ରକ୍ ଘଟଣାରେ ପୁଲିସ ଉକ୍ତ ଟ୍ରକ୍‌କୁ ବିନା କୌଣସି କାର୍ଯ୍ୟାନୁଷ୍ଠାନ ଛାଡ଼ି ଦେଇଥିବା ଜଣାପଡ଼ିଛି। କିନ୍ତୁ ଏହାକୁ ନେଇ ଏବେବି ବିବାଦ ରେ ଛନ୍ଦି ହୋଇରହିଛି ଦେଓଗାଁ ପୁଲିସ। ସୂଚନା ଅନୁସାରେ ଏକ ଟ୍ରକ୍‌ରେ ଚାଉଳ ଭର୍ତ୍ତି ହୋଇ ଛତିଶଗଡ଼ରୁ ତୁଷୁରା ବଡଗୋମୁଣ୍ଡାଠାରେ ଥିବା ଏକ ମିଲ୍‌କୁ ଆସୁଥିବାବେଳେ ବାଟରେ ପୁଲିସ ଏହାକୁ ଅଟକାଇ ରଖିଥିଲା। ବେଆଇନ ଚାଲାଣ ସନ୍ଦେହରେ ପୁଲିସ ଟ୍ରକକୁ ଅଟକାଇ ରଖି ଦୁଇ ଦିନ ଧରି ଭିନ୍ନ ଭିନ୍ନ ସ୍ଥାନକୁ ନେଇ ଲୁଚାଇ ରଖିଥିଲା। ପରେ ଏନେଇ ଖବର ପ୍ରକାଶ ପାଇବା ପରେ ବାଧ୍ୟ ହୋଇ ପୁଲିସ ଦେଓଗାଁ ଥାନାକୁ ଉକ୍ତ ଟ୍ରକକୁ ଆଣି ଯୋଗାଣ ବିଭାଗ ଯାଞ୍ଚ ପାଇଁ ଜଣାଇଥିଲା। ତେବେ ଉକ୍ତ ଛାନଭିନ୍‌ରେ ଯୋଗାଣ ବିଭାଗ କ'ଣ ଯାଞ୍ଚକଲା କେଜାଣି ସେହିଦିନ ହିଁ ଟ୍ରକ୍‌କୁ ମିଲ ମାଲିକଙ୍କୁ ଡାକି ହସ୍ତାନ୍ତର କରିଦେଇଥିଲା ଦେଓଗାଁ ପୁଲିସ। ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଯଦି ଚାଉଳ ବେଆଇନ ଭାବେ ଚାଲାଣ ହେଉ ନ ଥିଲା ତେବେ କାହିଁକି ପୁଲିସ ଟ୍ରକକୁ ତିନି ଦିନ ଧରି ଅଟକାଇ ରଖିଥିଲା। ମିଲକୁ ଏହିଭଳି ଭାବେ ବାହାର ରାଜ୍ୟର ଚାଉଳ ଆସି ପାରିବ ତ! କାହିଁକିନା ସମ୍ପୃକ୍ତ ମିଲ ନାମରେ ଗତ ଖରିଫରେ ମିଥ୍ୟା ଏଣ୍ଟ୍ରି କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଧାନ ବଦଳରେ ଚାଉଳ ଭରଣା କରିବା ପାଇଁ ଛତିଶଗଡ଼ରୁ ଚାଉଳ ଅଣାଯାଇଥିବା ଆଲୋଚନା ହୋଇଥିଲା। ଏତେ ସବୁ ବିବାଦ ସତ୍ତ୍ୱେ କିଭଳି ଚାଉଳ ଭର୍ତ୍ତି ଗାଡ଼ିକୁ ଯୋଗାଣ ବିଭାଗ ଛାଡିଦେଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ଏହି ଟ୍ରକର ଯାଞ୍ଚ ଯୋଗାଣ ବିଭାଗ କରିଛି ନା ନାହିଁ ତାହା ମଧ୍ୟ ବଡ ପ୍ରଶ୍ନ। ଏନେଇ ବାରମ୍ବାର ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କୁ ପଚାରିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳି ନ ଥିଲା। ଏହି ଘଟଣାରେ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ କହିବା ଅନୁସାରେ ଗାଡ଼ିରେ କିଛି ଅସୁବିଧା ନ ଥିଲା। ଯୋଗାଣ ବିଭାଗ କହିବା ଅନୁସାରେ ଉକ୍ତ ଗାଡ଼ିକୁ ମିଲରକୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି। ତେବେ ସୂଚନା ଯୋଗ୍ୟ ଯେ ଉକ୍ତ ଚାଉଳ ଛତିଶଗଡ଼ରୁ ଆଣିଥିବା ମିଲରର ଗାଡି ପୂର୍ବରୁ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଧରାପଡ଼ିଥିଲା। ସେହି ସମୟରେ ସେ ଚାଉଳ ଭିତରେ ଗଞ୍ଜେଇ ଚାଲାଣ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଦେଓଗାଁ ପୁଲିସ ସେହି ଦିଗରେ ଯାଞ୍ଚ କରିଛି ନା ନାହିଁ ତାହା ମଧ୍ୟ ସନ୍ଦେହ। କିନ୍ତୁ ଏହି ମାମଲା ରୁ ପୁଲିସ, ମିଲର ଓ ଯୋଗାଣ ବିଭାଗ ଭିତରେ ଏକ ଭିତିରି ଡିଲ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯାହାଫଳରେ ବିନା କୌଣସି କାର୍ଯ୍ୟାନୁଷ୍ଠାନ ରେ ଉକ୍ତ ଗାଡ଼ିକୁ ଛାଡିଦିଆଯାଇଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ଆବଶ୍ୟକ ଯାଞ୍ଚ ହୋଇ ନ ଥିବା ଅଭିଯୋଗ**
**ପୂର୍ବରୁ ସମ୍ପୃକ୍ତ ମିଲରଙ୍କ ଗାଡ଼ି ଗଞ୍ଜେଇ ଚାଲାଣ ଅଭିଯୋଗରେ ଧରାପଡ଼ିଥିଲା**

## ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲା କଳାକାର ମହାସଂଘ



ବରଗଡ଼,୧୯।୭(ସମିସ): ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ମହାସଂଘର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶନିବାର ଭୁବନେଶ୍ୱର ରାଜୀବ ଭବନରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କୁ ଭେଟିଛି। ଏହି ଅବସରରେ ପଶ୍ଚିମ ଓଡ଼ିଶା କଳାକାର ମାନଙ୍କ ପାଇଁ ବରଗଡ଼ ଠାରେ ନିର୍ମାଣ ହେବାକୁ ଥିବା ଲୋକ କଳା ଭବନ ନିର୍ମାଣ ସକାଶେ ଆର୍ଥିକ ଅନୁଦାନ ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ମଣ୍ଡଳୀର ନେତୃତ୍ୱ ନେଇଥିଲେ। ତେବେ ଶ୍ରୀ ମାଝୀ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ବିଭିନ୍ନ ଦାବି ସମ୍ବନ୍ଧରେ ସରକାର ଅବଗତ ଥିବା ଉଲ୍ଲେଖ କରି ଆଗାମୀ ଦିନରେ କଳାକାର ମାନଙ୍କ ଦାବି ନିଶ୍ଚିତ ପୁରଣ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସଂଯୋଜକ ପ୍ରମୋଦ ଦାଶ, ସଦସ୍ୟ ଟୁନାରାମ ପ୍ରଧାନ, କୋଷାଧ୍ୟକ୍ଷ ରାଜେଶ ବାରିକ, ଅନିରୁଦ୍ଧ ପାଇକ, ସନ୍ତୋଷ ସାହୁ, ପ୍ରମୁଖଙ୍କ ସମେତ ଅନେକ ସଦସ୍ୟ ଆଲୋଚନାରେ ଉପସ୍ଥିତ ଥିଲେ।

## ସ୍ୱୟଂପ୍ରଭା ସାହିତ୍ୟ ସଂସଦର 'ସବୁଜ ବିଦ୍ୟାଳୟ' କାର୍ଯ୍ୟକ୍ରମ



ବରଗଡ,୧୯।୭(ସମିସ): ସ୍ୱୟଂପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ 'ସବୁଜ ବିଦ୍ୟାଳୟ' କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ସଂସଦର ସମ୍ପାଦିକା କମଳିନୀ ଦେବୀଙ୍କ ନେତୃତ୍ୱରେ ରାଣା ପ୍ରତାପ ସ୍କୁଲ ପରିସରରେ ବିଭିନ୍ନ କିସମର ଫୁଲ ଗଛ ଲଗାଯିବା ସହିତ ବୃକ୍ଷରୋପଣ କରାଯାଇଥିଲା। ସଂସଦର ବରିଷ୍ଠ ସଦସ୍ୟା ଜୟଶ୍ରୀ ଦାଶ ସବୁଜ ବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ଫୁଲ ଗଛ ସଂସଦକୁ ଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ସାମିଲ ହୋଇ ଚାରାରୋପଣ କରିଥିଲେ। ବିଦ୍ୟାଳୟ ତରଫରୁ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଇମ୍ପେରିଆଲ କଲେଜରେ ପ୍ରବେଶ ଉତ୍ସବ



ବରଗଡ଼,୧୯।୭(ସମିସ): ଇମ୍ପେରିୟଲ କଲେଜର ସଭାଗୃହ ଠାରେ ନୂତନ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରବେଶ ଉତ୍ସବ ଆୟୋଜିତ କରାଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ କଟକ ଓ ନବରଙ୍ଗପୁରର ପୂର୍ବତନ ଆରକ୍ଷୀ ଅଧିକ୍ଷକ ତଥା ପୁଲିସ ଅଧିକାରୀ ମିହୀର ପଣ୍ଡା ଯୋଗ ଦେଇଥିଲେ। ଛାତ୍ର ଜୀବନରେ ଶୃଙ୍ଖଳା ହିଁ ଜୀବନର ମୂଳମନ୍ତ୍ର ବୋଲି ଶ୍ରୀ ପଣ୍ଡା କହିଥିଲେ। କଲେଜର ରାଜନୀତି ବିଜ୍ଞାନର ଅଧ୍ୟାପିକା ପ୍ରଜ୍ଞା ଶର୍ମା କାର୍ଯ୍ୟକ୍ରମ ପୂର୍ବରୁ ଅତିଥି ପରିଚୟ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଇମ୍ପେରିୟଲ କଲେଜର ଅଧ୍ୟକ୍ଷ ଦିପକ ଗୋୟଲ ଅତିଥି ମିହୀର ପଣ୍ଡାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଦୁଇ ସପ୍ତାହ ବ୍ୟାପୀ ହେବାକୁ ଥିବା ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ କ୍ଷେତ୍ରର ବ୍ୟକ୍ତିତ୍ୱ ଯୋଗ ଦେବେ କଲେଜ ପକ୍ଷରୁ କୁହାଯାଇଛି।

## ବୌଦ୍ଧ ଜିଲ୍ଲା ପରିଷଦ ବୈଠକ

# ସଫଳତା ବଖାଣିଲେ ଅଧିକାରୀ, ଶୁଣିଲେ ଜନପ୍ରତିନିଧି

ବୌଦ୍ଧ,୧୯।୭(ସମିସ): ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଅଧକ୍ଷା ପ୍ରଭାସିନୀ ଦାସ ଅଧକ୍ଷତା କରିଥିଲେ। ଏହି ବୈଠକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ ସେମାନଙ୍କ ବିଭାଗର ଗୋଟି ଗୋଟି କରି ସଫଳତା ବଖାଣିଥିଲେ। ଏଥିରେ କେତେ ସତ ଆଉ କେତେ ମିଛ ତାହା ଭିନ୍ନ କଥା; କିନ୍ତୁ ଜନ ପ୍ରତିନିଧିମାନେ ଏହାକୁ ଶୁଣି ଚାଲିଥିଲେ।

ବୈଠକର ବିବରଣୀ ଅନୁସାରେ ମନରେଗା ଯୋଜନାରେ ଜିଲ୍ଲା ପାଇଁ ୧୭,୫୦,୦୦୦ ଶ୍ରମ ଦିବସ ଅଟକଳ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ୮,୩୯,୭୭୫ଟି ଶ୍ରମଦିବସ ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ୪୮, ହରଭଙ୍ଗା ବ୍ଲକରେ ୧୦ ଓ କଣ୍ଟାମାଳ ବ୍ଲକରେ ୨୯ଟି ୧୦୦ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଏଥିପାଇଁ ୮୪,୪୦,୨୫,୦୦୦ ଅର୍ଥ ଖର୍ଚ୍ଚ କରାଯିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୨୫୪୯,୭୧ ଲକ୍ଷ ଖର୍ଚ୍ଚ କରାଯାଇଛି। ଜଙ୍ଗଲ ବିଭାଗକୁ ୯୦ଟି ପ୍ରକଳ୍ପ ପାଇଁ ୧୫,୯୭,୩୯,୧୫୭ ଟଙ୍କା ଅନୁଦାନ ଦିଆଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୯,୬୩,୨୦,୮୦୨ ଟଙ୍କା ଓ ଜିନିଷ ବାବଦକୁ ୨,୨୯,୫୦,୭୫୪ ଟଙ୍କା ପ୍ରଦାନ କରାଯାଇଛି। ଉଦ୍ୟାନ କୃଷି ବିଭାଗକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୨୭ଟି ପ୍ରକଳ୍ପ ପାଇଁ ୭,୪୯,୩୧,୫୬୦ ଟଙ୍କା ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୫,୧୯,୮୦,୮୦୬ ଟଙ୍କା ଓ ଜିନିଷ ବାବଦକୁ ୨,୨୯,୫୦,୭୫୪ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେହିପରି କୃଷି ବିଭାଗକୁ ୮୪ଟି ପ୍ରକଳ୍ପ ପାଇଁ ୯୯.୧ ଲକ୍ଷ ଟଙ୍କା ଅନୁମୋଦନରାଯାଇଛି। ସେଥିମଧ୍ୟରୁ ଅଣକୁଶଳୀ ୬୭,୩୮,୩୬୬ ଟଙ୍କା ଓ ମ୍ୟାଟେରିଆଲ ପାଇଁ ୩୧,୩୧,୬୩୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେଚାଞ୍ଚଳ ଉନ୍ନୟନ ବିଭାଗକୁ ୩୯ଟି ପ୍ରକଳ୍ପ ପାଇଁ ୨,୯୭,୯୯,୭୩୦ ଟଙ୍କା ଅନୁମୋଦନ କରାଯାଇଥିବା ବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୧,୭୭,୨୮,୮୯୩ ଟଙ୍କା ଓ ମ୍ୟାଟେରିଆଲ ବାବଦକୁ ୧,୧୦,୭୦,୮୩୭ ଟଙ୍କା ଖର୍ଚ୍ଚ ପାଇଁ ଅନୁମୋଦନ କରାଯାଇଛି। ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଚଳିତ ଆର୍ଥିକ ବର୍ଷରେ ବୌଦ୍ଧ ଜିଲା ପାଇଁ ୧୭,୫୦,୦୦୦ ଶ୍ରମ ଦିବସ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅଦ୍ୟାବଧି ୮,୩୯,୭୭୫ଟି ଶ୍ରମ ଦିବସ ସୃଷ୍ଟି କରି ବୌଦ୍ଧ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଶ୍ରମିକମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ଦେବାରେ ବୌଦ୍ଧ ଜିଲ୍ଲା ୯୯.୯୩ଧ ଲକ୍ଷ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ କୌଣସି କାର୍ଯ୍ୟରେ ୩୦ କିମ୍ବା ତଦୁର୍ଦ୍ଧ ଶ୍ରମିକ ନିୟୋଜିତ ହେଲେ ତାହା ପ୍ରତିଦିନ ଦୁଇଥର ଉପସ୍ଥାନ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏହି କ୍ଷେତ୍ରରେ ବୌଦ୍ଧ ଜିଲ୍ଲା ୯୮.୨୦ଧ ଲକ୍ଷ୍ୟ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାକୁ ୯୨୭୯ଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୮୮୯୮ଟି ଗୃହ ସଂପୂର୍ଣ୍ଣ ହୋଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରେ ଜିଲ୍ଲାକୁ ୨୨୧ଟି ଗୃହ ନିର୍ମାଣ ଲକ୍ଷ ଧାର୍ଯ୍ୟ କରାଯାଇ ବଣ୍ଟନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୩୦୮ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨୬ଟି ଗୃହ ବଣ୍ଟନ କରାଯାଇଛି। ଚଳିତବର୍ଷ ଜିଲ୍ଲାକୁ ୧୫ଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବାବଦକୁ ୭୦୭୩୮୮୪.୦୦ ଟଙ୍କା ମିଳିଥିବାବେଳେ ଏହି ଅର୍ଥ ମଧ୍ୟରୁ ଶତକଡା ୬୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ। ୫ଶ ରାଜ୍ୟ ଅର୍ଥ କମିଶନ ଅନୁଦାନ ବାବଦକୁ ଜିଲ୍ଲାକୁ ୮୭୪୨୯୯୩.୦୦ ଟଙ୍କା ଅନୁଦାନ ମିଳିଛି। ଏହି ଅର୍ଥ ମଧ୍ୟରୁ ଶତକଡା ୫୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ। ଓଡ଼ିଶା ଜିବିକା ମିଶନ କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକକୁ ସଘନ ବ୍ଲକ ଭାବରେ ନିଆଯାଇଛି। ବିଗତବର୍ଷ ଜିଲ୍ଲାର ୩୭ଟି ପଞ୍ଚାୟତର ୭୪୯ଟି ସ୍ୱୟଂସହାୟକ ଦଳକୁ ୮,୨୨,୭୦,୦୦୦.୦୦ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଅଦ୍ୟାବଧି ୭୦୧ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗୀକରଣ ଜରିଆରେ ୨୮,୪୮,୪୬,୦୦୦.୦୦ ଟଙ୍କାର ବ୍ୟାଙ୍କ ଋଣ ଯୋଗାଇଦିଆଯାଇଛି। ଏହାବ୍ୟତୀତ ବୈଠକରେ ଜିଲ୍ଲାର ଜଳସେଚନ, ରାସ୍ତାସଂଯୋଗୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସଂପଦ, ମହିଳା ଓ ଶିଶୁ କଲ୍ୟାଣ, ଖ୍ୟାଦ୍ୟ ଯୋଗାଣ, ସମବାୟ ଓ ହସ୍ତତନ୍ତ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା।

ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ପରିଷତ ସଭ୍ୟ ସଭ୍ୟା, ସମସ୍ତ ବ୍ଲକ୍ ଅଧକ୍ଷ, ଅଧକ୍ଷା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକ ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ପାଇକମାଳ,୧୯।୭(ସମିସ): ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଚେରଙ୍ଗାଝାଞ୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଉଗ୍ରସେନ ପ୍ରଧାନ ଏଥିରେ ଅଧକ୍ଷତା କରକିଥିଲେ। କାର୍ଯ୍ୟକ୍ରମରେ ପାଇକମାଳ ସହକାରୀ ଶିକ୍ଷା ଅଧିକାରୀ ତଥା ବିଆରସିସି ରାଧେଶ୍ୟାମ ମେହେର କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ। ଚେରଙ୍ଗାଝାଞ୍ଜ କ୍ଲଷ୍ଟର ଅଧିନରେ ଥିବା ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବୈଠକରେ ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା ଓ କାର୍ଯ୍ୟ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ, କାର୍ଯ୍ୟ ନିର୍ଘଣ୍ଟ, ଏସଡିପି, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ଯୋଜନା ବିଷୟରେ ଆଲୋଚନା ହୋଇଥିଲା। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଦିବାହାଲ ପ୍ରଧାନଶିକ୍ଷକ ମାଧବ ପୁରୋହିତ ଧନ୍ୟବାଦ ଦେଇଥିଲେ।

## ଠିକ୍‌ରେ ନିଜ ଦାୟିତ୍ୱ ତୁଲାଇବାକୁ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ପରାମର୍ଶ

ଭବାନୀପାଟଣା ୧୯।୭(ସମିସ): ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦୁଇ ଦିନିଆ କଳାହାଣ୍ଡି ଗସ୍ତ କରିଛନ୍ତି। ନିଷ୍ଠାପର ଭାବେ ସେବା ମନୋଭାବ ନେଇ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କଳାହାଣ୍ଡି ଜିଲ୍ଲା ପରିଷଦ ସଭାଗୃହରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସଂପୃକ୍ତ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଗରିବଙ୍କ କଲ୍ୟାଣ ପାଇଁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଯୋଜନା, କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଡିଏଫ୍ଓ (ଦକ୍ଷିଣ) କଲାଇ ବାନାନ୍ ଆର୍., ଡିଏଫ୍ଓ (ଉତ୍ତର) ରମେଶ କୁମାର, ଜିଲ୍ଲା ପରିଷଦମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାତ୍ରୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଧର୍ମଗଡ ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ ତିର୍କୀ, ଜୟଶଙ୍କର ନାଏକ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭବାନୀପାଟଣା ବ୍ଲକ ନିକଟସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀ ରିଟେଲ ମାର୍ଟ ଦୁଆରସନି ମାର୍କେଟ କମ୍ପ୍ଲେକ୍ସକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ମହିଳା ସଚେତନତା ଆଲୋଚନଚକ୍ର



ପାଇକମାଳ,୧୯।୭(ସମିସ): ଓଡ଼ିଶା ବନବାସୀ ଜନକଲ୍ୟାଣ ଆଶ୍ରମ ଦ୍ୱାରା ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମହିଳା ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ମନୋରମା ମିଶ୍ର, ଓଡ଼ିଶା ପ୍ରାନ୍ତ ମହିଳା ପ୍ରମୁଖ ଯୋଗ ଦେଇଥିଲେ। ମହିଳା ମାନେ ନିଜକୁ ଅବଳା, ଦୁର୍ବଳା ମନେକରି କୌଣସି ପରିସ୍ଥିତିରେ ମଧ ଭୁଲ ପଦକ୍ଷେପ ନ ନେବାପାଇଁ ଉଦାହରଣ ଦେଇ ଆଲୋଚନା କରିଥିଲେ। ସମସ୍ତ କର୍ମଚାରୀ, ଛାତ୍ରୀ ଏହି ଆଲୋଚନାଚକ୍ରରେ ଭାଗ ନେଇ ନିଜସ୍ୱ ମତ ପ୍ରକାଶ କରିଥିଲେ। ଆଶ୍ରମର ଦୁଇ ଜଣ କର୍ମୀ ଅମ୍ବିକା ଭୋଇ ଓ ମମତା ବେହେରା ଯୋଗଦେଇ ଆଲୋଚନାଚକ୍ରରେ ରୋଚକ କଥା ପରିବେଷଣ କରିଥିଲେ।

## ପୁସ୍ତକ 'ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ' ଉନ୍ମୋଚିତ



ସମ୍ବଲପୁର, ୧୯।୭ (ସମିସ) : ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଶନିବାର ପୂର୍ବାହ୍ଣରେ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘର ସହଯୋଗିତାରେ ଦୀପକ କୁମାର ପଣ୍ଡାଙ୍କ ଲିଖିତ ପୁସ୍ତକ 'ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲ' ଉନ୍ମୋଚିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର, ସୁରଜିତ ମିଶ୍ର, ସମ୍ପାଦକ ଇଂ. ପ୍ରଦୀପ ନାଥ ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ଛାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଶ୍ରୀ ମହାପାତ୍ର ବିଦ୍ୟାଳୟର ଗୌରବମୟ ଐତିହାସିକ ଯାତ୍ରା ବିଷୟରେ ବର୍ଣ୍ଣନା କରିଥିଲେ। ପୁସ୍ତକର ଲେଖକ ଦୀପକ ପଣ୍ଡା ବର୍ତ୍ତମାନ ଯୁଗରେ ଇତିହାସରେ ମହତ୍ତ୍ୱ ବର୍ଣ୍ଣନା କରି ଦେଶ ଓ ରାଜ୍ୟର ଉନ୍ନତିରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀମତୀ ଦାଶ ବିଦ୍ୟାଳୟର ହୃତ୍‌ଗୌରବ ଫେରାଇ ଆଣିବାକୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନିବେଦନ କରିବା ସହିତ ବିଦ୍ୟାଳୟ ବିଷୟରେ ଲେଖାଯାଇଥିବା ପୁସ୍ତକର ଲେଖକ ଶ୍ରୀ ପଣ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ କୁଳମଣି ଦାଶ ସଭାକାର୍ଯ୍ୟ ପରିଚାଳନା ଓ ବରିଷ୍ଠ ଶିକ୍ଷକ ଦିଲୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳରେ ଶାରୀରିକ ପ୍ରଶିକ୍ଷଣ ଶିବିର



ପାଇକମାଳ,୧୯।୭(ସମିସ): ପାଇକମାଳ ବ୍ଲକ୍ ଉପସ୍କୁଲ ଖେଳ ପଡିଆରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଶାରୀରିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ବିଡିଓ ପ୍ରଫୁଲ୍ଲ ଉଦୁ ଓ ସମ୍ମାନିତ ଅତିଥି ଭାବେ ଏବିଏଫ ମଧୁସ୍ମିତା ବେହେରା ଯୋଗ ଦେଇଥିଲେ। ଏଥିରେ ସରକାରୀ କର୍ମଚାରୀ, ରେଲୱେ, ଅଗ୍ନି ବିଭାଗ, ପୁଲିସ, ସିଆରପିଏଫ ତଥା ଭାରତୀୟ ସେନା ପାଇଁ ଶାରୀରିକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିନରେ ୪୦ ଜଣ ପ୍ରଶିକ୍ଷକ ପଞ୍ଜୀକରଣ କରିଥିଲେ। ପ୍ରଶିକ୍ଷଣ ଶିବିର ପରିଚାଳନାରେ ମହାଶକ୍ତି ଫାଉଣ୍ଡେସନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ବୈତାଳି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ମାସିକ ବୈଠକ



ବରଗଡ଼,୧୯।୭(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ଗୋଷ୍ଠୀ କାର୍ଯ୍ୟାଳୟ ଅଧୀନସ୍ଥ ବୈତାଳି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦିବସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରବନ୍ଧ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦୟାନିଧି କୈବର୍ତ୍ତ ଯୋଗ ଦେଇଥିଲେ। ବୈତାଳି କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ଶିଶୁ ବାଟିକା ସହାୟକ ପୁସ୍ତିକା ଓ କାର୍ଯ୍ୟ ପୁସ୍ତିକା ସମ୍ବନ୍ଧରେ ସମନ୍ୱୟରକ୍ଷା କରି ଶିକ୍ଷା ଦାନ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ଏହାଛଡା ବିଦ୍ୟାଳୟ ବିକାଶ ଯୋଜନା, ସୁରକ୍ଷା ଯୋଜନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ସପ୍ତାହରେ ୟୁଏସ ପୋର୍ଟାଲରେ ଉପସ୍ଥାନ ପକେଇବା ଭଳି ଅନ୍ୟ ଆଲୋଚନା ମଧ ହୋଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଣ୍ଡାରେ ବନସଂରକ୍ଷଣ ସମିତିର ସାଧାରଣ ବୈଠକ

ପାଇକମାଳ,୧୯।୭(ସମିସ): ପାଇକମାଳ ବ୍ଲକ୍ ମିଠାପାଲି ପଞ୍ଚାୟତ ଗୁରୁଣ୍ଡା ଗାଁରେ ନୃସିଂହନାଥ ସେକ୍ସନ ବନପାଳ ରମେଶ ଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନକ୍ରମେ ବନରକ୍ଷୀ ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁଣ୍ଡା ବନସଂରକ୍ଷଣ ସମିତି ସଭାପତି ଟିକେଶ୍ୱର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସାମ୍ବାଦିକ ମାନସ ରଞ୍ଜନ ନାୟକ, କୁଡ଼ାରିଫସା ଭିଏସଏସର ସମସ୍ତ ସଭ୍ୟସଭ୍ୟା, ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ବୃକ୍ଷର ଉପକାରିତା, ବୃକ୍ଷରୋପଣ ମହତ୍ତ୍ୱ ତଥା ବୃକ୍ଷରୋପଣ କରିବାକୁ ଆହ୍ୱାନ କରାଯାଇଥିଲା। ପରିବାର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ପାଇଁ ବନ ବିଭାଗ ନର୍ସରୀରୁ ଚାରା ଯୋଗାଇ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ଗୁରୁଣ୍ଡା ଗାଁ ନିକଟରେ ଥିବା ଜଙ୍ଗଲକୁ ଚିହ୍ନଟ କରି ଖାଲି ସ୍ଥାନରେ ୫୦୦ଟି ତାଳଗଛ ରୋପଣ କରିବାକୁ ସ୍ଥିର ହୋଇଛି। ତାଳଗଛ ବ୍ରଜପାତକୁ ପ୍ରତିରୋଧ କରିବା ସହ ଗାଁର ପ୍ରାକୃତିକ ପରିବେଶକୁ ମନୋରମ କରିବ ବୋଲି କୁହାଯାଇଥିଲା। କିଛି ଦିନ ପରେ କରଡି ମିଳିବା ଆରମ୍ଭ ହେବ କିନ୍ତୁ କେହି ଜଙ୍ଗଲରୁ କରଡି ଆଣିବୁ ନାହିଁ କି କାହାକୁ ନେବାକୁ ଦେବୁ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ବନରକ୍ଷୀ ଶାନ୍ତନୁ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସଚେତନତା ସଭା



ସମ୍ବଲପୁର, ୧୯।୭ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଆନୁକୂଲ୍ୟରେ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଆଜି ପିଓଏସ୍‌ଏଚ୍ ଆକ୍ଟ ୨୦୧୩ (ଦ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଫ୍ ୱିମେନ୍ ଏଟ୍ ୱାର୍କପ୍ଲେସ (ପ୍ରିଭେନ୍‌ସନ୍, ପ୍ରୋହିବିସନ୍ ଆଣ୍ଡ ରିଡ୍ରେସାଲ୍) ଆକ୍ଟ)କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସିସି ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସବିଶେଷ ଜଣାଇବାସହ କିଭଳି ସେମାନେ ଏହାକୁ ଯୋଗାଯୋଗ କରିପାରିବେ ସେନେଇ ଅବଗତ କରାଯାଇଥିଲା। ଆରସିସି ସଭ୍ୟା ତଥା ଇତିହାସ ବିଭାଗ ସହକାରୀ ପ୍ରଫେସର ଡ. ସସ୍ମିତାରାଣୀ ଶାସନୀ ପାୱାରପଏଣ୍ଟ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ ଆଇସିସି ଅଧକ୍ଷା ପ୍ରଫେସର ମୋନାଲିସା ମହାପାତ୍ର ବକ୍ତବ୍ୟ ରଖିଥିଲେ।

ଏହି ସଚେତନତା ସଭାରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ସୋମବାରଠାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସକାଶେ ଦୁଇଟି କର୍ମଶାଳା ଏବଂ ଗୋଟିଏ ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଭିସୁଟ୍‌ରେ ଷ୍ଟାର୍ଟଅପ୍ କନ୍‌କ୍ଲେଭ -୨୦୨୫



ସମ୍ବଲପୁର,୧୯।୭(ସମିସ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟଅପ୍ କନକ୍ଲେଭ ୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଇନୋଭେସନ୍ ଏବଂ ଇନକ୍ୟୁବେସନ୍ ଡିନ୍ ଦେବଦତ୍ତ ମିଶ୍ର, ଭିସୁଟ ରେଜିଷ୍ଟ୍ରାରପ ପ୍ରଦୀପ ଡାଙ୍ଗ, ଏବଂ ଡିନ୍, ସିଡିସିଏ ପ୍ରଫେସର ଗଣେଶ୍ୱର ନାଥ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଲୁମିନି ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଟିଜେ ଟାୟାର୍ସର ସିଇଓ ସମୀର ପଣ୍ଡା ତାଙ୍କର ସଫଳ ଉଦ୍ୟୋଗୀ ଯାତ୍ରା ବିଷୟରେ କହିଥିଲେ ଯେ, ଟାୟାର ପଙ୍କ୍‌ଚରରୁ କିପରି ଏକ ବିଶ୍ୱସ୍ତବ୍ରାଣ୍ଡ ଗଠନ କରିବାରେ ସଫଳ ହେଲେ। ସୃଜନୀ ଜନ ଗଣ ଆୱାଜର ସହ-ପ୍ରତିଷ୍ଠାତା ବିଶ୍ୱଜିତ ଦାସ ମାତୃଭାଷା ବ୍ଲଗିଂକୁ ପ୍ରୋତ୍ସାହିତ କରିବା ଉପରେ ବକ୍ତବ୍ୟ ରଖିଥିଲେ। ଆରକିଟେକ୍ ଅଜିତ ଖୁମ୍ବାର, ପୂଜା କୋଟନୀ ଏବଂ ନବନୀତ ଉପସ୍ଥିତ ଲୋକଙ୍କୁ ସୃଜନଶୀଳ ଉଦ୍ୟୋଗୀତା, ସ୍ଥିରତା ଏବଂ ପ୍ରତିବନ୍ଧକ ଭାଙ୍ଗିବାରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଡ.ଅରୋ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଅନୀଲ ମୁର୍ମୁ ଏବଂ ସୁଧାଂଶୁ ରଞ୍ଜନ ଦାଶ ସହଯୋଗ କରିଥିଲେ।

# ଖରିଫ୍ ଧାନ ସଂଗ୍ରହ ଲାଗି ପଞ୍ଜୀକରଣ ଆରମ୍ଭ

**ସମ୍ବଲପୁର, ୧୯।୭ (ସମିସ)**

ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ଚାଷ ପାଇଁ ଗତ ଜୁନ୍ ପ୍ରଥମ ସପ୍ତାହରୁ ତଳି ପକା (ପହ୍ଲା ପକାଇବା) ଆରମ୍ଭ ହୋଇଛି। ବର୍ତ୍ତମାନ ଜୋରସୋରରେ ଚାଷୀ ପହ୍ଲାରୁଆ କରୁଛି। ଗତ ରବି ଫସଲ ସମୟରେ ଅଦିନିଆ ବର୍ଷା ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହେବାସହିତ ରବି ଧାନ ଅମଳରେ ବିଳମ୍ବ ହୋଇଥିଲା। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଖରିଫ ଧାନ ପଞ୍ଜୀକରଣ ୧୯ ତାରିଖଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁର ଜିଲ୍ଲାରେ ଏବେ ଚାଷୀମାନେ କ୍ଷେତକୁ ସମତଳ କରି କାଦୁଅ କରି ପହ୍ଲା ରୋଇବା ଦେଖାଯାଉଛି। ଏହି ସମୟରେ ଆବଶ୍ୟକ ପଡୁଥିବା ସାର ଅଭାବ ଯୋଗୁଁ ଗତଦିନରେ ଚାଷୀମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଘେରିଥିଲେ। ବର୍ତ୍ତମାନ ଲଘୁଚାପଜନିତ ଲଗାଣବର୍ଷା ଲାଗି ରହିଛି। ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ଏହି ସମୟରେ ପଞ୍ଜୀକରଣ ଅବଧି ରଖାଯାଇଥାଏ। ଏବେ ତଳିପକା, ରୋଇବା ଆଦି ଚାଷ କାର୍ଯ୍ୟରେ ଚାଷୀ ବ୍ୟସ୍ତ ରହିଛି। ଏଣୁ ପାକ୍ସକୁ ଯାଇ ପଞ୍ଜୀକରଣ କରିବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛି।

ଗତବର୍ଷ ୨୦୨୪-୨୫ ଖରିଫ୍‌ରେ ସମ୍ବଲପୁର ଜିଲ୍ଲାରେ ୬୦, ୩୫୯ ଚାଷୀ ପଞ୍ଜିକୃତ ହୋଇଥିଲେ। ଜିଲ୍ଲାରେ ମୋଟ୍ ୫୮, ୦୨୮ ଜଣ ଚାଷୀ ୩୧, ୫୧, ୦୦୦ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। ଜିଲ୍ଲାର ସମ୍ବଲପୁର ସଦର ଉପଖଣ୍ଡରେ ୫୫, କୁଚିଣ୍ଡା ଉପଖଣ୍ଡରେ ୫୬ ଓ ରେଢ଼ାଖୋଲ ଉପଖଣ୍ଡରେ ୧୯ ଏହିଭଳି ୧୩୦ଟି ଧାନକ୍ରୟ କେନ୍ଦ୍ରରେ ଧାନସଂଗ୍ରହ କରାଯାଇଥିଲା। ୪୫ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) / ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଏବଂ ୧୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ଧାନସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ତେବେ, ରବି ଋତୁରେ ଧାନସଂଗ୍ରହ ସମୟରେ ସମସ୍ୟା ହୋଇଥିଲା। ରବି ସମୟରେ ଟାର୍ଗେଟ୍ ନଦେବାରୁ ଚାଷୀ ଧାନ ଓ ଟୋକନ୍ ନେଇ ଦିନ ଦିନ ଧରି ମଣ୍ଡିରେ ଅଟକି ରହି କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀମାନେ ଏଥିସକାଶେ ସିନ୍ଦୂରପଙ୍କଠାରେ ଜାତୀୟ ରାଜପଥ ଏବଂ ଶାସନଠାରେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଚଳିତ ଖରିଫ୍ ଋତୁରେ ଧାନ ସଂଗ୍ରହ ନିମନ୍ତେ ଶନିବାରଠାରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି। ଚଳିତବର୍ଷ ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଚାଷୀମାନଙ୍କୁ ସମ୍ପୃକ୍ତ ସୋସାଇଟିରେ ଫର୍ମ ଯୋଗାଇ ଦିଆଯିବ। ଚଳିତବର୍ଷ ଚାଷୀଙ୍କ ପଞ୍ଜିକରଣ ତଥ୍ୟ ନବୀକରଣ ନକରି ବରଂ ସମ୍ପୂର୍ଣ୍ଣଭାବେ ନୂଆ କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ଚାଷୀମାନେ ନିଜ ନିଜ ସମ୍ପୃକ୍ତ ସୋସାଇଟିରେ ନିର୍ଦ୍ଧାରିତ ଫର୍ମରେ ଚାଷଜମି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ମୋବାଇଲ୍ ନଂ, ଆଧାର ଓ ବ୍ୟାଙ୍କ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ଭାଗଚାଷୀମାନେ ଜମି ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବେ। ସେହିପରି ଗୋଟିଏ ଜମିର ଏକାଧିକ ମାଲିକ ଥିଲେ ସମସ୍ତ ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବା ଆବଶ୍ୟକ। ସୋସାଇଟିରେ ଫର୍ମର ଡିଜିଟାଇଜେସନ୍ ପୂର୍ବରୁ ଚାଷୀଙ୍କର ଇ-କେୱାଇସି କରାଯିବ। ଏଥିପାଇଁ ଚାଷୀଙ୍କର ଆଇରିସ୍ ବା ଆଖିଡୋଳା ସ୍କାନ କରାଯିବ ଏବଂ ଏହା ଆଧାରତଥ୍ୟ ସହ ମେଳ ହେବାପରେ ସମ୍ପୃକ୍ତ ଚାଷୀଙ୍କ ମୋବାଇଲକୁ ଏକ ଓଟିପି ଯିବ। ଏହି ଓଟିପି ଦାଖଲକରି ଅନ୍‌ଲାଇନରେ ଫର୍ମର ତଥ୍ୟ ଅନୁସାରେ ପଞ୍ଜୀକରଣ ସମ୍ପନ୍ନ ହେବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ଦିଆଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଚାଷୀର ପହ୍ଲା ରୁଆ କାମ ଆରମ୍ଭ ହୋଇଛି। ଚାଷୀ କ୍ଷେତରେ ତଳିପକା ଓ ରୋଇବା ଆଦି ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସରକାର ପଞ୍ଜିକରଣ ସକାଶେ ସମୟଅବଧି ନରଖି ଏହାକୁ କିଛିଦିନ ପରେ ରଖିଥିଲେ ଭଲ ହୋଇଥାନ୍ତା। ଏଣୁ ପଞ୍ଜିକରଣକୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ସେ ଦାବି କରିଛନ୍ତି।

## ୨୯ ମଣ୍ଡିରେ ଭିତ୍ତିଭୂମି ବିକାଶ

ଜିଲ୍ଲାରେ ୧୩୦ଟି ମଣ୍ଡିରୁ ୩୪ଟିରେ ସମସ୍ତ ସୁବିଧା ଉପଲବ୍ଧ ରହିଛି। ବଳକା ୯୬ଟି ମଣ୍ଡିରେ ପର୍ଯ୍ୟାୟକ୍ରମେ ବିକଶିତ କରାଯିବ ବୋଲି ଜଣାପଡ଼ିଛି। ମଣ୍ଡି ପିଛା ତାହାର ପରିସୀମା ତଥା କେତେ ମାଟିପକାଇ ସମତୁଳ କରିବା ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ବ୍ୟୟ ଅଟକଳ କରାଯାଇଛି। ଭିତ୍ତିଭୂମି ବିକାଶ ପ୍ରକଳ୍ପରେ ଘୋଡ଼ଣୀ ଥିବା ପିଣ୍ଡି ନିର୍ମାଣ, ଚାଷୀଙ୍କ ଆଶ୍ରୟସ୍ଥଳୀ, ପିଇବା ପାଣି ସୁବିଧା, ପାଚେରୀ ନିର୍ମାଣ, ଶୌଚାଳୟ ବ୍ଲକ ନିର୍ମାଣ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟ ସମ୍ବଲପୁର ଜିଲ୍ଲାରେ ପୂର୍ତ୍ତବିଭାଗ କରୁଛି। କୁଚିଣ୍ଡା ସବଡିଭିଜନରେ ହେବାକୁ ଥିବା ୧୭ଟିର ଜମି ଚିହ୍ନଟ ହୋଇ ଟେଣ୍ଡର ପ୍ରକ୍ରିୟା ଚାଲିଛି। ସମ୍ବଲପୁର ସଦରରେ ଗୋଶାଳା ଓ ମେଘପାଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାବେଳେ ବାକି ୮ଟାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରେଢ଼ାଖୋଲ ଉପଖଣ୍ଡର ବଡ଼ମାଳ ଓ ଚାରମାଳ ଆଦି ଦୁଇଟିରେ କାମ ଆରମ୍ଭ ହୋଇନାହିଁ।

## ପଞ୍ଜୀକରଣକୁ ନେଇ ପ୍ରଶିକ୍ଷଣ



ଅବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଜିଲ୍ଲାରେ ଖରିଫ୍ ଧାନସଂଗ୍ରହ ପାଇଁ ନିୟୋଜିତ ୪୫ଟି ପାକ୍ସ / ଲ୍ୟାମ୍ପସ୍ ଓ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ନେଇ ଏହି ପଞ୍ଜିକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଗାଣ ବିଭାଗ ଓ ଜିଲ୍ଲା ସମବାୟ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଓ ସମବାୟ ସମିତି ସମୂହ ଉପ-ନିବନ୍ଧକ ମଧୁସୂଦନ ମେହେର ସଭାରେ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମବାୟ ବିଭାଗର ଉପ-ସହକାରୀ ନିବନ୍ଧକ ଉମେଶ ଚନ୍ଦ୍ର ନାୟକ ଓ ସୁଶୀଲ ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରେଇପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସରୋଜ ମେହେର ତାଙ୍କ ମତାମତ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ସମ୍ବଲପୁର ସମବାୟ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସମବାୟ ସମିତିମାନଙ୍କର ଆର୍ଥିକ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ବାଣିଜ୍ୟିକ ପଦକ୍ଷେପ ବିଷୟରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

# ସାମ୍ବାଦିକ ନବୀନ ଦାଶ ଗୁରୁତର

**ସମ୍ବଲପୁର/ଜମନକିରା, ୧୯।୭ (ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଧୀନ ଗୌଡ଼ପାଲି ଫାଣ୍ଡି ନିକଟ କୁଲୁଣ୍ଡି ଡାକ୍ତରଖାନା ସମ୍ମୁଖରେ ସନ୍ଧ୍ୟା ୫ଟା ସମୟରେ ଦୁଇ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। ଏଥିରେ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ନବୀନ କୁମାର ଦାଶ ଗୁରୁତର ଆହତ ହୋଇ ଭିମସାର ସୁପର ସ୍ପେଶାଲିଟି ହସପିଟାଲ ଆଇସିୟୁରେ ସଙ୍କଟାପନ୍ନ ଅବସ୍ଥାରେ ଅଛନ୍ତି।



ତାଙ୍କ ପତ୍ନୀ ମଧ୍ୟ ଗୁରୁତର ଆହତ ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି। ଏଥିରେ ଅନ୍ୟ ବାଇକ୍ ଚାଳକ ଓ ଆରୋହୀ ମଧ୍ୟ ଆହତ ହୋଇଥିବା ସୂଚନା ରହିଛି। ସୂଚନା ଅନୁସାରେ ସାମ୍ବାଦିକ ଶ୍ରୀ ଦାଶ ତାଙ୍କ ପତ୍ନୀଙ୍କ ସହ ବାଇକ୍‌ରେ ସମ୍ବଲପୁର ଅଭିମୁଖେ ଆସୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆଉଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ନବୀନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତେଣୁ ତାଙ୍କୁ ବୁର୍ଲା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ବୁର୍ଲା ଡାକ୍ତରଖାନାରେ ସାମ୍ବାଦିକ ମାନେ ପହଞ୍ଚିଥିଲେ। ସହରର ବରିଷ୍ଠ ସାମ୍ବାଦିକମାନେ ମଧ୍ୟ ଭୀମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ସରକାରୀ ସ୍ତରରେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିମସାର କର୍ତ୍ତୃପକ୍ଷଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ବ୍ୟାଙ୍କ୍ ଜାତୀୟକରଣ ଦିବସ




**ସମ୍ବଲପୁର, ୧୯।୭ (ସମିସ) :** ପଞ୍ଜାବ ନେସନାଲ ବ୍ୟାଙ୍କଠାରେ ସମୀର ନାଥଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କ ଜାତୀୟକରଣ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ଗଦାଧର କୁଅଁର ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଉମାଶଙ୍କର ଯୋଶୀ, ରାହାସବିହାରୀ ପଣ୍ଡା, ଲମ୍ବୋଦର ମିଶ୍ର, ଅମୂଲ୍ୟ ପ୍ରଧାନ, ଲେଖଶ୍ରୀ ନାଏକ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରମିକ ନେତା ଶ୍ରୀ କୁଅଁର ବ୍ୟାଙ୍କ ଜାତୀୟକରଣ ଦ୍ୱାରା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି କିଭଳି ହୋଇଥିଲା ସେନେଇ ଆଲୋକପାତ କରିଥିଲେ। ଏହାସହ ବର୍ତ୍ତମାନ ବଢୁଥିବା ଅନାଦେୟ ଋଣ, ଗ୍ରାହକ ମାନଙ୍କଠାରୁ ଅସୁଲ କରାଯାଉଥିବା ବିଭିନ୍ନ ସେବା ଶୁଳ୍କ ଆଦିକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଯୋଗ ଦେଇଥିଲେ। ୧୯୬୯ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରିଥିଲେ। ପୁଣି ୧୯୮୦ ମସିହାରେ ଆଉ ୬ଟି ବ୍ୟାଙ୍କ ରାଷ୍ଟ୍ରୀୟକରଣ କରାଯାଇଥିଲା।

# ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୯।୭ (ସମିସ) :** ସମ୍ବଲପୁର ମହାନଗର ନିଗମ ବୁର୍ଲାର ଶ୍ରୀରାମ ବିହାରରେ ରହୁଥିବା ଯୁବ ସାମ୍ବାଦିକ ରାହୁଲ ଶର୍ମା ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ଏକ ଖବରକାଗଜରେ କିଛିବର୍ଷ ପୂର୍ବରୁ ସାମ୍ବାଦିକତା ମଧ୍ୟ କରୁଥିଲେ। ବୁର୍ଲା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ତାଙ୍କ ବକେୟା ରହିଥିବା ୪୦ ଲକ୍ଷ ଟଙ୍କା ଦୁଇଜଣ ବ୍ୟକ୍ତି ତାଙ୍କୁ ଦେଇ ନ ଥିବାରୁ ସେ ମାନସିକ ଚାପରେ ଆତ୍ମହତ୍ୟା ଭଳି ଚରମ ପନ୍ଥା ଅବଲମ୍ବନ କରିପାରନ୍ତି ବୋଲି ହ୍ୱାଟ୍‌ସଆପ୍‌ରେ ମୃତ୍ୟୁ ପୂର୍ବରୁ କିଛି ଲୋକଙ୍କୁ ପଠାଇଥିବା ଜଣାପଡ଼ିଛି।



ସୂଚନା ଅନୁଯାୟୀ ମୃତକ ରାହୁଲ ଶର୍ମା (୩୫) ବୁର୍ଲା ଶ୍ରୀରାମ ବିହାରରେ ପରିବାର ସହ ରହୁଥିଲେ। ସେ ବହୁପୂର୍ବରୁ ସାମ୍ବାଦିକତା କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ବେଡସିଟ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ବୁର୍ଲା ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ଶବ ପରିବାରକୁ ହସ୍ତାନ୍ତର କରାଯିବାପରେ ସ୍ଥାନୀୟ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତାଙ୍କ ପଛରେ ପତ୍ନୀ ଓ ଅଢ଼େଇ ବର୍ଷର ପୁଅ ଅଛନ୍ତି। ରାହୁଲ ମୃତ୍ୟୁ ପୂର୍ବରୁ କିଛି ଲୋକଙ୍କୁ ପଠାଇଥିବା ହ୍ୱାଟ୍‌ସଆପ୍ ଅନୁଯାୟୀ ଦୁଇଜଣ ବ୍ୟକ୍ତି ୯ ବର୍ଷ ହେଲା ତାଙ୍କ ୪୦ ଲକ୍ଷ ଟଙ୍କା ନେଇଯାଇ ଫେରାଉନାହାନ୍ତି। ଫଳରେ ସେ ଆର୍ଥିକ ଅନଟନରେ କାଳାତିପାତ କରୁଛନ୍ତି। ଉକ୍ତ ଦୁଇଜଣ ବ୍ୟକ୍ତି ଟଙ୍କା ଫେରାଇବେ ନାହିଁ କହି ତାଙ୍କୁ ନାନାପ୍ରକାର ଧମକଚମକ ଦେଉଥିବାରୁ ସେ ମାନସିକ ଚାପଗ୍ରସ୍ତ ଥିବା ହାଟସ୍‌ଆପ୍‌ରେ ଉଲ୍ଲେଖ କରିଛନ୍ତି। ତାଙ୍କ ପାରିବାରିକ ଜୀବନରେ ମଧ୍ୟ ଏଥିଯୋଗୁଁ ଅଶାନ୍ତି ଲାଗିରହିଛି। ରାହୁଲଙ୍କ ହ୍ୱାଟ୍‌ସଆପ୍ ମେସେଜ୍ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ଏନେଇ ସମ୍ବଲପୁରରେ ଚର୍ଚ୍ଚା ଜୋର ଧରିଛି।



ସମ୍ବଲପୁର ଜିଲ୍ଲାରେ ଖରିଫ ଧାନଚାଷ ପାଇଁ (୧) ପହ୍ଲା ଉଠାଯାଉଛି (୨) ପହ୍ଲା ରୁଆଯାଉଛି

## ସାଇବର ଲୁଟ୍‌ରେ ଲାଗୁନି ଅଙ୍କୁଶ

# ନିବେଶ ଆଳରେ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ହରାଇଲେ ୧୭ ଲକ୍ଷ

**ସମ୍ବଲପୁର, ୧୯।୭(ସମିସ):** ଚିରାଚରିତ ଢଙ୍ଗରେ ସାଇବର ଲୁଟ୍ ବଢ଼ିବାରେ ଲାଗିଛି। ନିବେଶ କରି ଲାଭାନ୍ୱିତ ହେବା ସ୍ୱପ୍ନ ଦେଖାଇ ଶେଷରେ ସବୁନେଇ ଯାଉଛନ୍ତି। ପ୍ରଶାସନ ସରକାର ପକ୍ଷରୁ ଯେତେ ସଚେତନା କରାଗଲେ ମଧ୍ୟ ଲୁଟ୍ କମିବା ବଦଳରେ ବଢ଼ିବାରେ ଲାଗୁଛି। ଲୋଭ ଦେଖାଇ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କାର ଠକି ନେଇଯାଉଛନ୍ତି। ସମ୍ବଲପୁର ସହର ଚେରୁଆପଡ଼ାର ଜଣେ ବିଏସ୍‌ଏନ୍‌ଏଲ କର୍ମଚାରୀ ଏଭଳି ଠକେଇର ଶିକାର ହୋଇଛନ୍ତି। ତାଙ୍କଠାରୁ୧୭ ଲକ୍ଷ ଟଙ୍କା ଲୁଟି ନେଇଯାଇଛନ୍ତି ସାଇବର୍ ଲୁଟେରା। ଏନେଇ ସେ ସମ୍ବଲପୁର ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଫେସବୁକ ମାଧ୍ୟମରେ ସେ ଆଇବାଇ ୩୫ କୁବେରା ଆଲଫା କ୍ଲବ୍ ଗ୍ରୁପରେ ଯୋଡ଼ି ହୋଇଥିଲେ। ନିୟମିତ ଭାବେ ସେ ଗ୍ରୁପ ଉପରେ ନଜର ରଖିଥିଲେ। ସେଥିରେ କିଛି ଅଫର ଥିବା ସହିତ ଅନ୍ୟମାନେ ଏହାଦ୍ୱାରା ଲାଭବାନ ହେଉଥିବା ଦେଖିବାକୁ ପାଇଥିଲେ। ଏହାପରେ ଶ୍ରୀକାନ୍ତ ଏଥିରେ ଆଗ୍ରହ ନେଇଥିଲେ। ପ୍ରଥମେ ସେ ୧୦ ହଜାର ଟଙ୍କା ନିବେଶ କରିଥିଲେ। ନିଜର ଲାଭ ବଢ଼ାଇବା ପାଇଁ ସେ ଏକମାସ ଧରି ଟଙ୍କା ନିବେଶ କରିଥିଲେ। ମୋଟ ୧୬ ଲକ୍ଷ ୮୫ ହଜାର ୫ଶହ ଟଙ୍କା ସେ ନିବେଶ କରିଥିଲେ। ଯେତେବେଳେ ସେ ଟଙ୍କା ଉଠାଇବା ପାଇଁ ଚେଷ୍ଟା କରିଥିଲେ ତାହା ସମ୍ଭବ ହୋଇପାରି ନ ଥିଲା। ଯେତେବେଳେ କୌଣସି ଟଙ୍କା ଫେରିପାଇଲେ ନାହିଁ ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ବାରମ୍ବାର ସଚେତନ ସତ୍ତ୍ୱେ ଲୁଟ୍‌ର ଶିକାର**

# କଫ୍ ସିରପ୍ ଜବତ, ଜଣେ ଗିରଫ



**ସମ୍ବଲପୁର, ୧୯।୭(ସମିସ):** କଫ ସିରପ କାରବାର ଅଭିଯୋଗରେ ରାଣିବନ୍ଧପଡ଼ାରେ ଚଢଉ କରାଯାଇ ଜଣଙ୍କୁ ଗିରଫ କରିଛି ବରେଇପାଲି ପୁଲିସ। ସେ ହେଲେ ରାଜୀବ ମଣ୍ଡଳ(୩୦)। ସେମାନଙ୍କ ନିକଟରୁ୨୪୦ ବୋତଲ କଫସିରପ ଏବଂ ଏକ ବାଇକ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବରେଇପାଲି ଶିବ ମନ୍ଦିର ନିକଟ ରାଣିବନ୍ଧପଡ଼ାରେ କଫସିରପ କରାବାର ଚାଲିଥିଲା। ପୁଲିସ ଖବର ପାଇଲା ପରେ ସଙ୍ଗେ ସଙ୍ଗେ ଚଢଉ କରିଥିଲା। ସେଠାରେ ବାଇକ ସହ ଜଣଙ୍କୁ ଧରିଥିଲା। କେସ ନଂ ୧୨୯/୨୫ରେ ମାମଲା ରୁଜୁ କରାଯାଇ ରାଜୀବକୁ କୋର୍ଟ ଚାଲାଣ କରାଯାଇଛି।

# ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ରେ ସମ୍ବଲପୁର ଖେଳାଳି



**ସମ୍ବଲପୁର, ୧୯।୭(ସମିସ):** ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ ଡ. ବିସିରାୟ ଟ୍ରଫି ପାଇଁ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶା(ଫାଓ) ତାର ୨୧ ଜଣିଆ ଦଳ ଘୋଷଣା କରିଛି। ଏଥିରେ ସମ୍ବଲପୁର ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ୍‌ର ମହମ୍ମଦ ଫାରନ ଏହସାନ ରହିଛନ୍ତି। ଏଥିପାଇଁ ସମ୍ବଲପୁରରେ ଖୁସିର ଲହରୀ ଖେଳିଯାଇଛି। ସାଧାରଣ ସମ୍ପାଦକ ସୁନୀଲ ସାହୁ, ଫୁଟବଲ ସମ୍ପାଦକ ଅବଦୁଲ ଗଫର ଓ ଆସୋସିସନ ମହମ୍ମଦଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।

# ସୌମ୍ୟାଶ୍ରୀଙ୍କ ବିୟୋଗରେ ଶୋକସଭା

**ଜମନକିରା, ୧୯।୭(ସମିସ):** ବାଲେଶ୍ୱର ଏଫ୍‌ଏମ କଲେଜ୍ ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବିୟୋଗରେ ସ୍ଥାନୀୟ ହାଟପଦାଠାରେ ଗୋକୁଳାନନ୍ଦ ଦାନିଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକମାନଙ୍କ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣସହ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଘଟଣାର ଦୋଷୀ ବିରୋଧରେ କଠୋରତମ ଦଣ୍ଡ ଦେବାକୁ ଦାବି କରାଯାଇଥିଲା। ସଭାରେ ସାଲେକରାମ ପଧାନ, ଅମରେଶ୍ୱର ସ୍ୱାଇଁ, ରବୀନ୍ଦ୍ର କୁମାର ମଲ୍ଲିକ, ସରୋଜ ପଟ୍ଟନାୟକ, ଚକାନନ୍ଦ ସା, ସପନ ଦେବନାଥ, ଆନନ୍ଦ ନାୟକ, ସୁରେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।




# ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଉତ୍ସର୍ଗ' ପକ୍ଷରୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୧୯।୭ (ସମିସ)**

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ସଂସ୍ଥା 'ଉତ୍ସର୍ଗ' ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସମ୍ବଲପୁର ସହରାଞ୍ଚଳର ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗତ ମାଟ୍ରିକ ପରୀକ୍ଷାରେ 'ଏ୧' ଓ 'ଏ୨' ଗ୍ରେଡ୍ ହାସଲ କରିଥିବା ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତନ୍ମଧ୍ୟରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ବୁଢ଼ାରଜା ହାଇସ୍କୁଲ, ବୁଢ଼ାରଜା ବାଳିକା ହାଇସ୍କୁଲ, ପୁଲିସ ହାଇସ୍କୁଲ, ନାନକରାମ ହାଇସ୍କୁଲ, ଶ୍ରୀ ଗଣେଶ ହାଇସ୍କୁଲ ଆଦିର ବିଦ୍ୟାଳୟର ଛାତ୍ରଛାତ୍ରୀ ରହିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଆର୍ଥିକ ଅନଗ୍ରସର ବର୍ଗ ପରିବାରର ହୋଇଥିବାବେଳେ ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ 'ଉତ୍ସର୍ଗ' ସଂଯୋଜକ ପ୍ରଶାନ୍ତ ପାଟଯୋଶୀ, ପ୍ରକଳ୍ପ ସଂଯୋଜକ ପ୍ରିୟରଞ୍ଜନ ସାହୁ, ସଦସ୍ୟ ସଞ୍ଜିବ ମିଶ୍ର, ଲମ୍ବୋଦର ମିଶ୍ର, ପ୍ରଣବାନନ୍ଦ ଦାନୀ, ପ୍ରବୀଣ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସମ୍ବଲପୁର ଜିଲ୍ଲାର ମାଟ୍ରିକ ପରୀକ୍ଷାରେ 'ଏ୧' ହାସଲ କରିଥିବା ୫ ଜଣ ଓ 'ଏ୨' ହାସଲ କରିଥିବା ୬୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଦସ୍ୟ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# କଫ୍‌ସିରପ୍ ଜବତ, ୩ ଗିରଫ

**ସମ୍ବଲପୁର, ୧୯।୭(ସମିସ):** ସମ୍ବଲପୁର ଜିଲ୍ଲାରେ ବେଆଇନ କଫ୍‌ସିରପ ବିକ୍ରି ବଢ଼ିବାରେ ଲାଗିଛି। ଏଥିପାଇଁ ପୁଲିସ ଓ ଅବକାରୀ ବିଭାଗ ବାରମ୍ବାର ଚଢ଼ଉ କରୁଥିଲେ ମଧ୍ୟ ବିକ୍ରି ଉପରେ ରୋକ୍ ଲଗାଇ ପାରୁନାହାନ୍ତି। କଲିକତାରୁ କଫ୍‌ସିରପ ସମ୍ବଲପୁରକୁ ଚାଲାଣ ହେଉଛି। ଆଜି ରେଙ୍ଗାଲି ଅବକାରୀ ପକ୍ଷରୁ ୩୩୦ ବୋତଲ କଫସିରପ ଜବତ କରାଯାଉଛି। ବୁଲେଟରେ କଫ୍‌ସିରପ ନେଇ ଯାଉଥିବା ନେଇ ଖବର ପାଇଥିଲା। ଯାଞ୍ଚବେଳେ ରେଙ୍ଗାଲି ଦୁର୍ଗାମନ୍ଦିର ପାଖରେ ଗାଡ଼ିରୁ କଫ୍‌ସିରପ ବାହାରି ଥିଲା। ଏହି ଘଟଣାରେ କ୍ଷେତରାଜପୁର ଥାନା ବଡ଼ବଜାରର ଅମନ ଶର୍ମା(୩୦), ପଶ୍ଚିମବଙ୍ଗ ପୁରୁଲିଆ ଜିଲ୍ଲାର ଦେବନାଥ ନନ୍ଦି(୩୪) ଓ କଲିକତାର ଦୀପକ ଶାହ(୩୪)କୁ ଅବକାରୀ ଗିରଫ କରି କୋର୍ଟଚାଲାଣ କରିଛି।



## ରାଉରକେଲା ରେଳ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥ ପାର୍କିଂ ଶୋଚନୀୟ

# ବର୍ଷାରେ ବୁଡ଼ିଗଲା ବାଇକ୍, କାର୍

ରାଉରକେଲା, ୧୯।୭ (ସମିସ)



ଦକ୍ଷିଣ ପୂର୍ବ ରେଳବାଇ ଅଧୀନ ରାଉରକେଲା ରେଲୱେ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥ ଠାରେ ଥିବା ବାଇକ୍ ଓ କାର ପାର୍କିଂ ଷ୍ଟାଣ୍ଡ ସମସ୍ୟାକୁ ନେଇ ହେଉଥିବା ଅସନ୍ତୋଷ ଦିନକୁ ଦିନ ଘନୀଭୂତ କରିବାରେ ଲାଗିଛି। ଲୋକେ ତଥା ଗ୍ରାହକ ପାର୍କିଂ ପାଇଁ ଟଙ୍କା ଦେଉଛନ୍ତି ସତ, ହେଲେ ତାହାର ସୁଫଳ ପାଉନାହାନ୍ତି। ଯାହାକି ଲଗାଣ ବର୍ଷାରେ ସମ୍ପ୍ରତି ପାଣି ଘେରରେ ଗାଡ଼ି ରହିଥିବା ଦୃଶ୍ୟ ସ୍ପଷ୍ଟ କରିଛି।

ସୂଚନାଯୋଗ୍ୟ ଯେ ରାଉରକେଲା ରେଲୱେ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥଠାରେ ବାଇକ ଓ କାର ପାର୍କିଂ ପାଇଁ ଷ୍ଟାଣ୍ଡ ନିର୍ମିତ ହୋଇଛି। ଉକ୍ତ ଷ୍ଟାଣ୍ଡ ପରିଚାଳନା ପାଇଁ ଏକ ସଂସ୍ଥାକୁ ଟେଣ୍ଡର ଦିଆଯାଇଛି। ପ୍ରତି ୧୨ ଘଣ୍ଟା ବାଇକ୍ ପାର୍କିଂ କଲେ ୧୨ ଟଙ୍କା ଓ ୬ ଘଣ୍ଟା କାର ପାର୍କିଂ କଲେ ୨୪ ଟଙ୍କା ମୂଲ୍ୟ ରହିଛି। ତେବେ ଏହି ଦୁଇ ଗାଡି ପାର୍କିଂ ସମୟ ଧାର୍ଯ୍ୟ ଠାରୁ ଅଧିକ ସମୟ ପାର୍କିଂ କଲେ ଅଧିକ ଟଙ୍କା ଦେବାକୁ ପଡ଼ିବ ବୋଲି ଟିକେଟରେ ଉଲ୍ଲେଖ ରହିଛି। ସେଠାରେ ସିସିଟିଭି ମଧ୍ୟ ଲାଗି ନଥିବା ବେଳେ ଖରା, ବର୍ଷା, ଶୀତ ସମସ୍ତ ଋତୁରେ ଗାଡ଼ିଗୁଡ଼ିକ ଖୋଲା ଆକାଶ ତଳେ ରହୁଛି। ପାର୍କିଂ ଷ୍ଟାଣ୍ଡ ଟେଣ୍ଡର ପ୍ରକ୍ରିୟାରେ ଆବଣ୍ଟନ କରାଯାଇ ରେଲୱେ ରାଜସ୍ୱ ହାସଲ କରୁଥିବା ବେଳେ ଗ୍ରାହକଙ୍କ ପାଇଁ କୌଣସି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ହେବ ଉକ୍ତ ପାର୍କିଂ ଷ୍ଟାଣ୍ଡ ଗଢି ଉଠିଥିବା ବେଳେ ନା ଅଛି ପାଚେରୀ ନା ଅଛି ସୁରକ୍ଷା। ଷ୍ଟାଣ୍ଡ କର୍ମଚାରୀମାନେ ଟିକେଟ ବୁକିଙ୍ଗ କାଉଣ୍ଟର ନିକଟ ସେଡ୍ ତଳେ ବସୁଥିବା ବେଳେ ଖୋଲା ଆକାଶ ତଳେ ରହିଛି ଷ୍ଟାଣ୍ଡ। ଏହି ଖାଲି ସ୍ଥାନରେ ଗାଡ଼ି ପାର୍କିଂ କରାଯାଉଛି। ପ୍ରତ୍ୟେକ ଦିନ ଶତାଧିକ ଲୋକେ ଷ୍ଟେସନକୁ ଯାଇଥାନ୍ତି। ତେବେ ଷ୍ଟେସନ ଯିବା ପୂର୍ବରୁ ଏହି ପାର୍କିଂ ଠାରେ ନିଜ ଗାଡ଼ି ରଖି ଥାଆନ୍ତି। ଦୈନିକ ଶତାଧିକ ବାଇକ ଓ କାର ପାର୍କିଂ ହୋଇଥାଏ। ଏପରିକି କିଛି ଦିନ ଧରି ଗାଡି ପାର୍କିଂ କରି ଟ୍ରେନ୍ ଯୋଗେ ସହର ବାହାରକୁ ମଧ୍ୟ ଯାଆନ୍ତି। କାମ ସାରି ବାଇକ୍ ନେବାକୁ ଆସିଥିବାବେଳେ ନିଜ ବାଇକକୁ ଚିହ୍ନି ପାରନ୍ତି ନାହିଁ। କାହିଁକି ନା ଧୂଳି ମାଡ଼ରେ ବାଇକ୍ର ରଙ୍ଗ ବଦଳି ଯାଇଥାଏ। ଗ୍ୟାରେଜ୍ଗୁଡ଼ିକରେ ଯେଭଳି ପୁରୁଣା ତଥା ଖରାପ ବାଇକ୍ ପଡ଼ିଥାଏ। ଠିକ୍ ସେହିଭଳି ଉକ୍ତ ପାର୍କିଂଠାରେ ଭଲ ବାଇକ୍ଗୁଡ଼ିକର ଅବସ୍ଥା ଏମିତ ଦେଖିବାକୁ ମିଳେ। ପାର୍କିଂ ପାଇଁ ଟଙ୍କା ଦେବାକୁ ପଡୁଛି। ହେଲେ ସୁବିଧା ଦେବାରେ ରେଲୱେ ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ ହୋଇଛି। ବିଗତ ଦିନରୁ ପାର୍କିଂରେ ସେଡ୍ ତଥା ଛାତ ପକାଇବା ସୁରକ୍ଷା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ମଧ୍ୟ ତାହା ପ୍ରତି କାହାରି ଦୃଷ୍ଟି ନାହିଁ। ପୂର୍ବରୁ ରେଲୱେର ବିଭିନ୍ନ ଉଚ୍ଚ ଅଧିକାରୀ ନିରୀକ୍ଷଣ କରିବାକୁ ଆସିଥାନ୍ତି। ସେହି ସମୟରେ କେବଳ ଷ୍ଟେସନ ଭିତର ଉନ୍ନତି ଦିଗରେ ଦୃଷ୍ଟି ଦିଆଯାଇ ଥାଏ। ହେଲେ ଏହି ପାର୍କିଂ ପ୍ରତି କୌଣସି ଦୃଷ୍ଟି ଦିଆଯାଇ ନଥାଏ। ଯାହାଫଳରେ ବର୍ତ୍ତମାନ୍ ଗାଡି ପାର୍କିଂ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା କହିଲେ କିଛି ଅତ୍ୟୁକ୍ତି ହେବନି। ଯଦି ଲୋକେ ପାର୍କିଂ ଠାରେ ଟଙ୍କା ଦେଇ ବାଇକ୍ ପାର୍କିଂ ନେଇ ସୁରକ୍ଷିତ ରହିବେନି ତେବେ କ'ଣ କରିବେ ବୋଲି ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ୩ ଦିନ ପୂର୍ବେ ହୋଇଥିବା ଲଗାଣ ବର୍ଷା ରେଳବାଇର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ଲଗାଣ ବର୍ଷା ଯୋଗୁଁ ରାଉରକେଲା ରେଲୱେ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥ ଠାରେ ଥିବା ବାଇକ ଓ କାର ପାର୍କିଂ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇ ପଡ଼ିଥିଲା। ଜଳ ନିଷ୍କାସନ ପାଇଁ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ହୋଇ ନଥିବାରୁ ଜଳ ନିଷ୍କାସିତ ହୋଇ ନ ପାରି ସେଠାରେ ଜମାଟ ହୋଇ ରହିଥିଲା। ଫଳରେ ପାର୍କିଂ ହୋଇଥିବା ବାଇକ୍ଗୁଡ଼ିକର ୮୦ ପ୍ରତିଶତ ଅଂଶ ପାଣିରେ ବୁଡ଼ି ରହିଥିଲା। ବର୍ଷା ପାଣି ଭିତରେ ବାଇକ୍ଗୁଡ଼ିକ ବୁଡ଼ି ରହିବା ଦ୍ୱାରା ବାଇକଗୁଡ଼ିକ ଅଚଳ ହୋଇ ଆଉ ଷ୍ଟାର୍ଟ ହୋଇନଥିଲା। ଗାଡ଼ି ମାଲିକମାନେ ମେକାନିକ ଡାକି ମରାମତି ପାଇଁ ଖର୍ଚ୍ଚାନ୍ତ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ପାର୍କିଂ ପାଇଁ ଟଙ୍କା ଟଙ୍କା ଗଣି ବି ପରେ ଅଧିକ ଖର୍ଚ୍ଚାନ୍ତରେ ପଡ଼ିବା ପ୍ରସଙ୍ଗ ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ପ୍ରତ୍ୟେକ ବର୍ଷ ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ ଋତୁ ମାନଙ୍କରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥାଏ। ଟଙ୍କା ନେଇ ଯଦି ରେଲୱେ ବିଭାଗ ଉଚିତ୍ ସେବା ଦେଇ ନପାରିବ, ତେବେ କାହା ସ୍ୱାର୍ଥରେ ରାଜସ୍ୱ ଆଦାୟ ହେଉଛି ବୋଲି ପ୍ରଶ୍ନ ଉଠିଛି। ଉକ୍ତ ପାର୍କିଂ ସ୍ଥଳର ଉନ୍ନତି ତଥା ସୁରକ୍ଷା ବ୍ୟବସ୍ଥା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବିଭିନ୍ନ ମାମଲାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର

ରାଉରକେଲା, ୧୯।୭(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଓ ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜଙ୍କ ନିର୍ଦ୍ଦେଶକ୍ରମେ ମାମଲାର ସମାଧାନ ନିମନ୍ତେ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଧ୍ୟସ୍ଥତା ମାଧ୍ୟମରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେଉଛି। ବିଶେଷକରି ପାରିବାରିକ ସମସ୍ୟା, ଦୁର୍ଘଟଣା ଜନିତ ମାମଲା, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମିଅଧିଗ୍ରହଣ, ଚାକିରି ସଂକ୍ରାନ୍ତୀୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରିକି ଚେକ୍ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡ଼ିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି। ଅଦାଲତରେ ବିଚାରାଧୀନ ଥିବା ମୋକଦ୍ଦମା ଗୁଡ଼ିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ ରଖାଯାଇଛି। ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇପାରିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ ସାବାସ ଯୋଜନାରେ ଆର୍ଏସ୍ପି କର୍ମଚାରୀ ପୁରସ୍କୃତ



ରାଉରକେଲା, ୧୯।୭(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି)ର ପ୍ଲେଟ୍ ମିଲ୍ ବିଭାଗ ସମ୍ମିଳନୀ କକ୍ଷରେ ଜୁଲାଇ ୧୮ ତାରିଖରେ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଏଡ୍ୱାର୍ଡ ଓରାମ୍ ଅଧ୍ୟକ୍ଷତା କରିଥିଲେ। ସେଲ୍ଫ ସାବାସ ଯୋଜନା ଅଧୀନରେ ପ୍ଲେଟ୍ ମିଲ୍ ବିଭାଗର ୩୨ ଜଣ କର୍ମିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭାଗର ଜିଏମ ଯଶୋବନ୍ତ କୁମାର ରାୟ, ଡିଜିଏମ୍ ଏସ୍କେ ନାୟକ, ଏଜିଏମ୍ ସତ୍ୟଦେବ ଶର୍ମାଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାର୍ଚ୍ଚ ମାସରେ ସର୍ବାଧିକ ୯, ୫୦୨ଟନ୍ ରୋଲ୍ ପ୍ଲେଟ୍ ହାସଲ କରିବା ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା, ଯାହା ସିପିଙ୍ଗ କର୍ମଚାରୀଙ୍କ ଅନୁକରଣୀୟ ଦଳଗତ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇ ପାରିଥିଲା। ପୁରସ୍କାର ପ୍ରାପ୍ତକାରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଓରାମ୍ ସେମାନଙ୍କୁ ଆଗକୁ ଏହିଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ପ୍ରତ୍ୟେକ ପ୍ରୟାସରେ ଉତ୍କର୍ଷତା ହାସଲ କରିବାକୁ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ। ଉକ୍ତ ପୁରସ୍କାର ସମାରୋହକୁ ପ୍ଲେଟ୍ ମିଲ୍ ବିଭାଗ ପ୍ରବନ୍ଧକ ଶକ୍ତି ଶେଖର ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

## ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର




ରାଉରକେଲା, ୧୯।୭(ସମିସ): ସହରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ କାଶୀନାଥ ନନ୍ଦୀ ଯୋଗଦେଇ ଆଲୋଚ୍ୟ ବିଷୟ ଭାରତୀୟ ଜ୍ଞାନ ପରମ୍ପରାକୁ ବେଦବ୍ୟାସଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ନନ୍ଦୀ ତାଙ୍କ ବକ୍ତବ୍ୟରେ ବେଦର ପ୍ରକାରଭେଦ ବର୍ଣ୍ଣନା କରିବା ସହ ବେଦକୁ ଧରିଲେ ମଣିଷ ଜଣେ ପରିବର୍ତ୍ତିତ ମଣିଷ ହୋଇଯିବ। ସମାଜ ଶୃଙ୍ଖଳିତ ହେବାପାଇଁ ଅଥର୍ବ ବେଦରେ ତଥ୍ୟ ରହିଛି। ସେହିପରି ବିଭିନ୍ନ ବେଦରେ ମାନବ ସମାଜକୁ ଏକ ସୁନ୍ଦର ସମାଜ ଗଠନ ପାଇଁ ବାର୍ତ୍ତା ରହିଛି। ମହାଭାରତର ପ୍ରତ୍ୟେକ ଶ୍ଳୋକ ମାନବ ବଞ୍ଚିବାର ସୂତ୍ର ଦେଖାଏ ବୋଲି ମତ ରଖିଥିଲେ। ଉପସଭାପତି ଡକ୍ଟର ସନାତନ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରି ତାଙ୍କ ବକ୍ତବ୍ୟରେ କହିଲେ ଯେ ଗୀତା କ'ଣ, ଅଧ୍ୟୟନ କରି ତା'ର ମର୍ମକୁ ବୁଝିବା ଓ ସଂସ୍କୃତ ଭାଷାକୁ ବଞ୍ଚାଇ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ରଜେନ୍ଦ୍ର ଦାଶ, ମୋହନ ସି, ସସ୍ମିତା ପ୍ରଧାନ, ଉପେନ୍ଦ୍ର କୁମାର ବସ୍ତିଆ, ଉର୍ବଶୀ ଦାଶ ପତି, ଦିବାକର ଦାସ, ସୁଶାନ୍ତ କୁମାର ନାୟକ, ବବିତା ମହାଳିକ, ଶ୍ରୀଧର ସୁନା, ଆଶୁତୋଷ ଜ୍ୟୋତିଷି, ସତ୍ୟ ନାରାୟଣ ଦାଶ, ସଂଯୋଜିକା ଦ୍ୱୟ ଗୀତାରାଣୀ ଓ ମୋନାଲିସା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭୟ କୁମାର ଦାସ, ବାଉରୀବନ୍ଧୁ ସାହୁ, ଜୟଶ୍ରୀ ଦାସ, ପରେଶ ବିଶ୍ୱାଳ, କୁଞ୍ଜବିହାରୀ ରାଉତ, ଟୁକୁଲା ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ଗୌତମ ଦାସ, ଆର୍ତ୍ତତ୍ରାଣ ମହାପାତ୍ର, ବିଜୟିନୀ ଜେନା, କୈଳାଶ ଚନ୍ଦ୍ର ମହାଳି, ନଗେନ ଦାସ, ଡା ବସନ୍ତ କୁମାର ଦାସ, ପଞ୍ଚାନନ ପାତ୍ର, ବିଜୟ କୁମାର ପାତ୍ର, ଲୀନା ରାଉତ, ଡା କୃପାସିନ୍ଧୁ ନାୟକ, ଜଗନ୍ନାଥ ରାଉତ, ସୁମନ୍ତ କୁମାର ଉପାଧ୍ୟାୟ, ଏଟମ ରଥ, ମନୋଜ କୁମାର ନନ୍ଦ, ପ୍ରିୟଙ୍କା ପଲେଇ, ଅନୁପମା ସ୍ୱାଇଁ, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, ପ୍ରଳୟ କୁମାର ଶତପଥୀ, ଗୟାଧର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକୃତିର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ

ବଣାଇଁ, ୧୯।୭(ସମିସ): ବଣାଇଁଗଡ଼ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଇକୋ କ୍ଲବ୍ ଏବଂ ବନବିଭାଗର ମିଳିତ ସହଯୋଗରେ ମହାବିଦ୍ୟାଳୟ ପରିସରରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଚାରା ରୋପଣ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ




ଜଳବାୟୁ ପରିବର୍ତ୍ତନକୁ ସନ୍ତୁଳିତ ରଖିବା ପାଇଁ ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସାହୁ ଏବଂ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଦ୍ୱାରା ରଚିତ 'ବଣାଇଁ ଅଞ୍ଚଳର ପାରମ୍ପାରିକ ଉପକରଣ ଏବଂ ତାର ବ୍ୟବହାର' ଶୀର୍ଷକ ପୁସ୍ତକ ଉନ୍ମୋଚିତ କରିଥିଲେ। ଏନ୍ଏସ୍ଏସ୍ପିଓ ବିଜୟ ବେହେରା, ସହକାରୀ ଜୟନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡଃ ସତ୍ୟବ୍ରତ ନନ୍ଦ, ପ୍ରେମ କୁମାର ମାହାନ୍ତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ମା'ଙ୍କ ନାମରେ ଗଛଟିଏ ଅଭିଯାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ୨୦୦ ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଉରକେଲା ସରକାରୀ ଡାକ୍ତରଖାନାରେ ବନ ମହୋତ୍ସବ

ରାଉରକେଲା, ୧୯।୭(ସମିସ): ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓମ୍ସାର ଆର୍ଜିଏଚ୍ ଶାଖା ଆନୁକୂଲ୍ୟରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ସହାୟତାରେ ଆୟୋଜିତ ଏହି ବନ ମହୋତ୍ସବରେ ରାଉରକେଲା ସରକାରୀ ଡାକ୍ତରଖାନାର ନିର୍ଦ୍ଦେଶକ ଡକ୍ଟର ଶଶୀଭୂଷଣ ପଟେଲ



ଅଧ୍ୟକ୍ଷତା କରି ବୃକ୍ଷରୋପଣ କରିବା ସହ ବ୍ୟାପକ ବନୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠିତ ଏହି ବନ ମହୋତ୍ସବରେ ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆର୍ଜିଏଚ୍ର ଉପାଧ୍ୟକ୍ଷ ଡକ୍ଟର ପଣ୍ଡିତ ସାହୁ, ଡକ୍ଟର ସୁଧାରାଣୀ ପ୍ରଧାନ, ଡକ୍ଟର ଅମିତ ମହାପାତ୍ର, ଡକ୍ଟର ରଜତ କୁମାର ସଦୁଆଲ, ହସ୍ପିଟାଲ ମ୍ୟାନେଜର ପ୍ରାଣତୋଷ, ଅଭିଷେକ, ନିର୍ମଳ, ସୁପରଭାଇଜର ରାକେଶ, ଚଗଲୁ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ପାନପୋଷ ବନ ବିଭାଗ ପକ୍ଷରୁ ବିଭିନ୍ନ ବୃକ୍ଷ ଚାରାକୁ ଯୋଗାଇ ଦିଆ ଯାଇଥିଲା।

## ଜିତେନ୍ଦ୍ର ପ୍ରସାଦ ସାଙ୍କ ବିୟୋଗରେ ଶୋକସଭା

ରାଉରକେଲା, ୧୯।୭(ସମିସ) : ଛେଣ୍ଡ କଲୋନୀର ଜଣେ ବିଶିଷ୍ଟ ବ୍ୟକ୍ତି ଇଞ୍ଜିନିୟର ଜୀତେନ୍ଦ୍ର ପ୍ରସାଦ ସା'ଙ୍କର ଜୁଲାଇ ୧୧ ତାରିଖ ରାତିରେ ୭୪ ବର୍ଷ ବୟସରେ ହୃଦ୍‌ଘାତ ଯୋଗୁଁ ଦେହାନ୍ତ ହୋଇ ଯାଇଛି। ପଶ୍ଚିମ ବଙ୍ଗ ବାରାକପୁର ଜିଲ୍ଲାର ମୂଳ ବାସିନ୍ଦା ସ୍ୱର୍ଗତ ସା' ଆଇଆଇଟି, ଖଡ଼ଗପୁରରୁ



ମେକାନିକାଲ ଇଞ୍ଜିନିୟରିଂ ଏବଂ ଅର୍ଥନୀତିରେ ମଧ୍ୟ କଷ୍ଟ ଏକାଉଣ୍ଟିଂ ପାଶ୍ କରିବା ପରେ ଏଲ.ଏଣ୍ଡ ଟି, ମୁକୁନ୍ଦ ଇଂଜିନିୟରସ୍, ନେସନାଲ ଡାଇରୀ ଡେଭଲପମେଣ୍ଟ ବୋର୍ଡ, ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ, ଶଙ୍କର ନେତ୍ରାଳୟ ଫାଉଣ୍ଡେସନ ପ୍ରଭୃତିରେ ଉଚ୍ଚ ପଦ ପଦବୀରେ କାର୍ଯ୍ୟ କରିବା ସହ ବିଭିନ୍ନ କମ୍ପାନୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅବସର ପରେ ଛେଣ୍ଡ କଲୋନୀର ଏଚ୍.ଡି. - ୩ କ୍ୱାର୍ଟରରେ ରହି ଅର୍ଥନୈତିକ ପରାମର୍ଶ ଦାତା ଭାବେ କାର୍ଯ୍ୟ କରିବା ସହ ଗୋପବନ୍ଧୁ ପାଠାଗାର, ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍ ପ୍ରଭୃତି ସାଂସ୍କୃତିକ - ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ସମାଜ ସେବାରେ ବ୍ରତୀ ଥିଲେ। ତାଙ୍କର ଏକମାତ୍ର ସନ୍ତାନ ଅମର ପ୍ରସାଦ ସା ଅଷ୍ଟ୍ରେଲିଆରୁ ଆସିବା ପରେ ଗତକାଲି ବେଦବ୍ୟାସ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରର ସମ୍ମିଳନୀ କକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଶଙ୍କର ପ୍ରସାଦ ତ୍ରିପାଠୀ, ଲକ୍ଷ୍ମଣ ନାଥ ଦାସ, ଗିରିଜା ଶଙ୍କର ଗୋସ୍ୱାମୀ ଏବଂ ବିଜୟ କୁମାର ବରାଳ ପ୍ରଭୃତି ସ୍ୱର୍ଗତ ସା'ଙ୍କର ସ୍ମୃତି ଚାରଣ କରିଥିଲେ। ସଭାରେ ଗୋପବନ୍ଧୁ ପାଠାଗାର, ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ରୋଟାରୀ କ୍ଲବ୍ ରିଭର ସାଇଡ୍ର ଗୁରୁ ଚରଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ମହାପାତ୍ର, ହରିଶ୍ଚନ୍ଦ୍ର ଭୂମିରେ, ଅରୁଣ କୁମାର, ଓମ୍ ପ୍ରକାଶ, ହରିହର ଶତପଥୀ, ଡାକ୍ତର ସୁଜାତା ରାଣୀ ପ୍ରଧାନ, ରବିନାରାୟଣ ସିଂହ, ରବୀନ୍ଦ୍ର କୁମାର ସରାଫ, ଅଜୟ କୁମାର ମହାନ୍ତି, ସୌରଭ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍ ହକି ଏକାଡେମୀରେ କ୍ୟାଡେଟ୍ ଚୟନ

ରାଉରକେଲା, ୧୯।୭(ସମିସ): ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦ୍ୱାରା ପରିଚାଳିତ ସେଲ୍ଫ ହକି ଏକାଡେମୀରେ କ୍ୟାଡେଟ୍ ନାମଲେଖା ପାଇଁ ଚୟନ ପରୀକ୍ଷଣ ୧୫ ରୁ ୧୮ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୩୫ ଜଣ ପ୍ରାର୍ଥୀ ଯୋଗ୍ୟତା ପରୀକ୍ଷା ପାଇଁ ନାମ ଲେଖାଇଥିଲେ। ସେମାନଙ୍କ ମଧ୍ୟରୁ ୭୮ ଜଣ ପ୍ରାରମ୍ଭିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ୟାଟେରୀ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ମନୋନୀତ ପ୍ରାର୍ଥୀଙ୍କ ତାଲିକା ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ମିଳିଛି। ଚୟନ କମିଟିରେ ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ସେଲ୍ଫ ହକି ଏକାଡେମୀର ପ୍ରଶିକ୍ଷକ ରାଜୁକାନ୍ତ ସାଇନି, ସେଲ୍ଫ - କର୍ପୋରେଟ୍ ଅଫିସ୍ର ପରିଚାଳକ (କ୍ରୀଡ଼ା) ଭି. ଅରବିନ୍ଦ, ଓଡ଼ିଶା ସରକାରଙ୍କ ମନୋନୀତ ପ୍ରଶିକ୍ଷକ କେ. ଚୌଧୁରୀ ଏବଂ ଆର୍ଏସ୍ପିର ଉପପ୍ରବନ୍ଧକ (କ୍ରୀଡ଼ା) ରଘୁନନ୍ଦନ ପାଢ଼ୀ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଖେଳାଳିମାନେ ମନୋନୀତ ହୋଇ ଏକାଡେମୀ ଅଧୀନକୁ ଆସିବା ପରେ ଖେଳରେ ସେମାନଙ୍କର ଧ୍ୟାନ ଯେପରି ସମ୍ପୂର୍ଣ୍ଣ କେନ୍ଦ୍ରିତ ହେବ ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ଯତ୍ନ ନିଆଯାଇଥାଏ। ଏଠାରେ କ୍ୟାଡେଟ୍ମାନଙ୍କୁ ଏକାଡେମୀ ପକ୍ଷରୁ ମାଗଣାରେ ରହିବା, ମାସିକ ବୃତ୍ତି, ସୁଷମ ଖାଦ୍ୟ, ଶିକ୍ଷା ଏବଂ ଅତ୍ୟାଧୁନିକ ଜିମ୍ନାସିୟମ ଆଦି ସୁବିଧା ଯୋଗାଇ ଦିଆଯାଇଥାଏ। ସେମାନଙ୍କୁ ଖେଳ କିଟ୍ ସମେତ ଆର୍ଏସ୍ପି ହସ୍ପିଟାଲରେ ମାଗଣା ଚିକିତ୍ସା, ସ୍ଥାନୀୟ ସ୍କୁଲ ଓ



କଲେଜରେ ଶିକ୍ଷା ସହାୟତା, ତାଲିମ ସମୟରେ ବୀମା ସୁବିଧା ଏବଂ ବର୍ଷକରେ ଥରେ ପିତାମାତା କିମ୍ବା ଅଭିଭାବକମାନଙ୍କ ପାଖକୁ ଯିବା ପାଇଁ ବସ ଭଡ଼ା କିମ୍ବା ଟ୍ରେନ ଭଡ଼ା ଆଦି ବିଭିନ୍ନ ସୁବିଧା ପ୍ରଦାନ କରାଯାଇଥାଏ। ଏତଦ୍‌ବ୍ୟତୀତ, କ୍ୟାଡେଟମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ପାଇ ପାରନ୍ତି। ଯାହା ସେମାନଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଥାଏ। ଆର୍ଏସ୍ପିର ସେଲ ହକି ଏକାଡେମୀ ଦଳ କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାତୀୟ ହକି କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଟୋକିଓ ଅଲମ୍ପିକରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ଉପଅଧିନାୟକ, ବୀରେନ୍ଦ୍ର ଲାକ୍ରା ସେଲ ହକି ଏକାଡେମୀର ପୁରାତନ କ୍ୟାଡେଟ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାରସ୍ୱତ ସମାରୋହ

ରାଉରକେଲା, ୧୯।୭ (ସମିସ)




ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ନିର୍ମଳ ମୁଣ୍ଡା ନଗର ଶାଖାର ସାରସ୍ୱତ ସମାରୋହ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଗୌତମ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚ୍ୟ ବିଷୟ 'ଭାରତୀୟ ସଂସ୍କୃତି ଓ ବ୍ୟାସଦେବ' ଓ 'ଓଡ଼ିଆ କାବ୍ୟ-କବିତାରେ ବର୍ଷା ଚିତ୍ର' ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଭାରତୀୟ ସଂସ୍କୃତି ଓ ବ୍ୟାସଦେବ ସମ୍ପର୍କରେ, ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ବେହେରା ଓଡ଼ିଆ କାବ୍ୟ-କବିତାରେ ବର୍ଷାର ଚିତ୍ର ସମ୍ପର୍କରେ ମାର୍ମିକ ଆଲୋଚନା କରିଥିଲେ। ଶ୍ରୀ ତ୍ରିପାଠୀ ବ୍ୟାସଙ୍କ ଜୀବନୀ, ସୃଷ୍ଟି ଓ ଭାରତୀୟ ସଂସ୍କୃତିକୁ ବ୍ୟାସଦେବଙ୍କ ଅବଦାନ ଏବଂ ଡ. ବେହେରା ବର୍ଷା କିପରି ଲେଖକ, କବିଙ୍କ ପ୍ରିୟ ତଥା ଯେଉଁ ସାହିତ୍ୟରେ ବ୍ୟଥା ଥାଏ, ସେ ସାହିତ୍ୟ ଅଧିକ ମାର୍ମିକ ହୋଇଥାଏ ବୋଲି ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଅଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ତଥା କବି ଗୌତମ ଦାସ ଓ ଅଧ୍ୟାପିକା ରଶ୍ମିତା ନାଥଙ୍କ ସଂଯୋଜନାରେ ଶବ୍ଦର ଶବ୍ଦରେ ମେଘ ମହ୍ଲାର କବିତା ଆବୃତ୍ତି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅମୀୟ ମହାନ୍ତି, ଧରିତ୍ରୀ ପାଇକରାୟ, ସୁଶାନ୍ତ କୁମାର ନାୟକ, ଗଦାଧର ରଥ, ବ୍ରଜେନ୍ଦ୍ର ଦାଶ, କିଶୋରୀ ମୋହନ କର, ସଞ୍ଜୟ କୁମାର ମହାପାତ୍ର, ଚିନ୍ମୟୀ ପୁରୋହିତ, ରଶ୍ମିରଞ୍ଜନ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ ନାଟ୍ୟ ସମ୍ପାଦକ ଅଧ୍ୟାପକ ଚିନ୍ମୟ ତ୍ରିପାଠୀଙ୍କ ପରିକଳ୍ପନା, ସଙ୍ଗୀତ ଓ ନିର୍ଦ୍ଦେଶନାରେ ନାଟକ 'ବ୍ୟାସ ଜନ୍ମ' ପ୍ରଦର୍ଶିତ ହୋଇଥିଲା। ଏଥିରେ ରୋହିତ ଜଗଦଲା, ମଧୁସ୍ମିତା ବାରିକ, ଇନ୍ଦ୍ରଜିତ ରାଉଳ ପ୍ରମୁଖ ଅଭିନୟ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଶ୍ରୀ ଦାସ ସ୍ୱାଗତ ଭାଷଣ, ସଭାପତି ଶ୍ରୀ ଗୋସ୍ୱାମୀ ସଭାପତିତ୍ୱ ଅଭିଭାଷଣ, କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ଉପସଭାପତି ଅଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ପରିଷଦର ରାଉରକେଲା ସଂଯୋଜକ କରୁଣାକର ପାଟ୍ଟଶାଣୀ ପରିଷଦର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଗଦାଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ଜେନା, ଗୋପାଳ ପ୍ରସାଦ ଜେନା, ତ୍ରିଲୋଚନ ନାୟକ, ହରିହର ଶତପଥୀ, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ଆଦିକନ୍ଦ ନାୟକ, ଭଜହରି ବେହେରା, ନୀରଦ ଭୂଷଣ ପଟ୍ଟନାୟକ, ରଚିନ୍ଦ୍ର ଦାସ, ସରୋଜ ସ୍ୱାଇଁ, ସୁଦର୍ଶନ ସାହୁ, ମଧୁସୂଦନ ବଳ, ନୟନା ସାହୁ, ଗଜେନ୍ଦ୍ର ସାହାଣୀ, ଉମେଶ ଜେନା, ଅଶୋକ ଶୁକ୍ଳ, ପ୍ରଭାତୀ ଗୋସ୍ୱାମୀ, ଜ୍ଞାନେନ୍ଦ୍ର ରାୟ, ଦେବରାଜ ଗୌଡ, ଲକ୍ଷ୍ମଣନାଥ ଦାସ, କୈଳାଶ ସାମଲ, ବିବେକାନନ୍ଦ ଜେନା, ସୁଲିପ୍ତା ଜେନା, ମୁରାରି ଜେନା, ରମାକାନ୍ତ ଷଡ଼ଙ୍ଗୀ, ରାଘବ ପଣ୍ଡିଆ, ବିଶ୍ୱନାଥ ସାହୁ, ରମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।





## ସିଟି କଟକ

### 'ଆମ ବସ୍' ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଲେ ଛାତ୍ରୀ

# ଗାଡ଼ି ଜବତ କରି ନିଜଆଡୁ ମାମଲା ରୁଜୁକଲା ପୁଲିସ

କଟକ,୧୯ ।୭ (ସମିସ): ସତୀଚୌରା ଛକ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଆମ ବସ୍ ଧକ୍କା ଦେବାରୁ ଛାତ୍ରୀ ଆହତ ହୋଇଛନ୍ତି। ବସ୍ ନାଁରେ ବିଡ଼ାନାସୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ପୁଲିସ ସିସିଟିଭି ଯାଞ୍ଚ କରଥିବା ଜଣାପଡ଼ିଛି।

ଡଗରପଡ଼ା ନିକଟ କଳିଙ୍ଗ ଭାରତୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ୍‌ର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରୀ ଅଙ୍କିତ ପ୍ରିୟଦର୍ଶିନୀ ସାହୁ ଏକ ସାଇକଲ୍‌ରେ ନିଜ ଘର ସତୀଚୌରା ନିକଟ ସତୀଗୁମ୍ଫା ଅଭିମୁଖେ ଯାଉଥିଲେ। ସେ ସତୀଚୌରା ଛକ ଅତିକ୍ରମ କଲା ବେଳେ ପଛରୁ ଏକ 'ଆମ ବସ୍' ଦ୍ରୁତଗତିରେ ଆସିଥିଲା। ଏହି ସମୟରେ ସିଡିଏ ପଟୁ ଏକ ବାଇକ୍ ମଧ୍ୟ ଚହଟା ଅଭିମୁଖେ ଯାଉଥିଲା। ତେଣୁ ଛାତ୍ରୀ ଜଣକ ବସ୍, ବାଇକ୍ ଓ ଫୁଟ୍‌ପାଥ୍ ମଝିରେ ଥିବା ଅଳ୍ପ ରାସ୍ତାରେ ଅତିକ୍ରମ କଲା ବେଳେ ବସ୍‌ଟିର ବାମପଟ ଛାତ୍ରୀଙ୍କ ସାଇକଲ୍‌ରେ ବାଜିଥିଲା। ଫଳରେ ଛାତ୍ରୀଜଣକ ଫୁଟ୍‌ପାଥ୍ ଉପରେ ଛିଟ୍‌କି ପଡ଼ିବା ବେଳେ ସାଇକଲ୍ ଓ ତାଙ୍କର ବ୍ୟାଗ୍ ବସ୍ ଚକାତଳେ ପଡ଼ିଯାଇଥିଲା। ତୁରନ୍ତ ବସ୍ ବ୍ରେକ୍ ମାରିବା ବେଳେ ସାଇକଲ୍ ବସ୍‌ର ଚକାତଳେ ରହି ଚେପା ହୋଇଯାଇଥିଲା। ବ୍ୟାଗ୍‌ଟି ମଧ୍ୟ ଛିଣ୍ଡିଯାଇଥିଲା। ଫୁଟ୍‌ପାଥ୍ ଉପରେ ପଡ଼ି ଛାତ୍ରୀଜଣକ ସାମାନ୍ୟ ଆହତ ହୋଇଥିଲେ। କିଛି ସମୟ ଭିତରେ ବିଡ଼ାନାସୀ ଥାନା ପୁଲିସ ପହଞ୍ଚି ବସ୍ ତଳୁ ସାଇକଲ୍ ଓ ବ୍ୟାଗ୍ କାଢ଼ିଥିଲା। ଆହତ ଛାତ୍ରୀଙ୍କୁ ଗାଡ଼ିରେ ବସାଇ ବିଡ଼ାନାସୀ ଥାନାକୁ ନେଇଯାଇଥିଲା। ସେଠାରେ କିଛି ସମୟ ବସିବା ପରେ ଛାତ୍ରୀଙ୍କ ପରିବାର ଲୋକ ଆସି ପହଞ୍ଚିଥିଲେ। ପୁଲିସ ଛାତ୍ରୀଙ୍କ ପ୍ରାଥମିକ ଚିକିତ୍ସା କରାଇଥିଲା। ତେବେ ଛାତ୍ରୀଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ କୌଣସି ଏତଲା ହୋଇ ନଥିଲେ ମଧ୍ୟ ପୁଲିସ ନିଜ ପକ୍ଷରୁ ମାମଲା କରିଛି। ଘଟଣାରେ ଉକ୍ତ ଆମ ବସ୍‌କୁ ଜବତ କରାଯାଇଛି। ପରେ ଆର୍‌ଟିଓ ଆସି ବସ୍‌ର କାଗଜପତ୍ର ଯାଞ୍ଚ କରି ଫେରିଛନ୍ତି। ଘଟଣାର ପ୍ରକୃତ ବିଷୟ ଜାଣିବା ପାଇଁ ସତୀଚୌରା ଛକରେ ଲାଗିଥିବା ସିସିଟିଭି ଫୁଟେଜ୍ ପୁଲିସ ଯାଞ୍ଚ କରୁଛି। ସେହିପରି ସମ୍ପୃକ୍ତ ଆମ ବସ୍‌ରେ ଲାଗିଥିବା କ୍ୟାମେରାର ଭିଡିଓ ଫୁଟେଜ୍ ମଧ୍ୟ 'କ୍ରୁଟ୍' କର୍ତ୍ତୃପକ୍ଷଙ୍କଠାରୁ ପୁଲିସ ମଗାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି।





# ପାହାଳ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ସାଂସଦଙ୍କୁ ଦାବିପତ୍ର

କଟକ,୧୯ ।୭ (ସମିସ): ପାହାଳ ବଜାରଠାରେ ଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀଙ୍କ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଜାତୀୟ ରାଜପଥ ପ୍ରାଧିକରଣ ସ୍ଥାୟୀ ବ୍ୟାରିକେଡ ନିର୍ମାଣ କରି ପ୍ରବେଶ ଓ ପ୍ରସ୍ଥାନ ପଥ ନ ରଖିବା ପ୍ରସ୍ତାବକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦୃଢ଼ ଭାବରେ ବିରୋଧ କରାଯାଇଛି। ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରୀ ସଭାପତି ସୁବାସଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଓଡ଼ିଶାର ଗୌରବ ପାହାଳ ପ୍ରସିଦ୍ଧ ମିଠା ତଥା ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ବିହିତ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହିକ୍ରମରେ ଯାଦବ ମହାସଭା ଓ ସଙ୍ଗ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ଦିଆଯାଇଛି। ସାଂସଦ ପ୍ରତ୍ୟକ୍ଷ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଓ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଉଚିତ୍ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳ ଯାଦବ ମହାସଭାର କାର୍ଯ୍ୟାଳୟ ସମ୍ପାଦକ ବୁଲେଇ ବେହେରା, କଟକ ଜିଲ୍ଲା ଦୁଗ୍ଧ ଜାତ ଦ୍ରବ୍ୟ ସଙ୍ଗର ସମ୍ପାଦକ ତୀର୍ଥବାସୀ ବେହେରା, ଯୁଗ୍ମ ସମ୍ପାଦକ ପ୍ରସନ୍ନ ବେହେରା, ପ୍ରୀତିରଞ୍ଜନ କାଠୁଆ, ସାଗର ବେହେରା, ଭୁବନେଶ୍ୱର ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିମ୍ବାଧର ବେହେରା, ପାହାଳ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ ଲେଙ୍କା, ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ଦୁଃଶାସନ ପ୍ରଧାନ, ରାଜକିଶୋର ବେହେରା, ଶରତ ବେହେରା, ନବୀନ ସାହୁ, ପାହାଳ ମଦନ ମୋହନ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ସମ୍ପାଦକ ବିପ୍ଳବ ଯାଦବ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ପୂର୍ବତନ ମୁଖ୍ୟ ବନସଂରକ୍ଷକ ପଦାରବିନ୍ଦ ମହାପାତ୍ରଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ



### ଜଙ୍ଗଲ କ୍ଷୟକୁ ନ ରୋକିଲେ ପରିସ୍ଥିତି ଭୟଙ୍କର ହେବ

କଟକ, ୧୯ ।୭ (ସମିସ): ଜଙ୍ଗଲ କ୍ଷୟକୁ ଏବେଠାରୁ ନରୋକିଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ ଏବଂ ପରିବେଶର ସନ୍ତୁଳନ ସାମ୍ପ୍ରତିକ ସମୟର ସର୍ବଶ୍ରେଷ୍ଠ ଆବଶ୍ୟକତା ବୋଲି ଆଜି ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ତଥା ଓଡ଼ିଶା ସରକାରଙ୍କ ମୁଖ୍ୟ ବନ ସଂରକ୍ଷକ ସ୍ୱର୍ଗତ ପଦାରବିନ୍ଦ ମହାପାତ୍ରଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତି ସମର୍ପିତ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ପରିବେଶ ପ୍ରଦୂଷଣ ସମ୍ପର୍କିତ ସ୍ମୃତି ସମର୍ପିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ଆଶୁତୋଷ ଦେବତା ଯୋଗଦେଇ ପୃଥିବୀ ପୃଷ୍ଠର ବୈଜ୍ଞାନିକ ବିଶ୍ଳେଷଣ କରିବା ସହିତ ଜଳ ସ୍ଥଳ ଓ ବାୟୁ ପ୍ରଦୂଷଣର ମୁଖ୍ୟ କାରଣଗୁଡିକ ଉପସ୍ଥାପନ କରଥିଲେ। ପ୍ରତି ସେକେଣ୍ଡରେ ବିଶ୍ୱରୁ ଅନ୍ତର୍ହିତ ହୋଇଯାଉଥିବା ଏକର ଏକର ଜଙ୍ଗଲ କ୍ଷୟକୁ ଯଦି ରୋକା ନଯାଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ସେ ସତର୍କ କରାଇ ଦେଇଥିଲେ। ସମ୍ମାନିତ ଅତିଥି ଡ. ନିରଞ୍ଜନ ସାହୁ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ପଦାରବିନ୍ଦଙ୍କଠାରୁ ପାଇଥିବା ସାହାଯ୍ୟ ଓ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରି ପଞ୍ଚଭୂତର ସୁରକ୍ଷା ସମୟର ସର୍ବଶ୍ରେଷ୍ଠ ଆହ୍ୱାନ ବୋଲି କହିଥିଲେ।

ଏହି ସଭାରେ ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଅରୁଣ ମିଶ୍ର, ଓରାକଲର ପୂର୍ବ ଉପାଧ୍ୟକ୍ଷ ଜ୍ଞାନରଞ୍ଜନ ଦାଶ, ପ୍ରଫେସର ଶ୍ୱେତପଦ୍ମା ଦାସ, ନାଲ୍‌କୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଲୋକସେବକ ଯୁବ ମଣ୍ଡଳ ଉପ ସଭାପତି ଡ. ଶିଶୁଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଡ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୁଣା ଜଙ୍ଗଲର ସୁରକ୍ଷା ଓ ମୁହାଣରେ ବର୍ଜ୍ୟ ପ୍ଲାଷ୍ଟିକ ନିଷ୍କାସନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରାହୁଲ ମହାରଣାଙ୍କୁ 'ପଦାରବିନ୍ଦ ସେବା ସମ୍ମାନ' ପ୍ରଦାନ କରାଯିବା ସହ ମାନପତ୍ର ଓ ଉପଢ଼ୌକନ ଦିଆଯାଇଥିଲା। ଶରତ ଶତପଥୀ ଉତ୍କଳ ମନୋରମା ମହାପାତ୍ରଙ୍କ ଦ୍ୱାରା ଲିଖିତ କବିତାକୁ ପାଠ କରିଥିଲେ। ଡ. ଅଭୟ ରାଉତ ମାନପତ୍ର ପାଠ ଓ ମହେଶ ମଲ୍ଲ ଧନ୍ୟବାଦ ଦେଇଥିଲେ। କବି ରାଜୀବ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅବହେଳିତ କଦମ୍-ଏ-ରସୁଲ | ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

କଟକ, ୧୯ ।୭ (ସମିସ): ଦରଘାବଜାରସ୍ଥିତ ଐତିହାସିକ କଦମ-ଏ-ରସୁଲ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ବୋଲି ଅଭିଯୋଗ ହୋଇଛି। ୨୦୧୭ ମସିହାଠାରୁ କୌଣସି ବିଧିବଦ୍ଧ କମିଟି ନ ଥିବାରୁ ପରିଚାଳନାରେ ବିଭ୍ରାଟ ଦେଖାଦେଇଛି। ଅନେକ ଜାଗାରେ ଏହାର ପାଚେରି ଭାଙ୍ଗି ଯାଇଥିବାରୁ ବୁଲା ପଶୁମାନଙ୍କର ଆଶ୍ରୟସ୍ଥଳି ରୂପେ ପରିଣତ ହେଲାଣି। କବରସ୍ଥାନ ଭିତରେ ଥିବା ଦୁଇଟି ପୋଖରୀ ଓ କବରସ୍ଥାନ ଭିତରେ ସଫେଇ କାର୍ଯ୍ୟ କରାଯାଉ ନ ଥିବାରୁ ଜଙ୍ଗଲ ହୋଇଗଲାଣି। ଶୀଘ୍ର ଜଣେ ଦକ୍ଷ ପ୍ରଶାସକ ନିଯୁକ୍ତ କରି କଦମ-ଏ-ରସୁଲର ସୁପରିଚାଳନା କରାଯାଉ ବୋଲି ଦାବି କରିଛି ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା। ମୋର୍ଚ୍ଚାର କଟକ ଜିଲ୍ଲା ସଭାପତି ସେଖ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡ଼ିଶା ୱକଫ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଶେଖ୍ ସଗିରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ଏହି ଦାବିପତ୍ର ପ୍ରଦାନ ବେଳେ ୱାକଫ୍ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସୟଦ୍ ଏକ୍ରାମ ହୁସେନ, କୃଷ୍ଣଚନ୍ଦ୍ର ନାୟକ, ନିରଞ୍ଜନ ନାୟକ, ମହମ୍ମଦ ଆଜିଯୁର ରହିମ, ଶେଖ୍ ସବୀର, ସାକିବ ଖାନ୍, ସୟଦ ଅଲୀ ଉପସ୍ଥିତ ଥିଲେ।



# କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ସମାବେଶ

କଟକ, ୧୯ ।୭ (ସମିସ): ଆଜି ଏଆଇବିଇଏ ସହ ଅନୁବନ୍ଧିତ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବାରବାଟୀ ଷ୍ଟାଡିୟମଠାରେ ୫୬ତମ ବ୍ୟାଙ୍କ ଜାତୀୟକରଣ ଦିବସ ଉପଲକ୍ଷେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସୁଭାଷଚନ୍ଦ୍ର ବୋଷ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ରାଉତରାୟ ଯୋଗଦେଇ କହିଲେ, ବ୍ୟାଙ୍କ ଜାତୀୟ କରଣ ଦାରିଦ୍ର୍ୟ ଦୂରୀକରଣରେ ଓ ବ୍ୟାଙ୍କ ସେବା ଲୋକଙ୍କ ହାତ ପାଆନ୍ତାରେ ପହଞ୍ଚାଇବାରେ ସମର୍ଥ ହୋଇଛି। ସମ୍ମାନିତ ଅତିଥି ଏଆଇଟିୟୁସିର ସମ୍ପାଦକ କିଶୋର ଜେନା, ଏଓବିଇଏର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ନନ୍ଦ, ବିପିନ ପାଢୀ, ଓଁକାର ମହାନ୍ତି, ରାଜେଶ ସାହୁ, ବରିଷ୍ଠ ବ୍ୟାଙ୍କ କର୍ମଚାରୀ ନେତା ଭ୍ରମରବର ସାହୁ, ସମନ୍ୱୟ ସମିତିର ସମ୍ପାଦକ ବିଶୁଦ୍ଧଚକ୍ରଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

କଟକ, ୧୯ ।୭ (ସମିସ): ବାଲେଶ୍ୱର ଜିଲ୍ଲା ଏଫଏମ୍ କଲେଜ ପୀଡ଼ିତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ବିଭୂତି ନାୟକଙ୍କ ସୂଚନା ଅନୁଯାୟୀ, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବର୍ତ୍ତମାନ ଉନ୍ନତି ହେଉଛି। ଫୁସଫୁସରେ ସମସ୍ୟା ଦେଖା ଦେଇଥିଲା ଏବଂ ଏଥିପାଇଁ ପଲମୋନାରୀ ମେଡିସିନ୍ ଡାକ୍ତର ତାଙ୍କୁ ଚିକିତ୍ସା କରୁଛନ୍ତି। ଖୁବ୍ ଶୀଘ୍ର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ବାଲେଶ୍ୱର ଆତ୍ମହୁତି ଦେଇଥିବା ପୀଡ଼ିତାଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ନିଆଁରେ ପୋଡ଼ି ହୋଇ ହୋଇଥିଲେ ଜ୍ୟୋତି ପ୍ରକାଶ। ବର୍ତ୍ତମାନ ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି।

# ଗିରଫଦାରୀ ପ୍ରକ୍ରିୟାର ସଠିକତା ଓ ବୈଧତାକୁ ଗୁରୁତ୍ୱ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ କାର୍ଯ୍ୟକାରିତା ପାଇଁ ବୈଠକ

କଟକ, ୧୯ ।୭ (ସମିସ): ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ପ୍ରଦତ୍ତ ଗିରଫଦାରୀ ପ୍ରକ୍ରିୟା ଓ ସୁପ୍ରିମକୋର୍ଟଙ୍କ ସତେନ୍ଦର କୁମାର ବନାମ ସିବିଆଇ ମାମଲାରେ ଥିବା ରାୟ ଅନୁସାରେ ୭ବର୍ଷ କାରାଦଣ୍ଡ ଥିବା ଅପରାଧରେ ପୁଲିସର ଗିରଫ କ୍ଷମତା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ଆଭାସି ବୈଠକ ରାଜ୍ୟ ଆଇନ ସେବା ପ୍ରାଧୀକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଂଗମ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଜଷ୍ଟିସ ଭି. ନରସିଂହଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। କୌଣସି ଅପରାଧିକ ମାମଲାରେ ଗିରଫଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏଥିରେ ଜଣେ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ପ୍ରଭାବିତ ହୋଇଥାଏ। ଏଣୁ ଗିରଫ ପ୍ରକ୍ରିୟା ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବା ସହ ଗିରଫ ପ୍ରକ୍ରିୟାର ସଠିକତା ଓ ବୈଧତା ପରଖିବା ଉପରେ ତଦନ୍ତକାରୀ ସଂସ୍ଥା ଓ ନ୍ୟାୟାଧୀଶ ମାନଙ୍କୁ ପରାମର୍ଶ ଦେଇଛନ୍ତି ନ୍ୟାୟମୂର୍ତ୍ତି ଜଷ୍ଟିସ ସାହୁ ଓ ଜଷ୍ଟିସ ନରସିଂହ। ରାଜନୈତିକ ତଥା ଅନ୍ୟାନ୍ୟ ଚାପରୁ ଉର୍ଦ୍ଧ୍ୱରେ ରହି ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ଦାୟିତ୍ୱ ସମ୍ପାଦନ ପାଇଁ ନ୍ୟାୟମୂର୍ତ୍ତି ଆହ୍ୱାନ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ନାଜିର ଅହମ୍ମଦ, ଅର୍ଣ୍ଣେଶ କୁମାର, ସିଦ୍ଧାର୍ଥ ଓ ସତେନ୍ଦର କୁମାର ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଉପରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଏହି ବୈଠକକୁ ସଞ୍ଚାଳନ କରିଥିବା ବେଳେ ଗୃହ ବିଭାଗ, ଆଇନ ବିଭାଗର ସଚିବ, ପୁଲିସ ଡିଜି, ସମସ୍ତ ଜିଲ୍ଲାର ଏସପି, ଜିଲ୍ଲା ଓ ଦୌରା ଅଦାଲତ ବିଚାରପତି ଓ ଆଇନ ସେବା ପ୍ରାଧିକରଣର ସଚିବମାନେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ।



## କର୍କଟ ପୀଡ଼ିତଙ୍କ କରୁଣ କାହାଣୀ

# ଶତ୍ରୁଘ୍ନଙ୍କ ଶତ୍ରୁ ସାଜିଲା ସଂସାର

କଟକ,୧୯ ।୭ (ସମିସ): ରକ୍ତର ସମ୍ପର୍କକୁ ତୁଚ୍ଛ କରି ଏସ୍‌ସିବି ମେଡିକାଲ୍‌ରେ ବାପାଙ୍କୁ ଛାଡ଼ି ମା' ଓ ପିଲାମାନେ ନିଜ ଘରକୁ ଚାଲିଯାଇଛନ୍ତି। କର୍କଟ ପୀଡ଼ିତ ବାପା ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଥିବା ବେଳେ ଆଉ ତାଙ୍କ ସେବା କରିବା ତ ଦୂରର କଥା, ସାଥୀରେ ଘରକୁ ନେବାକୁ ମଧ୍ୟ ରାଜି ନୁହନ୍ତି ପରିବାର। କର୍କଟ ପୀଡ଼ିତ ସ୍ୱାମୀ ଆଉ ଦରକାର ନାହିଁ, ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ବାପାଙ୍କୁ ଆଉ କ'ଣ କାମରେ ଆସିବେ ! ଏମିତିକା ସ୍ୱାର୍ଥପରତାର ଉଦାହରଣ ଆଜି ଏସ୍‌ସିବି ପରିସରରେ ଦେଖିବାକୁ ମିଳିଥିଲା। ଦିନେ ଯିଏ ଘରର ମଝିଖୁଣ୍ଟ ହୋଇ ସମ୍ପୂର୍ଣ୍ଣ ଘରକୁ ସମ୍ଭାଳିଥିଲା, ଆଜି କର୍କଟ ବ୍ୟାଧିରେ ଘାଣ୍ଟି ହେଉଥିବା ବେଳେ ସ୍ତ୍ରୀ ଓ ପିଲାଛୁଆ ପର କରି ଦେଇଛନ୍ତି। ସ୍ତ୍ରୀ ପୁଅ/ଝିଅ ଓ ୬ ଭାଇ ଥାଇ ମଧ୍ୟ ଅସହାୟ ପୁରୀ ଅଞ୍ଚଳର ଶତ୍ରୁଘ୍ନ। ଶତ୍ରୁଘ୍ନ କର୍କଟ ପୀଡିତ ଜଣା ପଡ଼ିବା ପରେ ପରିବାର ଲୋକ ଡାକ୍ତରଖାନାରେ ତାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଏପରିକି ତାଙ୍କୁ ଫେରାଇ ନେବା ପାଇଁ ପରିବାର ଲୋକଙ୍କୁ ଖବର ଦେବା ପରେ ମଧ୍ୟ ଆଜି ସେମାନେ ସ୍ପଷ୍ଟ ଭାବେ କହିଛନ୍ତି, ଆମେ ଶତ୍ରୁଘ୍ନକୁ ନେବୁ ନାହିଁ। ଶତ୍ରୁଘ୍ନଙ୍କ ଶତ୍ରୁ ସାଜିଛି ସଂସାର। ଶେଷରେ ସମାଜସେବୀ ଅଭିମନ୍ୟୁ ଦାସଙ୍କ ସହଯୋଗରେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନରେ ତାଙ୍କୁ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ପୁରୀ ଜିଲ୍ଲାର ଶତ୍ରୁଘ୍ନ ମହାପାତ୍ର(୫୪)। ଅଣ୍ଟାରେ ଯନ୍ତ୍ରଣା ହେବାରୁ ୧୫ ଦିନ ପୂର୍ବରୁ ପରିବାର ଲୋକଙ୍କ ସହ କଟକ ବଡ଼ ଡାକ୍ତରଖାନା ଅସ୍ଥିଶଲ୍ୟ ବିଭାଗକୁ ଆସିଥିଲେ। ତେବେ ବିଭିନ୍ନ ଡାକ୍ତରୀ ପରୀକ୍ଷା ପରେ ସେ କର୍କଟ ରୋଗ ଆକ୍ରାନ୍ତ ହୋଇଥିବା ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ। ଅଧିକ ଚିକିତ୍ସା ପାଇଁ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ନେଇ ଯିବାକୁ ଡାକ୍ତର କହିଥିଲେ। ହେଲେ ପରିବାର ଲୋକ

### ଏସ୍‌ସିବିରେ ଛାଡ଼ି ଫେରାର୍ ପରିବାର

ଉନ୍ନତ ଚିକିତ୍ସା କରାଇବା ବଦଳରେ ତାଙ୍କୁ ଡାକ୍ତରଖାନାରେ ଛାଡ଼ି ଚାଲି ଯାଇଥିଲେ। ଏହାର କିଛି ଦିନ ପରେ ଶତ୍ରୁଘ୍ନ କର୍କଟ ପ୍ରତିଷ୍ଠାନର କାଜୁଆଲଟି ସମ୍ମୁଖରେ ଥିବା ଆଶ୍ରୟସ୍ଥଳୀରେ ୬ରୁ ୭ ଦିନ ହେବ ପଡି ରହିଥିଲେ। ତେବେ ଏତେ ଦିନ ହେବ ବୃଦ୍ଧ ଜଣକ ତଳେ ପଡ଼ି ରହିବା ଦେଖି ସେଠାରେ ଥିବା ସୁରକ୍ଷ କର୍ମୀ ବିପିନ କୁମାର ନାୟକ ସାହାଯ୍ୟ ପାଇଁ ସମାଜସେବୀ ଅଭିମନ୍ୟୁଙ୍କୁ ଯୋଗାଯୋଗ କରିଥିଲେ। ଅଭିମନ୍ୟୁ ତାଙ୍କ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ବର୍ତ୍ତମାନ ସେ କର୍କଟ ୱାର୍ଡରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବା ଡାକ୍ତର କହୁଛନ୍ତି। ତେବେ ଦେହ ଭଲ ହେଉଥିବା ଦେଖି ଅଭିମନ୍ୟୁ ପୁରୀରେ ଥିବା ତାଙ୍କ ପରିବାର ଲୋକଙ୍କୁ ଯୋଗଯୋଗ କରି ଆସୁଛନ୍ତି। ଶତ୍ରୁଘ୍ନଙ୍କ ସ୍ତ୍ରୀ ୧୪ ବର୍ଷର ପୁଅଝିଅ ଓ ୬ ଜଣ ଭାଇ ଥିବା ବେଳେ କେହି ତାଙ୍କୁ ଫେରାଇ ନେବାକୁ ରାଜି ହୋଇନାହାନ୍ତି। ଏଥିପାଇଁ ସେ ଅସହାୟ ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ନିଜେ ଶତ୍ରୁଘ୍ନ କହିଛନ୍ତି ଯେ ସେ ପରିବାର ସେବାରେ କେବେ ଊଣା କରି ନାହାନ୍ତି। ସ୍ତ୍ରୀ, ପିଲାଛୁଆ ଓ ଭାଇମାନଙ୍କ ଯେତେବେଳେ ଯାହା ଆବଶ୍ୟକ ହୋଇଛି, ସବୁକିଛି ଦେଇଛନ୍ତି। ଆର୍ଥିକ ଅଭାବ ସତ୍ତ୍ୱେ ପରିବାରର ବୋଝ ମୁଣ୍ଡାଇଥିଲେ। କାମ କଲା ବେଳେ ହଠାତ ଅଣ୍ଟା ବିନ୍ଧା ହୋଇଥିଲା। ଏହି ଅଣ୍ଟା ଯନ୍ତ୍ରଣା ଯେ କର୍କଟ ରୋଗ ପାଇଁ ହେଉଛି ବୁଝି ହୋଇ ନଥିଲା। ପରୀକ୍ଷା ପରେ ଏସବୁ ଜଣାପଡ଼ିଥିଲା। ଯେଉଁ ସଂସାର ପାଇଁ ନିଜର ସବୁକିଛି ବଳିଦାନ ଦେଇଥିଲି, ଆଜି ଏପରି ଅବସ୍ଥାରେ ସେହି ସଂସାର ହାତ ଛାଡିଦେଇ ଚାଲିଯାଇଛି। ଅନ୍ୟପଟେ ସମାଜସେବୀ ଅଭିମନ୍ୟୁ କହିଛନ୍ତି, ଶତ୍ରୁଘ୍ନ ଚିକିତ୍ସାରେ ଯେମିତି କୌଣସି ଅବହେଳା ହେବ ନାହିଁ, ତାହା ଉପରେ ଧ୍ୟାନ ଦିଆଯାଉଛି। ଏଭଳି ଘଟଣା ଏସ୍‌ସିବିରେ ଅନେକ ସମୟରେ ଦେଖିବାକୁ ମିଳୁଛି। ଏହାଉପରେ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ବେଶ୍ ଯତ୍ନବାନ ରୁହନ୍ତି ବୋଲି ସେ କହିଛନ୍ତି।





## ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ; ଦୁଇ ଗିରଫ



ତିଗିରିଆ, ୧୯ ।୭(ସମିସ): ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା କମାରସାହିର ସୂର୍ଯ୍ୟକାନ୍ତ ସାହୁଙ୍କୁ ପୂର୍ବ ଶତ୍ରୁତା କାରଣରୁ ହୋଇଥିବା ଆକ୍ରମଣ ଘଟଣାରେ ତିଗିରିଆ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା କମାର ସାହିର ବାସିନ୍ଦା ସୂର୍ଯ୍ୟକାନ୍ତ ସାହୁଙ୍କ ଅଭିଯୋଗ ଅନୁଯାୟୀ ଗତବର୍ଷ ଗଣେଶ ପୂଜା ସମୟରେ ନୂଆପାଟଣା ଶବର ସାହିର ଅଜୟ ନାୟକ (ଅଜୁ) ଓ ଆଲୋକ ବେହେରାଙ୍କ ସହ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗତ ୧୬ ତାରିଖ ରାତିରେ କୌଣସି କାମରେ ଯାଉଥିବା ବେଳେ ଅଭିଯୁକ୍ତମାନେ ସୂର୍ଯ୍ୟକାନ୍ତଙ୍କୁ ପୂର୍ବ ଶତ୍ରୁତା କାରଣରୁ ବିଭିନ୍ନ କଟୁ ମନ୍ତବ୍ୟ ଦେବାସହ ମାର୍‌ପିଟ କରିଥିଲେ। ଏଥିରେ ସୂର୍ଯ୍ୟକାନ୍ତ ଆଖି ଓ ମୁଣ୍ଡରେ ଗଭୀର ଆଘାତ ପାଇଥିଲେ। ଅଭିଯୁକ୍ତମାନେ ୧୭ ତାରିଖରେ ସୂର୍ଯ୍ୟକାନ୍ତଙ୍କ ଭାଇ ନୂଆପାଟଣା ଚଣ୍ଡୀ ବଜାରରେ ଦେଇଥିବା ଦୋକାନରେ ପହଞ୍ଚି ସେଠାରେ ଗାଳିଗୁଲଜ କରିଥିଲେ। ସୂର୍ଯ୍ୟକାନ୍ତଙ୍କ ଲିଖିତ ଅଭିଯୋଗ ଆଧାରରେ ତିଗିରିଆ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ ଅନ୍ୟ ଥାନା କର୍ମଚାରୀଙ୍କ ସହଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଦୁଇ ଅଭିଯୁକ୍ତଙ୍କ ନାମରେ ୨୦୨୩ର ଏକ ମାମଲାରେ ତିଗିରିଆ ଜେଏମଏଫସି କୋର୍ଟଙ୍କ ତରଫରୁ ଦୁଇଟି ଜାମିନ ବିହୀନ ପରୱାନା ରହିଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି।

## ଗୋରୁ ବୋଝେଇ ଭ୍ୟାନ ଜବତ

କନ୍ଦରପୁର, ୧୯ ।୭(ସମିସ): କନ୍ଦରପୁର ଥାନା ଅନ୍ତର୍ଗତ ଅଥଙ୍ଗା ନିକଟରେ ଏକ ଗୋରୁ ବୋଝେଇ ଭ୍ୟାନକୁ କନ୍ଦରପୁର ପୁଲିସ ଜବତ କରି ସହ ୬ଟି ଗୋରୁକୁ ଉଦ୍ଧାର କରି ବାରଙ୍ଗ ଗୋଶାଳାରେ ଛାଡିଥିବା ଜଣାପଡିଛି। ଶନିବାର ସକାଳେ ଏକ ଭ୍ୟାନରେ ୬ଟି ଗୋରୁ ନେଇ ଜଗତସିଂପୁର ଅଭିମୁଖେ ଯାଉଥିବା ବେଳେ କିଛି ଯୁବକ ଅଥଙ୍ଗା ନିକଟରେ ଅଟକାଇ ଧମକଚମକ ଦେଉଥିଲେ। ସେହି ସମୟରେ କନ୍ଦରପୁର ପିସିଆର ସେଠାରେ ପହଞ୍ଚି ଯୁବକଙ୍କୁ ବଜରଙ୍ଗ ଦଳର କାର୍ଡ ଦେଖାଇବାକୁ କହିବାରୁ ସେମାନେ ସେଠାରୁ ପଳାଇଯାଇଥିଲେ। ଏହାପରେ ପୁଲିସ ଉକ୍ତ ଗୋରୁ ଗାଡ଼ିଟି ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## କିଡନୀ ରୋଗରେ ପୀଡ଼ିତଙ୍କ ମୃତ୍ୟୁ



ନିଶ୍ଚିନ୍ତକୋଇଲି, ୧୯ ।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଫଗୋଲ ପଞ୍ଚାୟତ ପାଟପାରୀ ଅଂଶ ଗ୍ରାମର ଅରୁଣ କୁମାର ପରିଡ଼ା(୫୪)ଙ୍କ ଶନିବାର ସକାଳେ ଅକାଳ ବିୟୋଗ ଘଟିଛି। ଗତ କିଛିଦିନ ହେବ ସେ କିଡନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ମେଳାପୀ ଓ ଭଲ ପ୍ରକୃତିର ଲୋକ ହୋଇଥିବାରୁ ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ସରପଞ୍ଚ ବୈଷ୍ଣବ ଚରଣ ସାମଲ, ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ପରିଡ଼ା, ଅଶୋକ କୁମାର ସାମଲ, କୁଳମଣି ଦାସ, ମୁରଲୀ ସାମଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଶୋକାକୁଳ ପରିବେଶରେ ତାଙ୍କର ଶବକୁ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇ ଦାହ କରାଯାଇଥିଲା। ତାଙ୍କ ପୁତୁରା ପ୍ରିୟରଂଜନ ପରିଡ଼ା ମୁଖାଗ୍ନି ଦେଇଥିଲେ।

## ମହାକାଳବସ୍ତ ହତ୍ୟା ଘଟଣାରେ ଆଉ ୨ ଗିରଫ

ଆଠଗଡ,୧୯ ।୭(ସମିସ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଛକରେ ଯୁବକଙ୍କୁ ପିଟି ପିଟି ଗାଡ଼ି ଆଗକୁ ଠେଲି ହତ୍ୟା କରିବା ଘଟଣାରେ ଶନିବାର ଖୁଣ୍ଟୁଣୀ ପୁଲିସ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବବୁଲ ବେହେରା ଓ ପ୍ରଭାତୀ ସେଠୀ। ଏଥିପୂର୍ବରୁ ଏହି ମାମଲାରେ ଖୁଣ୍ଟୁଣୀ ପୁଲିସ ଥାନା ପକ୍ଷରେ କୃଷ୍ଣଚନ୍ଦ୍ର ସେଠୀ ଓ ଦିନେଶ ସ୍ୱାଇଁ ନାମକ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂଚନା ମୁତାବକ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଗ୍ରାମ ଛକରେ ମଙ୍ଗଳବାର ଏକ ବାଇକ ସହିତ ଅନ୍ୟ ଏକ ବାଇକ ଧକ୍କାକୁ ନେଇ ଜଣେ ଯୁବକଙ୍କୁ ଅନ୍ୟ କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିବା ଫଳରେ ଯୁବକ ଜଣକ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ଘଣ୍ଟିଖାଲ ପଞ୍ଚାୟତର ଦ୍ୱାରାବତୀପୁର ଗ୍ରାମର କାହ୍ନୁ ରାଉତ ନିଜ ବାଇକ ଯୋଗେ ଆଠଗଡରୁ ଘରକୁ ଫେରୁଥିଲେ। ମହାକାଳବସ୍ତ ଗ୍ରାମ ଛକ ନିକଟରେ ପଛରୁ ମହାକାଳବସ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ ତାଙ୍କ ସ୍ତ୍ରୀଙ୍କୁ ବାଇକରେ ନେଇ ଆସି ହଠାତ କାହ୍ନୁଙ୍କ ବାଇକ ଆଗକୁ ଆସି ଗ୍ରାମକୁ ଯିବାକୁ ବାଇକ କାଟି ଦେବାରୁ କାହ୍ନୁଙ୍କ ବାଇକ କୃଷ୍ଣଙ୍କ ବାଇକ ପଛରେ ବାଜିବାରୁ କାହ୍ନୁ ରାସ୍ତା ଉପରେ ପଡିଯିବା ସହିତ କୃଷ୍ଣ ଓ ତାଙ୍କ ସ୍ତ୍ରୀ ମଧ୍ୟ ଛିଟିକି ପଡ଼ିଥିଲେ। ଏହି ଘଟଣା ପରେ ପରେ କୃଷ୍ଣଙ୍କ ଗ୍ରାମର କେତେକ ଯୁବକଙ୍କ ସହିତ କୃଷ୍ଣ କାହ୍ନୁଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ମାଡ଼ ଦେବା ପରେ କାହ୍ନୁକୁ ସେମାନେ ଆଗରୁ ଆସୁଥିବା ଏକ ଗାଡି ଆଗକୁ ଫିଙ୍ଗି ଦେଇଥିଲେ ବୋଲି କାହ୍ନୁର ଭାଇ ଅଭିମନ୍ୟୁ ପୁଲିସ ନିକଟରେ କୃଷ୍ଣ ସମେତ ଗ୍ରାମର ଅନ୍ୟ ୮ ଜଣଙ୍କ ନାମରେ ଅଭିଯୋଗ କରିଥିଲେ।

## ଭିରୁଡ଼ା ସେବା ସମବାୟ ସମିତି ସଭାପତିଙ୍କ ପରଲୋକ



ତିଗିରିଆ,୧୯ ।୭(ସମିସ): ତିଗିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତ ସେବା ସମବାୟ ସମିତିର ସଭାପତି ଜ୍ଞାନରଞ୍ଜନ ଘଡେଇଙ୍କ ଶନିବାର ହୃଦଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ପଞ୍ଚାୟତ ସରପଞ୍ଚ ବେଣୁଧର ସାହୁ, ସମିତିସଭ୍ୟ ଧନେଶ୍ୱର ରଣା, ପୂର୍ବତନ ସରପଞ୍ଚ ପ୍ରେମରଞ୍ଜନ ମହାମାନସିଂହ, ପୂର୍ବତନ ସରପଞ୍ଚ ପ୍ରଭାକର ବେହେରା, ବାଲିପୁଟ ପଞ୍ଚାୟତ ସରପଞ୍ଚ ରଞ୍ଜନ କୁମାର ସୁତାର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ତିଗିରିଆ ଶାଖାର ପରିଚାଳକ ରମେଶଚନ୍ଦ୍ର ସାହୁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗୌରହରି ପରିଡା, ସମବାୟବିତ ରମେଶଚନ୍ଦ୍ର ପଣ୍ଡା, ଭିରୁଡ଼ା ସେବା ସମବାୟ ସମିତିର ସମ୍ପାଦକ ବିଜୟ କୁମାର ବାରିକ, ଅଚଳକୋଟ ସେବା ସମବାୟ ସମିତିର ସମ୍ପାଦକ ମାଧବଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଅଙ୍କିତ ଓଁକାର ମୁଖାଗ୍ନି ଦେଇଥିଲେ।

### ଶିକ୍ଷୟିତ୍ରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଘଟଣା

# ଦିଦିଙ୍କୁ ନ ଫେରାଇଲେ ସୋମବାରଠୁ ବିଦ୍ୟାଳୟ ବନ୍ଦ



ନିଶ୍ଚିନ୍ତକୋଇଲି,୧୯ ।୭(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାନୁପ୍ରିୟା ପୃଷ୍ଟିଙ୍କୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି। ବିଶୃଙ୍ଖଳିତ ଛାତ୍ରଙ୍କୁ ଆକଟ କରି ଦୁଇ ପାହାର ପିଟିଥିବାରୁ ଅଭିଭାବକ ତାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ମଣ୍ଡଳ ଶିକ୍ଷାଧିକାରୀ ଓ କିଶୋରନଗର ଆଇଆଇସି ଗୋଟିଏ ଦିନ ମଧ୍ୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବନ କରିବା ସହିତ ତାଙ୍କୁ ଗିରଫ କରି ଚୌଦ୍ୱାର ଜେଲକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଶିକ୍ଷୟିତ୍ରୀ ଜଣକ ଛାତ୍ରକୁ ଆକଟ କରି ଏତେ ବଡ଼ ଅପରାଧ କରିଥିଲେ କି ଯାହାଦ୍ୱାରା ତାଙ୍କ ଉପରେ ହୋଇଥିବା ଏହି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି, ଶିକ୍ଷା କମିଟି ଓ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଉପରେ ହୋଇଥିବା ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରି ଶନିବାର ସକାଳେ ବିଦ୍ୟାଳୟ ସମ୍ମୁଖରେ ଶତାଧିକ ଅଭିଭାବକ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଓ ଶିକ୍ଷା କମିଟିର ସଭ୍ୟମାନେ ଧାରଣା ଦେଇଥିଲେ।

ଘଟଣାସ୍ଥଳରେ ସରପଞ୍ଚ ଶାରଦାପ୍ରସାଦ ମହାନ୍ତି ପହଞ୍ଚିଲା ପରେ ଶିକ୍ଷୟିତ୍ରୀ କିଭଳି ଏହି ବିଦ୍ୟାଳୟକୁ ଫେରିବେ ସେନେଇ ଆଲୋଚନା କରାଯାଇଥିଲା। ଯଦି ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବିଦ୍ୟାଳୟକୁ ନଫେରାନ୍ତି ତାହେଲେ ସୋମବାରଠାରୁ ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ ଏହି ବିଦ୍ୟାଳୟ ସହ କ୍ୟାମ୍ପସରେ ଅବସ୍ଥିତ ହାଇସ୍କୁଲକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ମଣ୍ଡଳ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ, ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଛି। ଏହି ବିଦ୍ୟାଳୟରେ ଥିବା ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ୧୧୦

### ତାତିଲେ ଛାତ୍ରଛାତ୍ରୀ, ଗ୍ରାମବାସୀ

ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଏବେମାତ୍ର ଜଣେ ଶିକ୍ଷୟିତ୍ରୀ ଥିବାରୁ ସ୍କୁଲ ଚଳାଇବା କଷ୍ଟ ହୋଇପଡ଼ିଛି। ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ ପାଇବା ପରେ ଶିକ୍ଷାଧିକାରୀ ୨ଜଣ ଏବିଇଓଙ୍କୁ ପଠାଇ ଯେଉଁ ତଦନ୍ତ କରିଥିଲେ। ସେଥିରେ ସ୍କୁଲ ପରିଚାଳନା କମିଟି ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଛାତ୍ରଛାତ୍ରୀଙ୍କୁ ତଦନ୍ତ ପରିସରକୁ ନିଆଯାଇ ନଥିବାରୁ ତଦନ୍ତ ପ୍ରକ୍ରିୟା ଠିକ୍ ଠାକ୍ ହୋଇ ନଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଅପରପକ୍ଷରେ, ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ କିଶୋରନଗର ଥାନାରେ ମାଡ଼ ଖାଇଥିବା ଛାତ୍ର ରାହୁଲ ସେଠୀଙ୍କ ପିତା ପ୍ରଶାନ୍ତ ସେଠୀ ଅଭିଯୋଗ କରିବା ପରେ ଏହା ଏକ ଦଳିତ ମାମଲା ହୋଇଥିବାରୁ ଘଟଣା ସ୍ଥଳକୁ ତଦନ୍ତରେ ଏସଡ଼ିପିଓ ନିଜେ ନଆସି ଆଇଆଇସି ଆସିବା ଏବଂ ଶିକ୍ଷୟିତ୍ରୀଙ୍କ ଘରୁ ତାଙ୍କୁ ଗିରଫ କରିବା ନେଇ ସରପଞ୍ଚ ଶ୍ରୀ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ଯେଉଁ ଛାତ୍ରକୁ ଅନ୍ୟ ୪ଜଣ ଛାତ୍ର ଏକ ଅପରିତ୍ୟକ୍ତ ଘରେ ଜବରଦସ୍ତ ପୁରାଇ ବାହାରୁ କବାଟ ଦେଇଥିଲେ ଏ ସଂକ୍ରାନ୍ତରେ ସମ୍ପୃକ୍ତ ଛାତ୍ରଙ୍କ ପିତା ବାବାଜୀଚରଣ ସାହୁ କିଶୋରନଗର ଥାନାକୁ ଅଭିଯୋଗ ନେଇ ଯାଇଥିବା ବେଳେ ପୁଲିସ ପକ୍ଷରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇ ଅଭିଯୋଗ ରଖାଯାଇ ନଥିବା ସେ ପ୍ରକାଶ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏଭଳି କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବିଧିବଦ୍ଧ ଭାବେ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

## ଶିଳାନ୍ୟାସ ଫଳକରେ ନାହିଁ ଜନପ୍ରତିନିଧିଙ୍କ ନାମ



ନରସିଂହପୁର, ୧୯ ।୭(ସମିସ): ନରସିଂହପୁର ବ୍ଲକ କାନପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବାକୁ ଥିବା ଏକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଲାଗିଥିବା ଫଳକରେ ଜନପ୍ରତିନିଧିଙ୍କ ନାମ ନଥିବାକୁ ନେଇ ବିବାଦ ଉପୁଜିଛି। ଏହି ଫଳକରେ କଟକ ଜିଲ୍ଲା ପରିଷଦ ସଭାପତି, ବ୍ଲକ ଅଧ୍ୟକ୍ଷା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନାମକୁ ସ୍ଥାନ ଦିଆଯାଇ ନଥିଲା।

ସ୍ଥାନୀୟ ଅତିଥି ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ନିର୍ମଳ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ ଉପସ୍ଥିତ ରହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଆଗାମୀ ଦିନରେ ଏହିପରି ହେଲେ ଏହାକୁ ଦୃଢ ପ୍ରତିବାଦ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ, କିଛି ଜନପ୍ରତିନିଧି ଏବଂ ସ୍ଥାନୀୟ ସମର୍ଥକ ଏନେଇ ଉକ୍ତ ଫଳକ ଆଗରେ ଧାରଣା ଦେଇଥିବା ଦେଖାଯାଇଛି। ଶିଳାନ୍ୟାସ ଉନ୍ମୋଚନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇନାହିଁ। ଏହି ଫଳକରେ ସ୍ଥାନୀୟ ଚିକିତ୍ସାଧିକାରୀଙ୍କ ନାମକୁ ବାଦ୍ ଦିଆଯାଇଥିବା ପରିଲକ୍ଷିତ ହୋଇଛି। ଆରଆଣ୍ଡବି ବିଭାଗ କାହା ଇଙ୍ଗିତରେ ଫଳକ କରିଛନ୍ତି ତାହା ଆମେ ଜାଣିନାହୁଁ ବୋଲି ଅଭିଯୋଗ କରି ଜନପ୍ରତିନିଧିମାନେ ପ୍ରଶାସନକୁ କଡ଼ା ସମାଲୋଚନା କରଥିଲେ।

## ସମାଜସେବୀ ପ୍ରଦୀପ୍ତ କିଶୋର କର ସମ୍ବର୍ଦ୍ଧିତ



କିଶନନଗର,୧୯ ।୭(ସମିସ): ବରିଷ୍ଠ ସମାଜସେବୀ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ଉପଦେଷ୍ଟା ପ୍ରଦୀପ୍ତ କିଶୋର କରଙ୍କୁ ସମାଜସେବା ପାଇଁ ଉଲ୍ଲେଖନୀୟ ଅବଦାନ ନେଇ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଓ ସଂପୂର୍ଣ୍ଣା ମିଡ଼ିଆ ଏଣ୍ଟରଟେନମେଣ୍ଟ ଆଣ୍ଡ ପବ୍ଲିକେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ଯାଜପୁର ବଡ଼ଚଣା ବ୍ଲକ ଉପକଣ୍ଠ ପଦ୍ମନାଭପୁର ଗ୍ରାମରେ ଜନ୍ମିତ ଶ୍ରୀ କର ଅଧୁନା ଘାଟକୂଳରେ ଅବସ୍ଥାନ କରିବା ସହ ବିଭିନ୍ନ ପୂଜା କମିଟି, ମଠ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟରେ ଯୋଗଦାନ ପୂର୍ବକ ସଂଗଠନଗୁଡ଼ିକୁ ଯଥୋଚିତ ସହଯୋଗ ପ୍ରଦାନ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି।

## ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ବଡମ୍ବା, ୧୯ ।୭(ସମିସ): ଶନିବାର କଟକ ଜିଲ୍ଲା ବଡମ୍ବା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପର ଶିଳାନ୍ୟାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ପଞ୍ଚାୟତସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ୩୦ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ, ଆମ୍ବାର ଅଧ୍ୟକ୍ଷ ମହେନ୍ଦ୍ର ପଡିଆରୀ, ବିଡିଓ ଚିତ୍ତ ରଞ୍ଜନ ଦାସ, ତହସିଲଦାର ଶାସ୍ୱତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପରିସରରେ ସଦଭାବନ ଗୃହ ଉଦଘାଟନ ସହ ବଡମ୍ବା ଶିକ୍ଷା ମଣ୍ଡଳ ପରିସରରେ ନୂତନ ପାଠାଗାର ଓ ପଠନ ଗୃହ ଶିଳାନ୍ୟାସ କରିଥିଲେ।

## ପ୍ରାଣୀ ସମ୍ପଦ ବିକାଶ ନେଇ ମାହାଙ୍ଗା ବିଧାୟକଙ୍କ ସମୀକ୍ଷା

ମାହାଙ୍ଗା,୧୯ ।୭(ସମିସ): ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ପୋଡାମରାଇସ୍ଥିତ ବାସଭବନରେ ପ୍ରାଣୀ ସମ୍ପଦ ବିକାଶକୁ ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗର ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ନାଏକଙ୍କ ସମେତ ଉପଖଣ୍ଡସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରରେ ଅଧିକାରୀଙ୍କୁ ନେଇ ଏହି ସମୀକ୍ଷା ବୈଠକ ଅୟୋଜିତ ହୋଇଥିଲା। ଏଥିରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁରଠାରେ ଏକ ନୂତନ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ଓ ମାହାଙ୍ଗାର ପୋଡାମରାଇ, ଚାହାପଡାଠାରେ ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ, କୋଠପଦାଠାରେ ଥିବା ପ୍ରାଣୀ ଚିକିତ୍ସାଳୟର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଉପଖଣ୍ଡ ଚିକିତ୍ସାଧିକାରୀ ଅଭିମନ୍ୟୁ ସାହୁ, ମାହାଙ୍ଗା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ମୀନକେତନ ପଣ୍ଡା, ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେହୁରା, ମାହାଙ୍ଗା ବ୍ଲକ ସହକାରୀ ପଶୁ ସମ୍ପଦ ବିକାଶ ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ପ୍ରତୋଷ କୁମାର ପାଢୀ, ଲଳିତ ମୋହନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରକଟା ଉପ୍ରା ବିଦ୍ୟାଳୟରେ ବନମହୋତ୍ସବ



କନ୍ଦରପୁର,୧୯ ।୭(ସମିସ): ୪୨ମୌଜା ସ୍ଥାନୀୟ ଝାରକଟା ଉପ୍ରା ବିଦ୍ୟାଳୟରେ ଫୁଲନଖରା ବନାଞ୍ଚଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ବନମହୋତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ ଦାଶଙ୍କ ସଭାପତିତ୍ୱରେ ଓ ବନପାଳ ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଆରସିସି ଆରତ ଭଞ୍ଜନ ସାହୁ ମୁଖ୍ୟଅତିଥି ଓ ଏସଏମସି ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ବନପାଳ ଧନେଶ୍ୱର ସାହୁ ଶିଶିର ସାହୁ ଅନନ୍ୟା ବିଶ୍ୱାଳ ଶିକ୍ଷୟିତ୍ରୀ ଗୌରୀ ଦେଇ, ମିନତି ସ୍ୱାଇଁ ଏସଏମସିର ସଭ୍ୟ ସଭ୍ୟା ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅଳକା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ବିକାଶ କୁମାର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ରାସନ୍ ସାମଗ୍ରୀ ପ୍ରଦାନ



କିଶନନଗର, ୧୯ ।୭ (ସମିସ): ସାମାଜିକ ସଙ୍ଗଠନ ବିପଦର ବନ୍ଧୁ ସେବା ସଂଗଠନ ପକ୍ଷରୁ ଅସହାୟ ବୃଦ୍ଧ ଦମ୍ପତି ଓ ଦିବ୍ୟାଙ୍ଗଙ୍କୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟମାନେ ଅରିଲୋ ଗ୍ରାମର ଦିବ୍ୟାଙ୍ଗ ସୁପ୍ରଭା ଭୋଇ, ହୁଲିପୁର ଗ୍ରାମର ଅସହାୟ ବୃଦ୍ଧ ଦମ୍ପତି ରାମଚନ୍ଦ୍ର ଓ ସଖୀ ଭୋଇଙ୍କୁ ସହାୟତା ପ୍ରଦାନ କରିଥିଲେ। ସଙ୍ଗଠନର ସଭାପତି ଭୈରବଚନ୍ଦ୍ର ସେଠୀ, ସମ୍ପାଦକ ସୁଧାକର ଦାସଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଦସ୍ୟ ସ୍ୱାମୀ ଅଦ୍ୱେତା ନନ୍ଦ, ଭବେଶ ମଣ୍ଡଳ, ଚିତ୍ତରଞ୍ଜନ ବେହେରା, ଜଗନ୍ନାଥ ମଲ୍ଲିକ ସେମାନଙ୍କ ବାସଭବନରେ ପହଞ୍ଚି ରାସନ ସାମଗ୍ରୀ, ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଛାତ୍ରୀ ଓ ବିବାହିତ ଯୁବକଙ୍କ ଆତ୍ମହତ୍ୟା

ଚୌଦ୍ୱାର, ୧୯।୭(ସମିସ): ପୃଥକ ଘଟଣାରେ ଶନିବାର ଚୌଦ୍ୱାର ଥାନାଞ୍ଚଳରେ ୨ଟି ଆତ୍ମହତ୍ୟା ଅଭିଯୋଗ ହୋଇଛି। କପାଳେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ଛାତ୍ରୀ ଶନିବାର ସକାଳେ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ଚୌଦ୍ୱାର ଗ୍ରାମରେ ଜଣେ ଯୁବକ ମଧ୍ୟ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରକାଶଯେ ଚୌଦ୍ୱାର କଲେଜରେ ଯୁକ୍ତ ୩କଳା ବିଭାଗରେ ପାଠ ପଢୁଥିବା ଜଣେ ଛାତ୍ରୀ ଘରେ କେହି ନଥିବାର ସୁଯୋଗ ନେଇ ବେକରେ ଓଢ଼ଣି ବାନ୍ଧି ଛାତରେ ଝୁଲି ପଡିଥିଲେ। ମୃତ ଅବସ୍ଥାରେ ତାଙ୍କୁ ଝୁଲୁଥିବା ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲା। ସେହିପରି ଚୌଦ୍ୱାର ଖର୍ଦ୍ଦାସାହିରେ ଏକ ଭଡ଼ାଘରେ ରହୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୟଳପଡ଼ା ଗ୍ରାମର ବିବାହିତ ଯୁବକ ସୁବାସଚନ୍ଦ୍ର ବେହେରା(୩୬) ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ପତ୍ନୀଙ୍କ ଓଢ଼ଣିକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ପୁଲିସ ଶବବ୍ୟଚ୍ଛେଦ ନିମନ୍ତେ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଉଭୟଙ୍କ ଆତ୍ମହତ୍ୟାର ସଠିକ କାରଣ ଜଣା ପଡ଼ି ନଥିବା ବେଳେ ପୁଲିସ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି।

## ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ



କଣ୍ଟାପଡ଼ା, ୧୯।୭(ସମିସ): କଣ୍ଟାପଡ଼ା ବ୍ଲକର ଦୁଇଟି ଜୋନର ହିତାଧିକାରୀଙ୍କୁ ବିଭିନ୍ନ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କଣ୍ଟାପଡା ଡାକବଙ୍ଗଳାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଇଂ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ୮ଟି ପଞ୍ଚାୟତର ୬୩ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ୩୭ ଜଣଙ୍କୁ ବିଭିନ୍ନ ଭତ୍ତା, ୪୪ ଜଣଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ରାସନ କାର୍ଡ ଓ ୧୭ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ମଞ୍ଜୁରୀପତ୍ର ବଣ୍ଟନ କରିଥିଲେ। ଏହି ବ୍ଲକ ଅନ୍ତର୍ଗତ ୮ ନମ୍ବର ଯୋନ ପାଇଁ ଗୋବିନ୍ଦପୁର କଲ୍ୟାଣ ମଣ୍ଡପରେ ଅନୁରୂପ ଏକ କାର୍ଯ୍ୟକ୍ରମରେ ୬୩ ଜଣଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବେଳେ, ୪୫ ଜଣଙ୍କୁ ନୂତନ ରାସନ କାର୍ଡ, ୪୫ ଜଣଙ୍କୁ ବିଭିନ୍ନ ଭତ୍ତା ଓ ୨୪ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୪ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ବିଧାୟକଙ୍କ ସହ କଣ୍ଟାପଡା ପଞ୍ଚାୟତସମିତି ଉପାଧ୍ୟକ୍ଷ ଜଟିନ୍ଦ୍ରନାଥ ବରାଳ, ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତ ମୋହନ ପାତ୍ର, ବିଡିଓ ସ୍ୱପ୍ନିତା ନାୟକ, ଏବିଡିଓ ରବି ତପସ୍ୱିନୀ ଦାସ, ଏଇଇ ଧନଞ୍ଜୟ ସାମଲ, ବ୍ଲକ ଯୋଗାଣ ନିରୀକ୍ଷକ ମୋତିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗୋବିନ୍ଦପୁର ପଞ୍ଚାୟତ କଲ୍ୟାଣ ମଣ୍ଡପକୁ ନେଇ ଲାଗି ରହିଥିବା ବିବାଦକୁ ନେଇ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢୀ, ନାଏବ ସରପଞ୍ଚ ସରିତା ନାୟକ ଓ ବିଭିନ୍ନ ୱାର୍ଡର ନିର୍ବାଚିତ ପ୍ରତିନିଧି ଗୋବିନ୍ଦପୁର କଲ୍ୟାଣ ମଣ୍ଡପକୁ ନେଇ ଲାଗି ରହିଥିବା ବିବାଦ ସମ୍ପର୍କରେ ବିଡିଓଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଗୋବିନ୍ଦପୁର ଥାନାଧିକାରୀ ସୋନିଲା ଆନନ୍ଦ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲେ।